# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଶନିବାର, ଜୁନ୍ ୨୧/୨୦୨୫ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 21/2025 | Page 18 | ₹ 7.00

୫୧ଶ ଭାଗ ୨୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 206 | ମୂଲ୍ୟ ₹୭/-





**ଝାଳ ବୁହାଉଛନ୍ତି ସଲମାନ**

ବଲିଉଡର ଭାଇଜାନ୍ ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ ଗଲୱାନ ଘାଟି ଉପରେ ଶୁଟିଂ ହେଉଥିବାରୁ ତାଙ୍କୁ ଝାଳବୁହା ପରିଶ୍ରମ କରିବାକୁ ପଡୁଛି। ୧୩

୧୮ **ଅଧିନାୟକ ପଦାର୍ପଣରେ ଗିଲ୍‌ଙ୍କ ଶତକ**

ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଅଧିନାୟକ ପଦାର୍ପଣରେ ଶତକ ହାସଲ କରିଛନ୍ତି ଭାରତର ଶୁବମନ ଗିଲ୍।




# ଡବଲ ଇଞ୍ଜିନ ଦେଇଛି ଡବଲ ଲାଭ: ପ୍ରଧାନମନ୍ତ୍ରୀ

**ଓଡ଼ିଶା ମଧ୍ୟ ଦୀର୍ଘବର୍ଷ ଧରି ଅନେକ ସମସ୍ୟା ଦେଇ ଗତି କରୁଥିଲା। ଗରିବ, କୃଷକଙ୍କ ହକ୍ ସେମାନଙ୍କ ନିକଟରେ ପହଞ୍ଚୁ ନ ଥିଲା। ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଥିଲା। ଏଠାର ଅନେକ ସ୍ଥାନ ବିକାଶଠାରୁ ବହୁ ଦୂରରେ ଥିଲା। ଏସବୁ ଓଡ଼ିଶାର ଦୁର୍ଭାଗ୍ୟ ହୋଇଯାଇଥିଲା। ଗତ ବର୍ଷକ ମଧ୍ୟରେ ଭାଜପା ସରକାର ଓଡ଼ିଶାରେ ମଜଭୁତ ହୋଇ କାମ କରିଛି। ଆଜି ଯେଉଁ ଅନେକ ହଜାର କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ହୋଇଛି ସେଥିରେ ଡବଲ ଇଞ୍ଜିନର ଛାପ ରହିଛି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ଡବଲ ଲାଭ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।**

ଭୁବନେଶ୍ୱର,୨୦।୬ (ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ସରକାର ଗଠନ ହେବାର ବର୍ଷେ ପୂରିଛି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ସ୍ଥାନୀୟ ଜନତା ମଇଦାନଠାରେ ଶୁକ୍ରବାର ବଡ଼ଧରଣରେ ପାଳନ କରାଯାଇଛି। ଏଥିରେ ଯୋଗଦେବା ଲାଗି ଦିନିକିଆ ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀ ଆସିଥିଲେ। ଅପରାହ୍ନ ୪ଟାରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରୁ ସେ ଏକ ରୋଡ୍ ଶୋରେ ବାହାରି ଜନତା ମଇଦାନ ପର୍ଯ୍ୟନ୍ତ ଆସିଥିଲେ। ଏହି ଅବସରରେ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ହଜାର ମୋଦିପ୍ରେମୀ ତାଙ୍କ ଉପରକୁ ଫୁଲ ଫୋପାଡ଼ି ସ୍ୱାଗତ ଜଣାଇଥିଲେ। ଜନତା ମଇଦାନଠାରେ ପହଞ୍ଚିବା ପରେ ମୋଦି ଜନସାଧାରଣଙ୍କୁ ସମ୍ବୋଧିତକରି କହିଛନ୍ତି, ଆଜିର ଦିନ ବହୁ ବିଶେଷ ଦିନ। ଓଡ଼ିଶାରେ ଭାଜପା ସରକାର ସଫଳତାର ସହ ପ୍ରଥମ ଗୋଟିଏ ବର୍ଷ ପୂରଣ କରିଛି। ଏହି ସଫଳତା କେବଳ ସରକାରର ନୁହେଁ, ଏହା ସୁଶାସନର ବର୍ଷ । ଏହା ଏକ ଭଲ ସମୟ, ଯେତେବେଳେ ଭାଜପା ସରକାର ଓଡ଼ିଶାରେ ବର୍ଷେ ପୂରଣ କରୁଛି, ରାଜ୍ୟର ଜନସାଧାରଣ ସେତେବେଳେ ରଥଯାତ୍ରାର ଆୟୋଜନ ଚଳାଇଛନ୍ତି। ମହାପ୍ରଭୁ ଆମ ପାଇଁ ଆରାଧ୍ୟ ଦେବତା। ତାଙ୍କ ଆଶୀର୍ବାଦରୁ ଶ୍ରୀମନ୍ଦିର ସହ ଜଡ଼ିତ ବିଷୟ ସମାଧାନ ମଧ୍ୟ ହୋଇଯାଇଛି। ମୋହନ ମାଝୀ ଏବଂ ତାଙ୍କ ସରକାରକୁ ଅଭିନନ୍ଦନ, କାରଣ ସେମାନେ ବହୁ କୋଟି ଶ୍ରଦ୍ଧାଳୁଙ୍କ ମର୍ଯ୍ୟାଦା ରକ୍ଷା କରିଛନ୍ତି। ଏଠାରେ ସରକାର ହେବା କ୍ଷଣି ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଗଲା। ଶ୍ରୀମନ୍ଦିରର ରତ୍ନଭଣ୍ଡାର ବି ଖୋଲିଗଲା। ଏହା କୌଣସି ରାଜନୀତି କିମ୍ବା ଜୟ ବା ବିଜୟର ବିଷୟ ନୁହେଁ। ଏହା ବହୁ କୋଟି ଭକ୍ତଙ୍କ ଆସ୍ଥାର ସମ୍ମାନ କରିବାର କାର୍ଯ୍ୟ ହୋଇଛି। ସେ ଏହି ଅବସରରେ କଂଗ୍ରେସକୁ ଟାର୍ଗେଟକରି କହିଛନ୍ତି, ସେହିପରି ସ୍ୱାଧୀନତା ପରେ ଦୀର୍ଘବର୍ଷ ପର୍ଯ୍ୟନ୍ତ ଦେଶରେ ଲୋକମାନେ କଂଗ୍ରେସ ମଡେଲ ଦେଖିଲେ। କଂଗ୍ରେସର ମଡେଲରେ ନା ସୁଶାସନ ନା ଲୋକଙ୍କ ଜୀବନ ☞ପୃଷ୍ଠା-୪

## ଟ୍ରମ୍ପ ଡାକିଥିଲେ, ଜଗନ୍ନାଥ ଟାଣି ଆଣିଲେ: ମୋଦି

ଭୁବନେଶ୍ୱର,୨୦।୬ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇ ଦିନ ପୂର୍ବରୁ କାନାଡାରେ ଜି-୭ ସମ୍ମିଳନୀ ପାଇଁ ସେଠାରେ ଥିଲେ। ସେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କୁ ଟେଲିଫୋନ୍ କରିଥିଲେ। ଟ୍ରମ୍ପ କହିଥିଲେ, କାନାଡା ଆସିଛନ୍ତି ଯେତେବେଳେ ୱାଶିଂଟନ୍ ହେଇକି ଯାଆନ୍ତୁ। ଏକାଠି ଖାଇବା ଏବଂ କିଛି କଥା ହୋଇଯିବା ବୋଲି ଆଦରର ସହ ନିମନ୍ତ୍ରଣ ଦେଇଥିଲେ। ହେଲେ ଆମେରିକା ରାଷ୍ଟ୍ରପତିଙ୍କୁ ମୋଦି କହିଥିଲେ, ଆପଣଙ୍କ ନିମନ୍ତ୍ରଣ ପାଇଁ ଧନ୍ୟବାଦ, ହେଲେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁ ୱାଶିଂଟନ୍ ଯାଇ ହେବନାହିଁ। ତାଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଭୂମିକୁ ଯିବା ବହୁତ ଜରୁରୀ। ସେଥିଲାଗି ତାଙ୍କ ନିମନ୍ତ୍ରଣକୁ ନମ୍ରତାର ସହ ମନା କଲେ। ଓଡ଼ିଶା ଲୋକଙ୍କ ଭଲପାଇବା ଓ ମହାପ୍ରଭୁଙ୍କ ପ୍ରତି ଥିବା ଭକ୍ତି ତାଙ୍କୁ ଏଠାକୁ ଟାଣିଆଣିଲା ବୋଲି ମୋଦି କହିଛନ୍ତି।




ଓଡ଼ିଶାରେ ଭାଜପା ସରକାରଙ୍କ ବର୍ଷପୂର୍ତ୍ତି ପାଳନ ଅବସରରେ ଭୁବନେଶ୍ୱର ଜନତା ମଇଦାନଠାରେ ଶୁକ୍ରବାର ଓଡ଼ିଶା ଭିଜନ୍ ଡକ୍ୟୁମେଣ୍ଟକୁ ଉନ୍ମୋଚନ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।






## ବର୍ଷକରେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିଛୁ: ମୁଖ୍ୟମନ୍ତ୍ରୀ

**ଏବେ ଦେଶ କହୁଛି, 'ମୋଦି ହେ ତୋ ଦେଶ ସୁରକ୍ଷିତ ହେ'**

- **ଗରିବୀ ହ୍ରାସ ଦେଶ ବଦଳିବା କଥା ପ୍ରମାଣ କରୁଛି**
- **ଭାଜପା ସରକାର କେବଳ ଏମ୍ଓୟୁ ସାଇନ୍ କରି ରହିଯାଇନି**

ଭୁବନେଶ୍ୱର,୨୦।୬ (ସୁନିତ୍ ମିଶ୍ର)

ବର୍ଷେ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଓଡ଼ିଶାର ନୂତନ ସରକାର ଶପଥ ଗ୍ରହଣ କରିଥିଲା। ଏହି ସଫଳ ବର୍ଷର ଯାତ୍ରା ପରେ ପୁଣି ଥରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତି ସମସ୍ତଙ୍କ ମନୋବଳ ବଢ଼ାଇଛି। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ଏହା ତାଙ୍କର ୬ଷ୍ଠ ଥର ପାଇଁ ଓଡ଼ିଶା ଆଗମନ। ସରକାର ଗଠନର ବର୍ଷକ ମଧ୍ୟରେ ଆମ କାର୍ଯ୍ୟକ୍ରମ ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ଜୀବନରେ କିଛି ନା କିଛି ପରିବର୍ତ୍ତନ ଆଣିପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି। କିଛିଦିନ ପୂର୍ବରୁ ☞ପୃଷ୍ଠା-୪


**SHAILABALA WOMENS AUTONOMOUS COLLEGE, CUTTACK**

GRADUATE & POSTGRADUATE PROFESSIONAL COURSES

**ADMISSION NOTICE 2025**

| Course | Duration | Eligibility |
|---|---|---|
| MSW (Master in Social Work) / M. Com (F&C) Master in Commerce (Finance & Control) / MBA Master in Business Administration (Approved by AICTE, New Delhi) | Duration: 2 Years (4 Semesters) | Eligibility: Must have a bachelor's degree of minimum 3 years duration or its equivalent (10+2+3) from recognized university with 40% marks for MSW / M.Com & 50% marks for MBA, This criterion applies to all categories. |

Applications are invited for admission into the above self financing courses for the session 2025-26. The Prospectus and Application Form can be obtained directly by the applicants from the SFC Department on payment of Rs.300/- OR may be downloaded through college website **www.shailabalawomenscollege.ac.in** and payment ensure through Payphone (8337900578) **Sd/- Principal**

For any query or Call for Admission : 6371786698, 8249864218
E-mail: shailabalasfc@gmail.com



**SIKSHA 'O' ANUSANDHAN**

**SAAT-2025**

Empowering students for a brighter future

HOTEL MANAGEMENT PROGRAMMES
- BHMCT (Bachelor of Hotel Management and Catering Technology)
- MBA (Hospitality Management)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


## ୧୬୦୦ କୋଟି ପାସ୍‌ୱାର୍ଡ ଚୋରି

**ସର୍ବବୃହତ୍ ଡେଟା ଉଲ୍ଲଂଘନ**

ୱାଶିଂଟନ୍,୨୦।୬

୨୦୨୫ ଆରମ୍ଭରୁ ଅଦ୍ୟାବଧି ଆପଲ୍, ଗୁଗଲ ଓ ଫେସ୍‌ବୁକ୍‌ର ୧୬୦୦ କୋଟି ଲଗ୍‌ଇନ୍ କ୍ରେଡେନ୍ସିଆଲ ଓ ପାସ୍‌ୱାର୍ଡ ଚୋରି ହୋଇଛି। ୩୦ ପୃଥକ୍ ଡେଟାସେଟ୍‌ରେ ୩.୫ ବିଲିୟନ୍ ଲେଖାଏ ରେକର୍ଡ ରହିଥିବାବେଳେ ଏହି ଗୋପନୀୟ ତଥ୍ୟ ସହ ସାଲିସ କରାଯାଇଥିବା ବିଷୟ ସାଇବରନ୍ୟୁଜ୍‌ର ଏକ ସାଇବର ସିକ୍ୟୁରିଟି ଗବେଷକ ଦଳ ଜାଣିବାକୁ ପାଇଛନ୍ତି। ଫୋର୍ବସରେ ପ୍ରକାଶିତ ଉକ୍ତ ରିପୋର୍ଟ ଅନୁସାରେ ସାଇବରନ୍ୟୁଜ୍ ହେଉଛି ଅନ୍ୟତମ ଶୀର୍ଷ ସାଇବର ସିକ୍ୟୁରିଟି ନ୍ୟୁଜ୍ ପ୍ଲାଟ୍‌ଫର୍ମ, ଯାହାକି ରିଅଲ୍-ଟାଇମ୍ ଅପ୍‌ଡେଟ୍, ଥ୍ରେଟ୍ ଇଣ୍ଟେଲିଜେନ୍ସ, ଡେଟା ବ୍ରିଚ୍ ରିପୋର୍ଟ, ଏକ୍ସପର୍ଟ ଆନାଲିସିସ୍ ଆଦି ପ୍ରଦାନ କରିଥାଏ। ସାମ୍ବାଦିକ ଭିଲିଅସ୍ ପେଟ୍‌କଉସ୍‌ସକାସ୍‌ଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନୀତିରେ ପରିବର୍ତ୍ତନ




## କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

# ରାଜ୍ୟସ୍ତରୀୟ ସମାବେଶ

ବର୍ଷ ଏକ ଉପଲବ୍ଧି ଅନେକ





ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ଜନତା ମଇଦାନରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୁସଜ୍ଜିତ ଯାନରେ ରୋଡ୍ ଶୋ' କରି ପହଞ୍ଚିଛନ୍ତି।



ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରଠାରୁ ଜନତା ମଇଦାନ ଯିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁଷ୍ପବୃଷ୍ଟି କରି ସ୍ୱାଗତ କରାଯାଉଛି।



ଭୁବନେଶ୍ୱର ଜନତା ମଇଦାନରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଳ କ୍ଷେତ୍ରରେ ଗୋଟିଏ ପ୍ରକଳ୍ପର ଶିଳାନ୍ୟାସ ଏବଂ ୬ଟି ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାଏକ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ।



ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷପତି ଦିଦି ସମାରି ଝିଗିଡ଼ିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ପ୍ରଧାନମନ୍ତ୍ରୀଙ୍କ ସହ କରମର୍ଦ୍ଦନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।





ସମାବେଶରେ ଉପସ୍ଥିତ ଅତିଥି, ଭାଜପା ନେତା, କର୍ମୀ ଓ ଜନସାଧାରଣ।



ବିମାନବନ୍ଦରଠାରୁ ଜନତା ମଇଦାନ ରାସ୍ତାକଡ଼ରେ ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ଅପେକ୍ଷା କରିଥିବା ଭାଜପା କର୍ମୀ, ସମର୍ଥକ ଓ ଜନସାଧାରଣ।



ସମାବେଶରେ ଉପସ୍ଥିତ ବାଚସ୍ପତି, ଏମ୍‌ପି ଏବଂ ବିଧାୟକ ବୃନ୍ଦ।

### ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତରେ...



ଭୁବନେଶ୍ୱର ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ବାଚସ୍ପତି ସୁରମା ପାଢ଼ୀ। ନିକଟରେ ଅଛନ୍ତି ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ।





ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତରେ ଆୟୋଜିତ ବାଘ ନାଚ ଓ ଆଦିବାସୀ ନୃତ୍ୟ।

ଫଟୋ: ବିକାଶ ନାୟକ/ମନୋରଞ୍ଜନ ମିଶ୍ର

# ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ, ସୁରକ୍ଷା ପାଇଁ ତତ୍ପରତା




ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ବିକାଶ ସାଥୀର କର୍ମକର୍ତ୍ତା।

ବାଲେଶ୍ୱର, ୨୦।୬(ବାଞ୍ଛାନିଧି ଦେ)

ନୀଳ ରକ୍ତ କଙ୍କଡ଼ା ଜୈବ ବିବିଧତା, ସାମୁଦ୍ରିକ ପରିବେଶ ସନ୍ତୁଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। ତେଣୁ ଏମାନଙ୍କୁ ଲିଭିଂ ଫସିଲ ୪ର୍ଥ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଛି। ଜନସଚେତନତା ଅଭାବରୁ ଲୋପ ପାଉଛି ଏହି ବିରଳ କଙ୍କଡ଼ା। ପରିବେଶ ସନ୍ତୁଳନ ପାଇଁ ଏହି ପ୍ରଜାତିର କଙ୍କଡ଼ା ସହ ସାମୁଦ୍ରିକ ଜୀବ ବଞ୍ଚି ରହିବା ଗୁରୁତ୍ୱପୂର୍ଣ୍ଣ। ମାତ୍ର ମତ୍ସ୍ୟଜୀବୀଙ୍କ ଜାଲରେ କୂଳକୁ ଅଣ୍ଡା ଦେବାକୁ ଆସୁଥିବା କଙ୍କଡ଼ା ଛନ୍ଦି ହୋଇ ମୃତ୍ୟୁବରଣ କରୁଛନ୍ତି। ନଦୀମୁହାଣ ଓ ସମୁଦ୍ର କୂଳରେ ସେମାନେ ମରିପଡ଼ିଥିବାର ଦେଖିବାକୁ ମିଳୁଛି। ଏମାନଙ୍କ ସୁରକ୍ଷା ଦିଗରେ ସମସ୍ତେ ଯତ୍ନବାନ୍ ହେବା ଜରୁରୀ ବୋଲି ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିରେ ଶୁକ୍ରବାର ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଆଇୟୁସିଏନ୍ ଏସ୍ଏସ୍ସି ଏଚ୍ଏସ୍ଜି, ଧରିତ୍ରୀ, ଓଡ଼ିଶା ପୋଷ୍ଟ, ବିକାଶ ସାଥୀ ସଙ୍ଗଠନ, ସୁଇଜରଲାଣ୍ଡର ଫାଉଣ୍ଡେଶନ ସେଗ୍ରେ, ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଓ ଦୁବାଇ ଏଏସ୍ଡ଼ି ଆକାଉଣ୍ଟାଣ୍ଟସ୍ ମିଳିତ ସହଯୋଗରେ ଆନ୍ତର୍ଜାତିକ ନୀଳରକ୍ତ କଙ୍କଡ଼ା ଦିବସ ପାଳନ ଅବସରରେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ନୀଳରକ୍ତ କଙ୍କଡ଼ା ଏବଂ ସାମୁଦ୍ରିକ ଜୈବ ବିବିଧତା ସମ୍ବନ୍ଧୀୟ ବୈଜ୍ଞାନିକ ଅନୁସନ୍ଧାନ, ବେଳାଭୂମି ସଫେଇ ଓ ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ, ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିକାଶ ସାଥୀ ସଙ୍ଗଠନ ପକ୍ଷରୁ ଗବେଷକ ସମ୍ବିତ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଅଶେଷ କୁମାର ସାହୁ, ପ୍ରଫେସର ମନୋରଞ୍ଜନ ମିଶ୍ର, 'ବିକାଶ ସାଥୀ'ର ଫାଉଣ୍ଡର ସେକ୍ରେଟାରୀ ଡ. ବିଶ୍ୱଜିତ୍ ପଣ୍ଡା ପ୍ରମୁଖ ଯୋଗଦେଇ ବାତ୍ୟା, ଜଳବାୟୁ ପରିବର୍ତ୍ତନ ଓ କଳ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ସମୁଦ୍ର ଜଳରେ ମିଶିବା ଦ୍ୱାରା ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୀବଙ୍କ ଜୀବନ ଶୈଳୀରେ ବିଘଟନ ଘଟୁଛି। ଫଳରେ ଏମାନଙ୍କ ବଂଶ ବିପଦ ଆଡକୁ ଠେଲି ହୋଇଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ଏହାର ସଂରକ୍ଷଣ ଓ ସୁରକ୍ଷା ପାଇଁ ସରକାରୀ ଓ ବେସରକାରୀସ୍ତର ସମେତ ବନ ବିଭାଗ, ମତ୍ସ୍ୟଜୀବୀ, ଯୁବ ସଙ୍ଗଠନ ଓ ସ୍ଥାନୀୟ ଜନସାଧାରଣ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସମୁଦ୍ର ବେଳାଭୂମି ଓ ନଦୀମୁହାଣକୁ ସଫେଇ କରିଥିଲେ। ଛାତ୍ରୀଛାତ୍ର କବିତା, ଚିତ୍ର ଓ ପୋଷ୍ଟର ମାଧ୍ୟମରେ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ନିମିତ୍ତ ସମସ୍ତଙ୍କୁ ସଚେତନତା ବାର୍ତ୍ତା ବାଣ୍ଟିବେ ବୋଲି ଶପଥ ନେଇଥିଲେ। ବିକାଶ ସାଥୀ ସଙ୍ଗଠନ ପକ୍ଷରୁ ଆକାଶ ଜେନା, ରଶ୍ମିତା କବାଟ, ରେବତୀ ସିଂ, ସାଇପ୍ରିୟା ନାୟକ, ତୁଷାର ବେହେରା ଏବଂ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଶିକ୍ଷକ ମଳୟ କୁମାର ମହାପାତ୍ର, ସନତ କୁମାର ନାୟକ, ନମିତା ପାତ୍ର, ମୌସୁମୀ ନନ୍ଦ, ଚାନ୍ଦିପୁର ବନବିଭାଗ କର୍ମଚାରୀ ଅଜୟ କୁମାର ଲାୟା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସଫେଇ ହେଲା ଚାନ୍ଦିପୁର ବେଳାଭୂମି



ଛାତ୍ରୀଛାତ୍ରମାନେ ବେଳାଭୂମି ସଫେଇ କରୁଛନ୍ତି।

# ବିଷ୍ଣୁପଦଙ୍କ ଜାମିନ ଆବେଦନ ଖାରଜ କଲେ ହାଇକୋର୍ଟ

କଟକ, ୨୦।୬(କାର୍ତ୍ତିକ ସାହୁ)

ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀର ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ମାମଲାରେ ବିଷ୍ଣୁପଦଙ୍କ ଘରେ ସିବିଆଇ ରେଡ୍କୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟ ଆସିଥିଲେ। ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଆବେଦନର ଶୁଣାଣି କରି ଏହାକୁ ଖାରଜ କରିବା ସହ ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଛନ୍ତି। ଫଳରେ ଉକ୍ତ ମାମଲାରେ ବିଷ୍ଣୁପଦଙ୍କ ପାଇଁ ଅଡୁଆ ବଢ଼ିଛି।

ସୂଚନାନୁସାରେ, ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକଳ୍ପରେ ନିୟୋଜିତ କୋଲକାତାର ଉକ୍ତ କମ୍ପାନୀଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ମାମଲାରେ ସିବିଆଇ ଗତ ଫେବୃଆରୀରେ ବିଷ୍ଣୁପଦ ସେଠୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଚଢ଼ାଉ କରିଥିଲା। ୧୬ ଘଣ୍ଟା ଧରି ଚାଲିଥିବା ଏହି ଚଢ଼ାଉରେ ସିବିଆଇ ଅଧିକାରୀମାନେ ସେଠୀଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସେତେବେଳେ ଚଢ଼ାଉକୁ ସେଠୀ ବିରୋଧ କରିଥିଲେ। ଏଫ୍ଆଇଆର୍ରେ ତାଙ୍କ ନାମ ନ ଥିବା ଓ ସମ୍ପୃକ୍ତ କମ୍ପାନୀ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା ସେ କହିଥିଲେ। ସିବିଆଇ କାର୍ଯ୍ୟାନୁଷ୍ଠାନ ବିରୋଧରେ ତଥା ନିଜର ସୁରକ୍ଷା ନେଇ ସେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ସେତେବେଳେ ସେଠୀଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି ସିବିଆଇର କାର୍ଯ୍ୟାନୁଷ୍ଠାନ ଉପରେ ରହିତାଦେଶ ଲାଗୁ କରିଥିଲେ। ସେହିଦିନଠାରୁ ଅନ୍ତରୀଣ ସୁରକ୍ଷାରେ ସେଠୀ ଆଜିଯାଏ ରହିଆସିଥିଲେ।

## ହଟିଲା ଅନ୍ତରୀଣ ସୁରକ୍ଷା



ବିଷ୍ଣୁପଦ ସେଠୀ










# ସୁବର୍ଣ୍ଣରେଖାରେ ପ୍ରଥମ ବନ୍ୟା

ଭୋଗରାଇ(ପ୍ରଦୀପ ଦାସ)/ ବାଲେଶ୍ୱର(ବାଞ୍ଛାନିଧି ଦେ), ୨୦।୬

ଉପରମୁଣ୍ଡରେ ବର୍ଷା ଲାଗିରହିବାରୁ ସୁବର୍ଣ୍ଣରେଖା ନଦୀରେ ପ୍ରଥମ ବନ୍ୟା ଆସିଛି। ଝାଡ଼ଖଣ୍ଡ ଗାଲୁଡ଼ିହି ଡ୍ୟାମ୍ର ୮ଟି ଗେଟ୍ ଖୋଲିବା ପରେ ସୁବର୍ଣ୍ଣରେଖାରେ ଜଳପତ୍ତନ ବୃଦ୍ଧି ପାଇଛି। ପ୍ରତି ସେକେଣ୍ଡରେ ୨ଲକ୍ଷ ୪ହଜାର କ୍ୟୁସେକ ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ହେଉଥିବା ସେଚ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନଦୀର ଜଳସ୍ତର ଆକସ୍ମିକ ଭାବେ ବୃଦ୍ଧି ପାଇବାରୁ ଶୁକ୍ରବାର ସକାଳୁ ଉତ୍ତର ବାଲେଶ୍ୱର ଜଳେଶ୍ୱର, ବସ୍ତା, ବାଲିଆପାଳ ଓ ଭୋଗରାଇ ବ୍ଲକର ନଦୀକୂଳିଆ ଗ୍ରାମବାସୀଙ୍କୁ ଭୟଭୀତ କରିଛି। ସୁବର୍ଣ୍ଣରେଖାର ରାଜଘାଟ ଗେଜଠାରେ ଖବର ଲେଖା ପର୍ଯ୍ୟନ୍ତ ଜଳସ୍ତର ବୃଦ୍ଧି ପାଇ ବିପଦସଂକେତ ୧୦.୩୬ ମିଟର ଊର୍ଦ୍ଧ୍ୱରେ ୧୦. ୮୮ମିଟରରେ ପ୍ରବାହିତ ହେଉଛି। ଏହି ବନ୍ୟାଜଳ ବୃଦ୍ଧିପାଇ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ୧୧. ୩୫ରେ ପ୍ରବାହିତ ହେବ ବୋଲି ସିଡବ୍ଲ୍ୟୁସି ସୂଚନା ଦେଇଛନ୍ତି। ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଥିବା ବେଳେ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟ ଛାଡି ନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷରେ ସୁବର୍ଣ୍ଣରେଖା ବନ୍ୟାରେ ପ୍ରତିବର୍ଷ ପ୍ରଭାବିତ ହେଉଥିବା ଶତାଧିକ ନଦୀକୂଳିଆ ଗାଁରେ ନଦୀବନ୍ଧ ପଥର ପ୍ୟାକିଂ ହେଉନଥିବାରୁ ବହୁ ଗାଁ ଏବେ ସୁବର୍ଣ୍ଣରେଖା ଗର୍ଭରେ ଲୀନ ହେବାର ଆଶଙ୍କା ରହିଛି। ନଦୀକୂଳରେ ପଥର ପ୍ୟାକିଂ ନ ହେବାରୁ ଜଳେଶ୍ୱର ବ୍ଲକର ନଦୀର ଉଭୟପାର୍ଶ୍ୱରେ ୫୦ ଗାଁ ସହିତ ବାଲିଆପାଳ ଓ ଭୋଗରାଇ ବ୍ଲକର ଶତାଧିକ ଗାଁରେ ସୁବର୍ଣ୍ଣରେଖା ଅତଡ଼ା ଖାଉଛି। ରାଜ୍ୟ ସର୍ବୋଚ୍ଚ ଯନ୍ତ୍ରୀ ମୁକୁଳ ବେରା, ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୁୟାଁ, ଅଧୀକ୍ଷଣ ଯନ୍ତ୍ରୀ ନବ କୁମାର ମହାଳିକ ସହ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନଦୀବନ୍ଧ କାର୍ଯ୍ୟ ଅନୁଧ୍ୟାନ କରିବାକୁ ଗୁରୁବାର ଆସିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ବେହେରା, ପୂର୍ବତନ ସମିତିସଦସ୍ୟ ଭବେନ୍ଦ୍ର ସାହୁ ପ୍ରମୁଖ ଜନପ୍ରତିନିଧି ଭୋଗରାଇର କୀର୍ତ୍ତିନିଆ, ଟୁକୁରୀହାଜିରା କୁମ୍ଭୀଗଡିରେ ସମୁଦ୍ର ଜୁଆର ତଟ ପ୍ରତିବନ୍ଧକ ପଥରବନ୍ଧ, ଭୂଷଣ୍ଡେଶ୍ୱର ଶୈବପୀଠ ପାଖେପାଖେ ଏକ ପିଚୁ ରାସ୍ତା ନିର୍ମାଣ, କୋଷ୍ଟ କେନାଲ ପୁନରୁଦ୍ଧାର ଏବଂ ନଦୀକୂଳ ଖାଉଥିବା ଗାଁଗୁଡିକରେ ଅବିଳମ୍ବେ ପଥର ବନ୍ଧ କରା ନ ଗଲେ ସୁବର୍ଣ୍ଣରେଖାର ପ୍ରକୋପରେ ବହୁଗାଁ ପ୍ରଭାବିତ ହେବ ବୋଲି ସେଚବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ମଧ୍ୟାହ୍ନଭୋଜନ ଖର୍ଚ୍ଚ ପୁଣି ବଢ଼ିଲା

ଭୁବନେଶ୍ୱର, ୨୦।୬(ସୁଚିସ୍ମିତା ସାହୁ)

ଗ୍ରୀଷ୍ମ ଛୁଟି ସରିବା ପରେ ଶୁକ୍ରବାରଠାରୁ ସାରା ରାଜ୍ୟରେ ସ୍କୁଲ ଖୋଲିଛି। ପ୍ରଥମ ଦିନରୁ ହିଁ ସ୍କୁଲରେ ମଧ୍ୟାହ୍ନଭୋଜନ ମିଳିଛି। ଏପରିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ରାଶିକୁ ପୁଣି ବୃଦ୍ଧି କରାଯାଇଛି। ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ୨ଟଙ୍କା ୯୨ପଇସା ଲେଖାଏ ବୃଦ୍ଧି ହୋଇଛି। ପୂର୍ବରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ କେନ୍ଦ୍ର ସରକାର ଯଥାକ୍ରମେ ୬.୭୮ଟଙ୍କା ଓ ୧୦.୧୭ଟଙ୍କା ଦେଉଥିବାବେଳେ ରାଜ୍ୟ ସରକାର ୧.୪୫ଟଙ୍କା ଓ ୧.୬୫ଟଙ୍କା ପ୍ରଦାନ କରୁଥିଲେ। ଏବେ ପ୍ରାଥମିକ ବିଦ୍ୟାଳୟରେ ମିଲ୍ ପିଛା ୧୧.୧୫ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୪.୭୪ ଟଙ୍କାକୁ ବୃଦ୍ଧି ହୋଇଛି। ଏହି ନୂତନ ଦର ପିଛିଲା ଭାବେ ମେ' ପହିଲାରୁ ଲାଗୁହେବ। ସୂଚନାଯୋଗ୍ୟ ଉଭୟ କେନ୍ଦ୍ର-ରାଜ୍ୟ ଭାଗୀଦାରିରେ ଏହି ପିଏମ୍-ପୋଷଣ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ମଧ୍ୟାହ୍ନ ଭୋଜନରେ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ଭାବେ ସପ୍ତାହକୁ ୩ଟି ଲଡୁ ଏବଂ ଗୋଟିଏ ଅଧିକ ଅଣ୍ଡା ଦିଆଯାଉଥିବାରୁ ଦର ବଢ଼ାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅନ୍ତର୍ଜାତୀୟ ଯୋଗ ଦିବସ,ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଲାଫିଏଷ୍ଟା ମଞ୍ଚେଶ୍ୱର ; ଶହୀଦ ନଗର ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୬ଟା। ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ଡିଏଲ୍ କଲୋନୀ, ଭିଏସ୍ଏସ୍ ନଗର, ସମୟ: ସକାଳ ୭ଟା।
- ପରିବେଶ ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ୧୦ମ ଜାତୀୟ ସମ୍ମିଳନୀ, ସ୍ଥାନ: ହୋଟେଲ ନ୍ୟୁ ମାରିଅନ, ସକାଳ ୯ଟା ୩୦।
- ବିଶ୍ୱ ସଙ୍ଗୀତ ଦିବସ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଆଳାପ–୨୦୨୫, ଓଡ଼ିଶୀ ସଙ୍ଗୀତର ବିଶେଷ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର, ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍ଏନ୍ଏମ୍ ଆର୍ଟ ଆଣ୍ଡ କଲ୍ଚର ଏକାଡେମୀ ଟ୍ରଷ୍ଟ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ନୀଳାଦ୍ରି ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଡା.ଜଗନ୍ନାଥ ମହାପାତ୍ରଙ୍କ ଦ୍ୱିତୀୟ ବାର୍ଷିକ ଶ୍ରଦ୍ଧା ଉତ୍ସବ ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଜଗନ୍ନାଥ ହସ୍ପିଟାଲ ପରିସର, ଶହୀଦ ନଗର, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଲେଖକ ସମବାୟ ସମିତି ମାସିକ ସାହିତ୍ୟ ଆଲୋଚନା, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି,ସମୟ: ସନ୍ଧ୍ୟା ୬ଟା।
- ଡ.ଦିବାକର ମିଶ୍ର ଗନ୍ଧର୍ବ କଳା ଉତ୍ସବ–୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- 'ସେରୁ ମାଇ ଲଭ୍' ପୁସ୍ତକ ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଟକ
- ଜିଲାସ୍ତରୀୟ ଯୋଗ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ; ଏନ୍‌ସିସି ମୁଖ୍ୟାଳୟ ପକ୍ଷରୁ ଯୋଗ ଦିବସ, ସ୍ଥାନ: ବାଲିଯାତ୍ରା ପଡ଼ିଆ ; ଆଇଏମ୍ଏ ଓଡ଼ିଶା ରାଜ୍ୟ ଶାଖା ଓ କଟକ ଶାଖା ପକ୍ଷରୁ ଯୋଗ ଦିବସ, ସ୍ଥାନ: ଆଇଏମ୍ଏ ହାଉସ୍, ରାଣୀହାଟ, ସମୟ: ସକାଳ ୬ଟା।
- ବଡ଼ମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ଯୋଗ ଦିବସ, ସ୍ଥାନ: ବୈକୁଣ୍ଠ ଭବନ, ବଡ଼ମ୍ବା, ସମୟ: ସକାଳ ୬ଟା।
- ଟିଗିରିଆ ବ୍ଲକ ଶିକ୍ଷା ବିଭାଗ ତରଫରୁ ଯୋଗ ଦିବସ ପାଳନ, ସ୍ଥାନ: ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ନୂଆପାଟଣା, ଟିଗିରିଆ, ସମୟ: ସକାଳ ୭ଟା।
- ବାଇମୁଣ୍ଡି ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଯୋଗ ଓ ପ୍ରାଣାୟାମ କାର୍ଯ୍ୟକ୍ରମ, ସ୍ଥାନ: ମୋନାଲିସା ପ୍ୟାଲେସ, ତୁଳସୀପୁର, ସମୟ: ସକାଳ ୭ଟା ୩୦।
- ଏକ୍ ପେଡ ମା' କେ ନାମ ଅଭିଯାନ, ସ୍ଥାନ: ପୌର କାର୍ଯ୍ୟାଳୟ ନିକଟ ୟୁପିଏସ୍‌ସି ପରିସର, ଚୌଦ୍ୱାର, ସମୟ: ସକାଳ ୯ଟା।

## ପୁରୀ
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ : ସତ୍ୟବାଦୀ ହାଇସ୍କୁଲ, ସାକ୍ଷୀଗୋପାଳ, ସମୟ : ସକାଳ ୭ଟା।
- ଯୋଗ କାର୍ଯ୍ୟକ୍ରମ, ସ୍ଥାନ : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାକ୍ଷୀଗୋପାଳ, ସମୟ: ସକାଳ ୭ଟା।

## ଖୋର୍ଦ୍ଧା
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ହାବେଳି ପଡ଼ିଆ, ଖୋର୍ଦ୍ଧା ; ଜଟଣୀ ପୌର ପରିଷଦ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ଜଟଣୀ, ସମୟ: ସକାଳ ୬ଟା।
- ଅପଗ୍ରିନ କରାଟେ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଗୀତାଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଜିଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସକାଳ ୬ଟା।
- ଭାଜପା ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୭ଟା।

## ଭଦ୍ରକ
- ଜିଲାସ୍ତରୀୟ ଯୋଗ ଦିବସ, ସ୍ଥାନ: ବାଗୁରାଇ ଇନ୍‌ଡୋର ଷ୍ଟାଡିୟମ୍, ଭଦ୍ରକ, ସମୟ: ସକାଳ ୭ଟା।

## କେନ୍ଦୁଝର
- ଅନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: କେନ୍ଦୁଝର ହ୍ୟାଣ୍ଡବଲ ଗ୍ରାଉଣ୍ଡ, ସମୟ: ସକାଳ ୬ ଟା।
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବଡ଼ବିଲ ଜେଏମଏଫ୍‌ସି କୋର୍ଟ ପରିସର ଏବଂ ବିକାଶ ମହଲ ପଡ଼ିଆ, ସମୟ: ସକାଳ ୮ ଟା ୩୦।

## ମୟୂରଭଞ୍ଜ
- ଜିଲାସ୍ତରୀୟ ବିଶ୍ୱ ଯୋଗ ଦିବସ, ସ୍ଥାନ: ଷ୍ଟାଡିୟମ, ବାରିପଦା,ସମୟ:ସକାଳ ୬ଟା।
- ରଥଯାତ୍ରା ପ୍ରସ୍ତୁତି ବୈଠକ ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ:ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଆନ୍ତର୍ଜାତିକ ଯୋଗ ଦିବସ ପାଳନ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୬ଟା।
- ସାତ୍ତ୍ୱିକ ସୋଲ ଫାଉଣ୍ଡେସନ ପକ୍ଷରୁ ଯୋଗ ଦିବସ ପାଳନ, ସ୍ଥାନ: ନୀଳାଦ୍ରି ବିହାର,ସମୟ: ସକାଳ ୯ଟା।

## ଗଞ୍ଜାମ
- ଆସିକା ବ୍ଲକ ଓ ଏନ୍‌ଏସିସ୍ତରୀୟ ଯୋଗ ଦିବସ, ହରିହର ହାଇସ୍କୁଲ ମିନି ଷ୍ଟାଡିୟମ, ସମୟ: ସକାଳ ୬ଟା।

## କନ୍ଧମାଳ
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ପରିସର, ସମୟ ସକାଳ: ୬ଟା।

## ଢେଙ୍କାନାଳ
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡ଼ିଆ, ସମୟ: ସକାଳ ୬ଟା

## ଅନୁଗୋଳ
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା।

## ଜଗତ୍‌ସିଂହପୁର
- ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ପାରାଦୀପ ବନ୍ଦର ପକ୍ଷରୁ ସମୂହ ଯୋଗ ଶିବିର ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ପୌରପରିଷଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଅଣୁ ଖତ ପ୍ରକ୍ରିୟାକରଣ କେନ୍ଦ୍ର, ରଙ୍ଗିଆଗଡ, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ଇଣ୍ଡୋର ଷ୍ଟାଡିଅମ, ଇଚ୍ଛାପୁର, କପିଳେଶ୍ୱରଜୀଉ ପୀଠ, ଠାକୁରପାଟଣା, ଡେରାବିଶ, ମାର୍ଶାଘାଇ ମହାବିଦ୍ୟାଳୟ,, ବଡିଘର, ମହାକାଳପଡ଼ା, ଟାଉନହଲ, କେନ୍ଦ୍ରାପଡ଼ା ସହର, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ସମୟ: ସକାଳ ୬ଟା।

## ଯାଜପୁର
- ଜିଲା ପ୍ରଶାସନ ପକ୍ଷରୁ ଯୋଗ ଦିବସ, ସ୍ଥାନ: ଯାଜପୁର ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା।
- ବ୍ୟାସନଗର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ସାଢ଼େ ୬ଟା।
- ଯାଜପୁର ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସ୍ଥାନ: ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ: ସକାଳ ୭ଟା।

## ନୟାଗଡ଼
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଡାଇମଣ୍ଡ ଜୁବୁଲି ଅଡିଟୋରିୟମ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ବିଶ୍ୱ ଯୋଗ ଦିବସ, ସ୍ଥାନ: ଖଣ୍ଡପଡ଼ା ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା।

## ରାୟଗଡ଼ା
- ନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଗୁଡାରି ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡ଼ିଆ, ସମୟ: ସକାଳ ୬ଟା।

## କୋରାପୁଟ
- ବିଶ୍ୱ ଯୋଗ ଦିବସ ପାଳନ, ସ୍ଥାନ: ପୋଲିସ ପଡିଆ, କୋରାପୁଟ, ସମୟ : ସକାଳ ୬ ଟା।

## ମାଲକାନଗିରି
- ଜିଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନ, ମାଲକାନଗିରି ,ସମୟ: ସକାଳ ୫ଟା ୩୦।

## ସମ୍ବଲପୁର
- ଜିଲା ପ୍ରଶାସନ ଆୟୋଜନରେ ଯୋଗ ଶିବିର, ସ୍ଥାନ: ସମଲେଇ ମନ୍ଦିର ଛକ ସ୍ଥିତ ରିଂରୋଡ, ସମୟ: ପ୍ରାତଃ ୫ଟା ୩୦।

## ବଲାଙ୍ଗୀର
- ଯୋଗ ଦିବସ ପାଳନ, ସ୍ଥାନ: ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ–୨, ଶାସ୍ତ୍ରୀନଗର, ବଲାଙ୍ଗୀର, ସମୟ: ସକାଳ ୭ଟା ୩୦।
- ଲୋଇସିଂହା ଅବକାରୀ ବିଭାଗ ପକ୍ଷରୁ ଆମ ସଂକଳ୍ପ ନିଶା ନୁହେଁ, ଜୀବନ, ସ୍ଥାନ: ହୀରାପୁର,ଲୋଇସିଂହା ବ୍ଲକ, ସମୟ : ପୂର୍ବାହ୍ନ ୧୦ଟା।

## ରାଉରକେଲା
- ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବିପିୟୁଟି, ଛେଣ୍ଡ, ସମୟ: ପ୍ରାତଃ ୫ଟା ।

## ସୁନ୍ଦରଗଡ଼
- ଜିଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ଭବାନୀ ଭବନ ଖେଳ ପଡ଼ିଆ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ,ସମୟ:ସକାଳ ୬ଟା।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ:ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଯୋଗ ଅଭ୍ୟାସ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ପରିସର, ସମୟ: ସକାଳ ୬ଟା ୩୦।

## ବୌଦ୍ଧ
- ଯୋଗ ଦିବସ ପାଳନ,ସ୍ଥାନ: ମହାନଦୀ ଆଳତି ଘାଟ, ବୌଦ୍ଧ, ସମୟ: ସକାଳ ୬ଟା।

## ଦେବଗଡ଼
- ମ୍ୟୁନିସିପାଲିଟି ତରଫରୁ ଯୋଗ ଶିବିର, ସ୍ଥାନ: ଟାଉନ୍ ହଲ୍, ସମୟ: ସକାଳ ୬ଟା।

## ସୁବର୍ଣ୍ଣପୁର
- ଜିଲାସ୍ତରୀୟ ଯୋଗ ଦିବସ ପାଳନ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହାଲ, ସମୟ: ସକାଳ ୬ଟା।

## ନୂଆପଡ଼ା
- ପତଞ୍ଜଳି ଯୋଗ ସମିତି ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ନୂଆପଡ଼ା, ସମୟ: ସକାଳ ୬ଟା।

# ୩୦ରୁ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା

### ଅଗ୍ନିପଥ ଯୋଜନା, ନିୟମିତ କ୍ୟାଡର ନିଯୁକ୍ତି

କଟକ,୨୦।୬(କାର୍ତ୍ତିକ ସାହୁ): ଭାରତୀୟ ସେନାର ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ନିଯୁକ୍ତି ୨୦୨୫–୨୬ ବର୍ଷ ନିମନ୍ତେ ଅନ୍‌ଲାଇନ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ଜୁନ ୩୦ରୁ ଆରମ୍ଭ ହୋଇ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। କୋଲକାତା ନିଯୁକ୍ତି ଜୋନ ନିମନ୍ତେ ଦେଶର ୧୮ଟି ସହରର ୨୨ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶା ପାଇଁ କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଓ ବ୍ରହ୍ମପୁର (ଗଞ୍ଜାମ) ଆଦି ୭ଟି ସ୍ଥାନରେ ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷା ଦେବା ପାଇଁ ଗତ ଏପ୍ରିଲ ୨୫ ସୁଦ୍ଧା ପଞ୍ଜୀକରଣ କରିଥିବା ପ୍ରାର୍ଥୀମାନେ ଅନ୍‌ଲାଇନ ଜରିଆରେ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନଲୋଡ କରିପାରିବେ। ଯେଉଁ ପଞ୍ଜୀକୃତ ପ୍ରାର୍ଥୀମାନେ ଆଡମିଟ କାର୍ଡ ପାଇନାହାନ୍ତି, ସେମାନେ ନିଜ ନିଜ ଅଞ୍ଚଳର ସେନା ନିଯୁକ୍ତି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିସତକୁ ଭଉଣୀ ଜୋଙ୍କ ଭଳ**
**ଠେଲା ପେଲା କରି କାଟୁଥା କାଳ ।**

ସ୍ୱାମୀ ମରିଗଲେ ବା ନ ଥିଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ଭଉଣୀ ଜୋଙ୍କ ପରି ଆପଣାର ଚିହ୍ନାଜଣା ବ୍ୟକ୍ତିକୁ ଧରି ତାକୁ ମୁରବି ବୋଲି ମାନି ଗୁଜରାଣ ମେଣ୍ଟାଇବା ଭଳି ଅସୁବିଧାରୁ ନ କରିବା କଥା ବାଧ ହୋଇ କରିବା ଅର୍ଥରେ ଏପରି ଉକ୍ତି ଉଲ୍ଲେଖ କରାଯାଇଛି।

**ନ ବରଷେ କଳା ମେଘ**
**ବରଷେ ଧଉଳିଆ**
**ନ ପୋଷଇ ଚିକ୍କଣିଆ**
**ପୋଷଇ କାଳିଆ।**

ସବୁ ବାଦଲ ବରଷି ନ ଥାଏ। ଧୂଳିଆ ବର୍ଷା ହୁଏ। ପରୋକ୍ଷରେ କୁହାଳିଆ ଲୋକ କାମକୁ ନୁହେଁ, କେବଳ ବାହାଦୁରି ମାତ୍ର ସାର ହୋଇଥାଏ। ସେହିପରି ବଡ଼ବଡ଼ିଆ କିଛି କରନ୍ତିନାହିଁ। ଧନୀପୁଅ ପଇସା ହେଇଗଲେ ବଡ଼ଲୋକି ଦେଖେଇ ଦୂରେଇ ଯାଆନ୍ତି। ଅଭାବ ଅନଟନ ରେ ରହୁଥିବା ମୂଳିଆପୁଅ ହିଁ ସାହାଭରସା ଯୋଗାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡସ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ଡବଲ ଇଞ୍ଜିନ ଦେଇଛି ...

ସହଜ ଥିଲା। ବିକାଶର ପରିଯୋଜନାକୁ ଅଟକାଇବା, ଲଟକାଇବା, ଭଟକାଇବା, ପ୍ରବଳ ମାତ୍ରାରେ ଦୁର୍ନୀତି କଂଗ୍ରେସର ବିକାଶ ମଡେଲର ପରିଚୟ ଥିଲା। ଗଲା କିଛି ବର୍ଷ ହେଲା ଦେଶବାସୀ ବ୍ୟାପକ ମାତ୍ରାରେ ଭାଜପା ବିକାଶର ମଡେଲ ଦେଖୁଛନ୍ତି। ଗତ ଦଶନ୍ଧିରେ ଦେଶର ଏମିତି କେତେ ରାଜ୍ୟ ଅଛି ଯାହା ପ୍ରଥମ ଥର ଭାଜପା ସରକାର ହୋଇଛି। ଏହି ରାଜ୍ୟରେ କେବଳ ସରକାରରେ ପରିବର୍ତ୍ତନ ହୋଇନାହିଁ। ସେହି ରାଜ୍ୟଗୁଡିକରେ ଲୋକଙ୍କ ସାମାଜିକ ଏବଂ ଆର୍ଥିକ ସ୍ତରରେ ନୂଆ ଦୌଡ ଆରମ୍ଭ ହୋଇପାରିଛି। ଉଦାହରଣ ସ୍ୱରୂପ ଆସାମ ସ୍ଥିତି ବହୁ ବର୍ଷ ଧରି ଖରାପ ଥିଲା। ସେଠାରେ ଅସ୍ଥିରତା, ହିଂସା ଏହିସବୁ ନଜରକୁ ଆସୁଥିଲା। ହେଲେ ଏବେ ଆସାମ ବିକାଶର ନୂଆ ରାସ୍ତା ଦେଇ ଦୌଡୁଛି। ସେହିପରି ତ୍ରିପୁରାରେ ବହୁ ବର୍ଷ ଧରି ବାମପନ୍ଥୀ ଶାସନ ଚାଲିଥିଲା। ଭାଜପାକୁ ସେଠାରେ ସରକାର କରିବାକୁ ଲୋକମାନେ ସୁଯୋଗ ଦେଲେ। ଭାଜପା ସରକାର ଆସିବା ପରେ ତ୍ରିପୁରା ଶାନ୍ତି ଏବଂ ପ୍ରଗତିର ମଡେଲ ହୋଇପାରିଛି। ଓଡ଼ିଶା ମଧ୍ୟ ଦୀର୍ଘବର୍ଷ ଧରି ସେହିପରି ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଥିଲା। ଆୟୁଷ୍ମାନ ଯୋଜନା ଏଠାରେ ପୂର୍ବରୁ ଲାଗୁ କରାଯାଉ ନ ଥିଲା। ଏବେ ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଉଭୟ ଲାଭ ଲୋକମାନେ ପାଉଛନ୍ତି। ଏହାଦ୍ୱାରା ରାଜ୍ୟବାସୀ ବାହାର ରାଜ୍ୟରେ ମଧ୍ୟ ମାଗଣା ଚିକିତ୍ସା ପାଉଛନ୍ତି। ସୁରଟରେ ଦୁଇ ପାଦ ଚାଲିଲେ ଜଣେ ଜଣେ ଓଡିଆ ଲୋକ ମିଳିବେ। ସେଠାରେ ରହୁଥିବା ଓଡିଆ ଲୋକମାନେ ଆୟୁଷ୍ମାନ ଭାରତର ଲାଭ ପାଇପାରିବେ। ବର୍ଷ ତଳ ପର୍ଯ୍ୟନ୍ତ ଏହି ସୁବିଧା ଲୋକଙ୍କୁ ମିଳୁ ନ ଥିଲା। ଡବଲ ଇଞ୍ଜିନ ସରକାର ଲୋକଙ୍କ ପାଇଁ 'ସୋନେ ପେ ସୁହାଗା' ହୋଇଛି। ଓଡ଼ିଶାରେ ୨୩ ଲକ୍ଷରୁ ଅଧିକ ବୟସ୍କ ଲୋକଙ୍କୁ ପ୍ରଧାନମନ୍ତ୍ରୀ ବୟୋ ବନ୍ଦନା ଯୋଜନାରେ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ମିଳିବ। ପ୍ରଥମେ ଓଡିଶାର ଚାଷୀଙ୍କୁ କିଷାନ ସମ୍ମାନ ନିଧି ଯୋଜନାର ଲାଭ ମିଳୁ ନ ଥିଲା। ଏଠାରେ ଧାନର ଏମ୍ଏସ୍‌ପି ବଢାଇବା ଲାଗି ନେଇଥିବା ନିଷ୍ପତ୍ତି ପୂରଣ ହେଇଛି। ପୂର୍ବରୁ କେନ୍ଦ୍ରର ଅନେକ ଯୋଜନାର ଲାଭ ଓଡିଶାର ହିତାଧିକାରୀଙ୍କୁ ମିଳିପାରୁ ନ ଥିଲା। ଏବେ ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଯୋଜନାର ସବୁ ଲାଭ ଓଡ଼ିଶାବାସୀଙ୍କୁ ମିଳିପାରୁଛି। ନିର୍ବାଚନ ସମୟରେ ଯେଉଁସବୁ ପ୍ରତିଶ୍ରୁତି ଜନସାଧାରଣଙ୍କୁ ଦେଇଥିଲୁ ତାକୁ ପୂରଣ ତୁରନ୍ତଭାବେ କରିଚାଲିଛୁ। ଓଡ଼ିଶାରେ ଜନଜାତିମାନଙ୍କ ସଂଖ୍ୟା ବହୁତ ଅଧିକ ରହିଛି। ଏଠାରେ ଆଦିବାସୀ ସମାଜକୁ ବାରମ୍ବାର ଉପେକ୍ଷିତ କରାଯାଇଛି। ସେମାନେ ସବୁବେଳେ ପଛୁଆ, ଗରିବ ଏବଂ ଅଭାବୀ ରହିଥିଲେ। ଦୀର୍ଘଦିନ ଧରି ଦେଶରେ ଶାସନ କରିଥିବା ଦଳ ସବୁବେଳେ ନିଜ ରାଜନୀତି ଲାଗି ଆଦିବାସୀମାନଙ୍କୁ ବ୍ୟବହାର କରିଥିଲା। ସେମାନେ ଆଦିବାସୀଙ୍କୁ କେବେ ବିକାଶ ଦେଇନାହାନ୍ତି କି ଭାଗୀଦାରି ମଧ୍ୟ ଦେଲେ ନାହିଁ। ସେମାନଙ୍କୁ ସେହି ଦଳ ନକ୍ସଲବାଦ, ହିଂସା ଏବଂ ଆତଙ୍କବାଦ ରାସ୍ତାକୁ ଠେଲି ଦେଇଥିଲା। ପରିସ୍ଥିତି ଏମିତି ଥିଲା ୨୦୧୪ ପୂର୍ବ ପର୍ଯ୍ୟନ୍ତ ବହୁ ଆଦିବାସୀ ଜିଲା ନକ୍ସଲ ହିଂସାର ଜାଲରେ ରହିଥିଲେ। ଆଦିବାସୀମାନଙ୍କ ଜାଗାକୁ ରେଡ୍ କରିଡରର ନାମ ଦେଇ ରଖିଦିଆଯାଇଥିଲା। ବହୁ ଆଦିବାସୀ ଜିଲାକୁ ପଛୁଆ ଜିଲା ଘୋଷଣା କରିଦିଆଯାଇଥିଲା। ହେଲେ ଭାଜପା ସରକାର ଆଦିବାସୀମାନଙ୍କୁ ହିଂସାର ରାସ୍ତାରୁ ବାହାରକୁ ଆଣି ବିକାଶ ଦିଗରେ ନେବାରେ ସଫଳ ହେଇପାରିଛୁ। ଦେଶରୁ ନକ୍ସଲବାଦ ସଫା ହେବା ମୋଦିଙ୍କ ଗ୍ୟାରେଣ୍ଟି। ଜନଜାତିଙ୍କ ବିକାଶ ଲାଗି ଦୁଇଟି ବଡ ଯୋଜନା କେନ୍ଦ୍ର ସରକାର କରିଛନ୍ତି। ଏହି ଦୁଇ ଯୋଜନାରେ ୧ ଲକ୍ଷ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯିବ। ଓଡିଶାରେ ବହୁତ ବଡ ମାଛ ଧରାଳି ରହିଛନ୍ତି। ସେମାନଙ୍କ ଲାଗି କିଷାନ କ୍ରେଡିଟ୍ କାର୍ଡର ସୁବିଧା ମିଳୁଛି। ପାରାଦୀପ, ଚଣ୍ଡିଖୋଲ, ଗୋପାଳପୁର ଭଳି ଅନେକ ସ୍ଥାନରେ ଶିଳ୍ପ ପ୍ରତିଷ୍ଠା ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ବର୍ଷକରେ ଲୋକଙ୍କ ...

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ତା'ର ୧୧ ବର୍ଷର ଯାତ୍ରା ପୂର୍ଣ୍ଣ କରିଛି ଏବଂ ୩ୟ ଅବଧିର ପ୍ରଥମ ବର୍ଷ ମଧ୍ୟ ପୂରଣ ହୋଇଛି। ଦେଶ ତାଙ୍କ ହାତରେ ସୁରକ୍ଷିତ ଅଛି। ସୈନ୍ୟବାହିନୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଆତଙ୍କବାଦୀ ଓ ସେମାନଙ୍କ ପୃଷ୍ଠପୋଷକଙ୍କ ଅସ୍ତିତ୍ୱ ହଜାଇ ଦେଇଛନ୍ତି। 'ଅପରେଶନ ସିନ୍ଦୂର' କେବଳ ଆତଙ୍କବାଦୀଙ୍କ ବିରୋଧରେ ଏକ ସେନା ଅଭିଯାନ ନୁହେଁ, ଏହା ଭାରତର ମାଆ, ଭଉଣୀ ଓ ଝିଅମାନଙ୍କ ପାଇଁ ଏକ ଭରସା। ଅପରେଶନ ସିନ୍ଦୂର ସହ ଏକ ନୂଆ ଭାରତ ଉଦୟ ହୋଇଛି– ଯାହା କୌଣସି ପରିସ୍ଥିତିରେ ମୁଣ୍ଡ ନୁଆଁଇବ ନାହିଁ। ଏହି ନୂଆ ଭାରତ ନିଜ ଭାଗ୍ୟ ନିଜେ ଲେଖିବ। ପୂର୍ବରୁ ଲୋକମାନେ କହୁଥିଲେ, ମୋଦି ହେ ତୋ ମୁମ୍‌କିନ୍ ହେ। ବର୍ତ୍ତମାନ ସମଗ୍ର ଦେଶ କହୁଛି – ମୋଦି ହେ ତୋ ଦେଶ ସୁରକ୍ଷିତ ହେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୋଦିଙ୍କ ନେତୃତ୍ୱରେ ଦେଶ ବିକାଶର ନୂତନ ଶିଖର ଛୁଇଁଛି। ୧୧ ବର୍ଷ ମଧ୍ୟରେ ଦେଶର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ଉନ୍ନତି ଘଟିଛି। ଭାରତ ବିଶ୍ୱର ୪ର୍ଥ ସବୁଠୁ ବଡ଼ ଅର୍ଥନୀତି ହୋଇଛି ଏବଂ ଖୁବ୍‌ଶୀଘ୍ର ୫ ଟ୍ରିଲିଅନ୍ ଡଲାର ଅର୍ଥନୀତି ହେବାକୁ ଯାଉଛି। ଦେଶରେ ଅତି ଗରିବୀ ୨୭.୧%ରୁ କମି ୫.୩% ହୋଇଯାଇଛି। ଏହା ପ୍ରମାଣିତ କରୁଛି, ମୋଦିଙ୍କ ନେତୃତ୍ୱରେ ଦେଶ ବଦଳୁଛି ଓ ଦ୍ରୁତଗତିରେ ବିକାଶର ରାସ୍ତାରେ ଅଗ୍ରସର ହେଉଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଗତ ବର୍ଷେ ଧରି ଆମେ ଓଡ଼ିଶାବାସୀଙ୍କ ସେବାରେ ନିରବଚ୍ଛିନ୍ନ ଭାବେ ପ୍ରତ୍ୟେକ ମୁହୂର୍ତ୍ତ କାମ କରିଛୁ। ଆପଣ ଦେଇଥିବା ସବ୍‌କା ସାଥ୍, ସବ୍‌କା ବିକାଶ୍, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ୍ ମନ୍ତ୍ରକୁ ଆଧାରକରି ଆମେ ଆଗକୁ ବଢୁଛୁ। ଆଜି ଆମ ଦେଶର ରାଷ୍ଟ୍ରପତି, ଆମ ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁଙ୍କ ଜନ୍ମଦିନ। ଏହି ଶୁଭ ଅବସରରେ ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ। ଭାଜପା ସରକାରଙ୍କ ପ୍ରଥମ ବର୍ଷରେ ଆମେ ଅନେକ ଉପଲବ୍ଧି ହାସଲ କରିପାରିଛୁ। ଏହି ବର୍ଷକ ମଧ୍ୟରେ ଆମର କାର୍ଯ୍ୟକ୍ରମ ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ଜୀବନରେ କିଛି ନା କିଛି ପରିବର୍ତ୍ତନ ଆଣିପାରିଛି। ଏହାସହ ରାଜ୍ୟବାସୀଙ୍କ ସୁନ୍ଦର ଭବିଷ୍ୟତ ପାଇଁ ସ୍ପଷ୍ଟ ରୋଡ୍‌ମ୍ୟାପ ମଧ୍ୟ ପ୍ରସ୍ତୁତ କରିଛୁ। ଏହି ବର୍ଷ ଭିତରେ ସେ ଓଡ଼ିଶାର ସମସ୍ତ ଜିଲାକୁ ଗସ୍ତକରି ସବୁ ବର୍ଗର ଲୋକଙ୍କ ସହ ମିଶିଛନ୍ତି ଏବଂ ସମସ୍ତଙ୍କ ସୁଖଦୁଃଖ ସହ ସାମିଲ ହୋଇଛନ୍ତି। ସବୁ ଜିଲାର ସାଂସ୍କୃତିକ ସ୍ୱତନ୍ତ୍ରତା ସହିତ ପରିଚିତ ମଧ୍ୟ ହୋଇଛନ୍ତି। ଏହି ବର୍ଷକ ଭିତରେ ରାଜ୍ୟର ଚାଷୀଙ୍କୁ ଧାନ କିଣାରେ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଅଧିକ ଇନ୍‌ପୁଟ୍ ଆସିଷ୍ଟାନ୍ସ ପ୍ରଦାନ ଓ ପିଏମ୍ କିଷାନ–ସିଏମ୍ କିଷାନ ଯୋଜନା ମାଧ୍ୟମରେ ବାର୍ଷିକ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା, ସୁଭଦ୍ରା ଯୋଜନାରେ ୧ କୋଟିରୁ ଅଧିକ ମହିଳାଙ୍କୁ ସାମିଲକରିବା, ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଏବଂ ଲକ୍ଷପତି ଦିଦି ସୃଷ୍ଟିରେ ଓଡ଼ିଶା ଦେଶରେ ପ୍ରଥମ ହେବା, ବହୁ ପ୍ରତୀକ୍ଷିତ ଆୟୁଷ୍ମାନ ଭାରତ–ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗୁ କରିବା ଏବଂ ନୂତନ ଶିକ୍ଷାନୀତି–୨୦୨୦ ପରି ଐତିହାସିକ ଯୋଜନାଗୁଡିକ ଲାଗୁ କରାଯାଇଛି ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ରାଜ୍ୟରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ରାଜ୍ୟର ପଞ୍ଚାୟତଗୁଡିକରେ ଚଳିତ ଆର୍ଥିକ ବର୍ଷଠାରୁ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ଥାନ ନିରୂପଣ ସହ ଡିପିଆର୍ ପ୍ରସ୍ତୁତ କରାଯାଉଛି। ଐତିହ୍ୟ ବିଦ୍ୟାଳୟ ଯୋଜନା ଓ ପିଏମ୍ ଶ୍ରୀ ଯୋଜନା ଶୁଭାରମ୍ଭ କରାଯାଇ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇଛି। ରାଜ୍ୟର ଆଦିବାସୀ ବର୍ଗର ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍ ହାର କମ୍ କରିବା ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା, ମା'ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଆଦି କାର୍ଯ୍ୟକାରୀ କରାଯାଇଛି। ଏବେ ସୁଦ୍ଧା ୧୦ଟି ନିଯୁକ୍ତିମେଳା ଆୟୋଜନକରି ୨୮,୩୪୬ ଜଣ ଯୁବତୀଯୁବକଙ୍କୁ ସରକାରୀ ନିଯୁକ୍ତି ପ୍ରଦାନ କରାଯାଇଛି। ଭାଜପା ସରକାର କେବଳ ଏମ୍‌ଓୟୁ ସାଇନ୍ କରି ରହିଯାଇନି, ଗତ ୧୪୦ ଦିନ ମଧ୍ୟରେ ପ୍ରାୟ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ୫୬ଟି ଉଦ୍ୟୋଗ ଆରମ୍ଭ ମଧ୍ୟ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୧୬୦୦ କୋଟି ...

ନେତୃତ୍ୱରେ ସାଇବରନ୍ୟୁଜ୍‌ର ଏକ ଟିମ୍ ପ୍ରଘଟ କରିଛି ଯେ, ପ୍ରମୁଖ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରୁ ୧୬ ବିଲିୟନ୍ ଲଗ୍‌ଇନ୍ କ୍ରେଡେନ୍ସିଆଲ, ପାସ୍‌ୱାର୍ଡ ଓ ସମ୍ବେଦନଶୀଳ ଡେଟା ଲିକ୍ ହୋଇଯାଇଛି। ଭିଲିଅସ୍‌ଙ୍କ ଅନୁସାରେ ବିଭିନ୍ନ ଇନ୍‌ଫୋଷ୍ଟିଲର ମାଲ୍‌ୱେର୍ ଆଟାକ୍ ଯୋଗୁ ଏହି ତଥ୍ୟ ପ୍ରଘଟ ହୋଇଛି। ଇନ୍‌ଫେକ୍ଟେଡ୍ ଉପକରଣଗୁଡ଼ିକରୁ ଗୋପନୀୟ ଭାବେ ୟୁଜରନେମ୍, ପାସ୍‌ୱାର୍ଡ ଓ ଅନ୍ୟ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ ପାଇଁ ମାଲିସିୟସ୍ ସଫ୍ଟୱେର ପ୍ରସ୍ତୁତ କରାଯାଇଥିଲା। ଏହା ଜରିଆରେ ସୋସିଆଲ ମିଡିଆ ଆକାଉଣ୍ଟ, ଭିପିଏନ୍, ଡେଭେଲପର ଟୁଲ୍ସ ଓ ଆପଲ୍, ଗୁଗଲ, ହିଟ୍‌ହବ, ଟେଲିଗ୍ରାମ୍ ଆଦି ଅନ୍‌ଲାଇନ୍ ସେବା ସମେତ ସରକାରୀ ପୋର୍ଟାଲ ପାଇଁ ବ୍ୟବହୃତ ଲଗ୍‌ଇନ୍ ସୂଚନା ଲିକ୍ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ରାଶିରେ ଶ୍ରୀଚନ୍ଦ୍ର ସହ ଶୁକ୍ରଙ୍କ ସଂଯୋଗ ବୈଷୟିକ ସୁଖ ସମୃଦ୍ଧି ପ୍ରଦାନ କରିବ। ପାରିବାରିକ ସ୍ଥିତି, ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସାଙ୍ଗକୁ ବିଳାସପ୍ରିୟ ହେବେ। ମୁହଁ ସାମ୍ନାରେ ଭଲ କହୁଥିବା ଲୋକଟି ପଛରେ ସମାଲୋଚନା କରୁଥିବା ଶୁଣିବାକୁ ପାଇବେ। ବ୍ୟବସାୟରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପସ୍ତେଇବେ।

**ବୃଷ** – ବୁଧାଦିତ୍ୟ ଯୋଗ ଧନସ୍ଥାନସ୍ଥ ଯୋଗୁ ଆର୍ଥିକ ଅଭିବୃଦ୍ଧି ସହ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ବନ୍ଧୁ ସହଯୋଗର ହାତ ବଢ଼ାଇବା ଫଳରେ କୌଣସି କାମ ଅଟକିବ ନାହିଁ। ଆଜି କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସୌଭାଗ୍ୟଲାଭ କରିବେ।

**ମିଥୁନ** – ରାଶିରେ ପାପଗ୍ରହ ଏବଂ ଦ୍ୱିତୀୟସ୍ଥ ବୁଧ ଆପଣଙ୍କ ମନ ଭିତରର ଉତ୍ତେଜନାକୁ ପ୍ରକାଶ କରିବାକୁ ପଶ୍ଚାଦ୍‌ପଦ ହେବେ ନାହିଁ। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତ କରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** – ଲାଭଭାବରେ ଶୁକ୍ରଙ୍କ ସହିତ ଚନ୍ଦ୍ରଙ୍କ ସଂଯୋଗଜନିତ ବିଳାସବ୍ୟସନ ଦିଗକୁ ମନ ଆକର୍ଷିତ ହେବ। କିନ୍ତୁ ମୁଖଭାବସ୍ଥ ମଙ୍ଗଳ ଓ କେତୁ ଆପଣଙ୍କ ରୁକ୍ଷ ବ୍ୟବହାରଜନିତ ସମସ୍ୟାର ସମ୍ମୁଖୀନ ହେବେ। ପାରସ୍ପରିକ ମତଭେଦ କାରଣରୁ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତରେ ସଫଳତା ଅର୍ଜନ କରିବେ।

**ସିଂହ** – ବଳହୀନ ଭାଗ୍ୟାଧିପ ପାପଗ୍ରହ ଯୁକ୍ତ ହେତୁ କୌଣସି କାର୍ଯ୍ୟ ସହଜରେ ସମ୍ପନ୍ନ ହୋଇ ନପାରେ। ତଥାପି ଆନୁଷ୍ଠାନିକ କାମରେ ତଥା କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କର୍ମକ୍ଷେତ୍ରରେ ସମସ୍ୟାର ସମାଧାନପୂର୍ବକ ଟେନ୍‌ସନ ଦୂର ହୋଇପାରେ। କଚେରି ମାମଲା ଶୁଣାଣିରୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**କନ୍ୟା** – କର୍ମଭାବସ୍ଥ ରାଶ୍ୟାଧିପ ଗୁରୁଯୁକ୍ତ କାରଣରୁ ପାରିବାରିକ, ବ୍ୟବସାୟିକ ତଥା ଯାତ୍ରା ଓ କର୍ମାରମ୍ଭ ପାଇଁ ମନ୍ଦ ହେବନି। ଧନାଧିପ ଧନସ୍ଥାନକୁ ଦେଖୁଥିବାରୁ ବୈଷୟିକ ସୁଖ ସମୃଦ୍ଧି ଅନୁଭବ କରିବେ। ଶତ୍ରୁତା କରୁଥିବା ଲୋକଟି ବାଧିଲା ଭଳି କଥା କହିପାରେ। ସାମାଜିକ ସ୍ତରରେ ଅସମ୍ମାନିତ ହୋଇପାରନ୍ତି।

**ତୁଳା** – ଶୁକ୍ର ରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ପାପମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ କାହାକୁ କିଛି ନ କହିଲେ ମଧ୍ୟ ମନଟା ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କଠାରୁ ଦୂରତା ରଖି କାମ କରିବା ଭଲ ହେବ। ତଥାପି ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବୃଦ୍ଧିର ଆଶଙ୍କା ଦେଖାଦେଇପାରେ।

**ବିଛା** – ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ନୀରବତା ଅନ୍ୟମାନଙ୍କ ସନ୍ଦେହକୁ ଦ୍ୱିଗୁଣିତ କରିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ନିଜ ପରିବାରର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** – ରାଶିକୁ ଚାରୋଟି ଗ୍ରହ ଅବଲୋକନ କରୁଥିବାରୁ ଆପଣଙ୍କ ବିଚାରଧାରା ବିକ୍ଷିପ୍ତ ହୋଇପାରେ। ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରହିବା ସାଙ୍ଗକୁ ପାରିବାରିକ ସ୍ଥିତି ସ୍ୱାଭାବିକ ରହିବ। ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ କିନ୍ତୁ କାମ ଅଟକିବ ନାହିଁ।

**ମକର** – ସପ୍ତମାଧିପତି ଚତୁର୍ଥ କେନ୍ଦ୍ରସ୍ଥ ଶୁକ୍ରଯୁକ୍ତ ହେତୁ ଯାତ୍ରା ଏବଂ ସନ୍ତାନଙ୍କ ବିବାହ ପ୍ରସ୍ତାବ ସମ୍ପର୍କୀୟ ଚିନ୍ତା କରିପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ ଆପଣଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ନିର୍ମାଣ, ସଭାସମିତିରୁ ସୁଫଳ ପାଇବେ। ଅନ୍ୟମନସ୍କତା କାରଣରୁ ସମସ୍ୟା ଉପୁଜିପାରେ।

**କୁମ୍ଭ** – ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ବନ୍ଧୁସମ୍ପର୍କ, ବିବାଦୀୟ ପରିସ୍ଥିତି, ସଭାସମିତି ଓ ଆନୁଷ୍ଠାନିକ କାମରେ ବିଶେଷ ଅସୁବିଧା ହେବନାହିଁ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବେ। କ୍ରୀଡ଼ା, ସଙ୍ଗୀତ ଓ ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** – କେନ୍ଦ୍ରସ୍ଥ ଗ୍ରହଙ୍କ ପ୍ରଭାବରେ ବନ୍ଧୁଙ୍କ ସହଯୋଗ କାମରେ ସହାୟକ ହେବ। ପିଲାଙ୍କ ସମସ୍ୟା ସମାଧାନ ସକାଶେ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିସ୍ଥିତିବିଶେଷତଃ ଧାରକରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହୋଇପାରନ୍ତି।

ଆଜି ଜୁନ୍ ୨୧ ତାରିଖ, ଅନ୍ତର୍ଜାତୀୟ ଯୋଗ ଦିବସ, ଆଷାଢ଼ କୃଷ୍ଣପକ୍ଷର ସର୍ବସମ୍ମତ ଖଳିଲାଗି ଏକାଦଶୀ, ଶନିବାର। ଏକାଦଶୀ ଉପବାସ, ଶ୍ରୀମନ୍ଦିରରେ ଚନ୍ଦନ ବା ଖଳିଲାଗି, ଚକାବିଜେ, ଦଶମୂଳନୈବେଦ୍ୟ, ରାଶିନକ୍ଷତ୍ର–ଅଶ୍ୱିନୀ/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୧୦।୦୯ ଗତେ ଘ.୧୨।୧୪ ମଧ୍ୟେ, ଘ.୦୩।୦୬ ଗତେ ଘ.୦୩।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୮।୩୦ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।

DSPL-130



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୫

**୨୧ ଜୁନ୍ ୨୦୨୫ | ସକାଳ ୬.୦୦ ଘଟିକା**

କଳିଙ୍ଗ ଷ୍ଟାଡ଼ିୟମ, ଭୁବନେଶ୍ୱର

**ମୁଖ୍ୟ ଅତିଥି**

## ଶ୍ରୀ ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ

## "ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ" ପାଇଁ ଯୋଗ

ନିୟମିତ ଯୋଗ କରନ୍ତୁ, ସୁସ୍ଥ ରହନ୍ତୁ



OIPR-29001/13/0091/2526

**କ୍ରୀଡ଼ା ଏବଂ ଯୁବ ସେବା ବିଭାଗ, ଓଡ଼ିଶା ସରକାର**

# ନୀତିରେ ପରିବର୍ତ୍ତନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାର ଏବେ ଯୁଗ୍ମ ସଚିବ ଚୟନ ପାଇଁ ନିୟମ କୋହଳ କରିଛନ୍ତି। ଅଧିକ ଆଇଏଏସ୍ ଅଧିକାରୀଙ୍କୁ କେନ୍ଦ୍ରରେ ଦାୟିତ୍ୱ ନେବା ଲାଗି ଉତ୍ସାହିତ କରିବା ସକାଶେ ଏହା କରାଯାଇଛି। ତେବେ ସମୟ ସବୁ କିଛି ସ୍ପଷ୍ଟ କରୁଛି। କେନ୍ଦ୍ରରେ ୧୪୬୯ ଆଇଏଏସ୍ ଅଧିକାରୀ ଆବଶ୍ୟକ ଥିବାବେଳେ ୨୦୨୩ ସୁଦ୍ଧା ମାତ୍ର ୪୪୨ ଅଧିକାରୀ ଥିଲେ। ଏହା ଏକ ବିରାଟ ଅନ୍ତର। ପରିବର୍ତ୍ତିତ ନିୟମ ଅନୁଯାୟୀ, କେନ୍ଦ୍ରରେ ଅଣ୍ଡର–ସେକ୍ରେଟାରୀ ଭାବେ ଯେଉଁମାନେ ଦୁଇବର୍ଷ କାମ କରିଛନ୍ତି ସେମାନଙ୍କୁ ଯୁଗ୍ମ ସଚିବ ପଦବୀକୁ ପଦୋନ୍ନତି ଦିଆଯିବ। ପୂର୍ବ ନିୟମ ଅନୁଯାୟୀ ଏହି ପଦବୀ ପାଇଁ ଜଣଙ୍କୁ ପ୍ରଥମେ ନିର୍ଦ୍ଦେଶକ କିମ୍ବା ଉପ ସଚିବ ହେବାକୁ ପଡୁଥିଲା। ଏହି ପଦକ୍ଷେପ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦ ବଢ଼ାଇଛି। ପରିବର୍ତ୍ତିତ ନିୟମ ଅଧିକାରୀମାନଙ୍କୁ ଆରାମଦାୟକ ଜିଲା ଡିଏମ୍ ପଦବୀରେ ରହିବା କିମ୍ବା କେନ୍ଦ୍ରକୁ ଯିବା ପାଇଁ ବାଧ୍ୟ କରେ। ଜଣେ ଅଧିକାରୀ ଉପହାସ ଛଳରେ କହିଛନ୍ତି, ଏହା 'କର ବା ମର' ଭଳି ସ୍ଥିତି। ଯଦି ତୁମେ ଏବେ କେନ୍ଦ୍ର ପଦବୀକୁ ହାତଛଡ଼ା କରିବ, ତେବେ ତୁମ ହାତରୁ ସବୁଦିନ ପାଇଁ ଯୁଗ୍ମ ସଚିବ ପଦବୀ ଚାଲିଯିବ। ଅନେକ ପର୍ଯ୍ୟବେକ୍ଷକ କହନ୍ତି, ଅଣ୍ଡର ସେକ୍ରେଟାରୀ ସ୍ତରକୁ ଯିବାରେ ସାମାନ୍ୟ ଲାଭ ଅଛି। କିନ୍ତୁ ସ୍ଥାନୀୟ ଅଧିକାରୀରୁ ନର୍ଥବ୍ଲକ୍‌ରେ ଗୁରୁତ୍ୱହୀନ ପଦବୀକୁ ଯିବାକୁ ଜଣେ କାହିଁକି ଚାହିଁବ ? ଏହି ପଦକ୍ଷେପ କେନ୍ଦ୍ରରେ ଆଇଏଏସ୍ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବ ନାହିଁ। ଅନେକ ସମୟରେ ବାବୁମାନଙ୍କୁ ସେମାନଙ୍କ ରାଜ୍ୟ ରିଲିଭ୍ କରିବାକୁ ଅମଙ୍ଗ ହୋଇଥାନ୍ତି। ନିୟମ ପରିବର୍ତ୍ତନ ଆମୂଳଚୂଳ ପରିଚାଳନାର ସଙ୍କେତ ଦେଉଛି। କାର୍ଯ୍ୟରେ ସକ୍ରିୟତା ଆଣିବାକୁ କେନ୍ଦ୍ର ଚାହୁଁଥିବା ବେଳେ ରାଜ୍ୟଗୁଡ଼ିକ ସେମାନଙ୍କ ଅଧିକାର ଜାରି ରଖିବାକୁ ଚାହାନ୍ତି। କେବଳ ମଝିରେ ଅଧିକାରୀ ଜଣେ ଫସି ରହନ୍ତି କିମ୍ବା ଜଟିଳ ସମସ୍ୟାରେ ପଡ଼ନ୍ତି। ନୀତିରେ ପରିବର୍ତ୍ତନ ହେଉଛି ଏକ ପଦକ୍ଷେପ, କିନ୍ତୁ ଲକ୍ଷ୍ୟ ହାସଲ କରିବା ପାଇଁ ଏହା ଯଥେଷ୍ଟ ହୋଇ ନ ପାରେ।

### କାନ୍ତଙ୍କ କାର୍ଯ୍ୟକାଳ

ଚାରି ଦଶନ୍ଧି ଧରି ସିଭିଲ ସର୍ଭିସରେ ସେବା ଯୋଗାଇଥିବା ଅମିତାଭ କାନ୍ତ ନୀତି ଆୟୋଗର ସିଇଓ ଥିଲେ। ସେ ୨୦୨୨ରୁ ଭାରତର ଜି୨୦ର ଶେର୍‌ପା ବା ମାର୍ଗଦର୍ଶକ ଭାବେ ଦାୟିତ୍ୱ ତୁଲାଇବା ପରେ ପଦତ୍ୟାଗ କରି ତାଙ୍କର ୪୫ ବର୍ଷର ଦୀର୍ଘ ଉଲ୍ଲେଖନୀୟ କାର୍ଯ୍ୟକାଳ ଏହିଠାରେ ଶେଷ ହେଲା ବୋଲି ସୂଚିତ କରିଛନ୍ତି। ଦେଖିବାକୁ ଗଲେ ଅଳ୍ପ କେତେଜଣ ଅଧିକାରୀ ଲଗାତର ଭାବେ ଠିକ୍ ସ୍ଥାନରେ, ଠିକ୍ ସମୟରେ ଉଚିତ କ୍ଷମତା କେନ୍ଦ୍ରରେ ରହିଆସିଛନ୍ତି। ନୂଆଦିଲ୍ଲୀରେ ଅନୁଷ୍ଠିତ ହାଇ ପ୍ରୋଫାଇଲ୍ କାର୍ଯ୍ୟକ୍ରମ ୨୦୨୩ ଜି୨୦ ସମ୍ମିଳନୀ ସଞ୍ଚାଳନରେ ଶେର୍‌ପା ଭାବେ ଦେଶକୁ ସାହାଯ୍ୟ କରିଥିଲେ। ଜଳବାୟୁ ଓ ବିକାଶ ଉପରେ ସହମତି ଆଣିବାଠାରୁ ଆରମ୍ଭ କରି ଭୂ–ରାଜନୈତିକ ଜଟିଳତା ମଧ୍ୟରେ ଚତୁରତାର ସହ ଚାଲିବା ପର୍ଯ୍ୟନ୍ତ, ଅନେକ ଗମ୍ଭୀର ତଥା ପୁରୁଣା ବୁଝାମଣା ଶୈଳୀକୁ ପ୍ରତିପାଦିତ କରିଥିଲେ ; ଯାହା ଲାଭଦାୟକ ହୋଇଥିଲା। ତାଙ୍କ କାର୍ଯ୍ୟକାଳ କେବଳ ଭାଷଣରେ ସୀମିତ ନ ଥିଲା, ତାହା ଫଳପ୍ରଦ ଥିଲା। ଶେର୍‌ପା କାର୍ଯ୍ୟକାଳ ପୂର୍ବରୁ ସେ ନୀତି ଆୟୋଗର ସିଇଓ ଥିଲେ ଏବଂ ଭାରତର ଷ୍ଟାର୍ଟଅପ୍, ନୂତନତ୍ୱରେ ଭାରତର ମିଶନର ସେ ଥିଲେ ଆଦ୍ୟ ପ୍ରଣେତା। ତାଙ୍କ ନୀତିର ସ୍ୱର ବେଳେବେଳେ ଅମଲାତନ୍ତ୍ରୀଙ୍କ ବିବାଦକୁ ଥମାଇ ଦେଉପାରୁଥିଲା। ଏବେ ଆଗକୁ ପ୍ରି ଏଣ୍ଟରପ୍ରାଇଜେସ, ଷ୍ଟାର୍ଟଅପ୍ ଓ ଥିଙ୍କ୍‌ଟ୍ୟାଙ୍କ୍‌ଗୁଡ଼ିକୁ ସହଯୋଗ କରିବେ ବୋଲି ସଙ୍କେତ ଦେଇଛନ୍ତି। ଆଶା କରାଯାଏ, ଏହି ସଂସ୍ଥାଗୁଡ଼ିକୁ ଫାଇଲ ମଧ୍ୟରେ ଚାପି ନ ରଖି ସେ ଆଗକୁ ତାଙ୍କ ଦକ୍ଷତା ବଳରେ ବୃହତ୍ ଯୋଜନା କରିବେ। ସେ ସଫଳ ହେବେ କି ନାହିଁ ତାହା ଆଗକୁ ଜଣାପଡ଼ିବ।

### ସ୍ଥାନାନ୍ତର ଆରମ୍ଭ

ସେଣ୍ଟ୍ରାଲ ଭିଷ୍ଟା ଜୋନ୍‌ରେ ଥିବା ତିନୋଟି ନୂଆ ଟାୱାର ମନ୍ତ୍ରଣାଳୟଗୁଡ଼ିକ ପାଇଁ ପୂରା ପ୍ରସ୍ତୁତ। ପାଇଲ (ଫୁଲକୁଣ୍ଡ) ଏବଂ ପ୍ୟାକ କରି କମନ୍ ସେଣ୍ଟ୍ରାଲ ସେକ୍ରେଟାରିଆଟ୍‌କୁ ଯିବାକୁ ମନ୍ତ୍ରଣାଳୟଗୁଡ଼ିକୁ କୁହାଯାଇଛି। ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ (ଏମ୍ଓଏଚ୍‌ୟୁଏ) ତା'କାମ ଆରମ୍ଭ କରିଦେଇଛି। ଅର୍ଥ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯିବା ଲାଗି ପ୍ରସ୍ତୁତ ହେଉଛନ୍ତି। ସରକାରୀ ବିଭାଗଗୁଡ଼ିକ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଖରାପ ଓ ଗହଳିଆ ବିଲ୍ଡିଂରେ ଖେଳାଇ ହୋଇ ରହିଥିଲେ। ସେଗୁଡ଼ିକୁ ଗୋଟିଏ ଜାଗାକୁ ଆଣିଲେ ସମନ୍ୱୟ ବଢ଼ିବ। ଜାଲିଆତି ବା ନକଲି କାର୍ଯ୍ୟ କମିବ ଓ ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ କାଗଜପତ୍ର ନେବା ଆଣିବାରେ କିଛି ଅର୍ଥ ବି ବଞ୍ଚାଯାଇପାରିବ। କିନ୍ତୁ ଶାସନ କୌଣସି ଭୌଗୋଳିକ ବିଷୟ ନୁହେଁ, ଗୋଟିଏ ନୂଆ ବିଲ୍ଡିଂକୁ ଗଲେ ବିଳମ୍ବ ଏବଂ ବିବାଦ ସଂସ୍କୃତିର ସମାଧାନ ହେବ ନାହିଁ କିମ୍ବା ଉତ୍ପାଦକତାକୁ କାଗଜ କଲମରେ ମାପିବାର ତଥାକଥିତ ପ୍ରବୃତ୍ତିକୁ ଦୂରେଇ ହେବ ନାହିଁ। ମୋଦି ସରକାରଙ୍କ ଦ୍ୱାରା ନିର୍ମିତ ସେଣ୍ଟ୍ରାଲ ଭିଷ୍ଟା ହେଉଛି ଆକାଂକ୍ଷୀ ଭାରତ ପାଇଁ ଏକ ଦୃଶ୍ୟମାନ ସଙ୍କେତ। ବିଲ୍ଡିଂଗୁଡ଼ିକ ସ୍ୱଚ୍ଛତା ରକ୍ଷା କରିବ ବୋଲି ମନେହେଉଛି। ଅମଲାତନ୍ତ୍ରୀଙ୍କ ମାନସିକତା ତାହାକୁ ଅନୁସରଣ କରିବେ କି ନାହିଁ ତାହା ହିଁ ସମସ୍ୟା। ଆସନ୍ତୁ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିବା। ଏହା ଏକ ସ୍ୱଚ୍ଛ, କେନ୍ଦ୍ରୀକୃତ ତଥା ଅନେକ ଦିନର ବିଳମ୍ବିତ କାର୍ଯ୍ୟକୁ ପୂରଣ କରିବାର ପଦକ୍ଷେପ। କିନ୍ତୁ କେଉଁଠି କର୍ମଚାରୀମାନେ ବସିବେ ତାହା ଉପରେ ଶାସନର ସୁଧାର ନିର୍ଭର କରେ ନାହିଁ ; ତାହା ସେମାନଙ୍କ ଭାବନା, ବିଚାର ଓ ସମନ୍ୱୟ ଉପରେ ନିର୍ଭର କରେ।

Email: dilipcherian@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | 2 | | | 7 |
| | 8 | 1 | | 3 | | 9 | 4 | |
| | | | | 4 | | | | 5 |
| | | | | 9 | | | | |
| 5 | | | 7 | | | | | |
| | 7 | | | | | 1 | 3 | |
| 7 | | 3 | 4 | 1 | | | | 2 |
| | | 4 | | | | 8 | | 1 |
| | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 7 | 4 | 6 | 3 | 1 | 9 | 8 |
| 9 | 6 | 8 | 2 | 1 | 7 | 5 | 4 | 3 |
| 1 | 3 | 4 | 9 | 5 | 8 | 7 | 2 | 6 |
| 8 | 9 | 1 | 6 | 4 | 2 | 3 | 5 | 7 |
| 6 | 7 | 5 | 3 | 9 | 1 | 4 | 8 | 2 |
| 4 | 2 | 3 | 8 | 7 | 5 | 9 | 6 | 1 |
| 7 | 1 | 6 | 5 | 2 | 4 | 8 | 3 | 9 |
| 5 | 8 | 9 | 1 | 3 | 6 | 2 | 7 | 4 |
| 3 | 4 | 2 | 7 | 8 | 9 | 6 | 1 | 5 |

ଗତକାଲିର ଉତ୍ତର

# ଚକ୍ରବ୍ୟୂହରେ ନିଯୁକ୍ତି ସ୍ୱଚ୍ଛତା



ରଜତ କୁମାର ମିଶ୍ର

ପ୍ରଶାସନରେ ପାରଦର୍ଶିତା ବିନା ସୁଶାସନ ଦୀର୍ଘସ୍ଥାୟୀ ନୁହେଁ, କାରଣ କୌଣସି ବ୍ୟକ୍ତି ଅବା ସଂସ୍ଥା ତା'ର ପୂର୍ବ ଅଭାବନୀୟ ସ୍ଥିତିକୁ ପୁଣି ଫେରିଆସିବା ଏକ ସ୍ୱାଭାବିକ ପ୍ରକ୍ରିୟା। ଏହାକୁ ରୋକିବାକୁ ହେଲେ ବ୍ୟବସ୍ଥାରେ ପାରଦର୍ଶିତା ନିତାନ୍ତ ଆବଶ୍ୟକ। କିନ୍ତୁ ଜଣେ ଯଦି ନିଜର ଜବାବଦେହି ହେବାର ଦାୟିତ୍ୱକୁ ନିଜ ମୁଣ୍ଡ ଉପରୁ ଖସାଇବାକୁ ଚାହାନ୍ତି, ତେବେ ସେ ଚତୁରତାର ସହ ଅନେକ ତଥ୍ୟ ଲୁଚାଇବାକୁ ନିରାପଦ ମଣନ୍ତି। ଜଣେ ଚତୁର ପ୍ରଶାସକ ଯେ ଏହାର ବ୍ୟତିକ୍ରମ ତାହା ନୁହେଁ। ଏହାର ଉଦାହରଣ ଦେଖିବାକୁ ମିଳିଛି ଆମ ରାଜ୍ୟରେ ହୋଇଥିବା କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ପ୍ରାୟ ୨୦ ହଜାର କନିଷ୍ଠ ଶିକ୍ଷକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ସମୟରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇ ଗତବର୍ଷ ଅକ୍ଟୋବର ୫ରେ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ନିଯୁକ୍ତିର ୮ ମାସ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପରୀକ୍ଷାଫଳ ସମ୍ବନ୍ଧୀୟ ତଥ୍ୟ ଯଥା କଟ୍ ଅଫ୍ ମାର୍କ ଏବଂ ବ୍ୟକ୍ତିଗତ ମାର୍କ ସାର୍ବଜନୀନ କରାଗଲା ନାହିଁ।

ଏଠାରେ ପ୍ରଶ୍ନ ଆସେ ଯଦି କୌଣସି ନିଯୁକ୍ତିରେ ପରୀକ୍ଷାକୁ ଚୟନର ମାପଦଣ୍ଡ କରାଯାଉଛି ତେବେ ସେହି ପରୀକ୍ଷା ଫଳକୁ ସାର୍ବଜନୀନ କରିବାରେ ଅସୁବିଧା କେଉଁଠି ? ଭିନ୍ନ ଭାବରେ କହିବାକୁ ଗଲେ ପରୀକ୍ଷାର ପ୍ରଦର୍ଶନ ସମ୍ବନ୍ଧୀୟ ତଥ୍ୟ ପ୍ରାର୍ଥୀମାନଙ୍କୁ ନ ଜଣାଇ ଯଦି କେବଳ ସଫଳ ପ୍ରାର୍ଥୀମାନଙ୍କ ନାମ ପ୍ରକାଶ କରାଯାଏ ତେବେ ତାହା କେତେ ଗ୍ରହଣୀୟ ? କାରଣ ମାର୍କ ସାର୍ବଜନୀନ ନ କରାଯାଇ ଯଦି ସଫଳ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯାଏ ତେବେ ଆମେ କିପରି କହିପାରିବା ଯେ ଉକ୍ତ ତାଲିକା ନିଯୁକ୍ତି ପରୀକ୍ଷାର ମାର୍କ ଆଧାରରେ ହୋଇଛି କିମ୍ବା କାହାର ସୁପାରିସ ଆଧାରରେ ? ଏଣୁ ନିକଟରେ ପଶ୍ଚିମବଙ୍ଗ ଶିକ୍ଷକ ନିଯୁକ୍ତି କେଲେଙ୍କାରୀ ସମ୍ବନ୍ଧୀୟ ସୁପ୍ରିମକୋର୍ଟଙ୍କ ରାୟକୁ ଦୃଷ୍ଟିରେ ରଖି ବୁଦ୍ଧିଜୀବୀ ମହଲରେ ଆମ ରାଜ୍ୟର ଏହି ନିଯୁକ୍ତିରେ କିଛି ବଡ଼ ଧରଣର ଅନିୟମିତତା ଥିବା ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ କଥା। ଏହି ସନ୍ଦେହକୁ ଦୂର କରି ନିଯୁକ୍ତି ପ୍ରକ୍ରିୟା ଓ ନିଯୁକ୍ତି ସଂସ୍ଥାର ବିଶ୍ୱସନୀୟତା ଫେରାଇ ଆଣିବା, ସେଥିରେ ସମ୍ପୃକ୍ତ ପ୍ରଶାସକଙ୍କ ଏକ ଗୁରୁଦାୟିତ୍ୱ। କିନ୍ତୁ ବିଡ଼ମ୍ବନାର ବିଷୟ, ସୂଚନା ଅଧିକାର ଆଇନ ବଳରେ ତଥ୍ୟ ନ ଦେଇ ଯେଉଁ ଉତ୍ତର ଦେଉଛନ୍ତି ତାହା ସନ୍ଦେହକୁ ଆହୁରି ଘନୀଭୂତ କରିବାରେ ଲାଗିଛି। ସୂଚନା ଅଧିକାର ଆଇନ ଆଧାରରେ କରାଯାଇଥିବା କିଛି ଆବେଦନର ଉତ୍ତର କହୁଛି ଯେ ନିଯୁକ୍ତି ସଂସ୍ଥା (ଓସେପା) ପାଖରେ ଏ ସମ୍ବନ୍ଧୀୟ କୌଣସି ତଥ୍ୟ ନାହିଁ। ଏଭଳି ସାଂଘାତିକ ଉତ୍ତର ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।



ଏହି ଦୁର୍ଭାଗ୍ୟଜନକ ଘଟଣା ବିଷୟରେ ଜାଣିବା ପରେ ମୁଁ ଜଣେ ନାଗରିକ ଭାବେ ଓସେପା ପକ୍ଷରୁ ଯାହା ଉତ୍ତର ପାଇଲି ତାହା ଆହୁରି ଆଶ୍ଚର୍ଯ୍ୟଜନକ। କହିବା ମୁତାବକ ପରୀକ୍ଷାଫଳ ସମ୍ବନ୍ଧୀୟ ତଥ୍ୟ ସାର୍ବଜନୀନ କରିବା ନିଷ୍ପତ୍ତି ଓସେପା ନୁହେଁ ବରଂ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ନେଇପାରିବେ। ମନରେ ପ୍ରଶ୍ନ ଆସେ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶନଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ଏବଂ ମେଧା ତାଲିକା ପ୍ରକାଶ କରିବାର ଗୁରୁଦାୟିତ୍ୱ ଯଦି ଓସେପା ବହନ କରିପାରୁଛି ତେବେ ପରୀକ୍ଷାଫଳ ସମ୍ବନ୍ଧୀୟ ତଥ୍ୟ ପ୍ରକାଶ କରିବା ନିଷ୍ପତ୍ତି ନେବାକୁ କାହିଁକି ଓସେପା ପଛଘୁଞ୍ଚା ଦେଉଛି ? ଏହା ଏକ ବ୍ୟବସ୍ଥାଜନିତ ଜଟିଳତା ନା ପ୍ରଶାସନିକ ଚତୁରତା ? ପ୍ରଶାସକମାନେ ଯଦି ଅସମ୍ବେଦନଶୀଳ ହୋଇ ଏଭଳି ଘଟଣାର ସୁଦୂର ପ୍ରଭାବକୁ ବିଚାର ନ କରନ୍ତି ତେବେ ସେମାନଙ୍କ ଦ୍ୱାରା ସୁଶାସନ ତ ଦୂରର କଥା ପ୍ରଶାସନରେ ସାମାନ୍ୟତମ ସ୍ୱଚ୍ଛତା ବା ପାରଦର୍ଶିତା ଆସିବା ସମ୍ଭବ ନୁହେଁ। କାରଣ କୌଣସି ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଆଣିବାର ସର୍ବୋତ୍ତମ ଉପାୟ ହେଉଛି ସେହି ପ୍ରକ୍ରିୟା ସମ୍ବନ୍ଧୀୟ ସମସ୍ତ ତଥ୍ୟ ସାର୍ବଜନୀନ କରିବା। ଯାହାଫଳରେ କୌଣସି ଅନିଚ୍ଛାକୃତ ତ୍ରୁଟି ବା ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାଶ ହୋଇ ନିଯୁକ୍ତି ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଏବଂ ଦୁର୍ନୀତିମୁକ୍ତ କରିହେବ।

ସର୍ବଭାରତୀୟ ସ୍ତରରେ ଦକ୍ଷତାର ପରିଚୟ ଦେଇ ନିଯୁକ୍ତି ପାଇଥିବା ପ୍ରଶାସକମାନେ ନିଜେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତାକୁ ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ। ପରୀକ୍ଷାଫଳ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ସ୍ୱତଃ ନ ଦେଇ ଅତ୍ୟନ୍ତ ଚତୁରତାର ସହ ତଥ୍ୟ ଲୁଚାଇ ଦୁର୍ନୀତିକୁ ପ୍ରଶ୍ରୟ ଦେବା ବୋଧ ହୁଏ ଏମାନଙ୍କର ଧର୍ମ ପାଲଟି ଯାଇଛି। ଗତ ସଚିବାଳୟ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ପରୀକ୍ଷା ସମୟରେ ଓଡ଼ିଶା ଲୋକ ସେବା ଆୟୋଗ ପରୀକ୍ଷା ପୂର୍ବରୁ ପ୍ରତି ବିଷୟର ସର୍ବନିମ୍ନ ଯୋଗ୍ୟତା ଅଙ୍କ ବା ପାସ୍ ମାର୍କ ସାର୍ବଜନୀନ ନ କରି ଚତୁରତାର ସହ ଦୁର୍ନୀତିକୁ ପ୍ରଶ୍ରୟ ଦେଇଥିଲା। ଯାହାଫଳରେ ଅନେକ ମେଧାବୀଙ୍କୁ ସେମାନଙ୍କ ମୋଟ ମାର୍କ ଅଧିକ ଥାଇ ମଧ୍ୟ ପରୀକ୍ଷା ପରେ ସ୍ଥିର କରାଯାଇଥିବା ୪୦% ସର୍ବନିମ୍ନ ପାସ୍ ମାର୍କ ଆଧାରରେ ବଳି ପକାଇଦିଆଗଲା। ଏହି ବିଷୟଟି ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ବିଚାର କରନ୍ତୁ, କୌଣସି ପରୀକ୍ଷାରେ ପାସ୍ ମାର୍କ ଯଦି ପରୀକ୍ଷା ପୂର୍ବରୁ ପରୀକ୍ଷାର୍ଥୀଙ୍କୁ ନ ଜଣାଇ ପରେ ସ୍ଥିର କରାଯିବାର ପ୍ରଥା ସୃଷ୍ଟି ହୁଏ, ତେବେ ତାହା ସ୍ୱେଚ୍ଛାଚାରିତା ଓ ଦୁର୍ନୀତିକୁ ପ୍ରଶ୍ରୟ ଦେବ ନାହିଁ କି ? ଦୁଃଖ ଲାଗେ ଯେବେ ଏଭଳି ଅନିୟମିତତା ସେହିସବୁ ନିଯୁକ୍ତି ସଂସ୍ଥାରେ ଘଟେ, ଯେଉଁ ସଂସ୍ଥାର ମୁଖିଆ ଜଣେ ଜଣେ ବଡ଼ ବଡ଼ ଅଭିଜ୍ଞ ଆଇଏଏସ୍ ବା ଆଇପିଏସ୍ ଅଧିକାରୀ। ଏମାନେ ବିଭିନ୍ନ ଗମ୍ଭୀର ଅଭିଯୋଗ ବା କୌଣସି ସୁଚିନ୍ତିତ ପରାମର୍ଶକୁ ଗ୍ରହଣ ନ କରିବା ପଛର କାରଣ ସେମାନଙ୍କ ଦୂରଦୃଷ୍ଟିହୀନତା ବା ଅହଙ୍କାର ଅବା ଦୁର୍ନୀତି, ତାହା କେବଳ ସେମାନଙ୍କୁ ହିଁ ଜଣା।

ରାଜ୍ୟର ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ମାର୍କ ସ୍ୱତଃ ଓପିଏସ୍‌ସି ଏବଂ ଓଏସ୍ଏସ୍‌ସି ଭଳି ସଂସ୍ଥାମାନ ସାର୍ବଜନୀନ କରୁଥିବା ବେଳେ ଓସେପା କିନ୍ତୁ ବାରମ୍ବାର ନିବେଦନ ସତ୍ତ୍ୱେ ତଥ୍ୟ ନ ଦେବା ପଛରେ କି ଉଦ୍ଦେଶ୍ୟ ଥାଇପାରେ ? ନିଜେ ପରୀକ୍ଷା ଦେଇ ନିଜର ମାର୍କ ପାଇଁ ପରୀକ୍ଷାର୍ଥୀମାନେ ସଂଘର୍ଷ କରିବା ଆମ ଶାସନ ବ୍ୟବସ୍ଥା ପାଇଁ ଲଜ୍ଜାଜନକ ଘଟଣା ନୁହେଁ କି ? ଓସେପାକୁ କଡ଼ା ନିର୍ଦ୍ଦେଶ ଦେଇ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଥିବା ସନ୍ଦେହ ଦୂର କରନ୍ତୁ। ଏଭଳି ନିର୍ଦ୍ଦେଶ ଅନ୍ୟ ସମସ୍ତ ନିଯୁକ୍ତି ପରିଚାଳନା ସଂସ୍ଥାରେ ଥିବା ପ୍ରଶାସକମାନଙ୍କ ମନରେ ଏକ ସକାରାତ୍ମକ ନୈତିକ ଭୟ ସୃଷ୍ଟି କରି ଆମ ରାଜ୍ୟର ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାରେ ସହାୟକ ହେବ।

ଅଧିବକ୍ତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
ମୋ:୯୩୮୦୦୩୭୬୩୮

# ଅଣଧାନ ଚାଷର ଆବଶ୍ୟକତା



ଡି.ଶୁଭମ୍

ସବୁଜ ବିପ୍ଳବ ପରେ ପରେ ଯେବେ ଯନ୍ତ୍ର ସଭ୍ୟତା ଆମ ଅର୍ଥନୀତିରେ ମୁଣ୍ଡଟେକିଲା ସେବେ ଖାଦ୍ୟ ଖାଇବାର ଆବଶ୍ୟକତା ବି ସେତିକି ବଢ଼ିଚାଲିଲା। ୨୦୫୦ ସୁଦ୍ଧା ସାରା ବିଶ୍ୱରେ ସବୁ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ପାଖପାଖି ୭୦ ପ୍ରତିଶତରୁ ଅଧିକ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। ଆମ ହେତୁହେବା ଦିନରୁ ଧାନ ଆମର ମୁଖ୍ୟ ଫସଲ ବୋଲି ଆମେ ଶୁଣିଆସିଛୁ। ଏ କଥା ସତ ଯେ ଆମ ରାଜ୍ୟରେ ଅନେକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ବସବାସ କରନ୍ତି। ଏକ ତଥ୍ୟ ଅନୁସାରେ ୨୦୧୦ ରୁ ୨୦୩୯ ମଧ୍ୟରେ ଭାରତରେ ମୁଖ୍ୟତଃ ଫସଲ ଉତ୍ପାଦନରେ କ୍ଷତି ୪.୫ ରୁ ୯ପ୍ରତିଶତ ବୃଦ୍ଧି ପାଇପାରେ। ତେଣୁ କେବଳ ଧାନ ଉତ୍ପାଦନକରି ଆମେ ସଶକ୍ତ ଆଉ ସ୍ୱାବଲମ୍ବୀର ନାରା ଦେଇପାରିବା ନାହିଁ। ଧାନ ବ୍ୟତୀତ ଅଣଧାନ ଚାଷ ଉପରେ ଚାଷୀମାନଙ୍କର ଆଗ୍ରହ ବଢ଼ିବା ଆବଶ୍ୟକ।

ଆମକୁ ଉତ୍ପାଦନର ହାର ବଢ଼ାଇବାକୁ ହେଲେ କେବଳ ଧାନଚାଷ ନୁହେଁ ବରଂ ଧାନ ବ୍ୟତୀତ ଅଣଧାନ ଫସଲ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ତେବେ ଏହି ଉପକ୍ରମରେ ଫସଲ ବିବିଧିକରଣ ମାଧ୍ୟମରେ ଆମେ ଏହାକୁ ଅଧିକରୁ ଅଧିକ ଚାଷୀଙ୍କ ପାଖରେ ପହଞ୍ଚାଇ ପାରିବା। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ତଥା ତାପମାତ୍ରାରେ ଅନିଶ୍ଚିତତା କୃଷିକ୍ଷେତ୍ରକୁ ପ୍ରଭାବିତ କରୁଛି। ତେଣୁ ଏହା ସହ ତାଳଦେଇ ଆମକୁ ଉତ୍ପାଦନରେ ବୃଦ୍ଧି ଆଣିବାକୁ ହେବ। ଅଣଧାନ ଚାଷ ଏହି ଆହ୍ୱାନ ଭିତରୁ ଅନ୍ୟତମ। ତେବେ ଫସଲ ବିବିଧିକରଣ ମାଧ୍ୟମରେ ଆମେ ଇଣ୍ଟରକ୍ରପ୍ ଆକାରରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସମାନ କିମ୍ବା ଭିନ୍ନ ପ୍ରଜାତିର ଏକରୁ ଅଧିକ ବା ବିଭିନ୍ନ ପ୍ରକାର ଫସଲ ଚାଷକରି ଅଣଧାନ ଚାଷ ଦିଗରେ ଚାଷୀମାନଙ୍କୁ ପ୍ରବର୍ତ୍ତାଇପାରିବା। ଗୋଟିଏ ଫସଲ ଉପରେ ନିର୍ଭର ନ କରି ଏହାକୁ ପ୍ରମୁଖ ପ୍ରାଧାନ୍ୟ ନ ଦେଇ ଏକାଧିକ ଫସଲ ଚାଷକରିବାର ମାଧ୍ୟମ ହିଁ ଫସଲ ବିବିଧିକରଣ। ଏହାଦ୍ୱାରା ସ୍ୱଳ୍ପ ଅର୍ଥକରୀ ଫସଲକୁ ପରିବର୍ତ୍ତନକରି ଅଧିକ ଅର୍ଥକରୀ ଫସଲ ଉତ୍ପାଦନ କରାଯାଇପାରେ। ଧାନ ପରେ ଧାନ ନ କରି ଅନ୍ୟ ଫସଲ ଯଥା ଡାଲିଜାତୀୟ, ତେଲଜାତୀୟ, ଅର୍ଥକରୀ ଫସଲ ଚାଷକରାଯାଇପାରେ। ଏହା କୃଷିକ୍ଷେତ୍ରରେ ଅନିଶ୍ଚିତତା ହ୍ରାସକରିବା ସହ ପରିବେଶରେ ବିବିଧତା ଆଣିବାରେ ସାହାଯ୍ୟ କରେ। ଏହା ମାଟିର ଉର୍ବରତାକୁ ବଢ଼ାଇବା ସହ ରୋଗପୋକ ନିୟନ୍ତ୍ରଣ କରିଥାଏ। କୃଷିକ୍ଷେତ୍ରରେ ମୃତ୍ତିକାର ରକ୍ଷଣାବେକ୍ଷଣ ପାଇଁ ଏକ ପରିବେଶଗତ ବିକଳ୍ପ ଭାବରେ ଏହାକୁ ବିବେଚନା କରାଯାଇପାରେ।

ତେବେ ଓଡ଼ିଶାରେ ଅଣଧାନ ଚାଷର ପରିସଂଖ୍ୟାନକୁ ଲକ୍ଷ୍ୟକଲେ ଫସଲ ବିବିଧିକରଣ କ୍ଷେତ୍ରରେ ୨୦୨୨–୨୩ରେ ମୋଟ ୩୦,୦୦୦ ହେକ୍ଟର କ୍ଷେତ୍ର ଥିବାବେଳେ ୨୦୨୩–୨୪ ରେ ଏହା ୧.୩ ଲକ୍ଷ ହେକ୍ଟରରେ ପହଞ୍ଚିଛି। ଓଡ଼ିଶାର ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ୨୦୨୩–୨୪ରେ ନିଟ୍ ବୁଣାକ୍ଷେତ୍ରର ପରିମାଣ ୫୫.୯ ଲକ୍ଷ ହେକ୍ଟର ରହିଛି, ଯାହାକି ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରର ପାଖାପାଖି ୩୬ ପ୍ରତିଶତ । ୨୦୧୯–୨୦ରୁ ୨୦୨୩–୨୪ ମଧ୍ୟରେ ଶତକଡ଼ା ୪.୬ ପ୍ରତିଶତ ଏହି ବୁଣାକ୍ଷେତ୍ରରେ ପରିମାଣ ବଢ଼ିଛି। ଅର୍ଥନୈତିକ ସର୍ଭେ ତଥ୍ୟ ଅନୁଯାୟୀ ଦୀର୍ଘ ଦିନ ଧରି ଧାନର ମୋଟ କ୍ଷେତ୍ର ଅଧିକ ରହିଥିବାବେଳେ ଏବେ ଏଥିରେ ପରିବର୍ତ୍ତନ ଦେଖାଦେଉଛି। ଏହି କ୍ରମରେ ଏଥିରେ ଅଣଧାନ ଫସଲଗୁଡ଼ିକର କ୍ଷେତ୍ର ମଧ୍ୟ ବଢ଼ିଛି। ଧାନ ସହ ଅନ୍ୟ ଫସଲଗୁଡ଼ିକର ମଧ୍ୟ ଚାହିଦା ବଢ଼ିଛି। ତେଣୁ ଏଗୁଡ଼ିକ ଆପଣେଇବାର ଆମର କୌଣସି ଦ୍ୱିଧା ରହିବା ଅନୁଚିତ।



ଓଡ଼ିଶାରେ ଅନେକଦିନ ଧରି ଧାନଚାଷ ଏକ ପ୍ରମୁଖ ଅଭ୍ୟାସ ହୋଇରହିଆସିଛି। କିନ୍ତୁ ଏହା ଖାଦ୍ୟ ସୁରକ୍ଷା ପ୍ରଦାନ କରିବା ପାଇଁ ଯଥେଷ୍ଟ ନୁହେଁ। ଚାଷୀମାନଙ୍କ ପାଇଁ ଧାନ ଚାଷରୁ ମିଳୁଥିବା ଆୟ ପ୍ରାୟତଃ ବଜାର ଦରର ଅସମାନତା ଏବଂ ସଂକୀର୍ଣ୍ଣ ଲାଭ ପରି ବିଭିନ୍ନ କାରଣ ଦ୍ୱାରା ସୀମିତ ହୋଇଥାଏ। ଆଜିର ସମୟରେ କେବଳ ଏମ୍ଏସ୍‌ପି ଆଶାରେ ଆମେ ଧାନ ଚାଷକରି ପରୋକ୍ଷରେ ମାଟି ଆଉ ଫସଲର ଗୁଣବତ୍ତା ହ୍ରାସକରୁଛନ୍ତି। ଅଣଧାନ ଫସଲରେ ବିବିଧତା ଚାଷୀମାନଙ୍କୁ ଅଧିକ ଲାଭଦାୟକ ସୁଯୋଗ ପ୍ରଦାନକରେ, ଯାହାଫଳରେ ଚାଷୀଙ୍କ ଆୟ ଏବଂ ସାମଗ୍ରିକ ଆର୍ଥିକ ସୁରକ୍ଷାରେ ଉନ୍ନତି ଆସିପାରେ। ଏହା ଗୋଟିଏ ମୁଖ୍ୟ ଫସଲ ଉପରେ ନିର୍ଭରଶୀଳତା ହ୍ରାସକରି ଖାଦ୍ୟ ସୁରକ୍ଷା ମଧ୍ୟ ସୁନିଶ୍ଚିତ କରେ। ଏହା ସହ ଡାଲି ଏବଂ ବାଜରା ପରି ଅଣଧାନ ଫସଲ ସାଧାରଣତଃ ଅଧିକ ମରୁଡ଼ି ପ୍ରତିରୋଧୀ ଏବଂ ଜଳ ଅଭାବ ସମୟରେ ସେମାନଙ୍କର ଚାଷ ଏକ ସ୍ୱତନ୍ତ୍ର ବିକଳ୍ପ ଭାବେ କାର୍ଯ୍ୟକରିପାରେ। ଏହି ବିବିଧତା ରଣନୀତି ଜଳବାୟୁ ପରିବର୍ତ୍ତନର ଯୁଦ୍ଧକୁ ସାମ୍ନାକରି କୃଷିକ୍ଷେତ୍ରର ସ୍ଥିରତା ବୃଦ୍ଧିକରେ। ଏହି ଅଣଧାନ ଫସଲ ଚାଷକରି ପତିତ ଜମିଗୁଡ଼ିକୁ ଏବେ ପ୍ରଭାବଶାଳୀଭାବରେ ବ୍ୟବହାର କରାଯାଇପାରିବ। ଫଳରେ ବର୍ଷ ସାରା ଉତ୍ପାଦକତା ବୃଦ୍ଧି ଏବଂ ଅଧିକ ଅମଳ ହୋଇପାରିବ।

ତେବେ ଅଣଧାନ ଚାଷର ପ୍ରାଥମିକତା ବୃଦ୍ଧି ପାଇଁ ପ୍ରଥମରେ ଗାଁଗାଁରେ କୃଷକ କର୍ମଶାଳା ତଥା ସଚେତନତା ଶିବିର ଆୟୋଜନକରି ଅଣଧାନ ଚାଷର ଗୁରୁତ୍ୱ ଚାଷୀଙ୍କୁ ବୁଝାଇବାକୁ ହେବ। ଦ୍ୱିତୀୟରେ କେବଳ ଧାନ ଆମ ଆୟବୃଦ୍ଧି ପାଇଁ ପର୍ଯ୍ୟାପ୍ତ ନୁହେଁ ବରଂ ଏହା ସହ ଆମେ ଅମଳ ପରେ କିପରି ଅଣଧାନ ଚାଷକୁ ଗୁରୁତ୍ୱ ଦେବା ତାହାର କ୍ଷେତ୍ର ପ୍ରଦର୍ଶନର ଦାୟିତ୍ୱ ଗ୍ରାମାଞ୍ଚଳ କୃଷି ଅଧିକାରୀମାନେ ଅଗ୍ରାଧିକାର ଭିତ୍ତିରେ ନିଅନ୍ତୁ। ତୃତୀୟରେ ବିଭିନ୍ନ ବେସରକାରୀ ସଂସ୍ଥା ଏହି ଅଣଧାନ ଚାଷର ବିଭିନ୍ନ ସରକାରୀ ପ୍ରକଳ୍ପକୁ କିପରି ଓଡ଼ିଶାର ସବୁ ଜିଲାରେ ସହଜ ଓ ସୁବିଧାରେ ପହଞ୍ଚାଇପାରିବେ ସେ ଦିଗରେ ଯତ୍ନବାନ୍ ହେବା ଆବଶ୍ୟକ। ଚତୁର୍ଥରେ ଚାଷୀମାନଙ୍କ ନିକଟରେ ଅଧିକ ଅମଳକ୍ଷମ ବିହନ, କୃଷିକ୍ଷେତ୍ରରେ ପ୍ରଯୁକ୍ତିବଦ୍ୟାର, ଜ୍ଞାନକୌଶଳର ଉପଯୋଗ ତଥା ଅମଳ ପରେ ଠିକ୍ ବିପଣନ ତଥା ସରକାରଙ୍କ ବିଭିନ୍ନ ନିୟମାବଳୀ କିପରି ଠିକ୍ ସମୟରେ ଉପଲବ୍ଧ ହୋଇପାରିବ, ସେ ଦିଗରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ସମ୍ପ୍ରସାରଣ କହେ ଦେଖିବା ହିଁ ବିଶ୍ୱାସକରିବା। ପଞ୍ଚମରେ କୃଷି ସମ୍ପ୍ରସାରଣ ମାଧ୍ୟମରେ ଚାଷୀଙ୍କ ପାଖରେ ଏହି ସମ୍ପର୍କିତ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରମାନ ଆୟୋଜନ କରାଯାଇ ସଫଳ କୃଷକଙ୍କ ଅଣଧାନ ଚାଷ ଫାର୍ମ ପରିଦର୍ଶନରେ ନିଆଗଲେ ଚାଷୀମାନେ ବାସ୍ତବତାକୁ ଉପଲବ୍ଧି କରିପାରିବେ। ସୁତରାଂ ୨୦୩୬ ଶତାୟୁ ଓଡ଼ିଶାର ବିକାଶ ନକ୍ସାରେ ଅଣଧାନ ଚାଷର ପ୍ରାଥମିକତା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।

ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ: ୯୪୩୮୪୬୭୦୭୯

## ଏଇ ଭାରତରେ

ଗ୍ରାମାଞ୍ଚଳରେ ଏବେ ବି ପାନୀୟ ଜଳର ଅଭାବ ରହିଛି। ସ୍କୁଲରେ ପିଲାମାନେ ମଧ୍ୟ ସ୍ୱଚ୍ଛ ପାନୀୟ ଜଳ ପାଇପାରୁ ନାହାନ୍ତି। ଏହି ସମସ୍ୟା ଦୂର କରିବାକୁ ମହାରାଷ୍ଟ୍ରର ଡ. ଅନିଲ ରାଜବଂଶୀଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ସୌରଶକ୍ତି ଚାଳିତ ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ସେ ପାନୀୟ ଜଳ ସମସ୍ୟା ଦୂର କରିବାରେ ଲାଗିଛନ୍ତି। ମହାରାଷ୍ଟ୍ରର ଏକ ନିମ୍ବାକର ଏଗ୍ରିକଲଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଭାବେ କାମ କରୁଥିବା ରାଜବଂଶୀ ଏହି ପଦ୍ଧତିରେ ମହାରାଷ୍ଟ୍ରର ସତାର ଜିଲା ଫାଲଟନ ଅଞ୍ଚଳରେ ସ୍କୁଲ ପିଲାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ପାଖାପାଖି ୪୦୦ରୁ ଉର୍ଦ୍ଧ୍ୱ ପିଲା ଏବେ ଏଥିରେ ଉପକୃତ ହେଉଛନ୍ତି। ଏହି ୱାଟର ପ୍ୟୁରିଫିକେଶନ ପଦ୍ଧତିରେ ଦିନକୁ ୧୦୦ରୁ ୨୦୦ ଲିଟର ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରୁଛି। ଏହି ପଦ୍ଧତିରେ ସଂଗୃହୀତ ବର୍ଷାଜଳକୁ ଫିଲଟର କରାଯାଉଛି। ପରେ ସେହି ଫିଲଟର ପାଣିକୁ ସୋଲାର ଥର୍ମାଲ ଟେକ୍‌ନୋଲୋଜିରେ ଜୀବାଣୁ ମୁକ୍ତ କରାଯାଇ ପିଇବାକୁ ଦିଆଯାଉଛି। ଦେଶର ଦୁର୍ଗମ ଅଞ୍ଚଳରେ ସ୍କୁଲଗୁଡ଼ିକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଫଳରେ ବିଭିନ୍ନ ଜଳବାହିତ ସଂକ୍ରାମକ ରୋଗଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି କହନ୍ତି ରାଜବଂଶୀ।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ଜୁନ୍ ୧୯୭୬

- ପିଏଚ୍‌ଡି ପାଇବା ଲାଗି ଏମ୍‌ଫିଲ୍ ଆବଶ୍ୟକ ନେଇ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ତରଫରୁ ଏକ ଇସ୍ତାହାରରେ ପ୍ରକାଶ କରାଯାଇଛି।
- ଆସାମରେ ପ୍ରବଳ ବନ୍ୟା ହେବା ଫଳରେ ୧୮ ଜଣ ପ୍ରାଣ ହରାଇବା ସହ ୫୦,୦୦୦ ଘର ଭାଙ୍ଗିଯାଇଛି।

## ଚିରନ୍ତନୀ

ବହୁ ସାଧନାର ଫଳେ ସଞ୍ଚିଗଲ
ଯେ ସବୁ ବିଧାନ
ସମାଜର ସ୍ତରେ ସ୍ତରେ ଗୁନ୍ଥିଲ ଯେ
କ୍ରିୟା ଅନୁଷ୍ଠାନ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଟକ –ପାରାଦୀପ ରାସ୍ତାରେ ଫାଟ

ମହାଶୟ,

କଟକ–ପାରାଦୀପ କଂକ୍ରିଟ ରାସ୍ତା ପରିବହନରେ ମୁଖ୍ୟ ଭୂମିକା ନେଉଛି। କିନ୍ତୁ ଏବେ ବିଭିନ୍ନ ସ୍ଥାନରେ ଏହି ରାସ୍ତାରେ ଫାଟ ଦେଖାଦେଇଛି। କିଛିଦିନ ତଳେ ପାରାଦୀପଠାରୁ କମରପଦା ମଧ୍ୟରେ ପିଚୁ ଦିଆଯାଇ ମରାମତି ହୋଇଥିଲା। କିନ୍ତୁ ସେଥିରେ ପୁନର୍ବାର ଫାଟ ଦେଖାଗଲାଣି। ସେହିପରି ଗଡିରାଉତପାଟଣାରେ ମଧ୍ୟ ଫାଟ ଦୃଷ୍ଟିଗୋଚର ହୋଇଛି। ଏହାଯୋଗୁ ଦୁଇଚକିଆ ଯାନ ଚଳାଚଳରେ ସମସ୍ୟା ହେଉଛି। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ରାସ୍ତା ମରାମତି କରାଯିବା ଦରକାର।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ଏକକ ବିଶ୍ୱ, ଏକକ ସ୍ୱାସ୍ଥ୍ୟ ପାଇଁ ଯୋଗ’



**ଏ ବର୍ଷର ବାର୍ତ୍ତା**

ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ଲାଗି ଥିମ୍ ରହିଛି ‘ଏକକ ବିଶ୍ୱ, ଏକକ ସ୍ୱାସ୍ଥ୍ୟ ପାଇଁ ଯୋଗ’ । ଯୋଗ ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ । ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ । ତେବେ ଯୋଗ ଆମ ଶରୀର ପାଇଁ କେତେ ଉପକାରୀ ତାହା ଯଦି ଜଣେ ଠିକ୍ ଭାବରେ ହୃଦୟଙ୍ଗମ କରନ୍ତି, ତାହେଲେ ଏହି ଦିବସ ପାଳନ ସଫଳ ହୋଇପାରିବ । ଯୋଗ କରିବା ପୂର୍ବରୁ ଯଦି ଜଣେ ଏ ବିଷୟରେ ସମ୍ପୂର୍ଣ୍ଣ ଭାବରେ ଅବଗତ ନୁହନ୍ତି, ତେବେ ଯୋଗ ଏକ୍ସପର୍ଟଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ । ଶାନ୍ତ ମନ ଏବଂ ଶାନ୍ତ ପରିବେଶରେ ଯୋଗ କଲେ ତାହାର ସୁଫଳ ଅଧିକ ମିଳିଥାଏ ।

## ଇତିହାସରୁ...

ସାମ୍ପ୍ରତିକ ସମୟରେ ମଣିଷର ଜୀବନଶୈଳୀ ଶାରୀରିକ ଓ ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ହୋଇପାରୁନାହିଁ । ଫଳରେ ମାନସିକ ଚାପ, ଉତ୍କଣ୍ଠା, ଉଦ୍‌ବେଗ ତଥା ଦୀର୍ଘକାଳୀନ ରୋଗଗୁଡ଼ିକ ବଢ଼ି ଚାଲିଛି । ଏଭଳି ସ୍ଥିତିରୁ ସୁରକ୍ଷିତ ରହିବା ନିମନ୍ତେ ଏକ ସରଳ ତଥା ସହଜ ଉପାୟ ରହିଛି । ତାହା ହେଲା ‘ଯୋଗ’ । ଯୋଗର ରହିଛି ଶାରୀରିକ, ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ପ୍ରଭାବ । ଯୋଗ ଏକ ବ୍ୟାୟାମ ନୁହେଁ, ଏହା ଏକ କଳା । ନିୟମିତ ଯୋଗକରି ଚାଲିଲେ ଧୀରେ ଧୀରେ ବିକାଶ ଲାଭ କରେ ମାନସିକ ସ୍ଥିରତା, ସନ୍ତୁଳନ, ଶ୍ୱାସକ୍ରିୟା ନିୟନ୍ତ୍ରଣ, ମନସ୍ତାତ୍ତ୍ୱିକ ସାମର୍ଥ୍ୟ, ଏକାଗ୍ରତା, ଶାରୀରିକ ଦକ୍ଷତା ଏବଂ ନମନୀୟତା ଇତ୍ୟାଦି । ବର୍ତ୍ତମାନ ଯୋଗ ଲୋକଙ୍କ ଦ୍ୱାରା କେତେ ଆଦୃତ ହୋଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ । ଅନେକେ ଏହାର ମହତ୍ତ୍ୱ ଉପଲବ୍ଧି କରିସାରିଲେଣି । ତେବେ ଏହାକୁ ଆହୁରି ପ୍ରସାର କରିବା ପାଇଁ ପ୍ରତିବର୍ଷ ଜୁନ୍ ୨୧ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଯୋଗ ଦିବସ । ୨୦୧୪ରେ ଏ ନେଇ ମିଳିତ ଜାତିସଂଘରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ସେହି ବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଳିତ ଜାତିସଂଘରେ ନିଜର ଅଭିଭାଷଣ ଅବସରରେ ଯୋଗ ଉପରେ ଗୁରୁତ୍ୱ ଦେଇଥିଲେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଜୁନ୍ ୨୧କୁ ଯୋଗ ଦିବସ ଭାବରେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏହାକୁ ସେହି ସମୟରେ ସର୍ବସମ୍ମତି କ୍ରମେ ଗୃହୀତ କରାଯାଇଥିଲା ।




## ଏମାନଙ୍କ ମତରେ

### ଏବେ ସବୁ ବର୍ଗର ପିଲା ଯୋଗ କରିବାକୁ ଆଗ୍ରହ ଦେଖାଉଛନ୍ତି



ମାନସିକ ସ୍ୱାସ୍ଥ୍ୟ ଏବଂ ଉତ୍ତମ ଶରୀର ପାଇଁ ସମସ୍ତଙ୍କୁ ଯୋଗ କରିବା ଦରକାର। ଯୋଗ ଦ୍ୱାରା ମଣିଷର ମନକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଦୀର୍ଘ ୧୩ ବର୍ଷ ହେଲା ଯୋଗ ଶିଖେଇବା ଆରମ୍ଭ କରିଛି। ଯୋଗ ମାଧ୍ୟମରେ ଅଟିଜିମ ପିଲାଙ୍କ ମନକୁ ନିୟନ୍ତ୍ରଣ କରାଯାଇପାରୁଛି। ଆଗ ଆପେକ୍ଷା ଏବେ ସବୁ ବର୍ଗର ପିଲାମାନେ ଯୋଗ କରିବାକୁ ଆଗ୍ରହ ଦେଖାଉଛନ୍ତି।

**- ରଞ୍ଜନ କୁମାର ପାତ୍ର, ଯୋଗ ଶିକ୍ଷକ , ସିଆଳିଆ ଓଡ଼ିଶା ଆର୍ଦଶ ବିଦ୍ୟାଳୟ**

### ଯୋଗାଭ୍ୟାସ ଦ୍ୱାରା ମନ ପ୍ରଫୁଲ୍ଲ ରହୁଛି



ଦୈନନ୍ଦିନ ଯୋଗାଭ୍ୟାସ ଦ୍ୱାରା ମାନସିକ ଶାନ୍ତ ମିଳୁଛି। ଏଇଠି ଦୁଇବର୍ଷ ହେଲା ପ୍ରତିଦିନ ଯୋଗାଭ୍ୟାସ କରିବା ଦ୍ୱାରା ମୋ ମନ ପ୍ରଫୁଲ୍ଲ ରହୁଛି। ଆଉ ଦିନସାରା ଆନନ୍ଦ ଲାଗୁଛି। ମୋର କ୍ରୋଧ ସହ ମାନସିକ ଅସ୍ଥିରତା କମିବାରେ ଲାଗିଛି। ସମସ୍ତେ ଯୋଗ କରି ନିଜକୁ ସୁସ୍ଥ ରଖିବାକୁ ଅନୁରୋଧ କରୁଛି।

**- ସାଇ ଶ୍ରୁତିକା, ଯୋଗ ଛାତ୍ରୀ**

### ଯୋଗ ଶିବିରକୁ ଗୁରୁତ୍ୱ ଦେବା ଜରୁରୀ



ବର୍ତ୍ତମାନର ମଣିଷର ଜୀବନ ଶୈଳୀ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ସୁସ୍ଥ ଜୀବନ ବିତାଇବା ପାଇଁ ଯୋଗର ଆଶ୍ୟକତା ରହିଛି। ଯୋଗ ଦ୍ୱାରା ଶରୀର, ମନ ସୁସ୍ଥ ରହିଥାଏ। ଯୋଗ ମାଧ୍ୟମରେ ନିଜ ଶରୀର ଓ ତ୍ୱଚାକୁ ଉଜ୍ଜ୍ୱଳ ରଖିବାରେ ସହାୟକ ହୋଇଥାଏ। ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଯୋଗ କରିବା ଦରକାର। ସରକାରୀ ତଥା ବେସରକାରୀ ଅନୁଷ୍ଠାନରେ ଯୋଗ ଶିବିରକୁ ଗୁରୁତ୍ୱ ଦେବା ଜରୁରୀ।

**- ଯୋଗ ଗୁରୁ ମାଧବୀ ପାଲାକୀ**

**ରିପୋର୍ଟ: ସୁଚିସ୍ମିତା ସାହୁ**

# ମନକୁ ସ୍ଥିର ରଖେ ଯୋଗ



ମନକୁ ସ୍ଥିର କରିବାର ଅର୍ଥ ଯୋଗ । ମନ ସ୍ଥିର ହେଲେ ସମସ୍ତ ଇନ୍ଦ୍ରିୟ ବଶୀଭୂତ ହୋଇଥାଏ । ତ୍ରିଦୋଷ (ବାତ, ପିତ୍ତ, କଫ), ତ୍ରିମାଳ (ମୂତ୍ର, ପୁରିଷ, ସ୍ୱେଦ) ମଧ୍ୟ ସାମ୍ୟାବସ୍ଥାରେ ରହେ । ତେଣୁ ଏହି ଶରୀରରୂପୀ ଈଶ୍ୱରପ୍ରଦତ୍ତ ଯନ୍ତ୍ରକୁ ସୁସ୍ଥ ତଥା ନୀରୋଗ ରଖି ଠିକ୍ ରୂପେ ଚାଳନ ପାଇଁ ଯୋଗାଭ୍ୟାସ ନିତାନ୍ତ ପ୍ରୟୋଜନ । ତେଣୁ ‘ଯୋଗ କର୍ମସୁ କୌଶଳମ୍’ ଅର୍ଥାତ୍, ଯୋଗକୁ କର୍ମ ସାଧନର କୌଶଳ ବୋଲି କୁହାଯାଇଛି । ଯେପରି କଞ୍ଚା ମାଟି ପାତ୍ରରେ ପାଣି ରଖିଲେ ତାହା ମିଳେଇ ଯାଏ, ମାତ୍ର ଅଗ୍ନିରେ ପାକ ହୋଇଥିବା ଘଟରେ ପାଣି ରଖିଲେ ତାହା ମିଳେଇ ନ ଥାଏ । ସେହିପରି ଶରୀରରୂପୀ ଘଟକୁ ଯୋଗାଗ୍ନି ଦ୍ୱାରା ପାକ କରିଲେ ତାହା ବିନିଷ୍ଟ ହୋଇ ନ ଥାଏ । ଶରୀର ସୁସ୍ଥ, ନୀରୋଗ ଓ ସୁଗଠନ ନିମନ୍ତେ ଯୋଗ ହିଁ ଏକମାତ୍ର ପନ୍ଥା । ତେଣୁ ପୁରାତନ କାଳରେ ପତଞ୍ଜଳି ଆଦି ମହର୍ଷିମାନେ ଯୋଗ ଦ୍ୱାରା ନୀରୋଗ ରହି ମନକୁ ନିର୍ମଳ ଏବଂ ଏକାଗ୍ର ରଖି ବେଦ ଶାସ୍ତ୍ରାଦି ଗ୍ରନ୍ଥକୁ ଶ୍ରବଣ କରି ମନେ ରଖୁଥିଲେ ।

ଯୋଗକୁ ଆଠଟି ଅଙ୍ଗରେ ବିଭକ୍ତ କରାଯାଇଛି, ଯଥା–ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣ, ଧ୍ୟାନ ଓ ସମାଧି । ‘ଯମ’ର ଅର୍ଥ ଅହିଂସା ଆଚରଣ, ସତ୍ୟ କହିବା, ପରଧନକୁ ଲୋଭ ନ କରିବା, ନିଜର ସ୍ୱାର୍ଥ ପାଇଁ ଧନ ସଞ୍ଚୟ ନ କରିବା ଓ ବ୍ରହ୍ମଚର୍ଯ୍ୟ ପାଳନ କରିବା । ନିୟମର ଅର୍ଥ ଶାରୀରିକ, ମାନସିକ କ୍ରିୟା କଳାପରେ ଶୁଦ୍ଧତା, ଅନ୍ତରରେ ପ୍ରସନ୍ନତା, ତପସ୍ୟା, ପୂଜାପାଠ କରିବା ଓ ଭଗବାନଙ୍କୁ ପ୍ରଣାମ । ଆସନର ଅର୍ଥ ସୁଖପୂର୍ବକ ସ୍ଥିର ଭାବେ ପୃଷ୍ଠ, ଶିର, ଗ୍ରୀବା ଇତ୍ୟାଦି ଶରୀରର ଉପରି ଭାଗ ସିଧା କରି ଦୃଷ୍ଟି ନାସାଗ୍ରକୁ ରଖି ରକ୍ତକମ୍ବଳ ଆସନରେ ବସିବାକୁ ବୁଝାଏ । ପ୍ରାଣାୟାମକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ପ୍ରାଣର ଅର୍ଥ ପ୍ରଶ୍ୱାସ ନେବା, ନିଃଶ୍ୱାସ ତ୍ୟାଗ କରିବା ଏବଂ ଆୟାମର ଅର୍ଥ ବିସ୍ତୃତ । ତେଣୁ ପ୍ରାଣକୁ ବିସ୍ତୃତ କରିବା ବା ଦୀର୍ଘ ଜୀବନ ଲାଭ କରିବା । ପ୍ରତ୍ୟାହାରର ଅର୍ଥ ଇନ୍ଦ୍ରିୟକୁ ଭୋଗ ବିଳାସରୁ ନିବୃତ୍ତ ରଖିବା । ଧାରଣର ଅର୍ଥ ପ୍ରାଣାୟାମ ପରେ ଚିତ୍ତର ଚଞ୍ଚଳତାକୁ ଦୂର କରିବା ପାଇଁ କେନ୍ଦ୍ରୀଭୂତ କରିବା । ଧ୍ୟାନ ଅର୍ଥ ମନର ସ୍ଥିରତାକୁ ଧ୍ୟାନ କୁହାଯାଏ । ସମାଧିର ଅର୍ଥ ଯେତେବେଳେ ଜୀବାତ୍ମା ଓ ପରମାତ୍ମା ସାମ୍ୟବସ୍ଥାରେ ଉପନୀତ ହୁଏ, ଅର୍ଥାତ୍, ଆତ୍ମା ଓ ମନର ଏକତ୍ର ହେବା ।

ଉପରୋକ୍ତ ଆସନ ଏବଂ ପ୍ରାଣାୟାମ କରିବା ଦ୍ୱାରା ଶରୀର ନୀରୋଗ ରହିବା ସଙ୍ଗେ ସଙ୍ଗେ ବ୍ୟାଧି ପ୍ରତିରୋଧକ କ୍ଷମତା ବୃଦ୍ଧି ପାଏ । ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୁଏ । ମୁଖ ମଣ୍ଡଳରେ କାନ୍ତି ବୃଦ୍ଧି ପାଏ, ବର୍ଣ୍ଣରେ ଉଜ୍ଜ୍ୱଳତା ଆସେ । ମନରେ ଉତ୍ସାହ ସୃଷ୍ଟି ହୁଏ ଏବଂ ନିର୍ଭୟତା ଭାବ ପ୍ରକାଶ ପାଏ । ଏତଦବ୍ୟତୀତ ମଧୁମେହ, ଉଚ୍ଚ ରକ୍ତଚାପ, କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ ।

**–ଡା. ଆଶିଷ ବାନାର୍ଜୀ**
ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ଯୋଗର ବିଶ୍ୱ ଭାଷା

**ଶ୍ରୀ ଶ୍ରୀ ରବିଶଙ୍କର**

**କେ**ତେକ ଭାବନ୍ତି ଯୋଗ କେବଳ ଏକ ପ୍ରକ୍ରିୟା, ଯାହା ସେମାନଙ୍କୁ ଶିଖିବାକୁ ପଡ଼ିବ। କିନ୍ତୁ ଜନ୍ମ ହେଉଥିବା ପ୍ରତ୍ୟେକ ନବଜାତକ ନିର୍ଦ୍ଧାରିତ ଭାବେ ଜଣେ ଜଣେ ଯୋଗୀ। ଲକ୍ଷ୍ୟ କଲେ ଅନୁଭବ କରିପାରିବେ, ଶିଶୁ ସ୍ୱାଭାବିକ ଭାବେ ଶୋଇବା ବେଳେ ମୁଦ୍ରା ଗ୍ରହଣ କରେ, ଗଭୀର ଭାବେ ଉ ଦ ର



ଦ୍ୱା ରା ଶ୍ୱା ସ ନି ଏ , ଯୋଗୀ ପରି ଅଙ୍ଗ ଟାଣେ ଏବଂ ପାଚନ, ରୋଗ ପ୍ରତିରୋଧକ ଶକ୍ତି ଓ ଶକ୍ତିଶାଳୀ ମେରୁଦଣ୍ଡ ପାଇଁ ଉପକାରୀ ଅଭିନ୍ନ ଅଙ୍ଗସ୍ଥିତି ନେଉଛି। ଆମେ ସମସ୍ତେ ଜନ୍ମସିଦ୍ଧ ଯୋଗୀ। ଯଦି ସେଇ ଶିଶୁର ସ୍ୱଭାବ ଓ ସ୍ୱାଭାବିକ ସମନ୍ୱୟ ଆମ ସହିତ ରହିଥାନ୍ତା, ତେବେ ଯୋଗ ଶିଖିବାର ଆବଶ୍ୟକତା ରହି ନ ଥା'ନ୍ତା। କିନ୍ତୁ ବୟସ ବଢ଼ିବା ସହିତ ଆମେ ସଂସ୍କାର ଓ ପ୍ରଭାବକୁ ଆଦରି ଥାଉ, ଯାହା ଆମର ମନକୁ ଆଚ୍ଛାଦିତ କରିଦିଏ, ଆମର ସନ୍ତୁଳନକୁ ଭଙ୍ଗ କରିଦିଏ। ଏହି ମୂଳ ପ୍ରକୃତି ହରାଇ ଆମେ ଆମ ସନ୍ତୁଳନ ଏବଂ ଶାନ୍ତି ହରାଉ। ଏଥିପାଇଁ ଯୋଗ ଓ ସାଧନା ଦେହର ସନ୍ତୁଳନ, ମନ ଏବଂ ଭାବନାରେ ସମନ୍ୱୟ ପୁନଃସ୍ଥାପନ କରିବା ପାଇଁ ନିହାତି ଆବଶ୍ୟକ।

ଆପଣ ଯାହାବି ହୁଅନ୍ତୁ ଦରକାର ମନର ସ୍ୱଷ୍ଟତା, ଶରୀରରେ ଶକ୍ତି ଓ ହୃଦୟରେ ଶାନ୍ତି। ଯୋଗ ଅର୍ଥ ନୁହେଁ ଯେ ଜୀବନରୁ ଅଲଗା ହେବ। ଏହାର ଅର୍ଥ ହେଉଛି ଘଟଣା ଓ ପରିଣାମରେ ବୁଡ଼ି ଯିବା ଛାଡ଼ି ଜୀବନକୁ ଏକ ସଂପୂର୍ଣ୍ଣ ଭାବେ ଅନୁଭବ କରିବା। ଏହି ଦକ୍ଷତା ସମସ୍ତଙ୍କ ପାଇଁ ଦରକାର।

ମହର୍ଷି ପତଞ୍ଜଳି ଯିଏ ହଜାର ହଜାର ବର୍ଷ ଆଗରୁ ଏହି ଗଭୀର ଆନ୍ତରିକ ବିଜ୍ଞାନକୁ ସୂତ୍ର ରୂପରେ ନିବନ୍ଧନ କରିଥିଲେ। ତାଙ୍କର ‘ଯୋଗସୂତ୍ର’ ଆଜି ବି ମନ ଓ ଭାବନା ପାଇଁ ଏକ ସନାତନ ଦିଗ୍‌ଦର୍ଶନ। ମାତ୍ର ଅନେକେ ଭୁଲ୍ ବୁଝନ୍ତି ଯେ, ଯୋଗ ଏକ ଧର୍ମ ବା କେବଳ ଅଂଗ ଅଭ୍ୟାସ ଶାରୀରିକ ବ୍ୟାୟାମରେ ସୀମିତ। କିନ୍ତୁ ଯୋଗ ମାନବଜାତିର। ଏହା ନିଜକୁ ଜାଣିବା ଏବଂ ତାହା ଦ୍ୱାରା ବିଶ୍ୱ ସହିତ ଗଭୀର ସଂଯୋଗ ତିଆରି କରିବାର ଏକ ପଥ।

ଯୋଗ ଶରୀର ରସାୟନକୁ ସମନ୍ୱୟ କରେ, ଯାହା ଆମକୁ ଶାରୀରିକ, ମାନସିକ, ଭାବନାତ୍ମକ ଓ ଆଧ୍ୟାତ୍ମିକ ଭାବେ ପ୍ରଭାବିତ କରେ। ‘ଏନ୍‌ଆଇଏମ୍‌ଏଚ୍‌ଏଏନ୍‌ଏସ୍’ର ଏକୀଭୂତ ଔଷଧ (ଇଣ୍ଟିଗ୍ରେଟେଡ୍ ମେଡିସିନ) ବିଭାଗ ଦ୍ୱାରା କୃତ ଅନୁସନ୍ଧାନରେ ପ୍ରମାଣିତ ହୋଇଛି ଯେ, ଯୋଗ ସ୍ନାୟୁବିଜ୍ଞାନ ଓ ମାନସିକ ରୋଗର ଚିକିତ୍ସାରେ ଉପକାରୀ। ଶ୍ରୀଶ୍ରୀ ଇନ୍‌ଷ୍ଟିଚ୍ୟୁଟ ଅଫ ଅଗ୍ରିମ ଅନୁସନ୍ଧାନ ଦ୍ୱାରା କୃତ ଅନ୍ୟାନ୍ୟ ଅନୁସନ୍ଧାନରେ ମଧ୍ୟ ଦେଖାଯାଇଛି ଯେ, ଯୋଗ ରୋଗ ପ୍ରତିରୋଧକ ବୃଦ୍ଧି, ବାର୍ଦ୍ଧକ୍ୟ ରୋକିବା, ପାରାସିମ୍ପାଥେଟିକ ସିଷ୍ଟମକୁ ସକ୍ରିୟ କରିବା, ଡୋପାମିନ ଉତ୍ପାଦନ ବୃଦ୍ଧି, ନିଶାମୁକ୍ତିରେ ସାହାଯ୍ୟ, ମସ୍ତିଷ୍କରେ ଗ୍ରେମାଟର ବୃଦ୍ଧି, ଉଦାସୀନତା ଓ ନିଦ୍ରାହୀନତାରେ ଆରାମ ଦେଇଥାଏ। ତତ୍‌ସହିତ ଏହା ଆପଣଙ୍କୁ ବର୍ତ୍ତମାନକୁ ଆଣେ, ଯେଉଁଠି ନକାରାତ୍ମକ ଚିନ୍ତାଗୁଡ଼ିକୁ ଛାଡ଼ି ଗଭୀର ଶାନ୍ତି ଓ ଆନନ୍ଦ ଅନୁଭବ କରିପାରିବେ।

# ଯୋଗ: ଏଚ୍‌ଆଇଭି ଯୋଦ୍ଧାଙ୍କ ପାଇଁ ସଞ୍ଜୀବନୀ

**ଯୋ**ଗ କେବଳ ଶାରୀରିକ ବ୍ୟାୟାମ ନୁହେଁ, ଏହା ନିରାମୟ ଜୀବନଯାପନର ଏକ ବୈଜ୍ଞାନିକ ଉପାୟ। ଏଥିସହିତ ସୁସ୍ଥ ସମାଜ ଗଠନ ପାଇଁ ଏହା ଏକ ସୁଲଭ ଏବଂ ପ୍ରଭାବଶାଳୀ ମାଧ୍ୟମ। ଯୋଗର ସାଧାରଣ ଲାଭଗୁଡ଼ିକ ଜଣାଶୁଣା ହେଲେ ମଧ୍ୟ, ଏଚ୍‌ଆଇଭି/ଏଡ୍‌ସ(ପିଏଲ୍‌ଏଚ୍‌ଆଇଭି) ସହିତ ବଞ୍ଚୁଥିବା ଲୋକଙ୍କ ଉପରେ ଏହାର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ। ଏଚ୍‌ଆଇଭି ସହିତ ବଞ୍ଚିବା କେବଳ ଏକ ଅବସ୍ଥା ନୁହେଁ – ଏହା ଭାବପ୍ରବଣ, ଶାରୀରିକ ଏବଂ ସାମାଜିକ ଚ୍ୟାଲେଞ୍ଜ ଆଣିଥାଏ, ଯାହା ପାଇଁ ଏକ ସାମଗ୍ରିକ ଯତ୍ନ ଆବଶ୍ୟକ। କେତେକ ଯୌଗିକ ଆସନ ଏବଂ ଶ୍ୱାସକ୍ରିୟା ଅଭ୍ୟାସ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନ ବୃଦ୍ଧି ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟତା କରେ। ଯୋଗ, ଭାବପ୍ରବଣ ସନ୍ତୁଳନକୁ ବୃଦ୍ଧି କରେ। କ୍ଳାନ୍ତ ହ୍ରାସ କରିବାରେ ସାହାଯ୍ୟ କରେ ଏବଂ ଯନ୍ତ୍ରଣାକୁ କମ୍ କରେ। ନିୟମିତ ଯୋଗ ଅଭ୍ୟାସ ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଡିପ୍ରେସନର ଲକ୍ଷଣକୁ ହ୍ରାସ କରେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହଯୋଗ କରେ। ଯଦିଓ ଏହା ଚିକିତ୍ସାର ବିକଳ୍ପ ନୁହେଁ, ଯୋଗ ଜୀବନର ଗୁଣବତ୍ତା ବୃଦ୍ଧି କରିପାରିବ ଏବଂ ପାର୍ଶ୍ୱପ୍ରତିକ୍ରିୟାକୁ ହ୍ରାସ କରିପାରିବ। ସାରା ବିଶ୍ୱରେ ଗବେଷଣା ଏବଂ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଭିଜ୍ଞତା ଯୋଗକୁ ଏଚ୍‌ଆଇଭି ଯତ୍ନ କାର୍ଯ୍ୟକ୍ରମରେ ଏକ ସମନ୍ୱିତ ସ୍ୱାସ୍ଥ୍ୟ ହସ୍ତକ୍ଷେପ ଭାବରେ ସ୍ୱୀକାର କରିବାକୁ ଆରମ୍ଭ କରିଛି। ଏଚ୍‌ଆଇଭି/ଏଡ୍‌ସ ସହିତ ବଞ୍ଚୁଥିବା ଲୋକଙ୍କ ପାଇଁ ଏହା ମର୍ଯ୍ୟାଦା, ସଶକ୍ତୀକରଣର ପଥ ପ୍ରଦର୍ଶନ କରେ। ଭାରତ ବିଶ୍ୱ ଯୋଗ ଆନ୍ଦୋଳନର ନେତୃତ୍ୱ ନେବା ଜାରି ରଖିଥିବାରୁ, ଏହାକୁ ସ୍କୁଲ, କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା କେନ୍ଦ୍ରଗୁଡ଼ିକରେ ସଂଯୋଜିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆସନ୍ତୁ ଯୋଗକୁ କେବଳ ଗୋଟିଏ ଦିନ ପାଇଁ ନୁହେଁ, ବରଂ ନିଜ ପାଇଁ ଏବଂ ସାମୂହିକ ମଙ୍ଗଳ ପାଇଁ ଏକ ଦୈନନ୍ଦିନ ନିବେଶ ଭାବରେ ଗ୍ରହଣ କରିବା।



**–ସ୍ମୃତି ସାଗରିକା କାନୁନ୍‌ଗୋ**




ଓଡ଼ିଶା ଶାସନ
DSPL - 132

**ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ଏକ ଦଶନ୍ଧିର ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସମସ୍ତ ଓଡିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ସାରା ବିଶ୍ୱକୁ ପ୍ରାଚୀନ ଭାରତୀୟ ପରମ୍ପରାର ଏକ ମହାନ ଅବଦାନ ହେଉଛି ଯୋଗ । ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ ଏକ ଶକ୍ତିଶାଳୀ ମାଧ୍ୟମ । ନିୟମିତ ଯୋଗାଭ୍ୟାସ କରୁଥିବା ବ୍ୟକ୍ତି ସୁସ୍ଥ, ଆନନ୍ଦମୟ ଓ ଧୈର୍ଯ୍ୟଶୀଳ ହୋଇପାରିଥାଏ । ଏହା ଆମର ମନୋସ୍ଥିତି ଶାନ୍ତ ରଖିବା ସହିତ ଆତ୍ମ ସଂଯମ ମଧ୍ୟ ବୃଦ୍ଧି କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଉଦ୍ୟମ ଯୋଗୁଁ ଆଜି ଯୋଗ ସାରା ବିଶ୍ୱରେ ଲୋକପ୍ରିୟତା ଅର୍ଜନ କରିଛି ।

ଚଳିତ ଅନ୍ତର୍ଜାତୀୟ ଯୋଗ ଦିବସର ଅନୁଚିନ୍ତା ହେଉଛି “ଏକ ପୃଥିବୀ, ଏକ ସାସ୍ଥ୍ୟ ପାଇଁ ଯୋଗ” । ଆସନ୍ତୁ, ଏଥିରେ ଅନୁପ୍ରାଣିତ ହୋଇ ଯୋଗକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏହାର ସୁଫଳକୁ ଆହୁରି ସୁଦୂର ପ୍ରସାରୀ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡିଶା



ଓଡ଼ିଶା ଶାସନ

**୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ମାନ୍ୟବର ସାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା**

୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଏହି ଦିନଟି କେବଳ ଏକ ପର୍ବ ନୁହେଁ; ଏହା ଆମ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ଏବଂ ଏକ ସୁସ୍ଥ ଭବିଷ୍ୟତ ଗଠନ କରିବାର ଏକ ସୁଯୋଗ । ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଆମେ ସାମଗ୍ରିକ ଭାବରେ ସୁସ୍ଥ ରହିବା ସହିତ ଆମ ଦେଶ, ରାଜ୍ୟ ତଥା ସମାଜ ପ୍ରତି ଆମ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିପାରିବା ।

ଆସନ୍ତୁ, ଆମେ ଏହି ବିଶ୍ୱମଞ୍ଚରେ ଆମର ପ୍ରାଚୀନ ଯୋଗ ଜ୍ଞାନକୁ ସମ୍ମାନ ଦେଇ, ଏହି ଯୋଗ ଦିବସର ମୁଖ୍ୟ ବିଷୟ “ଏକ ପୃଥିବୀ, ଏକ ସାସ୍ଥ୍ୟ ପାଇଁ ଯୋଗ” ମାଧ୍ୟମରେ ଏକ ସୁନ୍ଦର, ସୁସ୍ଥ ଓ ସମୃଦ୍ଧ ଓଡିଶା ଗଢିବାରେ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ।

(ଡ. ମୁକେଶ ମହାଲିଙ୍ଗ)
ସାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ, ଓଡିଶା

OIPR-10056/13/0008/2526

# ସ୍ମାର୍ଟ କୃଷି ପଦ୍ଧତିରେ ଚାଷୀଙ୍କୁ ଅଧିକ ସଫଳତା ମିଳିଛି

ଭୁବନେଶ୍ୱର,୨୦।୬(ସୁଚିସ୍ମିତା ସାହୁ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ତିନିଦିନିଆ ଡିଜିଟାଲ କୃଷି କ୍ଷେତ୍ରରେ ଶିକ୍ଷା ସମ୍ପ୍ରସାରଣ କୌଶଳକୁ ନେଇ ଶୁକ୍ରବାର ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କହିଛନ୍ତି ଯେ, ସ୍ମାର୍ଟ କୃଷି ପଦ୍ଧତି ପ୍ରୟୋଗ ଫଳରେ ଚାଷୀଙ୍କୁ ଅଧିକ ସଫଳତା ମିଳିପାରୁଛି। ତେବେ କୃଷି କ୍ଷେତ୍ରରେ ଶିକ୍ଷା ସମ୍ପ୍ରସାରଣର ଅଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ କୁଳପତି ଅନୁରୋଧ କରିଛନ୍ତି । ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା ସହ କୃଷି କ୍ଷେତ୍ରର ବିଭିନ୍ନସ୍ତରୀୟ ଭିଡ଼ିଓ, ଅଡିଓ, ଗ୍ରାଫିକ୍ସ ପାଇଁ ଏହାର ବ୍ୟବହାର ଚାଷୀଙ୍କୁ ଅନେକ ସହାୟକ ହୋଇପାରିବ। ଉନ୍ନତ ତଥା ଆଧୁନିକ କାର୍ଯ୍ୟପନ୍ଥା ଆପଣେଇ ଚାଷୀଙ୍କ ଉପଯୋଗୀ ବଜାର ବ୍ୟବସ୍ଥା, ନୂତନ ପ୍ରଣାଳୀ ପ୍ରଣୟନ ପାଇଁ ଏହି ୩ ଦିନିଆ ଆଲୋଚନାଚକ୍ର ବେଶ ସହାୟକ ହେବ ବୋଲି ପ୍ରଫେସର ରାଉଳ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓୟୁଏଟିର ପୂର୍ବତନ ଅଧ୍ୟକ୍ଷ ଡ଼. ସନ୍ତୋଷ କୁମାର ରାଉତ ଯୋଗଦେଇ ଡିଜିଟାଲ କୃଷି ପଦ୍ଧତି ଚାଷୀଙ୍କୁ ଲାଭାନ୍ୱିତ କରିପାରିବା ସହିତ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଆୟ ବୃଦ୍ଧିରେ ସହାୟକ ହେବ ବୋଲି କହିଛନ୍ତି। ଆଇସିଏଆରର ପୂର୍ବତନ ଡିଡିଜି (ସମ୍ପ୍ରସାରଣ) ଡ. ପି. ଦାସ, କୃଷି କ୍ଷେତ୍ରରେ ଡିଜିଟାଲ ଟୁଲର ଆବଶ୍ୟକତା ଏବଂ ଚାଷୀ ଉପଯୁକ୍ତ ଭାବେ କୃଷି ପଦ୍ଧତିକୁ କିପରି ବ୍ୟବହାର କରିପାରିବେ ସେ ନେଇ ଯତ୍ନବାନ ହେବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ଚାଷୀଙ୍କୁ କୃଷି କ୍ଷେତ୍ରରେ ବୈଷୟିକ ଶିକ୍ଷାଦାନ ଦେବା ଜରୁରୀ । ଉନ୍ନତ ତଥା ସ୍ମାର୍ଟ ଯନ୍ତ୍ରପାତି ବ୍ୟବହାର ସେମାନଙ୍କୁ ଲାଭ ପ୍ରଦାନ କରିପାରିବ ବୋଲି କେନ୍ଦ୍ର କୃଷି ଓ ଯୋଜନା ଆୟୋଗର ପୂର୍ବତନ ପରାମର୍ଶଦାତା ଡ. ଭି. ଭି. ସଦାମତେ କହିଛନ୍ତି । ଏହି ଅବସରରେ ଏକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଛି। ଏହାସହ ସମ୍ପ୍ରସାରଣ ସମାଜ ପକ୍ଷରୁ ବୈଜ୍ଞାନିକ, ଚାଷୀଙ୍କୁ ସମ୍ମାନିତ କରାଯାଇଛି। ବାଂଲାଦେଶ ଢ଼ାକା ସି.ଆଇ.ଆର.ଡି.ଏ.ପି. ମହାନିର୍ଦ୍ଦେଶକ ଡଃ ପି. ଚନ୍ଦ୍ର ଶେଖର ଏବଂ ୟୁ.ଏ.ଏସ. ବାଙ୍ଗାଲୋରର ପୂର୍ବତନ କୁଳପତି ତଥା ଅଧ୍ୟକ୍ଷ ଡ. କେ. ନାରାୟଣ ଗୌଡ଼ା ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ଼. ଚକ୍ରଧର ପାତ୍ର ପରିଚାଳନା କରିଥିଲେ । ଓୟୁଏଟି କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହୃଷିକେଶ ପାତ୍ର ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିବାବେଳେ କାର୍ଯ୍ୟକ୍ରମ ସମ୍ପାଦକ ପ୍ରଫେସର ମହାମାୟା ନାୟକ ଧନ୍ୟବାଦ ଦେଇଥିଲେ ।

## ଓୟୁଏଟିରେ ଡିଜିଟାଲ କୃଷି କ୍ଷେତ୍ରରେ ଶିକ୍ଷା ସମ୍ପ୍ରସାରଣ କୌଶଳକୁ ନେଇ ଜାତୀୟ ଆଲୋଚନାଚକ୍ର



ସମ୍ପ୍ରସାରଣ ସମାଜ ପକ୍ଷରୁ ବୈଜ୍ଞାନିକ ଓ ଚାଷୀଙ୍କୁ ସମ୍ମାନିତ କରାଯାଉଛି।

# ବଜ୍ରପାତ ସହ ପବନ ବର୍ଷା, ୨୦ ଜିଲ୍ଲାକୁ ୱାର୍ନିଂ

ଭୁବନେଶ୍ୱର,୨୦।୬(ଅନୁରାଧା ମହାରଣା)

ରାଜ୍ୟର ଅଧିକାଂଶ ସ୍ଥାନରେ ଗତ କିଛିଦିନ ଧରି ବର୍ଷା ଜାରି ରହିଛି। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ସୁନ୍ଦରଗଡ଼ ଜିଲାରେ ବଜ୍ରପାତ ସହ ପ୍ରବଳ ବର୍ଷା ସମ୍ଭାବନା ରହିଥିବାବେଳେ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାରେ ଘଡ଼ଘଡ଼ି ସହ ବିଜୁଳି ଭୟ ରହିଛି। ଏଥିସହ ଏସବୁ ଜିଲାରେ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ନିଂ ଦିଆଯାଇଛି।

# ଜୁଲାଇ ୪ରେ ମୁକ୍ତିଲାଭ କରିବ ‘ଶ୍ରୀଜଗନ୍ନାଥଙ୍କ ନବକଳେବର’



‘ଶ୍ରୀଜଗନ୍ନାଥଙ୍କ ନବକଳେବର’ ପାଇଁ ସିଦ୍ଧ ବଳଦେବଜୀଉଙ୍କୁ ନିମନ୍ତ୍ରଣ ଦିଆଯାଉଛି।

ଭୁବନେଶ୍ୱର, ୨୦।୬ (ସୌମ୍ୟରଞ୍ଜନ ରାଉତ)

ସାଇ ଶ୍ରଦ୍ଧା ପ୍ରଡକ୍ସନ ପକ୍ଷରୁ ‘ଶ୍ରୀଜଗନ୍ନାଥଙ୍କ ନବକଳେବର’ ଚଳଚ୍ଚିତ୍ର ଜୁଲାଇ ୪ରେ ମୁକ୍ତିଲାଭ କରିବାକୁ ଯାଉଛି। ନବକଳେବର ଟିମ ଶୁକ୍ରବାର କେନ୍ଦ୍ରାପଡ଼ାସ୍ଥିତ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରରେ ପ୍ରଥମେ ପହଞ୍ଚି ବଡ଼ଠାକୁରଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ନବକଳେବରକୁ ନେଇ ଏହି ପୌରାଣିକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏଥିରେ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ଜ୍ୟୋତିରଞ୍ଜନ ନାୟକ, ଶିବାନୀ ସଙ୍ଗୀତା, ସୂର୍ଯ୍ୟମୟୀ ମହାପାତ୍ର, ପିଙ୍କି ପ୍ରଧାନ,କୁନା ତ୍ରିପାଠୀ, ଅଂଶୁମାନ, ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଅଭିନୟ କରୁଛନ୍ତି। ଦିଲୀପ ଜେନା ପ୍ରଯୋଜନା ଓ ନିର୍ଦ୍ଦେଶନା ସୌଭାଗ୍ୟଲକ୍ଷ୍ମୀ ଜେନା ଦେଇଛନ୍ତି। ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ। ଡ. ଚନ୍ଦ୍ରଭାନୁ ଶତପଥୀ ଓ ଡ. ନିର୍ମାଣ ନାୟକ ଗୀତ ରଚନା କରିଛନ୍ତି।

# ରଥଯାତ୍ରାରେ ଇସ୍କନର ଅନ୍ନଦାନ ସେବା ବାତିଲ ଦାବି

ଭୁବନେଶ୍ୱର,୨୦।୬(ସୁଚିସ୍ମିତା ସାହୁ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଇସ୍କନ-ଆଦାନି ଅନ୍ନଦାନ ସେବାକୁ ବନ୍ଦ କରାଯାଉ। ଚଳିତବର୍ଷ ଇସ୍କନ ରଥଯାତ୍ରାରେ ଅନ୍ନଦାନ କରିବାକୁ ପୁରୀ ଜିଲାପାଳଙ୍କଠାରୁ ଅନୁମତି ପାଇଛି। ତେବେ ଇସ୍କନ କର୍ତ୍ତୃପକ୍ଷ ଜଗନ୍ନାଥ ସଂସ୍କୃତି ଓ ଗରିମାକୁ ବାରମ୍ବାର ଅପମାନିତ କରି ଦେଶ ଭିତରେ ଓ ବାହାରେ ଅଦିନିଆ ରଥଯାତ୍ରା କରୁଛନ୍ତି। ଏହି ଅଦିନିଆ ରଥଯାତ୍ରା ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଉଲ୍ଲଂଘନ। ତେଣୁ ରଥଯାତ୍ରା ଦିନ ଇସ୍କନର ଅନ୍ନଦାନ ସେବାକୁ ବାତିଲ କରିବା ପାଇଁ ଓଡ଼ିଆ ଅସ୍ମିତା ପରିଷଦର ରାଜ୍ୟ ଆବାହକ ରବି ବେହେରା ଦାବି କରିଛନ୍ତି।

# କୁମ୍ଭୀର ସଂରକ୍ଷଣର ୫୦ ବର୍ଷ ପାଳନ ଅବସରରେ କର୍ମଶାଳା



କୁମ୍ଭୀରମାନଙ୍କ ସଂରକ୍ଷଣ ଏବଂ ବଂଶବୃଦ୍ଧି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଯାଉଛି।

ବାରଙ୍ଗ,୨୦।୬(ଲିଙ୍ଗରାଜ ରାଉତ)

କୁମ୍ଭୀର ସଂରକ୍ଷଣର ୫୦ ବର୍ଷ ପାଳନ ଅବସରରେ ଓଡ଼ିଶାର ପ୍ରକୃତି ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ସୋସାଇଟି ସହଯୋଗରେ ନନ୍ଦନକାନନରେ ଶୁକ୍ରବାର ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଓଡ଼ିଶାର ପ୍ରକୃତି ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ସୋସାଇଟିର ସଦସ୍ୟ, ଚିଡ଼ିଆଖାନା କର୍ମଚାରୀ, ପଶୁ ଚିକିତ୍ସକ, କୁମ୍ଭୀର ରକ୍ଷକ ଓ ଗବେଷକ, ଚିଡ଼ିଆଖାନା ସ୍ୱେଚ୍ଛାସେବୀଙ୍କ ସମେତ ମୋଟ ୬୦ ଜଣ ଅଂଶଗ୍ରହଣ କରିଥିଲେ। ଏଥିରେ ପୂର୍ବତନ ପିସିସିଏଫ୍ ତଥା ବନ୍ୟପ୍ରାଣୀ ସଂରକ୍ଷଣ ସୋସାଇଟି ସଭାପତି ସରୋଜ କୁମାର ପଟ୍ଟନାୟକ ଏବଂ କୁମ୍ଭୀର ବିଶେଷଜ୍ଞ ତଥା ପ୍ରଫେସର ସୁଦର୍ଶନ ମହାରଣା ଯୋଗଦେଇ କୁମ୍ଭୀର ସଂରକ୍ଷଣ, ସୁରକ୍ଷା ଓ ସେମାନଙ୍କ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଡକ୍ୟୁମେଣ୍ଟାରୀ ମାଧ୍ୟମରେ ଓଡ଼ିଶାରେ ଘଡ଼ିଆଳ କୁମ୍ଭୀର ସଂରକ୍ଷଣକୁ ନେଇ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ପରେ ଓଡ଼ିଶା ଏବଂ ନନ୍ଦନକାନନରେ କୁମ୍ଭୀର ସଂରକ୍ଷଣରେ ପ୍ରମୁଖ ଭୂମିକା ଥିବା ଜନ୍ତୁରକ୍ଷକ ସଞ୍ଜୟ ଦାଶ, ଅଜୟ ହାଂସଦା, ଅଜିତ ସୋରେନ, ପଠାଣି ଜେନା, ଭୁଜରଥ ଦାଶ ଏବଂ ତ୍ରିଲୋଚନ ସାମଲ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିଡ଼ିଆଖାନା ସ୍ୱେଚ୍ଛାସେବୀ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ କଲେଜର ଛାତ୍ରୀଛାତ୍ରଙ୍କୁ ନିଆଯାଇ ପରିସରରେ ଥିବା ଘଡ଼ିଆଳ ଏବଂ ମଗର କୁମ୍ଭୀର ଟାଙ୍କିକୁ ନିଆଯାଇ ସେଠାରେ କିପରି ସେମାନଙ୍କ ଯତ୍ନ, ସୁରକ୍ଷା, ବଂଶବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଉଛି ତାହା ବୁଝାଯାଇଥିଲେ।

# ଡିଏମଏଫ୍ ପକ୍ଷରୁ ବିଶ୍ୱ ସଙ୍ଗୀତ, ଯୋଗ ଦିବସ

ଭୁବନେଶ୍ୱର, ୨୦।୬(ସୌମ୍ୟରଞ୍ଜନ ରାଉତ)- ଧ୍ରୁପଦ ମ୍ୟୁଜିକ ଫାଉଣ୍ଡେସନ (ଡିଏମ୍ଏଫ) ପକ୍ଷରୁ ଶୁକ୍ରବାର ବିଶ୍ୱ ସଙ୍ଗୀତ ଓ ଯୋଗ ଦିବସ (ସିଜନ - ୮) ଭଞ୍ଜକଳା ମଣ୍ଡପ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଫାଉଣ୍ଡେସନର ମାଗାଜିନ ‘ଦେବ ବାଣୀ ଧ୍ରୁପଦ ଓଁ ଦ୍ୱମ୍ ଦ ଇଟରନାଲ ଯୌଗିକ ସାଉଣ୍ଡ ଅଫ୍ ଇଣ୍ଡିଆ’କୁ ଉନ୍ମୋଚନ କରିଥିଲେ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଯୋଗ ପ୍ରଶିକ୍ଷିକା ମହାରାଷ୍ଟ୍ରର କେଙ୍କଣରୁ ଅଞ୍ଜୁ ଟାପରିଆଙ୍କ ଧ୍ୟାନ ଧାରଣା, ଗୁରୁ ମୁକୁନ୍ଦଦେବଙ୍କ ସହ ପଞ୍ଜାବରୁ ଆସିଥିବା ତାଙ୍କ ଶିଷ୍ୟ ଶ୍ରେୟାନ୍ସି ପହ୍ୱା ଧ୍ରୁପଦ ଗାୟନ ସହ କୋଲକାତାରୁ ମିଥୁନ ଚକ୍ରବର୍ତ୍ତୀ ପଖଜ ବାଦନରେ ରହିଥିଲେ। ଦ୍ୱିତୀୟ ଓ ଶେଷ ପ୍ରସ୍ତୁତିରେ ପଦ୍ମଶ୍ରୀ ଉସ୍ତାଦ ଫୟାଜ ୱାସିଫୁଦ୍ଦିନ ଡାଗରଙ୍କ ଆଳାପ ଯୋଡ ଓ ଝାଲା ଗାୟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର୍ ଡ. ବିଧୁ କଲ୍ୟାଣ ମହାନ୍ତି ସମ୍ମାନୀତ ଅତିଥି ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ସ୍ୱାମୀ ସଦାନନ୍ଦ ସରସ୍ୱତୀ, ଗୁରୁ ବିଜୟାନନ୍ଦ ନାୟକ ଓ ମନବୈଜ୍ଞାନିକ ଡ. ଶ୍ରେୟା ପହୱା ପ୍ରମୁଖ ଉପସ୍ଥିତ ଥିଲେ।

# ‘ସମକାଳୀନ ଓଡ଼ିଆ କବିତାର ସୁବର୍ଣ୍ଣ ଶତକ’ ଉନ୍ମୋଚନ

ଭୁବନେଶ୍ୱର, ୨୦।୬ (ସୌମ୍ୟରଞ୍ଜନ ରାଉତ)

ମାତୃଭୂମି ଓ ମାତୃଭାଷା ପରିବାର ପକ୍ଷରୁ ୫୦ତମ କବିତା ଆସର ଓ ‘ସମକାଳୀନ ଓଡ଼ିଆ କବିତାର ସୁବର୍ଣ୍ଣ ଶତକ’ ପୁସ୍ତକ ଗୁରୁବାର ଗୀତଗୋବିନ୍ଦ ସଦନରେ ଲୋକାର୍ପିତ ହୋଇଯାଇଛି। ସଂସ୍କୃତ ବିଦ୍ୱାନ ପ୍ରଫେସର ସିନିରୁଦ୍ଧ ଦାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଛାତ୍ର ପ୍ରତ୍ୟୁଂଶ କୁମାର ବେଦମନ୍ତ୍ର ପାଠ କରିଥିବାବେଳେ କଣ୍ଠଶିଳ୍ପୀ ପ୍ରଦୀପ୍ତ ସୁନ୍ଦର ମହାରଣା ଭକ୍ତି ବନ୍ଦନା ଗାନ କରିଥିଲେ। ଏହି ଅବସରରେ ୧୮ଟି ଜିଲାରୁ ୩୫ଜଣ କବି ଓଡ଼ିଆ ଜାତୀୟତା ଓ ରାଷ୍ଟ୍ରୀୟତା ଉପରେ ଆଧାରିତ କବିତାପାଠ କରିଥିଲେ। ସଭାରେ ନାଇଜରର ପ୍ରଶାସକ ଡ. ଅଭୟ କୁମାର ନାୟକ, ବାଗ୍ମୀ ବାବାଜୀ ସନ୍ଥ ସୁଜାତାନନ୍ଦ ଦାସ, ରାଜଯୋଗିନୀ ଦୁର୍ଗେଶନନ୍ଦିନୀ ଭଉଣୀ, ଭାଷାବିତ୍ ଡ.ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପାଲା ସାହିତ୍ୟ ଗବେଷକ ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମ ଅଧ୍ୟକ୍ଷତାରେ ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। କାଶୀନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମୋବାଇଲ ଚୋରି, ଆନ୍ତଃରାଜ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୬ (ସତ୍ୟଜିତ୍ ରାଉତ): ଏମ୍ସ ନର୍ସିଂ ଛାତ୍ରୀଙ୍କଠାରୁ ମୋବାଇଲ ଚୋରି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଝାଡ଼ଖଣ୍ଡ ସାହେବଗଞ୍ଜ ଜିଲା ରାଜମହଲ ଥାନା ଅଞ୍ଚଳର ସୋନୁ ନୋନିୟା (୨୮)। ତାଙ୍କଠାରୁ ୨ଟି ଚୋରା ମୋବାଇଲ ଜବତ ହୋଇଛି। ଶୁକ୍ରବାର କୋର୍ଟଚାଲାଣ ପରେ ସୋନୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଛାତ୍ରୀ ହେଲେ ରୂପମ କୁମାରୀ। ଗୁରୁବାର ଅପରାହ୍ନ ୨ଟାରେ ଡ୍ୟୁଟି ସରିବା ପରେ ଘରକୁ ଫେରିବା ଲାଗି ସେ ଏମ୍ସ ହସ୍ପିଟାଲ ଛକ ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ସେଠାରୁ ରୂପମ ଆମ ବସ୍‌ରେ ଚଢୁଥିବାବେଳେ ତାଙ୍କ ଭ୍ୟାନିଟି ବ୍ୟାଗରୁ କୌଶଳକ୍ରମେ ମୋବାଇଲ ଫୋନକୁ ସୋନୁ ଚୋରି କରି ନେଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୦୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଟିମ୍ ବରମୁଣ୍ଡା ଅଞ୍ଚଳରେ ଚଢ଼ାଉ କରି ସୋନୁଙ୍କୁ କାବୁ କରିଥିଲା।

# ୩ଦଫା ଦାବି ରଖିଲା ଇଞ୍ଜିନିୟରିଂ ୱାର୍କଚାର୍ଜଡ୍ / ରେଗୁଲାର ଓ ଅବସରପ୍ରାପ୍ତ କର୍ମଚାରୀ କ୍ରିୟାନୁଷ୍ଠାନ କମିଟି

ଭୁବନେଶ୍ୱର,୨୦।୬(ବନ୍ଦନା ସେଠୀ)

‘ଓଡ଼ିଶା ଇଞ୍ଜିନିୟରିଂ ୱାର୍କଚାର୍ଜଡ୍/ ରେଗୁଲାର ଓ ଅବସରପ୍ରାପ୍ତ କର୍ମଚାରୀ କ୍ରିୟାନୁଷ୍ଠାନ କମିଟି’ ପକ୍ଷରୁ ଦାବି ସମୂହ ସଭା ଶୁକ୍ରବାର କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ବିଶେଷକରି ଏନ୍ଏମ୍ଏଆର/ଡିଏଲ୍ଆର ଚାକିରିର ଯୋଗଦାନ ତାରିଖରୁ ୱାର୍କଚାର୍ଜଡ୍‌କୁ ରୂପାନ୍ତରିତ ହେବା ପର୍ଯ୍ୟନ୍ତ ପି.ଜି. ଆକ୍ଟ ୧୯୭୨ ଅନୁସାରେ ଗ୍ରାଚ୍ୟୁଇଟି ପ୍ରଦାନ, ୱାର୍କଚାର୍ଜଡ୍ କର୍ମଚାରୀଙ୍କ ନିମନ୍ତେ ଅବୈତନିକ ଛୁଟିକୁ ଦୃଷ୍ଟି ଦେଇ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ କର୍ମଚାରୀଙ୍କୁ ଅବ୍ୟବହୃତ ଛୁଟି ଦରମା ପ୍ରଦାନ ଏବଂ ୱାର୍କଚାର୍ଜଡ୍ ଓ ୱାର୍କଚାର୍ଜଡ୍‌ରୁ ନିୟମିତ ହୋଇ ଚାକିରିରୁ ଅବସର ନେଇଥିବା କର୍ମଚାରୀଙ୍କୁ ‘ଓପିଏସ୍ ନିୟମ ୧୯୯୨’ ଅନୁସାରେ ପେନ୍‌ସନ୍ ପ୍ରଦାନ ଆଦି ଦାବି ସମୂହ ଉପରେ ଆଲୋଚନା ହୋଇଥିଲା। ଏହି କ୍ରମରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଲୋଚନାରେ ଗ୍ରାମ୍ୟ ନିର୍ମାଣ, ଜଳସମ୍ପଦ, ପୂର୍ତ୍ତ, ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ବିଭାଗର ପ୍ରମୁଖ କର୍ମଚାରୀ ନେତୃମଣ୍ଡଳୀ ଗିରୀଶ ନନ୍ଦ, ସୁଶାନ୍ତ ମହାକୁଡ଼, ଦିଲୀପ ଭୂୟାଁ, ବସନ୍ତ ମନ୍ତ୍ରୀ, ଚିତ୍ତ ମହାପାତ୍ର, ସୁନନ୍ଦ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଗ ଦ୍ୱାରା ସମତା, ଶାନ୍ତିର ନିର୍ମାଣ ସମ୍ଭବ

ଭୁବନେଶ୍ୱର, ୨୦।୬ (ସୌମ୍ୟରଞ୍ଜନ ରାଉତ)




ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ନମାମି ଯୋଗ ଏକାଡେମୀ ପକ୍ଷରୁ ଗୁରୁବାର କାଜଲ ଶତପଥୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଏକ ହୋଟେଲ୍‌ରେ ଯୋଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକାଡ଼େମୀ ପକ୍ଷରୁ ଗତିଶୀଳ ଯୋଗାଭ୍ୟାସ ଯଥା- କୁଣ୍ଡାଳିନୀ ଯୋଗ, ଅନ୍ତଃ ଧ୍ୟାନ ଓ ନାଡି ଶୋଧନ ପ୍ରାଣାୟାମ ଉପରେ ଶିକ୍ଷା ଅଧିବେଶନ ରଖାଯାଇଥିଲା। ଯୋଗ ଦିବସର ପ୍ରାଥମିକତାକୁ ଗୁରୁତ୍ୱ ଦେଇ କାଜଲ କହିଛନ୍ତି, ଯୋଗ ଏକ ବୈଷୟିକ ଅଭ୍ୟାସ ନୁହେଁ, ଏହା ଏକ ଆନ୍ତରିକ ଅଭିଯାନ। ଯୋଗ କେବଳ ଏକ ଆସନ ନୁହେଁ, ଏହା ହେଉଛି ଏକ ଜୀବନ ବିଦ୍ୟା, ଯାହା ସହିତ ନୂତନ ପ୍ରଜ୍ଞା, ସମତା ଓ ଶାନ୍ତିର ନିର୍ମାଣ ସମ୍ଭବ। ଏଥିସହ ଚଳିତ ବର୍ଷର ଥିମ ‘ଏକ ବିଶ୍ୱ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ’ ଉପରେ ଅତିଥିମାନେ ଆଲୋଚନା କରିଥିଲେ।

# ଯାତ୍ରା ପୃଥ୍ୱୀରାଜର ଆଖଡ଼ା ପୂଜା

ବାରଙ୍ଗ,୨୦।୬(ଲିଙ୍ଗରାଜ ରାଉତ)- ରାଜଧାନୀ ଉପକଣ୍ଠ ଦାରୁଠେଙ୍ଗ ଗାଁ ମୁଣ୍ଡରେ ପୃଥ୍ୱୀରାଜ ଅପେରାର ଆଖଡ଼ା ପୂଜା ସରିଛି। ଚଳିତବର୍ଷ ଯାତ୍ରାପାର୍ଟିର ମାଲିକାନା ବଦଳିବା ପରେ ଶୁକ୍ରବାର ଆଖଡ଼ା ପୂଜା ସହ ରିହର୍ସାଲ ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିବା ବେଳେ ରିହର୍ସାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ବହୁ ନାମୀଦାମୀ କଳାକାରଙ୍କୁ ନେଇ ନୂଆରୂପରେ ଯାତ୍ରା ପୃଥ୍ୱୀରାଜ ଆଗକୁ ବଢ଼ିବାକୁ ଯାଉଛି ବୋଲି ଖବରଦାତା ସମ୍ମିଳନୀରେ ମାଲିକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ, କବିରାଜ ବିଧାର, ରବୀନ୍ଦ୍ରନାଥ ହରିଚନ୍ଦନ, ମନ୍ମଥ ଛୋଟରାୟ, ପୀତବାସ ପ୍ରଧାନଙ୍କ ସମେତ ଦାରୁଠେଙ୍ଗ ଗ୍ରାମର ବହୁ ମୁରବି ଓ କଳାକାରମାନେ ଉପସ୍ଥିତ ଥିଲେ।

# ବିମୋହିତ କଲା ଗୁରୁ ବନ୍ଦନା

ଭୁବନେଶ୍ୱର, ୨୦।୬ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟ ପ୍ରତିଭା ପକ୍ଷରୁ ୨୫ତମ ବାର୍ଷିକ ନୃତ୍ୟ ପ୍ରତିଭା ଓ ରଜ ପ୍ରତିଭା ଉତ୍ସବର ଦ୍ୱିତୀୟ ସଂସ୍କରଣ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଦଳଗତ ଓ ନୃତ୍ୟ ପଞ୍ଚଭୂତ, ଚଉଷଠୀ ଯୋଗିନୀ, ନଟରାଜ, ସରସ୍ୱତୀ ବନ୍ଦନା, ଜଗନ୍ନାଥାଷ୍ଟକମ୍, ଦୟନା ଫୁଲ ଚୋରି, ବୁଦ୍ଧ, ନାରୀ, ଗାନ୍ଧାରୀ କଥା, ଗୀତ ଗୋବିନ୍ଦ, କାଞ୍ଚି ଅଭିଯାନ ଆଦି ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା। ପରେ ସେମାନେ ଦଳଗତ ଓ ନୃତ୍ୟ ମଙ୍ଗଳା ଚରଣରେ ଗୁରୁ ବନ୍ଦନା, ବାଦ୍ୟ ପଲ୍ଲବୀ ଓ ଅଭିନୟ ‘ଦେଖଗୋ ସଖୀ ଏବଂ ସଖୀଗୋ ଆମ କୁଞ୍ଜକୁ ଆଜ’ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରାଯାଇଥିଲା। ଶେଷ ପ୍ରସ୍ତୁତିଟି ଥିଲା ରଜ ମଉଜ ସଙ୍ଗୀତ। କାର୍ଯ୍ୟକ୍ରମରେ ଅତିଥିଭାବେ ଭୁବନେଶ୍ୱରର ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ପୂର୍ବତନ ଏମ୍‌ପି ପ୍ରଶାନ୍ତ ନନ୍ଦ, ଏକାମ୍ର ବିଧାୟକ ବାବୁ ସିଂ, ଲେଖକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ, ନୃତ୍ୟାଙ୍ଗନା ଗୁରୁ ଦୁର୍ଗା ଚରଣ ରଣବୀର, ଓଡ଼ିଶୀ ନୃତ୍ୟାଙ୍ଗନା ସ୍ନେହପ୍ରଭା ସାମନ୍ତରାୟ, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ନୃତ୍ୟ ପ୍ରତିଭା ସଭାପତି ଡ. ରଜନୀ ରଞ୍ଜନ ଦାଶ, ଉପ ସଭାପତି ବଙ୍କିମ ଚନ୍ଦ୍ର ନାୟକ ଏବଂ ସମ୍ପାଦିକା ପ୍ରତିଭା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ଏମ୍‌ପି ପ୍ରଶାନ୍ତ ନନ୍ଦ, ପ୍ରଫେସର ରାମହରି ଦାସ, ଡ. ସ୍ନେହପ୍ରଭା ସାମନ୍ତରାୟ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଗୁରୁ ଧନେଶ୍ୱର ସ୍ୱାଇଁ, ସଙ୍ଗୀତ ଗୁରୁ ଲକ୍ଷ୍ମୀକାନ୍ତ ପାଳିତ, ଓଡ଼ିଶୀ ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ଭରତ ଚନ୍ଦ୍ର ଗିରି, ଗୁରୁ ନିମକାନ୍ତ ରାଉତରାୟ, ଗୁରୁ ସୁକାନ୍ତ କୁଣ୍ଡୁ, ଗୁରୁ ଚିତ୍ତରଞ୍ଜନ ମଲ୍ଲ, ଗୁରୁ ପୀତାମ୍ବର ବିଶ୍ୱାଳ, ଗୁରୁ ସନାତନ ନାୟକ, ଗୁରୁ ଦେବବ୍ରତ ଦାସ, ଗୁରୁ ସୁଶାନ୍ତ ଦାସ, ଗୁରୁ ପ୍ରଭାତ ସ୍ୱାଇଁ, ଗୁରୁ ମହେଶ୍ୱର ସାହୁ, ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀନିବାସ ଘଟୁଆରୀ, ଉପସ୍ଥାପକ ଡ. ମୃତ୍ୟୁଞ୍ଜୟ ରଥ, ନୃତ୍ୟଶିଳ୍ପୀ ନଳିନୀ ନିହାର ନାୟକ, ନୃତ୍ୟଶିଳ୍ପୀ ସ୍ମୃତିକାନ୍ତ ରାଉତ ଓ ନୃତ୍ୟଶିଳ୍ପୀ ହରି ଟେଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ରାସ୍ତା କାମ କଲାନି ପ୍ରଶାସନ, କଲେ ଯୁବଗୋଷ୍ଠୀ



ଯୁବକମାନେ ରାସ୍ତା ମରାମତି କରୁଛନ୍ତି।

ବାରଙ୍ଗ,୨୦।୬(ଲିଙ୍ଗରାଜ ରାଉତ)

ବର୍ଷା ଦିନ ଆସିଥିବାରୁ ସାମାନ୍ୟ ବର୍ଷାରେ ରାଜରାସ୍ତା ଏବେ ଖାଲଖମାରେ ପରିପୂର୍ଣ୍ଣ ହେଉଛି। ବର୍ଷା ପାଣି ଜମି ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହେଉଛି। ଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଛି। ଅଭିଯୋଗ କଲେ ଶୁଣିବାକୁ କେହି ନାହିଁ। ବାରମ୍ବାର ଯୁବଗୋଷ୍ଠୀଙ୍କଠୁ ଆରମ୍ଭ କରି ସ୍ଥାନୀୟ ଲୋକେ ଏ ଅଫିସରୁ ସେ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଯାଇଥିଲେ ମଧ୍ୟ କେହି ଶୁଣିଲେନି। ଶେଷରେ ଯୁବଗୋଷ୍ଠୀ ଏକାଠି ହୋଇ ନିଜ ଖର୍ଚ୍ଚରେ ରାସ୍ତା ମରାମତି କରିବା ଘଟଣା ଶୁକ୍ରବାର ଅପରାହ୍ନରେ ଦେଖିବାକୁ ମିଳିଛି। ଏ କେଉଁ ଉପାନ୍ତ ଅଞ୍ଚଳର ଘଟଣା ନୁହେଁ। ଏ ହେଉଛି ରାଜଧାନୀ ଭୁବନେଶ୍ୱର ଓ ପୁରୁଣା ରାଜଧାନୀ କଟକ ମଝିରେ ରହିଥିବା ବାରଙ୍ଗ ଅଞ୍ଚଳର ଘଟଣା।

ଲଘୁଚାପ ବର୍ଷାରେ ବାରଙ୍ଗ ରାସ୍ତାର କେତେକ ସ୍ଥାନ ଖାଲଖମାରେ ପରିଣତ ହେବା ସହ ମୁଣ୍ଡୁଳୀ ବ୍ୟାରେଜ ଉପରେ ମଧ୍ୟ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ପର୍ଯ୍ୟାୟକ୍ରମେ ଏହାକୁ ମରାମତି ନ କରିବାରୁ ଧୀରେ ଧୀରେ ଗର୍ତ୍ତର ପରିମାଣ ବଢ଼ି ସାଧାରଣ ଲୋକଙ୍କ ପାଇଁ ଦୁର୍ଘଟଣାର କାରଣ ସାଜିଥିଲା। ଫଳସ୍ୱରୂପ ଏହି ସ୍ଥାନ ଯାତାୟାତରେ ବାଧକ ସାଜିଥିଲା। ଏହାସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟିବା ନିତିଦିନିଆ ଘଟଣା ପାଲଟିଥିଲା। ଏହି ଖାଲକୁ ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ପର୍ଯ୍ୟାୟକ୍ରମେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ବାଧ୍ୟ ହୋଇ ସ୍ଥାନୀୟ ଗ୍ରାମର କେତେଜଣ ସଚେତନ ନାଗରିକ ଯୁବଗୋଷ୍ଠୀଙ୍କୁ ନେଇ ନିଜ ଉଦ୍ୟମରେ ଶୁକ୍ରବାର ଅପରାହ୍ନରେ ମହାନଦୀ ମୁଣ୍ଡଳି ବ୍ୟାରେଜ ଉପରେ ହୋଇଥିବା ବିରାଟ ଗର୍ତ୍ତକୁ ସିମେଣ୍ଟ କଂକ୍ରିଟ ଦେଇ ପୋତିଥିବା ଦେଖିବାକୁ ମିଳିଥିଲା।

**ସଂକ୍ଷେପରେ**

## ମୋବାଇଲ ଚୋରି, ଆନ୍ତଃ ରାଜ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୬ (ସତ୍ୟଜିତ୍ ରାଉତ)

ଏମ୍ସ ନର୍ସିଂ ଛାତ୍ରୀଙ୍କଠାରୁ ମୋବାଇଲ ଚୋରି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଝାଡ଼ଖଣ୍ଡ ସାହେବଗଞ୍ଜ ଜିଲା ରାଜମହଲ ଥାନା ଅଞ୍ଚଳର ସୋନୁ ନୋନିୟା (୨୮)। ତାଙ୍କଠାରୁ ୨ଟି ଚୋରା ମୋବାଇଲ ଜବତ ହୋଇଛି। ଶୁକ୍ରବାର କୋର୍ଟଚାଲାଣ ପରେ ସୋନୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଛାତ୍ରୀ ହେଲେ ରୂପମ କୁମାରୀ। ଗୁରୁବାର ଅପରାହ୍ନ ୨ଟାରେ ଡ୍ୟୁଟି ସରିବା ପରେ ଘରକୁ ଫେରିବା ଲାଗି ସେ ଏମ୍ସ ହସ୍ପିଟାଲ ଛକ ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ସେଠାରୁ ରୂପମ ଆମ ବସ୍‌ରେ ଚଢୁଥିବାବେଳେ ତାଙ୍କ ଭ୍ୟାନିଟି ବ୍ୟାଗରୁ କୌଶଳକ୍ରମେ ମୋବାଇଲ ଫୋନକୁ ସୋନୁ ଚୋରି କରି ନେଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୪୦୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଟିମ୍ ବରମୁଣ୍ଡା ଅଞ୍ଚଳରେ ଚଢ଼ାଉ କରି ସୋନୁଙ୍କୁ କାବୁ କରିଥିଲା।

## ବିଦ୍ୟୁତ୍ ତାର ବଦଳରେ କେବୁଲ ବ୍ୟବହାର ଦାବି

ବେଗୁନିଆ,୨୦।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ୫୭ନମ୍ବର ଜାତୀୟ ରାଜପଥର ବାଘମାରୀ ବଜାର ମଧ୍ୟବର୍ତ୍ତୀ ସ୍ଥାନରେ ସ୍ପେସିଆଲ ଫିଡର ଯୋଗେ ୧୧ କେଭି ବିଦ୍ୟୁତ୍ ସଂଯୋଗ ଯାଇଛି। ଏହା ତଳସାହି ଓ ପର୍ଯ୍ୟଟନସ୍ଥଳୀ ଅତ୍ରି ଉଷ୍ଣପ୍ରସ୍ରବଣ ରାସ୍ତାକୁ ସଂଯୋଗ କରିଛି। ପ୍ରତିଦିନ ଜାତୀୟ ରାଜପଥ ଦେଇ ବହୁ ଯାନବାହନ ଯାତାୟାତ କରିଥାନ୍ତି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ୧୧ କେଭି ବିଦ୍ୟୁତ୍ ସରବରାହରେ ବ୍ୟବହୃତ ହୋଇଥିବା ଆଲୁମିନିୟମ ତାର ପରିବର୍ତ୍ତେ କେବୁଲ ବିଛାଇବାକୁ ସାମାଜିକ କର୍ମୀ ସନ୍ତୋଷ କୁମାର ପଣ୍ଡା ଶକ୍ତି ବିଭାଗ ଶାସନ ସଚିବ ଓ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ୧୧କେଭି ବିଦ୍ୟୁତ୍ ସରବରାହ ଯୋଗୁ ୫୭ ନମ୍ବର ଜାତୀୟ ରାଜପଥରେ ଯାତାୟାତ କରୁଥିବା ଯାନବାହନ ଓ ପଥଚାରୀଙ୍କ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ଏହି ସମସ୍ୟାକୁ ଅନୁଧ୍ୟାନ କରି ଉଚ୍ଚ କର୍ତ୍ତୃପକ୍ଷ ଏବଂ ବିଭାଗୀୟ ଅଧିକାରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

## ୫୦ ୟୁନିଟ୍ ରକ୍ତ ସଂଗ୍ରହ

ଟାଙ୍ଗୀ,୨୦।୬(ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା.ସତ୍ୟ ରଞ୍ଜନ ନନ୍ଦ ଏବଂ ଏମ୍ସ ଡାକ୍ତର ଅନିଶା ପ୍ରଥମେ ରକ୍ତଦାନ କରି ଅନ୍ୟ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ଡାକ୍ତରଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଯୁବକ, ସାମାଜିକକର୍ମୀ, ମେଡିକାଲ କର୍ମଚାରୀମାନେ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ଖୋର୍ଦ୍ଧା ରକ୍ତଭଣ୍ଡାରର ଡାକ୍ତରଙ୍କ ସହ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

# ବ୍ରାଉନ୍‌ସୁଗାର କାରବାର, ଟେର ପାଉନି ପୋଲିସ

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ବଢ଼ିବାରେ ଲାଗିଛି। ବାହାର ରାଜ୍ୟରୁ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି ବ୍ରାଉନ୍‌ସୁଗାର। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ପଡ଼ୋଶୀ ଜିଲାକୁ ପଠାଯାଉଛି। ଖୋର୍ଦ୍ଧା ସହରର ଗଳିକନ୍ଦିରେ ଏହି କାରବାର ଚାଲିଛି। ପାନଦୋକାନଠାରୁ ଆରମ୍ଭ କରି ପରିବା ଦୋକାନ, ସବୁଠି ଏହାକୁ ରୋଜଗାର ମାଧ୍ୟମ ଭାବେ ଗ୍ରହଣ କରିନେଇଛନ୍ତି ବେପାରୀ। ଏପରିକି କେତେଜଣ ଯୁବକ ଏବଂ ମହିଳା କମ୍ ସମୟରେ ଅଧିକ ଟଙ୍କା ରୋଜଗାର କରିବା ଆଶାରେ ଏହି ବ୍ୟବସାୟ କରୁଥିବା ନଜିର ରହିଛି। ଏସ୍‌ଟିଏଫ୍, ଜିଲା ପୋଲିସ, ଅବକାରୀ ଏବଂ ସ୍କୋଶାଲ ସ୍କ୍ୱାଡ୍‌ର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଦୈନିକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର କାରବାର ହେଉଥିବା ବେଳେ ପୋଲିସ ୧୦ରୁ ୨୦ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ଚଢ଼ାଉ ପୂର୍ବରୁ କିପରି ମାଫିଆମାନେ ଖବର ପାଉଛନ୍ତି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜିଲା ପୋଲିସର ସୂଚନା ପ୍ରକାରେ, ଗତ ଜୁନ ୩ ସୁଦ୍ଧା ଜିଲାର ବିଭିନ୍ନ ଥାନାରେ ୧୮ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରାଯାଇଥିବା ବେଳେ ୭ଟି ମାମଲା ରୁଜୁ ହୋଇଛି। ତେବେ ଅବକାରୀ ବିଭାଗର ସଂଖ୍ୟା ଜିଲା ପୋଲିସଠାରୁ ଅଧିକ ରହିଥିବା ଜଣାପଡିଛି।

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଲକ୍ଷାଧିକ ଟଙ୍କାର ବ୍ରାଉନ୍‌ସୁଗାର ଜବତ ହେଉଥିବା ବେଳେ କିଛି ମାସ ହେବ ୧୦ରୁ ୨୦ଗ୍ରାମ ଜବତ ହେଉଥିବା ଜଣାପଡ଼ିଛି। ଗୁରୁଜଙ୍ଗଠାରୁ ସାମନ୍ତରାପୁର, ଠେଙ୍ଗାହାଟ, ଜବରଦସ୍ତ ପୁର, ମୁକୁନ୍ଦପ୍ରସାଦ, ଭାଲିଆବାଡ଼ି ଆଦି ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ତେବେ ପୋଲିସ କମ୍ ପରିମାଣର ବ୍ରାଉନ୍‌ସୁଗାର ଜବତ କରୁଥିବା ବେଳେ ଗିରଫଙ୍କ ସଂଖ୍ୟା ଅଧିକ ରହୁଛି। ତେବେ ଧରାପଡୁଥିବା ବେପାରୀମାନଙ୍କ ନିକଟରୁ କିପରି କମ୍ ପରିମାଣର ବ୍ରାଉନ୍‌ସୁଗାର ଜବତ ହେଉଛି, ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ବର୍ଷ ପୋଲିସ ଗୁରୁଜଙ୍ଗରୁ ୬୫୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଥିବା ବେଳେ ଏହାପର ଠାରୁ ଆଉ ବହୁ ପରିମାଣର ବ୍ରାଉନ୍‌ସୁଗାର ଜବତ ହୋଇନାହିଁ। ପୋଲିସ ଛୋଟ ବେପାରୀଙ୍କୁ ଧରୁଥିବା ବେଳେ ମାଫିଆମାନେ ଖସିଯିବା ସହ ନିଜ ନେଟୱାର୍କ ବଢ଼ାଇ ଚାଲିଛନ୍ତି ବୋଲି ଆଲୋଚନା ହେଉଛି। ଏ ସମ୍ପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ କହିଛନ୍ତି, ଖୋର୍ଦ୍ଧା ଜିଲାକୁ ନିଶାମୁକ୍ତି ପାଇଁ ନାର୍କୋଟିକ୍ସ ଟିମ୍ ଗଠନ କରାଯାଇଛି। ଏଥିଲାଗି ନମ୍ବର ଜାରି କରାଯାଇଛି। ଯେଉଁଠି ଖବର ଆସିଲା, ସେଠାରେ ତୁରନ୍ତ ଚଢ଼ାଉ କରାଯାଉଛି। ନିଶାକୁ ନା ଅଭିଯାନ ଲକ୍ଷ୍ୟ ରହିଛି, ଏଥିରେ ଜନତାଙ୍କ ସହଯୋଗ ଜରୁରୀ।

## ୨ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୫ ଗିରଫ

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ହାବେଳି ପଡ଼ିଆ ନିକଟରୁ ୨୦ଗ୍ରାମ ବ୍ରାଉନ୍‌ସୁଗାର ସହ ୫ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ଶ୍ରୀବିହାରର ଗଣେଶ ପ୍ରଧାନ ଓରଫ ବୁବୁ(୩୫), ଚନ୍ଦକା ଥାନା ମେଣ୍ଢାଶାଳ ହରିଡାମଡା ଗ୍ରାମର ବିକାଶ ବେହେରା ଓରଫ ବିକି(୨୫), ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦ ଅଞ୍ଚଳର ନବଘନ ଜେନା(୪୧), ଗଡ଼ଖୋର୍ଦ୍ଧାର ସର୍ବେଶ୍ୱର ଶ୍ରୀଚନ୍ଦନ ଓରଫ ମଙ୍ଗୁ(୨୯), ମୁକୁନ୍ଦପ୍ରସାଦ ମୁସଲିମ ସାହିର ମହ୍ଲୁରୁଦ୍ଦିନ ଖାନ ଓରଫ ମୁନା(୪୫)। ଏମାନଙ୍କଠାରୁ ୧୩ଶହ ଟଙ୍କା, ୫ଟି ମୋବାଇଲ ଫୋନ, ୪ଟି ବାଇକ୍ ଜବତ କରିଛନ୍ତି। ତେବେ ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ସୂଚନା ମୁତାବକ, ଶୁକ୍ରବାର ମଧ୍ୟାହ୍ନରେ ଅଭିଯୁକ୍ତମାନେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। କୌଣସି ସୂତ୍ରରୁ ଖବରପାଇ ଖୋର୍ଦ୍ଧା ପୋଲିସର ଏକ ଟିମ୍ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଖସିଯିବାକୁ ଉଦ୍ୟମ ବେଳେ ପୋଲିସ ଟିମ୍ ମାଡ଼ିବସିଥିଲା। ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ନେତୃତ୍ୱରେ ଏସ୍‌ଆଇ ସ୍ୱାଗତିକା ଦାସ, ସସ୍ମିତା ବେହେରା, ଏଏସ୍‌ଆଇ ଜି.ବି ରାଉତ, ହାବିଲଦାର ଏ.ସାମନ୍ତରାୟ, କନ୍‌ଷ୍ଟେବଲ ପ୍ରବୋଧ ସାହୁ ଏହି ଚଢ଼ାଉରେ ସାମିଲ ଥିଲେ। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ୨୧(ବି)୨୯ରେ ଏକ ମାମଲା (ନଂ.୨୫୯/୨୫) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି।

# ପାଇକ ଆଖଡ଼ାରେ ପାଇକଙ୍କ ବୀରତ୍ୱ ଗାଥା



ଜିଲାସ୍ତରୀୟ ବିକାଶ ମେଳାର ୯ମ ଦିବସରେ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

**ଜିଲାସ୍ତରୀୟ ବିକାଶ ମେଳାର ୯ମ ଦିବସ**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ହାବେଳି ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ବିକାଶ ମେଳା, ପାରମ୍ପରିକ ଖାଦ୍ୟମେଳାର ନବମ ଦିବସରେ ଶୁକ୍ରବାର ପାଇକ ବିଦ୍ରୋହର ଝଲକ ଦେଖିବାକୁ ମିଳିଥିଲା। ପାଇକ ଗୁରୁ କବିରାଜ ପ୍ରଧାନ ଏବଂ ସାଥି ପାଇକ ସମରକଳା କୌଶଳ ପ୍ରଦର୍ଶନ କରିଥିଲେ। ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ ପାଇକ ବୀର ରଣହୁଙ୍କାର ଦେଇଥିଲେ। ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହ ସ୍ଥାନ ସ୍ୱତନ୍ତ୍ର। ଇତିହାସ ମୂକସାକ୍ଷୀ ହେଉଛି ଐତିହାସିକ ପାଇକଙ୍କ ବୀରତ୍ୱ। ବ୍ରିଟିଶ ବିରୋଧରେ ପାଇକଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ୧୮୧୭ମସିହାର ସେହି ବୀରତ୍ୱର ଗାଥାକୁ ମଞ୍ଚରେ ମନେ ପକାଇଥିଲେ କଳାକାର। ପରେ ନୃତ୍ୟ ସଙ୍ଗୀତ ଶ୍ରୀମା ଜଗଦ୍ଦେବ ଅନୁଷ୍ଠାନର କୁନି କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲା ଆଇ ଗଭର୍ନାନ୍ସ ମ୍ୟାନେଜର ମାନସ ମୋହନ ବ୍ରହ୍ମା ଯୋଗଦେଇଥିଲେ। ରେବତୀ ପଣ୍ଡା ଉପସ୍ଥାପିକା ଥିଲେ। ଶନିବାର ବିଶ୍ୱ ଯୋଗ ଦିବସ ପାଳନ କରାଯିବ। ଏଥିରେ ବହୁ ସଂଖ୍ୟାରେ ଯୋଗଦେବାକୁ ଜିଲାପାଳ ଚଞ୍ଚଳ ରାଣା ନିବେଦନ କରିଛନ୍ତି।

# ଡାକମେଳା ସଚେତନତା କାର୍ଯ୍ୟକ୍ରମ

ଜଟଣୀ,୨୦।୬(ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ବ୍ଲକ ଅନ୍ତର୍ଗତ ବଡ଼ତୋଟାଠାରେ ଡାକମେଳା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଖା ପୋଷ୍ଟ କାର୍ଯ୍ୟାଳୟର ଅଧିକାରୀ ବାସୁଦେବ ଦାସ ଯୋଗଦେଇ ଭାରତୀୟ ଡାକ ସେବା ଓ ଏହାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ପଦନପୁର ସରପଞ୍ଚ ଅହଲ୍ୟା ନାୟକ, ନାଏବ ସରପଞ୍ଚ ସଞ୍ଜୟ ରାଉତରାୟ, ଭୁବନେଶ୍ୱର ଡିଭିଜନ ସିନିୟର ସୁପରିଣ୍ଟେଣ୍ଡେଣ୍ଟ ତାରିଣୀ ଚରଣ ପାଢ଼ୀ, ଭୁବନେଶ୍ୱର ପୋଷ୍ଟଲ ଇନ୍ସପେକ୍ଟର ଅମିତ୍ ରଣା, ପିଏଲ୍‌ଆଇ ଅଧିକାରୀ, ଗ୍ରାମୀଣ ପୋଷ୍ଟାଲ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ମୃତ୍ୟୁଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଜଟଣୀ,୨୦।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ମେମୋରିଆଲ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ତଥା ବିଭାଗୀୟ ମୁଖ୍ୟ ଡ.ରାଜୀବ କୁମାର କରଙ୍କ ପୌରୋହିତ୍ୟରେ ୨୦୨୪-୨୫ ଶିକ୍ଷାବର୍ଷରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସଭା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ହୋଇଥିଲା। ଏହି ଅବସରରେ ୨୦୨୩-୨୪ ଶିକ୍ଷାବର୍ଷରେ ସ୍ନାତକ ପରୀକ୍ଷାରେ ରାଜନୀତି ବିଜ୍ଞାନରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର ରାକେଶ ବେହେରା(ପ୍ରଥମ), ପୂଜାଲିନ ବାରିକ(ଦ୍ୱିତୀୟ) ଏବଂ ମନସ୍ମିତା ଦଳସିଂହ(ତୃତୀୟ)ଙ୍କୁ ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସ ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଛି। ନିକଟରେ ଜୁନିଅର ଆସିଷ୍ଟାଣ୍ଟ ପଦବୀ ପାଇଁ ମନୋନୀତ ହୋଇଥିବା ରାଜନୀତି ବିଜ୍ଞାନ ବିଭାଗର ୨୦୧୮-୧୯ଶିକ୍ଷାବର୍ଷର ପୂର୍ବତନ ଛାତ୍ର କବିରାଜ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ଅଧ୍ୟାପକ ବାଳକୃଷ୍ଣ ଚୌଧୁରୀ, ଶାନ୍ତିଲତା ସାହୁ ଓ ଦୀପସୁନ୍ଦର ବେହେରା ପ୍ରଫେସର ଶ୍ରୀରାମଚନ୍ଦ୍ର ଦାସଙ୍କ ଭାରତୀୟ ତଥା ଓଡ଼ିଶା ରାଜନୀତି ବିଜ୍ଞାନ କ୍ଷେତ୍ରରେ ଅତୁଳନୀୟ ଅବଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ସେମିନାର ସେକ୍ରେଟାରି କୌଶଲ୍ୟା ପାହାଳ, ରାଜୀବ କୁମାର ସାହୁ, ଅର୍ଚ୍ଚିତା ସିଂହ ଏବଂ ଅଭୟ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ଦୀପସୁନ୍ଦର ବେହେରା ଧନ୍ୟବାଦ ଦେଇଥିଲେ।

## ଅତିବଡ଼ୀଙ୍କ କୃତ ଓଡ଼ିଆ ଭାଗବତ ଅମୂଲ୍ୟ ଗ୍ରନ୍ଥ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶ୍ରୀଚୈତନ୍ୟ ବିହାର ପରିସରରେ ଓଡ଼ିଆ ଭାଗବତ ରଚୟିତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାବାସୀଙ୍କୁ ଓଡ଼ିଆ ଭାଗବତ ଏକ ଅମୂଲ୍ୟ ବରଦାନ। ପ୍ରତି ଘରେ ଘରେ ଏହାକୁ ପୂଜାର୍ଚ୍ଚନା ସହ ପଢ଼ାଯାଏ। ଗାଁ ଭାଗବତ ଗାଦି, ପୀଠରେ ମଧ୍ୟ ଗ୍ରାମବାସୀ ସନ୍ଧ୍ୟାରେ ଏକାଠି ବସି ପାଠ କରନ୍ତି। ଜଗନ୍ନାଥ ଦାସଙ୍କ ଏହା କାଳଜୟୀ କୀର୍ତ୍ତି, ଏହାର ଯେତେ ଗୁଣଗାନ କଲେ ମଧ୍ୟ କମ୍ ହେବ। ଆଧୁନିକ ସମାଜରେ ବିଜ୍ଞାନଯୁଗ ଯେତେ ଆଗକୁ ଗଲେ ମଧ୍ୟ ଓଡ଼ିଆ ଭାଗବତ ଆଧ୍ୟାତ୍ମିକ ମାର୍ଗ ପ୍ରଶସ୍ତ କରିବ। ଯୁଗ ଯୁଗ ଧରି ଓଡ଼ିଶାବାସୀଙ୍କୁ ମାର୍ଗଦର୍ଶନ କରିବ। ଏହା ଓଡ଼ିଆ ଜାତିର ଏକ ଅମୂଲ୍ୟ ଗ୍ରନ୍ଥ। ଭାଗବତ ଗାଦିରେ ପୂଜିତ ଭାଗବତ ଏବଂ ମହାପ୍ରଭୁ ଶ୍ରୀଚୈତନ୍ୟଙ୍କ ସଂକୀର୍ତ୍ତନ ଓଡ଼ିଆମାନଙ୍କ ଗଣ୍ଠିଧନ ବୋଲି ଆଲୋଚକମାନେ କହିଛନ୍ତି। ଏହି ଆଲୋଚନାଚକ୍ରରେ ପୁଷ୍ପାଞ୍ଜଳି ଦାସ, ଲକ୍ଷ୍ମୀଧର ସିଂହ, ଯୁଧିଷ୍ଠିର ଛୁଆଳସିଂହ, ସାଧୁ ବାବାଜୀ, ରାଇଚରଣ ବାବା, ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଗବେଷକ ଜାନକୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ଉପରୋକ୍ତ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ୍ୱର ସିଂହ, ଶିଶିର ରାଉତ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ଶକ୍ତିରଞ୍ଜନ ମଉଗଜ, ମୁକ୍ତିକାନ୍ତ ଦାଶ, ବୋଧାୟନ ମହାରାଜ, ପ୍ରବଚକ ଜିତେନ୍ଦ୍ରିୟ ପ୍ରଧାନ, ଗୋପୀନାଥ ପଟ୍ଟନାୟକ, ବ୍ରଜ ବାବା, ଆଶୁତୋଷ ଶାହ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ଓ ଅନନ୍ତ ବାବା ସଂଯୋଜନା କରିଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ବେଗୁନିଆ,୨୦।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ରାଧାକାନ୍ତପୁର ଗ୍ରାମର ଏକ ପୋଖରୀରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ରାଧାକାନ୍ତପୁର ଗ୍ରାମର ସମୀର ସେଠୀ(୨୩)। ସୂଚନା ମୁତାବକ, ସମୀର ଶୌଚ ପାଇଁ ପୋଖରୀକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ପୋଖରୀ ନିକଟରେ ତାଙ୍କର ଚପଲ ଥିବାରୁ ଦେଖି ସନ୍ଦେହ ହୋଇଥିଲା। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଖରୀରୁ ସମୀରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ମହମ୍ମଦ ମୁସ୍ତାକ ଅଲ୍ଲୀ ସଭାପତି, ଏଲ୍.ଡି. ମହାନ୍ତି ସମ୍ପାଦକ

ଜଟଣୀ,୨୦।୬(ରବୀନ୍ଦ୍ରନାଥ ମହାକୁଡ଼)




ନିର୍ବାଚିତ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ବିଜେବି ରେଲ୍‌ୱେ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଶୁକ୍ରବାର ଶ୍ରମିକ କଂଗ୍ରେସ ଓପନ ଲାଇନ ଶାଖା କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ସତ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ହୋଇଥିଲା। ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ଜେନେରାଲ ସେକ୍ରେଟାରି ରମେଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉପସଭାପତି ପ୍ରମୋଦ ସାହାଣୀ, ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏମ୍. ଗୋପାଳ କ୍ରିଷ୍ଣା ରାଓ, ଶରତ ପଣ୍ଡା, ସୁବ୍ରତ ପଣ୍ଡା, ଅମିତ କୁମାର, ମହେନ୍ଦ୍ର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ଏଲ୍.ଡି. ମହାନ୍ତି ସମ୍ପାଦକୀୟ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଅକ୍ଷୟ ପ୍ରଧାନ ଆୟବ୍ୟୟର ହିସାବ ରଖିଥିଲେ। ଏହା ଗୃହରେ ପାରିତ ହେବା ପରେ ସାଧାରଣ ସମ୍ପାଦକ ସାହୁ ଶାଖା ପରିଷଦକୁ ଭଙ୍ଗ ଘୋଷଣା କରିଥିଲେ। ପରେ ନିର୍ବାଚନ ଅଧିକାରୀ ସୁନୀଲ ଭଞ୍ଜ ନୂତନ ପରିଷଦ ପାଇଁ ଭୋଟ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ମଧ୍ୟାହ୍ନରେ ଫଳାଫଳ ଘୋଷଣା କରାଯାଇଥିବା ବେଳେ ନୂତନ ସଭାପତିଭାବେ ମହମ୍ମଦ ମୁସ୍ତାକ ଅଲ୍ଲୀ, କାର୍ଯ୍ୟକାରୀ ସଭାପତି ପି.ରାଜା ରାଓ, ଉପସଭାପତି ଫକିର ଚରଣ ନାୟକ, ଜି.ରାମ ମୋହନ ରାଓ, ସମ୍ପାଦକଭାବେ ଏଲ୍.ଡି ମହାନ୍ତି ପୁନଃ ନିର୍ବାଚିତ ହୋଇଥିବା ବେଳେ ସହ ସମ୍ପାଦକଭାବେ ସାମୁଏଲ ପ୍ରଧାନ, ରାକେଶ ଘଡ଼େଇ, ପ୍ରଦୀପ ସୁନ୍ଦରାୟ(ଓଡି), ତ୍ରିଲୋଚନ ବେହେରା, କାର୍ଯ୍ୟକାରୀ ସମ୍ପାଦକ ସୁନୀଲ ପରିଡା, ବି.ଟି ରାଓ, କୋଷାଧ୍ୟକ୍ଷ ଭାବେ ପ୍ରଦୀପ ପଣ୍ଡା,ମୁଖ୍ୟ ଉପଦେଷ୍ଟା ଭାବେ ସତ୍ୟରଞ୍ଜନ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ଯୁବବାହିନୀ ସଂଯୋଜକ ଭାବେ ସନ୍ତୋଷ କୁମାର ଖଟେଇ, ସହ ସଂଯୋଜକ ଅଶୋକ ଭୋଳ, କ୍ୱାର୍ଟର କମିଟି ସଦସ୍ୟ ଭାବେ ବାଣିଜ୍ୟ ବିଭାଗ ନେତ୍ରାନନ୍ଦ ପଣ୍ଡା, ଅପରେଟିଂ ବିକ୍ରମ ସାହୁ , ଇଲେକ୍ଟ୍ରିକାଲ( ଜି) ନରେନ୍ଦ୍ର ଦାସ, ସିଗ୍‌ନାଲ ପି.ଶିବ କୁମାର ରେଡି, ମେକାନିକାଲ ଏସ୍. କେ ଦଳାଇ, ଇଲେକ୍ଟ୍ରିକାଲ (ଓପି, ନନ୍ ରନିଂ) ଅକ୍ଷୟ ପ୍ରଧାନ ଓ ଟିଆରଡ଼ି ବିଭାଗ ପାଇଁ ତ୍ରିଲୋଚନ ମହାନ୍ତି ନିର୍ବାଚିତ ହୋଇଛନ୍ତି। ସାଧାରଣ ସମ୍ପାଦକ ସାହୁ ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ଉତ୍ତରୀୟ ଓ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ବିଜୟୀ ପଦାଧିକାରୀ ରେଲୱେ ଏବଂ ରେଲୱେ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ସହିତ ରେଳ ମଣ୍ଡଳରେ ସଙ୍ଗଠନକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ମିଳିତଭାବେ କାର୍ଯ୍ୟ କରିବେ ବୋଲି ମତପ୍ରକାଶ ପାଇଥିଲା।

# ୩ ହଜାର ଗୋରୁଙ୍କୁ ସେବା ଯୋଗାଇଛନ୍ତି ଗୋସେବକ

ଖୋର୍ଦ୍ଧା,୨୦।୬(ପ୍ରଭାତ ପାଣିଗ୍ରାହୀ)

**ଭ୍ରାମ୍ୟମାଣ ଚିକିତ୍ସା, ଆମ୍ବୁଲାନ୍ସ ସେବା ଲକ୍ଷ୍ୟ**




ହିନ୍ଦୁ ସଂସ୍କୃତିରେ ଗୋମାତାଙ୍କ ବିଶେଷ ମାହାତ୍ମ୍ୟ ରହିଛି। ତେବେ କେତେଜଣ ଗୋମାତାଙ୍କୁ ଅସହାୟ ଅବସ୍ଥାରେ ଛାଡ଼ି ଦେଉଛନ୍ତି। ଖାଦ୍ୟପାନୀୟ ନ ପାଇ ରାସ୍ତାକଡ଼ରେ ପଡି ରହୁଥିବା ବେଳେ ଶେଷରେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତାକଡ଼ରେ ଅସହାୟ ଅବସ୍ଥାରେ ରୋଗାକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଥିବା ଗୋରୁଙ୍କ ସେବା ପାଇଁ ଆଗେଇ ଆସିଛନ୍ତି ଖୋର୍ଦ୍ଧା ଉପକଣ୍ଠ ପୁରୁସାହିସ୍ଥିତ ଶ୍ରୀରାମକୃଷ୍ଣ ଗୋ'ସେବାକେନ୍ଦ୍ରର କର୍ମକର୍ତ୍ତା। ଖଣ୍ଡିଆ ଖାବରା କିମ୍ବା ବିଭିନ୍ନ ରୋଗରେ ଆକ୍ରାନ୍ତ ଗୋରୁଙ୍କ ସେବା ପାଇଁ ଏହି ଗୋଶାଳାର କର୍ମକର୍ତ୍ତା ନିଜର ବ୍ରତଭାବେ ଗ୍ରହଣ କରିନେଇଛନ୍ତି। ଗୋସେବା କେନ୍ଦ୍ରର ବିକାଶ ସ୍ୱାଇଁ, ତାପସ ସାମନ୍ତରାୟ, ନିରଞ୍ଜନ ଜେନା, ସୌମ୍ୟରଞ୍ଜନ ସାହୁ, ସୌରଭ ଜେନା, ଉଦିତ ପ୍ରହରାଜ, ଦିବ୍ୟ ପ୍ରକାଶ, ସୌମ୍ୟରଞ୍ଜନ ସ୍ୱାଇଁ, ରାଧାମୋହନ ପ୍ରଧାନ, କୌଶିକ ବରାଳ, ସତ୍ୟଜିତ ବେହେରା, ଅର୍ଜୁନ ମାଝି ଏବଂ ଅନ୍ୟମାନେ ଏହି ସେବାରେ ଲାଗିଛନ୍ତି। ଯେତେବେଳେ କେଉଁଠି ଗୋରୁ ଦୁର୍ଘଟଣାର ଶିକାର ହୁଅନ୍ତି କିମ୍ବା କୂଅ, ନାଳରେ ପଡ଼ିଥାନ୍ତି ଖବରପାଇ ଉପରୋକ୍ତ ଗୋସେବକମାନେ ଘଟଣାସ୍ଥଳରେ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା କରାଇଥାନ୍ତି। ପରେ ଗୋଶାଳାକୁ ଆଣି ଯତ୍ନ ନେଇଥାନ୍ତି।

ରାମକୃଷ୍ଣ ଗୋ'ସେବା କେନ୍ଦ୍ରର ଆବାହକ ବିକାଶ ସ୍ୱାଇଁ କୁହନ୍ତି, ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ତରଡୁଆ, ଜାଗୁଳିପାଟଣା, ପୁରୁସାହି, ବରସାହି, ଜୟମଙ୍ଗଳ, ସାରୁଆ ଆଦି ରାସ୍ତାରେ ଦୈନିକ ଗୋରୁ ଦୁର୍ଘଟଣାର ଶିକାର ହେଉଥିବା ଦେଖି ବ୍ୟଥିତ କରିଥିଲା। ଏଥିସହିତ ଏହି ରାଜପଥରେ ଗୋଚାଲାଣ ହେଉଥିଲା। ଗୋବଂଶ ସଂରକ୍ଷଣ, ସୁରକ୍ଷା ପାଇଁ ଆହତ ଗୋରୁଙ୍କ ସେବା, ଗୋଚାଲାଣ ରୋକିବା ପାଇଁ କେତେଜଣ ଯୁବକ ସଙ୍କଳ୍ପ ନେଇ ଗୋ'ସେବା ଆରମ୍ଭ କରିଥିଲୁ। ପ୍ରଥମେ କେବଳ ରାସ୍ତାକଡ଼ରେ ଆହତ ଗୋରୁଙ୍କ ସେବା କରିଥିଲୁ। ପରବର୍ତ୍ତୀ ସମୟରେ ଗୋରୁଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଆହତ ଗୋରୁଙ୍କ ଉପଯୁକ୍ତ ସେବା ଏବଂ ଉଦ୍ଧାର ଗୋରୁଙ୍କୁ ସୁରକ୍ଷା, ଯତ୍ନ ପାଇଁ ଗୋଶାଳା କରିବା ପାଇଁ ମନସ୍ଥ କରିଥିଲୁ। ତଦନୁସାରେ ୨୦୨୧ ମସିହା ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ଏହି ଗୋଶାଳା ଶୁଭାରମ୍ଭ ହୋଇଥିଲା। ଗୋଶାଳାରେ କେବଳ ରାସ୍ତାକଡ଼ରୁ ଉଦ୍ଧାର ଗୋରୁ ରହିଛନ୍ତି। ୪ବର୍ଷ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ୩ହଜାର ଗୋରୁଙ୍କ ସେବା ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି। ଆଗକୁ ଏକ ଗୋ' ଚିକିତ୍ସାଳୟ ଏବଂ ଗୋ'ଆମ୍ବୁଲାନ୍ସ ଯୋଜନା ରହିଛି। ଅସହାୟ ଗୋରୁଙ୍କ ସେବା ଚିକିତ୍ସା ପାଇଁ ଭାମ୍ୟମାଣ ସେବା ଯୋଗାଇଦେବାକୁ ଲକ୍ଷ୍ୟ ରହିଛି। ସେହିପରି ଗୋସେବକ ଉଦିତ୍ କୁହନ୍ତି, ଗତ ଦୁଇ ବର୍ଷ ହେବ ଏକାଧିକ ଗୋଚାଲାଣ ଗାଡିକୁ ଧରାଯିବା ସହ ଉଦ୍ଧାର ଗୋରୁଙ୍କୁ ଭୁବନେଶ୍ୱର ଏବଂ ବୋଲଗଡ଼ ଗୋଶାଳାରେ ଛଡ଼ାଯାଇଛି। ଏବେ ରାମକୃଷ୍ଣ ସେବାକେନ୍ଦ୍ରର ଏକ ଶାଖା ଭାବେ ଖୋର୍ଦ୍ଧା ସହରର ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟଠାରେ ଆଉ ଏକ ଗୋଶାଳା ଆରମ୍ଭ କରାଯାଇଛି। ଏଠାରେ ଉଦ୍ଧାର ହୋଇଥିବା ୭୦ରୁ ଊର୍ଦ୍ଧ୍ୱ ଗୋରୁ ଅଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୦।୬।୨୦୨୫

| ୧,୩୦,୧୪୬ ଟଙ୍କା | |
|---|---|
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୧୮.୬୦୦ ଗ୍ରାମ୍ |

# ତୁରନ୍ତ ସମସ୍ତ କାର୍ଯ୍ୟ ଶେଷ କର: ଜିଲାପାଳ

## ପୁରୀ ରଥଯାତ୍ରା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ପୁରୀ,୨୦।୬(ଅଜିତ କୁମାର ମହାନ୍ତି)

ଆସନ୍ତା ୨୭ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶୁକ୍ରବାର ପୁରୀ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ରଥଯାତ୍ରାର ପ୍ରଥମ ଓ ଦ୍ୱିତୀୟ ସମନ୍ୱୟ ବୈଠକ ସରିଯାଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ପୂର୍ବରୁ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ଦୁଇ ସମନ୍ୱୟ ବୈଠକର ନିର୍ଯାସ ଆଧାରରେ ସମସ୍ତ ବିଭାଗ କାର୍ଯ୍ୟ ଶେଷ କରିବାକୁ ସେ କହିଥିଲେ। ବିଗତ ବର୍ଷ ପରି ସମ୍ମିଳିତ ଉଦ୍ୟମରେ ଚଳିତବର୍ଷ ରଥଯାତ୍ରାକୁ ସଫଳ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ, ପରିବହନ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ଅସୁରକ୍ଷିତ ବିଲ୍ଡିଂ ଚିହ୍ନଟ, ସମୀକ୍ଷା ଓ କାର୍ଯ୍ୟାନୁଷ୍ଠାନ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ଏସ୍‌ପି ବିନୀତ ଅଗ୍ରୱାଲ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ କହିଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ସେମାନଙ୍କ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଶେଷରେ ଧନ୍ୟବାଦ ଦେଇଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ତପନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟ ଅଧିକାରୀମାନେ।

## ରଥଖଳାରୁ...

# ତିନିରଥର ୧୨ ଦୁଆରବେଢ଼ା ନିର୍ମାଣ ଶେଷ



ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୫୧ତମ ଦିବସରେ ଶୁକ୍ରବାର ତିନି ରଥର ସିଂହାସନ ବେଦି ଉପରେ ପ୍ରଥମ ଭୂଇଁ ଉପର ମଧ୍ୟଭାଗରେ କନକମୁଣ୍ଡି ବସି ସେଥିରୁ ୪ଟି କାଣ୍ଡ ଏବଂ ୨୦ଟି ରୁଆ ଗମ୍ବୁଜାକାର ଭାବେ ସେଟିଂ କରାଯାଇଛି। ସେଥିରେ ପିତଳ ଚଦର ଆବରଣ ବର୍ଷା ପାଣି ନ ପଡ଼ିବା ପାଇଁ ଫିଟିଂ କରାଯିବା ବାକି ରହିଛି। ସେହିପରି ରଥରେ ସ୍ଥାପନ ପାଇଁ ଗୋଟିଏ ଲେଖାଏ ବିଜେ ଚକା ନିର୍ମାଣ ଶେଷ ହୋଇଛି। ତିନିରଥର ୧୨ ଦୁଆରବେଢ଼ା ନିର୍ମାଣ ସରିଛି। ସେଥିରେ ଚିତ୍ରକାରମାନେ ରାହୁମୁଣ୍ଡ ସହ ଛାୟା, ମାୟା ଚିତ୍ର ଅଙ୍କନ ପରେ ଦୁଆରବେଢ଼ା ରଥକୁ ଉଠି ସଂଯୋଗ ହେବ।

ଅପରପକ୍ଷରେ ମୁଖ୍ୟ ରୂପକାର ସେବକମାନେ ଅନୁକୂଳ ପୂଜା ପୂର୍ବକ ନଡ଼ିଆ ବାଡେଇ ତିନି ରଥ ପ୍ରଭାରେ ରୂପ ଖୋଦେଇ ଚିତ୍ର ଅଙ୍କନ ଆରମ୍ଭ କରିଛନ୍ତି। ତିନିରଥର ପ୍ରଭା ଫିଟିଂ ପାଇଁ ବେଦିପଛ ଭାଗ ଚଉଦ ନାହାକାରେ ଦୁଇଟି ଲେଖାଏ ଧୂଳିଦଣ୍ଡା ଫିଟିଂ କାର୍ଯ୍ୟ ଶେଷ ହୋଇଛି। ମହାରଣା ସେବକମାନେ ତିନିରଥର ଦୁଇଟି ଲେଖାଏ ୨୦ ଫୁଟିଆ ଆଠ ଆଂଶି ଘୋଡ଼ା ଈଶ ନିର୍ମାଣ ସହ ସେଥିରେ ଦୁଇଟି ଲେଖାଏ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। ଦୁଇଟି ଲେଖାଏ ୨୦ ଫୁଟିଆ ସାଙ୍ଗୀ ନିର୍ମାଣ ସରିଛି। ଚିତ୍ରକାର ସେବକମାନେ ୧୨ଟି ଦୁଆରବେଢ଼ାରେ ଚିତ୍ର ଅଙ୍କନ ପାଇଁ ପ୍ରାଇମର ଦେବା ସହ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ, ପାର୍ଶ୍ୱ ଦେବଦେବୀ, କଳସ, ହଂସପଟା, ନାଟଗୋଡ଼, ତିନିରଥର ବାହ୍ୟ ପାର୍ଶ୍ୱ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକମାନେ ଦୁଆର ଦେଢା ପାଇଁ କଟିଙ୍ଗ କନାରେ ଜରି ଲେସ, ଚାନ୍ଦି ଜରିରେ ଫୁଲ ଡାଳି ପକା କାର୍ଯ୍ୟ କରୁଛନ୍ତି। ଏଥିସହ ଶ୍ରୀବିଗ୍ରହଙ୍କ ତିନିଟି ବିଜେ ଚକାପଟି ପ୍ରସ୍ତୁତ ସରିଛି। ଦୋଳବେଦି ଅସ୍ଥାନ୍‌କମାରଶାଳରେ ଓଝା ସେବକମାନେ ପ୍ରଭା କଣ୍ଟା, ସିଂହାସନ ଗଣ୍ଡିକଣ୍ଟା ଏବଂ ଧ୍ୱଜବତା କଣ୍ଟା ନିର୍ମାଣ କରୁଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ଉଦ୍ଧାର କଲା ସିଡବ୍ଲ୍ୟୁସି

ବଲଙ୍ଗା,୨୦।୬(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଞ୍ଚଳରେ ଏକ ନାବାଳିକା ଝିଅର ବାହାଘର ଖବରପାଇ ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି) ପହଞ୍ଚି ବାହାଘର ବନ୍ଦ କରିଥିବା ନେଇ ସୂଚନା ମିଳିଛି। ବଲଙ୍ଗା ପୋଲିସ ସହାୟତାରେ ପହଞ୍ଚି ବାହାଘର ବନ୍ଦ କରିବା ସଙ୍ଗେ ସଙ୍ଗେ ନାବାଳିକାକୁ ଉଦ୍ଧାର କରି ୧୪୨/୨୫ରେ ଏକ ମାମଲା ରୁଜୁକରିସ୍ୱଧାର ଗୃହକୁପଠାଇ ଦିଆଯାଇଛି।

### ଚାଲିଛି ବେଆଇନ କରତକଳ

#### ବନ ବିଭାଗ ନିଦ୍ରାବିଷ୍ଟ

ଟାଙ୍ଗିଛକ,୨୦।୬(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ବ୍ଲକର ତୁଳସୀପୁର, ତମ୍ପାଳୋ, ପୋଦନା, ଦଣ୍ଡିକିରା, କାନପୁର, କଳାପାଞ୍ଚଣ, ଗଡ଼ଇଟା ପୋଖରୀ, ଲେଙ୍କାସାହି ଆଦି ସ୍ଥାନରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କରତକଳ ଚାଲୁ ରହିଛି। କେବଳ ତୁଳସୀପୁର ପଞ୍ଚାୟତ ଅଞ୍ଚଳରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବେଆଇନ କରତକଳ ଚାଲିଥିବା ଅଭିଯୋଗ ହୋଇଛି। ସ୍କୁଲ ନିକଟ, ବଜାର ଓ ଗାଁ ଭିତରେ କରତକଳ ଚାଲିବାରୁ ଏହାର ଶବ୍ଦ ଏବଂ କାଠଗୁଣ୍ଡ ସବୁ ଉଡ଼ିବା ଦ୍ୱାରା ଛାତ୍ରୀଛାତ୍ରମାନେ ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବଜାର ଉପରେ ବ୍ୟବସାୟୀମାନେ କାଠଗୁଣ୍ଡ ଉଡ଼ିବା ଦ୍ୱାରା ବେପାର କରିବା ଅସମ୍ଭବ ହୋଇପଡ଼ିଛି। ଗାଁରେ ଲୋକେ ରାତିରେ ଶୋଇପାରୁ ନ ଥିବା ମଧ୍ୟ ଅଭିଯୋଗ ହେଉଛି। କାଠ ମାଫିଆମାନେ ଗାଁ ଗାଁ ବୁଲି ପଣସ, ଚାକୁଣ୍ଡା, ଆମ୍ବ, ଶାଳ, ପିଆଶାଳ ଆଦି କାଠ ସବୁ ଶାଗମାଛ ଦରରେ କିଣି ଏହି ବେଆଇନ କରତକଳରେ ଆଣି ପହଞ୍ଚାଉଛନ୍ତି। ଖାଲି ସେତିକି ନୁହେଁ ମାଫିଆମାନେ ଗୋଚର, ଅନାବାଦୀ ଆଦି ସରକାରୀ ଜାଗାରେ ଥିବା ବିଭିନ୍ନ ବଡ଼ବଡ଼ ଗଛ କାଟି କରତକଳକୁ ଆଣି ଚିରି ମାଲାମାଲ ହେଉଛନ୍ତି। ଗୋଟିଏ କରତକଳ ପରିସରରେ ଶତାଧିକ ଟିମ୍ବର କାଠଗଣ୍ଡି ଚିରଟ ପାଇଁ ପଡ଼ି ରହିଥିବା ବେଳେ ଦୈନିକ ୧୦ରୁ ଅଧିକ ଟ୍ରାକ୍ଟର, ୪୦୭, ଡାଲା ଅଟୋରେ କରତକଳରୁ କାଠଚିରଟ ହୋଇ ବିଭିନ୍ନ ଜିଲାକୁ ପଠାଯାଉଛି। ଅଞ୍ଚଳର ବିଭିନ୍ନ ଛକ ବଜାରରେ କାଠଗୋଲା ଖୋଲାଯାଇ ମୂଲ୍ୟବାନ କାଠପଟା, ସେଣୀ ଆଦି ବିକ୍ରି କରାଯାଉଛି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି, ଅଭିଯୋଗ ଆସିଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଗୋଚର ଜମିରେ ଚାଲିଛି ଢଳେଇ ରାସ୍ତା, ଗୋଶାଳା

## ଉଚ୍ଚସ୍ତରୀୟ ତଦନ୍ତ ଦାବି

କୋଣାର୍କ,୨୦।୬(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ ଅବଦାନ ପଞ୍ଚାୟତରେ 'ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ' ମାଧ୍ୟମରେ ଗୋଚର ଜମିରେ ଢଳେଇ ରାସ୍ତା ଓ ଗୋଶାଳା ନିର୍ମାଣ କରାଯାଉଛି। ବ୍ଲକ ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟ ନିମନ୍ତେ ଜମି ଅଧିଗ୍ରହଣ ଓ କିସମ ପରିବର୍ତ୍ତନ ନ ହୋଇ ସରକାରୀ ନିୟମ ଉଲ୍ଲଂଘନ କରାଯାଇ ପ୍ରକଳ୍ପ କାର୍ଯ୍ୟ କରାଯିବା ଘଟଣାରେ ବୁଦ୍ଧିଜୀବୀ ଓ ଅବଦାନ ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଅବଦାନ ପଞ୍ଚାୟତର କନ୍ତିମଳା ସାମିଲ ବାଘଗୋରଡ଼ିଠାରୁ ତେନ୍ତୁଳେଇ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ ପାଇଁ ୬ଲକ୍ଷ ୪୮ହଜାର ୩୩୬ ଟଙ୍କା ଓ ଓଡ଼ଶମଳ ଗ୍ରାମର ଗୋଠପଡ଼ିଆଠାରେ ଗୋଶାଳା ନିର୍ମାଣ ନିମନ୍ତେ ୪ଲକ୍ଷ ୬୩ ହଜାର ଟଙ୍କା ମଞ୍ଜୁର କରାଯାଇଛି। ବାଘଗୋରଡ଼ିଠାରୁ ତେନ୍ତୁଳେଇ ଠାକୁରାଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଗୋଚର ଜମିରେ ପୂର୍ବରୁ ୫ଲକ୍ଷ ଟଙ୍କା ବ୍ୟୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମାଧ୍ୟମରେ ଶ୍ରମିକ ବଦଳରେ ଜେସିବି ଯୋଗେ ନିର୍ମିତ ମାଟିରାସ୍ତା ଅଧାପନ୍ତରିଆ ଭାବେ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏହି ଅସମ୍ପୂର୍ଣ୍ଣ କାଦୁଅଭରା ରାସ୍ତାର ମୂଳଦୁଆ ମଜଭୁତ ହୋଇ ନ ଥିବାବେଳେ ସେହି ରାସ୍ତା ଉପରେ କଂକ୍ରିଟ ରାସ୍ତା ନିର୍ମାଣ କାମ କରିବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଅବଦାନ ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ନିମନ୍ତେ ଅନୁଷ୍ଠିତ ଗ୍ରାମସଭାର କ୍ରମିକ ସଂଖ୍ୟା ଡେଭିଏସନ କରି କାକଟପୁର ବ୍ଲକ ପ୍ରଶାସନ ସରକାରୀ ନିୟମ ଉଲ୍ଲଂଘନ କରି ପ୍ରକଳ୍ପଗୁଡ଼ିକ ନିମନ୍ତେ ଆର୍ଥିକ ସହାୟତା ଅନୁମୋଦନ କରିଛନ୍ତି ବୋଲି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଏ ସମ୍ପର୍କରେ ଚିତ୍ରେଶରୀ ରାଜସ୍ୱ ନିରୀକ୍ଷକ ଶୁଭ୍ରଜିତ ସାହୁ କହିଛନ୍ତି, ଗୋଚର ଜମିରେ ପ୍ରକଳ୍ପ କାର୍ଯ୍ୟ କରିବା ଆଇନସମ୍ମତ ନୁହେଁ। ଶନିବାର ଘଟଣାସ୍ଥଳ ପରିଦର୍ଶନ କରି ନୋଟିସ ଜାରି କରି ତହସିଲଦାର୍‌ଙ୍କୁ ଅବଗତ କରାଇବା ସହ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କାକଟପୁର ବିଡିଓ ବିଷ୍ଣୁ ଗୋବିନ୍ଦଙ୍କୁ ପଚାରିବାରେ ସେ କୁହନ୍ତି, ଗୋଚର ଜମିରେ ପ୍ରକଳ୍ପ କାର୍ଯ୍ୟ ହେବା ଆଇନ ବିରୋଧୀ। ଏହି ପ୍ରକଳ୍ପ କାର୍ଯ୍ୟର ଫାଇଲ୍ ଅନୁଧ୍ୟାନ କରାଯିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।



ପୁରୀ ଘୋଷଯାତ୍ରା ଉପଲକ୍ଷେ ରଥର ଓଲଟ ଶୁଆ ଏବଂ କଳସକୁ ରଙ୍ଗ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ରଥଯାତ୍ରା ପାଇଁ ସିପିଆର୍ ତାଲିମ

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରାକୁ ଯେପରି ଶୃଙ୍ଖଳିତ ଭାବେ ସମ୍ପାଦିତ କରାଯିବା ସହ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ତେବେ ରଥଯାତ୍ରା ସମୟରେ ଲକ୍ଷାଧିକ ଭକ୍ତଙ୍କ ପୁରୀରେ ସମାଗମ ହେବ। ତେଣୁ ଏହି ବିପୁଳ ଜନସମାଗମରେ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏହି ସମୟରେ କୌଣସି ବ୍ୟକ୍ତିଙ୍କୁ ହୃଦଘାତ ହେଲେ ତୁରନ୍ତ ସିପିଆର ବା କାର୍ଡିଓପଲମୋନାରୀ ରେସୁସିଟେସନ (ସିପିଆର୍) ପଦ୍ଧତିରେ ଯେଭଳି ତୁରନ୍ତ ଚିକିତ୍ସା କରାଯାଇ ଜୀବନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଏକ ପ୍ରଶିକ୍ଷଣ ଶୁକ୍ରବାର ପୂର୍ବାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପରାମର୍ଶକ୍ରମେ ହାର୍ଟ ମେଟ୍ ଫାଉଣ୍ଡେଶନ ପକ୍ଷରୁ ଆୟୋଜନ କରାଯାଇଥିଲା। ବରିଷ୍ଠ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ନେଇ ଏହି ତାଲିମ ପ୍ରଦାନ କରାଯାଇଥିଲା। ହୃଦ୍‌ରୋଗ ଚିକିତ୍ସକ ଡ. ଋଷିକାନ୍ତ ମହାନ୍ତ ତାଲିମ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜିକା ଗାୟତ୍ରୀ କର ଏହାର ବର୍ଣ୍ଣନା ଓ ସୁଶୀଲ, ବିଶ୍ୱଜିତ ଦୁଇ ସହାୟକ ପ୍ରାକ୍ଟିକାଲ ତାଲିମ୍‌ରେ ସହଯୋଗ କରିଥିଲେ।

# ଖବରଦାତା ବିକ୍ରମ ଆଚାର୍ଯ୍ୟଙ୍କ ପରଲୋକ

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ଏକ ଦୈନିକ ଖବରକାଗଜର ଖବରଦାତା ବିକ୍ରମ କେଶରୀ ଆଚାର୍ଯ୍ୟଙ୍କର ୩୩ବର୍ଷ ବୟସରେ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ନବକଳେବର ରୋଡର ଗୋଛାୟତ ବଗିଚାସ୍ଥିତ ଭଡ଼ାଘରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଛି। ସୂଚନା ଅନୁଯାୟୀ, ଗୁରୁବାର ସେ ପୁରୀ କାର୍ଯ୍ୟାଳୟକୁ ଆସି ଖବର ଦେଇ ରାତି ପ୍ରାୟ ୧୧ଟାରେ ନିଜ ଭଡ଼ାଘରକୁ ଫେରିଥିଲେ। ତେବେ ରାତିରେ ପରିବାର ଲୋକଙ୍କ ସହ ଫୋନରେ ଭିଡିଓ କଲ କରି କଥା ହୋଇଥିଲେ। ପରେ ଫ୍ୟାନ୍‌ରେ ବେକରେ ଗାମୁଛା ଲାଗି ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିବାକୁ ମିଳିଥିଲା। ତାଙ୍କ ଭାଇ ଭାଉଜ ଏସମ୍ପର୍କରେ ଅନ୍ୟ ଖବରଦାତାବନ୍ଧୁମାନଙ୍କୁ ଜଣାଇଥିଲେ। ତତ୍‌କ୍ଷଣାତ ସମସ୍ତେ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ରୁମ୍‌ରେ ପଶିଥିଲେ। ବିକ୍ରମଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି କୁମ୍ଭାରପଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଗଜେନ୍ଦ୍ର ଦାସଙ୍କ ସମେତ ବହୁ ଖବରଦାତା ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ, ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ, ବିଜେଡି ନେତା ସଞ୍ଜୟ ଦାସବର୍ମା ପ୍ରମୁଖ ତାଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଅପରପକ୍ଷରେ ଶୁକ୍ରବାର ପୁରୀର ଖବରଦାତାମାନଙ୍କ ପକ୍ଷରୁ ନାୟକ ପ୍ଲାଜାଠାରେ ତାଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ବିକ୍ରମଙ୍କ ବିୟୋଗରେ ଶୋକସଭା

କୋଣାର୍କ,୨୦।୬(ଜ୍ୟୋତିରାଜ ମହାନ୍ତି)

ଦୈନିକ ଓଡ଼ିଆ ଖବରକାଗଜ 'ପ୍ରମେୟ'ର ଖବରଦାତା ବିକ୍ରମ କେଶରୀ ଆଚାର୍ଯ୍ୟଙ୍କ ଅକାଳ ବିୟୋଗରେ କୋଣାର୍କ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ବରିଷ୍ଠ ଖବରଦାତା ମାନସ ରଞ୍ଜନ ପାତ୍ର, ସଞ୍ଜୟ ପତି, କୋଣାର୍କ ପ୍ରେସ କ୍ଲବ ସଭାପତି ଧନଞ୍ଜୟ ବେହେରା, ସମ୍ପାଦକ ବିଚିତ୍ର ଓଝା, କୋଣାର୍କ ସାମ୍ବାଦିକ ସଂଘ ସଭାପତି ଜ୍ୟୋତିରାଜ ମହାନ୍ତି, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଉପସଭାପତି ଭାଗୀରଥି ସ୍ୱାଇଁ, ନିରଞ୍ଜନ ବାରିକଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇ ସ୍ୱର୍ଗତ ବିକ୍ରମଙ୍କ ପ୍ରତିଭାର ସ୍ମୃତିଚାରଣ କରିଥିଲେ।

# ଛାତ୍ରୀଛାତ୍ରଙ୍କ ବିପଜ୍ଜନକ ଯାତ୍ରା

## ପରିବହନ ବିଭାଗ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ

ଅସ୍ତରଙ୍ଗ,୨୦।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ଖରା ଛୁଟିପରେ ପାଠପଢ଼ା ଆରମ୍ଭ ହୋଇଛି। ପ୍ରାୟତଃ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସମ୍ପୂର୍ଣ୍ଣ ଉପସ୍ଥିତି ଦେଖିବାକୁ ମିଳୁଛି। ଏଭଳି ସମୟରେ ବିପଜ୍ଜନକ ଭାବେ ଛାତ୍ରୀଛାତ୍ରଙ୍କୁ ପରିବହନ କରୁଥିବା ଅଟୋଗୁଡ଼ିକ ଉପରେ ନିୟନ୍ତ୍ରଣ ଏବଂ ଯାଞ୍ଚ ହେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି।

ସୂଚନାଯୋଗ୍ୟ, ଅର୍ଥ ଲୋଭରେ ଅଟୋରେ ଛାତ୍ରୀଛାତ୍ରଙ୍କୁ ବିପଜ୍ଜନକ ଭାବେ ପ୍ରତିଦିନ ପରିବହନ କରାଯାଉଛି। ପ୍ରାୟ ଗାଡ଼ିର ଫିଟନେସ୍ ଓ ଡ୍ରାଇଭର୍‌ମାନଙ୍କର ଲାଇସେନ୍ସ ଅଛି କି ନାହିଁ ଯାଞ୍ଚ କରାଯାଉ ନାହିଁ। ନିୟମ ଅନୁସାରେ ଗୋଟିଏ ଅଟୋରେ ୫ଜଣ ଛାତ୍ରୀଛାତ୍ରଙ୍କୁ ନେବାର ପ୍ରାବଧାନ ଥିବାବେଳେ ଏବେ ୧୦ଜଣରୁ ଅଧିକ ପିଲାଙ୍କୁ ନେଉଥିବା ଦେଖିବାକୁ ମିଳୁଛି। ବିଶେଷ କରି ଛାତ୍ରୀଛାତ୍ରଙ୍କ ପରିବହନ ସମୟରେ ଏକ ଟିମ୍ ଯାଞ୍ଚ କରାଗଲେ କିଛି ମାତ୍ରାରେ ଅଘଟଣକୁ ପ୍ରତିହତ କରାଯାଇପାରନ୍ତା। ଯଦି ଏହା ପ୍ରତି ଦୃଷ୍ଟି ନ ଦିଆଯାଏ ଆଗାମୀ ଦିନରେ କିଛି ଅଘଟଣ ହେଲେ ଦାୟୀ କିଏ ରହିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ପିଲାମାନେ ଅଟୋରେ ବିପଜ୍ଜନକ ଅବସ୍ଥାରେ ଯାତ୍ରା କରୁଛନ୍ତି ।

# ଲୋକମେଳା, କୃଷିମେଳା ଉଦ୍‌ଯାପିତ

## ଓୟୁଏଟିର କୃଷି ବିଜ୍ଞାନ କେନ୍ଦ୍ରକୁ ପ୍ରଥମ ପୁରସ୍କାର

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ଉତ୍କଳୀୟ ସଂସ୍କୃତି ସହ ଭାରତୀୟ ସଂସ୍କୃତିର ମହାମିଳନ ପର୍ବ ପାଇଁ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା କରିଥିବା ଦୀର୍ଘ ୨୩ ବର୍ଷର ନିଷ୍ଠାପର ପ୍ରୟାସ ସମସ୍ତଙ୍କର ସ୍ମରଣ ରହିବ। ସେହିପରି ୧୬ବର୍ଷ ଧରି ଏହି ଅନୁଷ୍ଠାନ କୃଷିମେଳା ମାଧ୍ୟମରେ କୃଷିଭିତ୍ତିକ ଉପକରଣ, କୃଷିବିଜ୍ଞାନ, ମତ୍ସ୍ୟ ଓ ପ୍ରାଣୀ ପାଳନ, ପାଣିପାଗ ବିଭାଗକୁ ପୁରୀରେ ସମ୍ମିଳିତ କରିପାରିବା ଉଲ୍ଲେଖନୀୟ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଛନ୍ତି। ଡ. ହରେକୃଷ୍ଣ ଶତପଥୀଙ୍କ ସଭାପତିତ୍ୱ ଓ ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନାରେ ଏହି ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ସଂସ୍କୃତି ଗବେଷକ ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚନ୍ଦ୍ରବିଜୟୀ ମିଶ୍ର, ଶ୍ୟାମପ୍ରକାଶ ସେନାପତି, ବିଶ୍ୱନାଥ ମିଶ୍ର, ଭରତ କୁମାର ନାୟକ, ହେକ୍ଟର ମିଶ୍ର, ଉଲ୍ଲାସ ଚନ୍ଦ୍ର ଜେନା, ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ରିତେଶ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୨୨ଟି ରାଜ୍ୟର ୫୨୦ ଜଣ କଳାକାର ଓ କୃଷି ଅଧିକାରୀ ଶେଷପର୍ବରେ ସାମିଲ ହୋଇଥିଲେ। ପୁଷ୍କର ସାହୁ, ପ୍ରତାପ ଚନ୍ଦ୍ର ଦଳେଇ, ରାଜକିଶୋର ମୁଖୀ, ଦିବ୍ୟପ୍ରକାଶ ସୁବୁଦ୍ଧି ଏବଂ ପୂର୍ଣ୍ଣଚନ୍ଦ୍ର ଓଝା ପରିଚାଳନାରେ ସହଯୋଗ କରିଥିଲେ। ୧୬ତମ କୃଷିମେଳାର ଶ୍ରେଷ୍ଠ କୃଷି ପ୍ରତିଯୋଗୀ ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୃଷି ବିଜ୍ଞାନ କେନ୍ଦ୍ର ପୁରସ୍କୃତ ହୋଇଛି। ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ଭାରତ ସରକାରଙ୍କ ବାୟୋଟେକ୍ନୋଲୋଜି ବିଭାଗ, ତୃତୀୟ ଶ୍ରେଷ୍ଠ ପ୍ରଦର୍ଶନକାରୀ ମିଳିତ ଭାବେ ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ ଓ ପୁରୀ ଜିଲା ମୁଖ୍ୟ କୃଷି ବିଭାଗ ପୁରସ୍କୃତ ହୋଇଥିଲା। ସେହିପରି ପୂର୍ବାଞ୍ଚଳ ରେଳୱେ, କୟର ବୋର୍ଡ ଓ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ କାର୍ଯ୍ୟାଳୟ ପୁରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ ଷ୍ଟଲ୍ ଭାବେ ପୁରସ୍କୃତ ହୋଇଥିଲେ।





କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ।

## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ: ଜଣେ ଗିରଫ, ୮ଫେରାର



ମଙ୍ଗୁଳି-ଜଗତପୁର,୨୦।୬(ମାନସ ସାମଲ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଜଣେ ଯୁବକଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଟାଙ୍ଗୀ ଥାନା ଅଧୀନ ଖାଇପଡିଆ ଗ୍ରାମର ଜ୍ୟୋତି ରଞ୍ଜନ ମାଲିକ (୨୨)। ଅନ୍ୟ ୮ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ପୋଲିସ ସୂଚନା ମୁତାବକ, ସୋମବାର ଖାଇପଡିଆ ଗ୍ରାମର ବିଜୟ କୁମାର ସ୍ୱାଇଁ ଘରେ ଥିବା ବେଳେ ହଠାତ ଜ୍ୟୋତିଙ୍କ ସହ ଅନ୍ୟ ୮ଜଣ ଯୁବକ ତାଙ୍କ ଘରେ ପହଞ୍ଚି ହଠାତ ଧାରୁଆ ଅସ୍ତ୍ରରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ବିଜୟଙ୍କ ମୁଣ୍ଡ ଓ ମୁହଁରେ ଆଘାତ ଲାଗିଥିଲା। ବିଜୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୩/୨୫)ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ଟାଙ୍ଗୀ ଅଞ୍ଚଳରୁ ମୁଖ୍ୟ ଅଭିଯୁକ୍ତ ଜ୍ୟୋତିରଞ୍ଜନଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରାସାଦ ଭଦ୍ର ସୂଚନା ଦେଇଛନ୍ତି।

### ଭିନ୍ନକ୍ଷମ ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

ଚୌଦ୍ୱାର,୨୦।୬(ଆଶୁତୋଷ ଦାସ)

ଜଣେ ଭିନ୍ନକ୍ଷମ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଗୋପାଳନଗର ବସ୍ତିର ଦିଲୁ ମହାନନ୍ଦିଆ (୨୩)। ଅଭିଯୋଗରୁ ପ୍ରକାଶ ଯେ, ସେ ତାଙ୍କ ଘରେ ଏକୁଟିଆ ଥିବାବେଳେ ଦିଲୁ ନିଶାପାନ କରି ତାଙ୍କ ଘରେ ପଶି ତାଙ୍କୁ ଟଣାଓଟରା କରିବା ସହିତ ଅସଦାଚରଣ କରିଥିଲେ। ସେ ପାଟି କରିବାରୁ ଦିଲୁ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ଏକ ମାମଲା (ନଂ.୩୬୦/୨୫)ରୁଜୁକରି ଘଟଣାର ତଦନ୍ତ କରିବା ସହିତ ଦିଲୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଜମିଜମା ରେକର୍ଡ ସଂଶୋଧନରେ ବିଳମ୍ବ

**ବଂଶାବଳୀ ଲୁଚାଇବା ଅଭିଯୋଗ**

କଟକ ସଦର,୨୦।୬(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ମୃତକଙ୍କ ସ୍ଥାନରେ ଉତ୍ତରାଧିକାରୀଙ୍କ ନାମ ଯୋଗ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। କଟକ ସଦର ଓ କିଶନନଗର ତହସିଲର ଷ୍ଟାଫମାନେ ଜମିଜମା ରେକର୍ଡ ସଂଶୋଧନ ପାଇଁ ଉଦ୍ୟମ କଲେ ସୁଦ୍ଧା ବଂଶାବଳୀ ଲୁଚାଇବା ଯୋଗୁ ସଂଶୋଧନ କାର୍ଯ୍ୟ ଆଗେଇ ପାରୁନାହିଁ। କିଶୋର ନଗରଠାରେ ବ୍ଲକ କୃଷି ଅଧିକାରୀ ଯାଫନା ରାୟ ସ୍ୱତନ୍ତ୍ର ବୈଠକରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ବ୍ଲକର ୧୪ହଜାର ୩୭୮ ହିତାଧିକାରୀ ଥିଲେ ସୁଦ୍ଧା କୃଷକ ପୋର୍ଟାଲରେ ପଞ୍ଜୀକରଣ କମ ହୋଇଛି। ଫଳରେ ଆଗାମୀ ଦିନରେ ଯେକୌଣସି କୃଷକ ସହାୟତା ମିଳିବ ନାହିଁ ବୋଲି ବ୍ଲକ କୃଷି ଅଧିକାରୀ ରାୟ ସୂଚନା ଦେଇଥିଲେ। ମାତ୍ର ଉଭୟ ତହସିଲର ରାଜସ୍ୱ ନୀରିକ୍ଷକମାନଙ୍କ କହିବା କଥା ହେଲା ଝିଅମାନଙ୍କ ନାମ ଭାଇମାନେ କହିବା ପାଇଁ ରାଜି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ପଟ୍ଟା ସଂଶୋଧନ କରିବାରେ ବିଳମ୍ବ ଘଟୁଛି। ସମସ୍ତେ ସହଯୋଗ କଲେ ଜମିଜମା ରେକର୍ଡ ସଂଶୋଧନ ବିନା ମୂଲ୍ୟରେ ହୋଇପାରିବ ବୋଲି ଆତ୍ମା ସଭାପତି ରମା ପ୍ରସାଦ ବିଶ୍ୱାଳ ଚାଷୀମାନଙ୍କୁ ଅନୁରୋଧ କରିଥିଲେ।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

ଚୌଦ୍ୱାର,୨୦।୬(ଆଶୁତୋଷ ଦାସ)

ରାଜ୍ୟରେ ଏବେ ବିଭିନ୍ନ ଜିଲାରେ ଝାଡ଼ାବାନ୍ତି ବ୍ୟାପୁଥିବାରୁ ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହାର ମୁକାବିଲା ପାଇଁ ପ୍ରାଶାସନିକସ୍ତରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୌରପାଳିକା ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଶୁକ୍ରବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ପୌରପାଳିକାର ୧୯ଟି ୱାର୍ଡରେ ସ୍ୱଚ୍ଛତା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଇଛନ୍ତି। ପୌରପାଳିକାର ସାନିଟେସନ ବିଭାଗକୁ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ସମସ୍ତ ୱାର୍ଡର ଡ୍ରେନ, ଅଳିଆ ଆବର୍ଜନା, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ସହିତ ବ୍ଲିଚିଂ ପକାଇବା ପାଇଁ ଲୋକମାନଙ୍କୁ ଏହି ରୋଗ ପ୍ରତିରୋଧ ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ୱାର୍ଡରେ ଥିବା ସ୍ୱଚ୍ଛସାଥୀ, ଆଶାକର୍ମୀ, ଅଙ୍ଗନବାଡି କର୍ମୀମାନଙ୍କୁ ନିୟୋଜିତ କରିବାକୁ ପରାମର୍ଶ ଦିଆଯାଇଛି।



ଚୌଦ୍ୱାର ପୌରପାଳିକା ପକ୍ଷରୁ ଅନୁଷ୍ଠିତ ଜରୁରିକାଳୀନ ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

**ଚୌଦ୍ୱାର ପୌରପାଳିକା ପକ୍ଷରୁ ଜରୁରିକାଳୀନ ବୈଠକ**

ସେହିପରି ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ସହିତ ପ୍ରତେକ ୱାର୍ଡରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଲାଇନ ସଂଯୋଗଗୁଡ଼ିକୁ ନୀରିକ୍ଷଣ କରିବା, ପାନୀୟ ଜଳର ମାନ ଯାଞ୍ଚ କରିବା, ୱାର୍ଡଗୁଡ଼ିକରେ ଥିବା ଟ୍ୟୁବୱେଲଗୁଡ଼ିକର ସ୍ଥିତି ପରଖି ତାର ଆବଶ୍ୟକ ମରାମତି କରିବା ଯେପରି କି ବାହାର ପାଣି ପାଇପ ଲାଇନ କିମ୍ବା ଟ୍ୟୁବୱେଲ ଭିତରେ ପ୍ରବେଶ ନ କରି ପାରିବ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ପୌରାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଲୋକମାନଙ୍କୁ ପ୍ରଚୁର ପରିମାଣର ହାଲୋଜିନ ବଟିକା, ଓଆରଏସ୍ ପାଉଡର ସହିତ ଲିଫଲେଟ ଓ ପୋଷ୍ଟର ମାଧ୍ୟମରେ ବ୍ୟାପକ ସଚେତନତା କରାଇବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ ପ୍ରତ୍ୟେକ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମ କରାଗଲେ ଏହି ରୋଗକୁ ମୁକାବିଲା କରିହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ପ୍ରେମ ଚାନ୍ଦ ନାୟକ, ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ପୌର ଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଜୟ କୁମାର ନାୟକ, ଏସ୍‌ଡିଓ ଶମ୍ଭୁନାଥ ସେଠୀ, ପ୍ରୀୟଦର୍ଶିନୀ ଶତପଥି, ଡା.ରବି ନାରାୟଣ ମହାପାତ୍ର, ସଞ୍ଜୟ ନାୟକ, ପୀୟୂଷ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସମେତ ସମସ୍ତ ପାରିଷଦମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




କେନ୍ଦ୍ର ସରକାର ଭାରତବାସୀଙ୍କୁ ୧୧ବର୍ଷର ଓ ମୋହନ ସରକାରଙ୍କ ଓଡ଼ିଶାବାସୀଙ୍କୁ ୧ବର୍ଷ ପ୍ରତାରଣା କରିବା ବିରୋଧରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ମୁଖରେ ଟାଙ୍ଗୀ ଶାଖା ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ କରାଯାଉଛି।

# ସିପିଆଇ(ଏମ୍)ର ବିକ୍ଷୋଭ, ପ୍ରତିବାଦ

ମଙ୍ଗୁଳି-ଜଗତପୁର,୨୦।୬(ମାନସ ସାମଲ)

**ଡବଲ ଇଞ୍ଜିନ ସରକାର ଲୋକଙ୍କୁ ପ୍ରତାରଣା କରିବା ଅଭିଯୋଗ**

କେନ୍ଦ୍ରରେ ମୋଦି ସରକାରଙ୍କ ଭାରତବାସୀଙ୍କୁ ୧୧ବର୍ଷର ଓ ମୋହନ ସରକାରଙ୍କ ଓଡ଼ିଶାବାସୀଙ୍କୁ ୧ବର୍ଷ ପ୍ରତାରଣା କରିବା ବିରୋଧରେ ଶୁକ୍ରବାର ଟାଙ୍ଗୀ ଶାଖା ସିପିଆଇ(ଏମ୍) ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ସମ୍ମୁଖରେ ଆୟୋଜିତ ବିକ୍ଷୋଭରେ ଟାଙ୍ଗୀ ଶାଖା ସିପିଆଇ(ଏମ୍) ୩୦ଊର୍ଦ୍ଧ୍ୱ ନେତୃବୃନ୍ଦ ଓ କର୍ମୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ମିଛୁଆ ସରକାର, ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ଭାଜପା ସରକାର ଚାଷୀମାନଙ୍କୁ କଟିନିଛଟନୀ ହେବ ନାହିଁ, ୩୦୦ୟୁନିଟ ମାଗଣା ବିଜୁଳି ବିଲ ଛାଡ, ୬୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାମାନଙ୍କୁ ୩ହଜାର ଭତ୍ତା ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ନିର୍ବାଚନ ଜିତିବା ପରେ ଜନସାଧାରଣମାନଙ୍କୁ ଭକୁଆ ବନେଇ କୌଣସି ଗୋଟିଏ ପ୍ରତିଶ୍ରୁତି ରକ୍ଷା କରି ପାରିନାହିଁ। ରାଜ୍ୟ ସରକାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଯେତିକି ଟଙ୍କା ରଜକୋଷରୁ ଖର୍ଚ୍ଚ କରୁଛି, ସେତିକି ଟଙ୍କାରେ ନିର୍ବାଚନର ପ୍ରତିଶ୍ରୁତି ମଧ୍ୟରୁ କେତେକ ମୁଖ୍ୟ ପ୍ରତିଶ୍ରୁତି ପାଳନ କରାଯାଇ ପାରିଥାନ୍ତା ବୋଲି ସିପିଆଇ(ଏମ୍) ପକ୍ଷରୁ ଅଭିଯୋଗ ଆଣିବା ସହ ଡବଲ ଇଞ୍ଜିନ ସରକାର ଏକ ମିଛୁଆ ସରକାର ବୋଲି ନାରାବାଜି ଦେଇଥିଲେ। ଆଗାମୀ ଦିନରେ ଭାଜପା ସରକାର ବିରୋଧରେ ସିପିଆଇ(ଏମ୍) ଗାଁ ଗାଁ ବୋଲି ଲୋକ ମାନଙ୍କୁ ସଚେତନ କରିବ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ବିକ୍ଷୋଭରେ ଟାଙ୍ଗୀ ସିପିଆଇଏମ୍ ବହୁ ଆଗଧାଡ଼ିର ନେତୃବୃନ୍ଦ ସହ ୩୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ରହିଥିଲେ।

# ଅବ୍ୟକ୍ତ ଅନୁଭୂତି ପୁସ୍ତକ ଉନ୍ମୋଚିତ

କଟକ,୨୦।୬(କାର୍ତ୍ତିକ ସାହୁ)

କବି ସରୋଜ କୁମାର ରଣାଙ୍କ ରଚିତ ଅବ୍ୟକ୍ତ ଅନୁଭୂତି ପୁସ୍ତକର ଉନ୍ମୋଚନ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଲେଖକ ଡ. ରତ୍ନାକର ରାଉତ ଯୋଗଦେଇ ସାରସ୍ୱତ ସ୍ରଷ୍ଟାମାନେ ସମାଜର ବାସ୍ତବ ଚିତ୍ରକୁ ନିଜର ସୃଷ୍ଟି ମାଧ୍ୟମରେ ପ୍ରତିଫଳନ କରିବା ଆବଶ୍ୟକ ବୋଲି କହିଥିଲେ। ସ୍ତମ୍ଭକାର ଡ. ସତ୍ୟ ରାୟ ସମାଜକୁ ସୁଧାରିବାରେ ଲେଖକମାନଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। କବି ଶତ୍ରୁଘ୍ନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡା. ରମେଶ ଚନ୍ଦ୍ର ଦାସ, ଲେଖକ ରଘୁନାଥ ମହାପାତ୍ର ଓ ଭବାନୀ ପ୍ରସାଦ ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଲେଖକ ସରୋଜ କୁମାର ରଣା ନିଜ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ।

# ଝିଙ୍କିରିଆରେ ସଫେଇ, ବିଶୋଧନ କାର୍ଯ୍ୟକ୍ରମ



ଗ୍ରାମ୍ୟ କମିଟି ଓ ୟୁନିୟନ ସ୍ୱେଚ୍ଛାସେବୀମାନେ ସଫେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି।

କଟକ ସଦର,୨୦।୬(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୨୪ରୁ ଊର୍ଦ୍ଧ୍ୱ ଲୋକ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପ୍ରତିଷେଧକ ବ୍ୟବସ୍ଥା ପାଇଁ ଶୁକ୍ରବାର ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ଓ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟି ମିଳିତ ଆନୁକୂଲ୍ୟରେ ଝିଙ୍କିରିଆ ଗ୍ରାମ ରାଧାରାଣୀ ମଠ ପ୍ରାଙ୍ଗଣରେ ସଫେଇ ଓ ବିଶୋଧନ କାର୍ଯ୍ୟକ୍ରମ କରାଯାଇଥିଲା। ୟୁନିୟନର ସ୍ୱେଚ୍ଛାସେବୀ ଓ ଗ୍ରାମବାସୀ ଅଳିଆ ଆବର୍ଜନା ପରିଷ୍କାର କରିବା ସହ ରାସ୍ତାରେ ବ୍ଲିଚିଂ ପାଉଡର ପକାଇଥିଲେ। ଗରମ ଖାଦ୍ୟ ଖାଇବା, ଫୁଟା ପାଣି ପାଇବା ପାଇଁ ସ୍ଥାନୀୟ ବାସିନ୍ଦାମାନଙ୍କୁ ପ୍ରବର୍ତ୍ତାଇ ଥିଲେ। ଶେଷରେ ଓଆରଏସ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ୟୁନିୟନ ସଭାପତି ପ୍ରଫେସର୍ ମନୋଜ କୁମାର ନାୟକଙ୍କ ପ୍ରେରଣାରେ ବିଜୟ କୁମାର ନାୟକ, ଉଦୟ ସାସମଲ ଓ ଅନ୍ୟ ସ୍ୱେଚ୍ଛାସେବୀ, ଗ୍ରାମ୍ୟ କମିଟି ଅଧିକାରୀ ଚିନ୍ମୟ ଦେବତା, ମହନ୍ତ ଦୁଷ୍ମନ୍ତ କୁମାର ନନ୍ଦ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ଦେବତା, ଉପଦେଷ୍ଟା ଆନନ୍ଦ କୁମାର ଦେବତା, ଅଶୋକ କୁମାର ଦେବତା, ସମ୍ପାଦକ ହୃଷୀକେଶ ସ୍ୱାଇଁ, ମଧୁସୂଦନ ଦେବତା, ସୁଜିତ୍ କୁମାର ଦେବତା, ନରହରି ଦେବତା, ଗୌତମ ସ୍ୱାଇଁ, ଝିଙ୍କିରିଆ ଗାଁ କଲ୍ୟାଣ ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ। ପୁରୁଣା ପାଇପରେ ଜଳଯୋଗାଣ ଓ ଫଟା ପାଇପ ଦ୍ୱାରା ବାହାର ପାଣି ମିଶିବା ଯୋଗୁ ଝାଡ଼ାବାନ୍ତି ବ୍ୟାପିଥିବା କୁହାଯାଉଛି। ତୁରନ୍ତ ଏହାକୁ ପରିବର୍ତ୍ତନ କରିବା ପାଇଁ ଦାବି କରାଯାଇଛି।

# ଓଡ଼ିଶା ପାଇଁ ଜଳବାୟୁ ପ୍ରତିରୋଧୀ ୭ ଧାନ କିସମ

କଟକ,୨୦।୬(କାର୍ତ୍ତିକ ସାହୁ)

ଓଡ଼ିଶାର ବିବିଧ ପରିସଂସ୍ଥା ପାଇଁ ଜଳବାୟୁ-ପ୍ରତିରୋଧୀ ୭ଟି ଧାନ କିସମକୁ ସରକାରୀ ସ୍ୱୀକୃତି ମିଳିଛି। ଓଡ଼ିଶା ରାଜ୍ୟ ବିହନ ଉପକମିଟି ରାଜ୍ୟର ବିବିଧ କୃଷି-ପରିବେଶିକ ଅଞ୍ଚଳରେ ଚାଷ ପାଇଁ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ କଟକ ଦ୍ୱାରା ବିକଶିତ ଏହି ସାତଟି ଉଚ୍ଚ-ଅମଳକ୍ଷମ ଧାନ କିସମ ଚାଷ କରାଯିବା ପାଇଁ ଅନୁମୋଦନ କରିଛି। ଏହି ବିହନ କିସମଗୁଡ଼ିକ ପ୍ରମୁଖ କୀଟପତଙ୍ଗ ଏବଂ ରୋଗ ପ୍ରତି ସହନଶୀଳ। ଓଡ଼ିଶାର ଧାନ ଚାଷୀମାନଙ୍କୁ ଉନ୍ନତ ଚାଷ ଏବଂ ଅଧିକ ଉତ୍ପାଦନ ପ୍ରଦାନ କରିବ। ନିରନ୍ତର କୃଷି ଏବଂ ଚାଷୀ ସମୃଦ୍ଧି ଦିଗରେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରେସ ବିବୃତିରେ କୁହାଯାଇଛି। ଅନୁମୋଦନ ଲାଭ କରିଥିବା ବିହନଗୁଡ଼ିକ ନିମ୍ନପ୍ରକାର। ସିଆର ଧାନ ୨୧୫ (ଇନ୍ଦୁମତି) ଲୁଣିଆ ଏବଂ ଆନାରୋବିକ ଅଙ୍କୁରଜନ ସହନଶୀଳତା ସହିତ ଏକ ଉଚ୍ଚ ଅମଳକାରୀ ଡବଲ ହାପ୍ଲଏଡ ଧାନ କିସମ। ଏହା ଓଡ଼ିଶାରେ ବାୟୁମଣ୍ଡଳ, ଉପକୂଳ ଲବଣିଆ ଏବଂ ଜଳସେଚିତ ଜମିରେ ଚାଷ ପାଇଁ ବିକଶିତ କରାଯାଇଛି।



ସିଆର୍ ଧାନ ୩୨୫ (ସଲୀଳ) ଏକ ମଧ୍ୟମ ଅବଧି (୧୧୫-୧୨୦ ଦିନ) ଉଚ୍ଚ ଅମଳକାରୀ ଡବଲ ହାପ୍ଲଏଡ ପ୍ରଜାତିର କିସମ। ଓଡ଼ିଶାରେ ଜଳସେଚିତ ଜମିରେ ଚାଷ ପାଇଁ ଏହାକୁ ବିକଶିତ କରାଯାଇଛି।

ସିଆର୍ ଧାନ ୩୩୪ (ସତ୍ୟଦେବ) ଏକ ମଧ୍ୟମ ଅବଧି (୧୩୦-୧୩୫ ଦିନ) ଉଚ୍ଚ ଅମଳକାରୀ ଡବଲ ହାପ୍ଲଏଡ ପ୍ରଜାତିର ଲମ୍ବା ପତଳା ପ୍ରିମିୟମ ଗୁଣବତ୍ତା ଶସ୍ୟ ଥିବା କିସମ। ଏହା ଓଡ଼ିଶାର ଜଳସେଚିତ ଜମିରେ ଚାଷ ପାଇଁ ବିକଶିତ କରାଯାଇଛି।

ସିଆର୍ ଧାନ ୩୩୫ (ଆଲୋକ) ଏକ ମଧ୍ୟମ ଅବଧି (୧୩୦-୧୩୫ ଦିନ) ପ୍ରିମିୟମ ଗୁଣବତ୍ତା ଡବଲ ହାପ୍ଲଏଡ ପ୍ରଜାତିର ମଧ୍ୟମ ପତଳା ଶସ୍ୟ ଥିବା କିସମ। ଓଡ଼ିଶାର ସିଧା ଛଟା ବୁଣା, ଜଳସେଚିତ ଏବଂ ବର୍ଷାଶ୍ରିତ ଅଗଭୀର ନିମ୍ନଭୂମି ପରିବେଶ ପାଇଁ ଏହାକୁ ବିକଶିତ କରାଯାଇଛି।

**ଅନୁମୋଦନ ଦେଲା ଓଡ଼ିଶା ରାଜ୍ୟ ବିହନ ଉପକମିଟି**

ସିଆର୍ ଧାନ ୬୦୪ (କଳ୍ପନା) ଏକ ମଧ୍ୟମ ଅବଧିର କିସମ ଯାହା ଅଙ୍କୁରିତ ହେବା ସମୟରେ କମ ତାପମାତ୍ରା ଏବଂ ପ୍ରଜନନ ପର୍ଯ୍ୟାୟରେ ଉତ୍ତାପ ସହ୍ୟ କରିପାରେ। ଏହାର ଲମ୍ବା ପତଳା ଦାନା ବିଶିଷ୍ଟ ଓ ରାଜ୍ୟର ଶୁଷ୍କ ଋତୁ (ଡାଲୁଅ) ଚାଷ ପାଇଁ ବିକଶିତ କରାଯାଇଛି।

ସିଆର୍ ଧାନ ୭୦୫ (ଗଙ୍ଗା) ଏକ ଲମ୍ବା ପତଳା ଦାନା ସହିତ ମଧ୍ୟମ ଅବଧିର ଏକ ସଙ୍କର ଧାନ କିସମ। ଓଡ଼ିଶାର ଜଳସେଚିତ, ବର୍ଷାଶ୍ରିତ, ଅଗଭୀର ନିମ୍ନଭୂମି ଏବଂ ସିଧା ଛଟା ବୁଣା ପରିବେଶ ପାଇଁ ଏହାକୁ ବିକଶିତ କରାଯାଇଛି।

ସିଆର୍ ଧାନ ୯୧୨ (ଆଶୁତୋଷ ମହକ) ଏକ ମଧ୍ୟମ ଅବଧି, ଉଚ୍ଚ ଅମଳକ୍ଷମ ଅଣ-ବାସୁମତୀ ସୁଗନ୍ଧିତ ଏବଂ ପ୍ରିମିୟମ ଶସ୍ୟ ଗୁଣବତ୍ତା ଡବଲ ହାପ୍ଲଏଡ କିସମ। ଏହା ଓଡ଼ିଶାର ଜଳସେଚିତ ଜମିରେ ଚାଷ ପାଇଁ ବିକଶିତ କରାଯାଇଛି।

## ଫଟୋରେ ଖବର



ଅନ୍ନପୂର୍ଣ୍ଣା ଥିଏଟର ବି-ଗ୍ରୁପ୍ ପକ୍ଷରୁ ଶୁକ୍ରବାର ମଞ୍ଚସ୍ଥ ହୋଇଥିବା ନାଟକ 'ରଘୁ ଅରକ୍ଷିତ'ର ଏକ ଦୃଶ୍ୟ।



ପ୍ରଦୂଷିତ ମହାନଦୀ: କଟକ ସହରର ଆବର୍ଜନା ଜଳକୁ ମହାନଦୀ (ଜୋବ୍ରା ରେଲୱେ ବ୍ରିଜ୍) ମଧ୍ୟକୁ ଛଡ଼ାଯାଉଛି।(ଫଟୋ: ରାଜକିଶୋର ମହାନ୍ତି)

# ଶହୀଦ ବାଜି ରାଉତଙ୍କ ଗାଁକୁ ବରପୁତ୍ର ଆଦର୍ଶ ଗ୍ରାମ ଘୋଷଣା



ନୀଳକଣ୍ଠପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲାପାଳଙ୍କ ଉପସ୍ଥିତିରେ ଜଣେ ବରିଷ୍ଠ ନାଗରିକ ଉଦ୍‌ଘାଟନ କରୁଛନ୍ତି।

ଭୁବନ,୨୦।୬ (ବିପିନ ବିହାରୀ ସେଠୀ)

ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ଗାଁ ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ସାମିଲକଣପାଳ ପଞ୍ଚାୟତସ୍ଥିତ ନୀଳକଣ୍ଠପୁରକୁ ବରପୁତ୍ର ଆଦର୍ଶ ଗ୍ରାମ ଭାବେ ଶୁକ୍ରବାର ଘୋଷଣା କରାଯାଇଛି। ଓଡ଼ିଶାରେ ଭାଜପା ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘୋଷଣା କରିଛନ୍ତି। ଏହି ଅବସରରେ ନୀଳକଣ୍ଠପୁରସ୍ଥିତ ଶହୀଦ ପୀଠରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖାଯିବାର ବ୍ୟବସ୍ଥା ହୋଇଥିଲା। ଶହୀଦ ପୀଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଗ୍ରାମର ଜଣେ ବରିଷ୍ଠ ନାଗରିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଆଗାମୀ ଦିନରେ ବରପୁତ୍ର ଆଦର୍ଶ ଗ୍ରାମ ନୀଳକଣ୍ଠପୁରର ଉନ୍ନୟନମୂଳକ କାର୍ଯ୍ୟ ଓ ବ୍ରାହ୍ମଣୀ ନଦୀର ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଭୁବନ ତହସିଲଦାର ସୂର୍ଯ୍ୟ ଶଙ୍କର ଦିଶ, ବିଡିଓ ଆୟୁଷୀ ମହାପାତ୍ର, କାମାକ୍ଷାନଗର ବିଧାୟକଙ୍କ ପ୍ରତିନିଧି ଜଗବନ୍ଧୁ ପୃଷ୍ଟି ଓ ମହୁଲପାଳ ସରପଞ୍ଚ ଲିପ୍ସା ରାଉତଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ କଂଗ୍ରେସର ବିରୋଧ

## ଦଳୀୟ ନେତା ଓ କର୍ମୀ ଗିରଫ

ଭୁବନେଶ୍ୱର,୨୦।୬ (ରବିନାରାୟଣ ଜେନା)

ରାଜ୍ୟରେ ଗଞ୍ଜାମ-ଗୋପାଳପୁରଠାରେ ଘଟିଥିବା ଲୋମହର୍ଷଣକାରୀ ଗଣବଳାତ୍କାର, କେନ୍ଦୁଝର-ହରିଚନ୍ଦନପୁର ଅଞ୍ଚଳରେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଏବଂ ବାରିପଦାଠାରେ ଜଣେ ମହିଳାଙ୍କୁ ଘରୁ ଉଠାଇ ନେଇ ବଳାତ୍କାର କରିବା ଘଟଣା ରାଜ୍ୟରେ ନାରୀମାନେ କେତେ ଦୟନୀୟ ଅବସ୍ଥାରେ ଅଛନ୍ତି ତାହା ପ୍ରମାଣିତ କରୁଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତକୁ ବିରୋଧ କରିବା ଅବସରରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଶାନ୍ତିପୂର୍ଣ୍ଣ ଅନଶନ ବେଳେ ଭକ୍ତ କହିଛନ୍ତି, ରାଜ୍ୟରେ ଭାଜପା ସରକାର ୧ବର୍ଷ ଭିତରେ ମହିଳା ଓ ଶିଶୁଙ୍କ ଉପରେ ହିଂସା, ବଳାତ୍କାର ଓ ଗଣବଳାତ୍କାର ଚରମସୀମାରେ ପହଞ୍ଚିଛି। ଏହି ସମୟରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ କରି ମିଥ୍ୟା ସଫଳତା ବଖାଣିବା ରାଜ୍ୟବାସୀଙ୍କୁ ଅଧିକ ପୀଡ଼ା ଦେଉଛି। ପୂର୍ବ ବିଜେଡି ସରକାର ସମୟରେ ଦିନକୁ ୭ ଜଣ ମହିଳା ଗଣବଳାତ୍କାରର ଶିକାର ହେଉଥିବା ବେଳେ ଏବେ ଦିନକୁ ୧୫ ଜଣ ମହିଳା ଗଣବଳାତ୍କାରର ଶିକାର ହେଉଛନ୍ତି। ସବୁକ୍ଷେତ୍ରରେ ବିଫଳ ମୋହନ ସରକାରକୁ ମିଛ ପ୍ରମାଣପତ୍ର ଦେଇ ତୁଚ୍ଛା ବାହାବା ଦିଆ ଚାଲିଛି। ସରକାର ଏସବୁ ଘଟଣାକୁ ହାଲୁକା ଭାବେ ନ ନେଇ ସମ୍ବେଦନଶୀଳ ହୁଅନ୍ତୁ ବୋଲି ସେ କହିଛନ୍ତି। ତେବେ କଂଗ୍ରେସ ତରଫରୁ ଶୁକ୍ରବାର କଂଗ୍ରେସଭବନଠାରେ ଶାନ୍ତିପୂର୍ଣ୍ଣ ଅନଶନ ପାଇଁ ଆହ୍ୱାନ ଦିଆଯାଇଥିବା ବେଳେ ଯୁବ କଂଗ୍ରେସ ସଭାପତି ଏବଂ ଯୁବ ଓ ଛାତ୍ର କଂଗ୍ରେସର ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ପୋଲିସ ଲଗାଇ ରାତି ଅଧିଆ ଏବଂ ଯୁବକଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କୁ ଅନଶନ ବେଳେ ଗିରଫ କରି ଧର୍ମଘଟରେ ସାମିଲ ହେବାକୁ ରୋକିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସମେତ ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




କଂଗ୍ରେସ ଭବନଠାରେ ଅନଶନରେ ବସିଥିବା ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଦଳୀୟ ନେତୃବୃନ୍ଦ।

# ଏଆଇସିସି ତଥ୍ୟ ଅନୁଧ୍ୟାନ କମିଟିର ୪ ଦିନିଆ ଓଡ଼ିଶା ଗସ୍ତ ଆଜି

ଭୁବନେଶ୍ୱର,୨୦।୬ (ରବିନାରାୟଣ ଜେନା)

ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଗଠିତ ୫ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ଶନିବାର ପୂର୍ବାହ୍ନରେ ୪ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ପ୍ରଥମେ ଗୋପାଳପୁର ଗସ୍ତ କରି ଗଣବଳାତ୍କାର ଘଟିଥିବା ଅଞ୍ଚଳକୁ ଗସ୍ତ କରିବା ସହିତ ପୀଡ଼ିତାଙ୍କ ପରିବାରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି। ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ଦୀପା ଦାସମୁନ୍‌ସୀଙ୍କ ନେତୃତ୍ୱରେ ଏହି ଦଳ ଆସୁଥିବାବେଳେ ୨୨ରେ କନ୍ଧମାଳର ଟିକାବାଲି ଓ ପରେ ଫୁଲବାଣୀ ଗସ୍ତକରି ଜିଲା ପ୍ରଶାସନକୁ ଭେଟିବା ସହିତ ତଥ୍ୟ ଯାଞ୍ଚ କରିବେ। ୨୩ରେ କେନ୍ଦୁଝର ଗସ୍ତକରି ହରିଚନ୍ଦନପୁର ନାବାଳିକାଙ୍କ ପରିବାରକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ୨୪ ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପରେ ଖବରଦାତା ସମ୍ମିଳନୀ କରିବେ ବୋଲି ଜଣାଯାଇଛି।

# ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିବ ପ୍ରଥମ ପର୍ଯ୍ୟାୟ ଯୁକ୍ତ୩ ନାମଲେଖା

ଭୁବନେଶ୍ୱର,୨୦।୬ (ସୁଚିସ୍ମିତା ସାହୁ)

ଯୁକ୍ତ୩ (ଯୁଜି)ପ୍ରଥମ ପର୍ଯ୍ୟାୟ ନାମଲେଖା ଅବଧିରେ ସାମାନ୍ୟ ବୃଦ୍ଧି ଘଟିଛି। ଶନିବାର ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନାମଲେଖା ଚାଲିବ। ଯେଉଁ ଛାତ୍ରୀଛାତ୍ରମାନେ ଟଙ୍କା ଜମା କରି ନ ଥିଲେ, ସେମାନେ ବର୍ଦ୍ଧିତ ସମୟ ଭିତରେ ଟଙ୍କା ଜମା କରିପାରିବେ। ଯଦି କେଉଁ ପିଲାମାନେ କଲେଜରେ ରିପୋର୍ଟ କରିପାରି ନାହାନ୍ତି, ସେମାନେ ତାହା ବି କରିପାରିବେ। ଫ୍ରିଜ୍, ସ୍ଲାଇଡ୍, ଫ୍ଲୋଟ ଅପ୍ସନ ଆପଣାଇ ପାରିବେ। ପ୍ରଥମ ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ହିଁ ଏହି ଅବଧି ସମୟସୀମାକୁ ଉପଯୋଗ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କଲେଜରେ ଛାତ୍ରୀଛାତ୍ର ଆଗ୍ରହ ଓ ଅଭିଭାବକଙ୍କ ଭିଡ ଦେଖି ଯୁଜି ନାମଲେଖାର ଅବଧି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

# ଏସ୍‌ସିବି କୁଳସଚିବ ସୁବାସ ରାୟ କୋଭିଡ୍ ଆକ୍ରାନ୍ତ

କଟକ,୨୦।୬ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର କୁଳସଚିବ ତଥା ପ୍ରଶାସନିକ ଅଧିକାରୀ ସୁବାସ ରାୟ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। କିଛିଦିନ ପୂର୍ବରୁ ସେ ଅସୁସ୍ଥ ଅନୁଭବ କରିବାରୁ ରକ୍ତ ନମୁନା ପରୀକ୍ଷା କରାଇଥିଲେ। ତାଙ୍କ ରିପୋର୍ଟ ପଜିଟିଭ ଆସିଥିବା ବେଳେ ହୋମ କ୍ୱାରାଣ୍ଟାଇନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ କୁଳସଚିବ କରୋନା ପଜିଟିଭ ଜଣାପଡ଼ିବା ପରେ ଅଧୀକ୍ଷକ ଏବଂ କୁଳସଚିବଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ଭିତରେ ଛାନିଆ ପଶିଛି। ଏହାସହ କର୍ମଚାରୀମାନେ ମଧ୍ୟ ନମୁନା ପରୀକ୍ଷା କରାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଏସ୍‌ସିବିର ଜଣେ ଡାକ୍ତର ମଧ୍ୟ କରୋନାରେ ଆକ୍ରାନ୍ତ ହୋଇଥିଲେ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025024, ତା.10.06.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ପୁରୀ ଷ୍ଟେସନ ୟାର୍ଡ ଠାରେ ପ୍ଲାଟଫର୍ମ ନଂ. 7 ଏବଂ 8 ନିମନ୍ତେ ବାଲାଷ୍ଟ ବିହୀନ ଟ୍ରାକ୍ କାର୍ଯ୍ୟ ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1007.61 ଲକ୍ଷ, **EMD :** ₹ 6,53,800/-, **କାର୍ଯ୍ୟ ଶେଷ ହେବା ଅବଧି:** 05 (ପାଞ୍ଚ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.07.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟୁକ୍ତ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରେ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-44/CI/25-26

CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

## ବ୍ଲକ୍/ଜିଲା ସ୍ତରୀୟ ନିଯୁକ୍ତି

ନିଜ ଅଞ୍ଚଳରେ କାମ କରିବାକୁ CANDIDATE ଆବଶ୍ୟକ। QUALIFICATION 9TH, 10TH, +2, +3, ITI. SALARY UPTO - 25,000/-, AGE (18-42 YEARS).

CONTACT : 7205384715

## ଆବଶ୍ୟକ

JC BATTERIES

ତାମିଲନାଡୁର ଏକ ISO ପ୍ରମାଣିତ ବ୍ୟାଟେରି ବିନିର୍ମାତା କମ୍ପାନୀ ପୂର୍ଣ୍ଣକାଳୀନ ଚାକିରି ପାଇଁ ଶ୍ରମିକ ଆବଶ୍ୟକ କରୁଛି।

**ମେଶିନ ଅପରେଟର**
**ହେଲ୍‌ପର**

ଉଚ୍ଚ ଦରମା

ପ୍ରଦାନ କରାଯାଉଥିବା ଲାଭ:
- ମାଗଣା ଖାଇବା ଓ ରହିବା ସୁବିଧା
- ବୋନସ୍, ଇଏସ୍‌ଆଇ, ପିଏଫ୍, ବୀମା ସୁବିଧା ଦିଆଯିବ

ଯୋଗାଯୋଗ: ଜୟଚନ୍ଦ୍ରନ ଇଣ୍ଡଷ୍ଟ୍ରିଜ୍ (ପ୍ରା) ଲିଃ
219/2A1, ତେଲେଙ୍ଗୁପାଲାୟାମ ରୋଡ୍, ଏଲ୍ଲାପାଲାୟାମ ପୋଷ୍ଟ, ଅନ୍ନୁର, କୋଏମ୍ବାଟୁର - 641697। ତାମିଲନାଡୁ
ଫୋନ୍: +91 96777 75651, 95009 42402
www.jcbattery.net

## कार्यपालक अभियन्ता का कार्यालय, पेयजल एवं स्वच्छता प्रमण्डल संख्या-1, धनबाद

**आवश्यक सूचना**

पेयजल एवं स्वच्छता प्रमण्डल सं.1, धनबाद के अन्तर्गत ई-प्रोक्यूरमेन्ट निविदा आमंत्रण सूचना संख्या- DHN-1/12/2025-26 जिसका सूचना एवं जनसम्पर्क विभाग के PR No.- 354103 (Drinking Water and Sanitation) 25-26 है को अपरिहार्य कारणों से रद्द किया जाता है।

कार्यपालक अभियन्ता,
पेयजल एवं स्वच्छता प्रमण्डल संख्या-1, धनबाद

PR 355645 Drinking Water and Sanitation(25-26).D

## SOUTH EAST CENTRAL RAILWAY

ରେଳପଥ ନିଯୁକ୍ତି କୋଷ
ଆର୍.ଟି.ଏସ୍. କଲୋନୀ, କେନ୍ଦ୍ରୀୟ ବିଦ୍ୟାଳୟ ନିକଟ, ବିଳାସପୁର (ଛ.ଗ.) ୪୯୫୦୦୪
କର୍ମନିଯୁକ୍ତି ବିଜ୍ଞପ୍ତି ସଂଖ୍ୟା: ପି-ଏଚ୍‌କ୍ୟୁ/ଆର୍‌ଆର୍‌ସି/୭୬୧/୨୦୨୫-୨୬

**ସାଙ୍କେତିକ ବିଜ୍ଞପ୍ତି**
**ସାଂସ୍କୃତିକ କୋଟାରେ ନିଯୁକ୍ତି**

ଜାରି/ଆରମ୍ଭ ତାରିଖ: ୨୧।୦୬।୨୦୨୫ ବନ୍ଦ ହେବା ତାରିଖ: ୨୦।୦୭।୨୦୨୫(୨୩:୫୯)

ବର୍ଷ ୨୦୨୫-୨୬ ପାଇଁ ନିମ୍ନଲିଖିତ ଶୃଙ୍ଖଳାରେ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ସାଂସ୍କୃତିକ କୋଟାରେ ବେତନ ମାଟ୍ରିକ୍ସ ସ୍ତର-୨ (୭ମ ସିପିସି)ରେ ୨ (ଦୁଇ)ଟି ଗ୍ରୁପ୍ 'ସି' ବର୍ଗର ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଉଛି:-

**ପଦବୀ(ଗୁଡ଼ିକ) ଏବଂ ଶୃଙ୍ଖଳାଗୁଡ଼ିକର ବିବରଣୀ:**

| କ୍ର. ସଂ. | ଶୃଙ୍ଖଳା | ପଦବୀ ସଂଖ୍ୟା | ସାଂସ୍କୃତିକ ଯୋଗ୍ୟତା (ଅତ୍ୟାବଶ୍ୟକ) |
|---|---|---|---|
| ୦୧ | ଲୋକନୃତ୍ୟ/ନାଟକ (ପୁରୁଷ) (ଉଭୟ ନାଟକ ଓ ନୃତ୍ୟର ଜ୍ଞାନକୁ ପ୍ରାଧାନ୍ୟ ଦିଆଯିବ) | ୦୧ | ସରକାରୀ/ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଲୋକନୃତ୍ୟ/ନାଟକରେ ଡିଗ୍ରୀ/ଡିପ୍ଲୋମା |
| ୦୨ | ଲୋକନୃତ୍ୟ/ନାଟକ (ମହିଳା) (ଉଭୟ ନାଟକ ଓ ନୃତ୍ୟର ଜ୍ଞାନକୁ ପ୍ରାଧାନ୍ୟ ଦିଆଯିବ) | ୦୧ | ସରକାରୀ/ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ଲୋକନୃତ୍ୟ/ନାଟକରେ ଡିଗ୍ରୀ/ଡିପ୍ଲୋମା |

ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ର **ତା୨୧।୦୬।୨୦୨୫ରିଖରୁ ତା୨୮।୦୬।୨୦୨୫ରିଖର** ସଂଖ୍ୟା ଦେଖନ୍ତୁ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ୱେବ୍‌ସାଇଟ୍‌ରେ ଲଗ୍ ଅନ୍ କରନ୍ତୁ: www.secr.indianrailways.gov.in

CPR/10/72A ଅଧ୍ୟକ୍ଷ/ଆର୍‌ଆର୍‌ସି/ଏସ୍‌ଇସିଆର୍/ବିଳାସପୁର।

f South East Central Railway X @secrail

## कार्यपालक अभियंता का कार्यालय
### ग्रामीण विकास विशेष प्रमंडल, देवघर

**अल्पकालीन ई-निविदा आमंत्रण सूचना**

ई- निविदा सूचना संख्या - RDD/SD/DEOGHAR/11/RE1/2025-26 (3rd Call)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | देवघर जिला के देवघर प्रखंड में पंचायत गौरीपुर के ग्राम गम्हरिया एवं करनकोल के बीच जोरिया पर पुल निर्माण। | 22717700.00 | 454400.00 | 10000.00 | 15 माह |
| 2 | देवघर जिला के देवीपुर प्रखंड अन्तर्गत ग्राम पिपराटोला जोरिया में पुल निर्माण। | 16824400.00 | 336500.00 | 10000.00 | 15 माह |

2. वेबसाइट में निविदा प्रकाशन की तिथि -- 23.06.2025
3. ई-निविदा प्राप्ति की तिथि एवं समय - दिनांक 24.06.2025 से दिनांक 02.07.2025 को अपराह्न 5:00 बजे तक
4. ई-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमण्डल, देवघर
5. ई-निविदा खोलने की तिथि एवं समय - 04.07.2025 अपराह्न 2:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, देवघर
7. ई-निविदा प्रकोष्ठ का दूरभाष सं० - 9110047844 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी। विस्तृत जानकारी के लिये वेबसाइट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, देवघर

PR 355634 Rural Development (25-26)_D

## OFFICE OF THE EXECUTIVE ENGINEER
### ROAD CONSTRUCTION DEPARTMENT
### ROAD DIVISION, DUMKA

**CORRIGENDUM**

TENDER REFERENCE No.- RCD/DUMKA/975
PR 354584 Road(25-26):D

NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26. Job No. CRF-JHR-2025-26-73

CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 26.08.2025 at 10.30 A.M in place of 28.07.2025 Up to 12.00 Noon. |
| 5 | Date of Publication of Tender on website | 28.07.2025 at 10.30 A.M in place of 23.06.2025 |
| 6 | Pre Bid Meeting | 04.08.2025 at 10.30 A.M in place of 01.07.2025 at 11.00 A.M |

Other terms and conditions shall remain unchanged.

Executive Engineer
Road Construction Department,
Road Division, Dumka

PR 355582 Road (25-26)_D

## ଦ.ପୂ. ରେଳପଥ – ଇ-ଟେଣ୍ଡର

**ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୨, ତାରିଖ: ୨୦।୦୬।୨୦୨୫।**

"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ |
|---|---|---|---|---|---|
| ୧ | ୩୩୨୫୩୨୪୯ | ୦୯।୦୭।୨୦୨୫ | ଉନ୍ନତ ହାଇ ଟେନ୍‌ସାଇଲ୍ ଟାଇଟ୍ ଲକ୍ ଇତ୍ୟାଦି | ୨୧୬ ଗୋଟି | ୨୦,୦୦,୦୦୦ |
| ୨ | ଏଚ୍‌ବି ୨୪୭୫୩୧ବି | ୦୨।୦୭।୨୦୨୫ | ଅଟୋମ୍ୟାଟିକ୍ ସିଲିଂ ମାଉଣ୍ଟେଡ୍ ମଡ୍ୟୁଲାର ଅଗ୍ନି ନିର୍ବାପକ ପ୍ରତ୍ୟେକ ୫ କିଗ୍ରା କ୍ଷମତାର | ୭୫ ଗୋଟି | ୧,୫୬,୬୭୦ |
| ୩ | ୬୫୨୫୫୦୧୦ | ୧୫।୦୭।୨୦୨୫ | ଡ୍ରାଏ କ୍ଲିନିଂ ମେଶିନ (ପିଇଆର୍‌ସି)ର ଯୋଗାଣ, ସ୍ଥାପନା, କମିଶନିଂ ଓ ପରୀକ୍ଷଣ, (ପ୍ରାକ୍-ବିଡ୍ ବୈଠକ ତା୨୬।୦୬।୨୫ରିଖ ୧୨.୦୦ ଘଟିକାରେ ପିସିଏମ୍‌ଏମ୍ ମିଟିଂ ରୁମ୍/ଏସ୍‌ଇଆର୍/ ଜିଆର୍‌ସି/ କୋଲକାତା-୪୩ ଠାରେ | ୦୨ ଗୋଟି | ୧,୮୫,୬୭୦ |
| ୪ | ୪୫୨୫୩୨୦୭ | ୨୧।୦୭।୨୦୨୫ | ୧୧୦ଭି ଡିସି ଟିଏଲ୍ ସିଷ୍ଟମ ପାଇଁ ଉପଯୁକ୍ତ ବ୍ୟାଟେରି ବକ୍ସ, ଫାଇବର ଗ୍ଲାସ୍ ଟ୍ରେ' ଇତ୍ୟାଦି ବିନା | ୬୪୪ ଗୋଟି | ୧,୯୨,୨୬୦ |
| ୫ | ୫୨୨୫୧୬୭୯ଏ | ୧୦।୦୭।୨୦୨୫ | ୫ ୱାଟ୍ ଭିଏଚ୍‌ଏଫ୍ ଡିଜିଟାଲ ୱାକି-ଟକି ସେଟ୍ ଇତ୍ୟାଦିର ଯୋଗାଣ | ୧୪୧୩ ସେଟ୍ | ୭,୨୬,୯୬୦ |
| ୬ | ୩୮୨୫୩୯୫୩ | ୨୮।୦୭।୨୦୨୫ | ବିଓଏକ୍ସଏନ୍ ୱାଗନ୍ ଇତ୍ୟାଦି ପାଇଁ ଟପ୍ ସାଇଟ୍ ବିୟରର୍ ଲାଇନର୍ | ୭୫୩୫ ଗୋଟି | ୧,୬୨,୭୧୦ |
| ୭ | ୩୮୨୫୪୦୭୮ଏ | ୦୪।୦୮।୨୦୨୫ | କଣ୍ଟେନର ଓ କଭର୍ଡ ୱାଗନଗୁଡ଼ିକ ପାଇଁ ମଡିଫାଏଡ୍ ଇଲାଷ୍ଟୋମେରିକ୍ ପ୍ୟାଡ୍ ଡିଜାଇନ୍-ବି | ୪୩୨୦ ଗୋଟି | ୧,୮୦,୯୬୦ |
| ୮ | ୩୮୨୫୪୦୭୩ଏ | ୦୬।୦୮।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ ବଡି ସାଇଡ୍ ଷ୍ଟାଞ୍ଚିୟନ୍ ଶର୍ଟ (ଦୈର୍ଘ୍ୟ-୬୫୦ ମିମି) (ଆଉଟର୍ ହୋଲ୍ ଦୂରତା କେନ୍ଦ୍ରରୁ ୧୦୫ ମିମି) | ୮୧୭୦ ଗୋଟି | ୯,୨୫,୫୦୦ |
| ୯ | ୩୮୨୫୩୮୪୯ | ୧୯।୦୮।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ ପାଇଁ ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ | ୧୭୦୦୦ ଗୋଟି | ୧୩,୯୦,୧୬୦ |
| ୧୦ | ୩୮୨୫୫୦୦୭ | ୨୮।୦୮।୨୦୨୫ | କ୍ୟାସନବ୍ ୨୨ ଏଚ୍‌ଏସ୍ ବଗି ପାଇଁ ଲାଇନର୍ ସହିତ କାଷ୍ଟ ଷ୍ଟିଲ୍ ବୋଲଷ୍ଟର | ୭୦ ଗୋଟି | ୨,୦୪,୮୫୦ |
| ୧୧ | ୨୯୨୪୩୦୮୨ଏ | ୦୭।୦୭।୨୦୨୫ | ଆର୍ଥ ରିଟର୍ଣ୍ଣ କାର୍ବନ ବ୍ରଶ୍ | ୧୬୭୩ ଗୋଟି | ୧,୨୪,୩୭୦ |
| ୧୨ | ୧୮୨୫୫୦୦୧ | ୧୬।୦୭।୨୦୨୫ | ଆଇଜିବିଟି - ଫେଜ୍ ମଡ୍ୟୁଲ୍ ଏସ୍‌୩ପି୩୦୦୦ଏଫ୍‌ଏଲ୍ + ଡକ୍ସ. | ୦୩ ଗୋଟି | ୧,୭୩,୦୩୦ |
| ୧୩ | ୨୯୨୫୧୩୧୩ | ୨୨।୦୭।୨୦୨୫ | ସିଏଲ୍‌ଡବ୍ଲ୍ୟୁ ବିନିର୍ଦ୍ଦିଷ୍ଟତା ନଂ. - ସିଏଲ୍‌ଡବ୍ଲ୍ୟୁ/ଏମ୍‌ଏସ୍/୩/୦୦୯ (ସଂଶୋଧନ ୩ କିମ୍ବା ସଦ୍ୟତମ) ଅନୁଯାୟୀ ଡାମ୍ପର୍ସ ସେଟ୍ | ୧୬୦ ସେଟ୍ | ୯,୭୦,୪୩୦ |
| ୧୪ | ୩୭୨୫୩୦୫୫ଏ | ୧୭।୦୭।୨୦୨୫ | ଡୋର୍ ଚେନଲେସ୍ କଟର୍ ଲଙ୍ଗ୍ ଇତ୍ୟାଦି | ୩୪୦୯୫ ଗୋଟି | ୧,୭୦,୮୮୦ |
| ୧୫ | ୪୫୨୫୩୧୬୭ | ୨୮।୦୭।୨୦୨୫ | ଇଓଜି-ଏଲ୍‌ଏଚ୍‌ବି କୋଚ୍ ଗୁଡ଼ିକ ପାଇଁ କଣ୍ଡେନ୍ସର୍ ଫ୍ୟାନ୍ ମୋଟର ଆଦି | ୬୪୧ ଗୋଟି | ୧,୦୨,୮୭୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-298)

## ଭାରତ ସରକାର
## ପ୍ରତିରକ୍ଷା ମନ୍ତ୍ରଣାଳୟ
### ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)
### ପ୍ରମାଣ ଏବଂ ପରୀକ୍ଷାମୂଳକ ପ୍ରତିଷ୍ଠାନ (ପିଏକ୍ସଇ)

ଚାନ୍ଦିପୁର, ବାଲେଶ୍ୱର-୭୫୬୦୨୫, ଓଡ଼ିଶା | ଇମେଲ୍: admin.pxe@gov.in

ନଂ. ପିଏକ୍ସଇ/ସିସି/୧/୨୬/ଏପି/ଆର୍‌ଏଫ୍ ତାରିଖ: ୧୦ ଜୁନ୍, ୨୦୨୫

## ଜୁନିୟର ରିସର୍ଚ୍ଚ ଫେଲୋ ପଦବୀ ପାଇଁ ୱାକ୍-ଇନ୍-ଇଣ୍ଟରଭ୍ୟୁ

ପ୍ରମାଣ ଏବଂ ପରୀକ୍ଷାମୂଳକ ପ୍ରତିଷ୍ଠାନ (ପିଏକ୍ସଇ), ଚାନ୍ଦିପୁର, ବାଲେଶ୍ୱର, ଓଡ଼ିଶା ଜୁନିୟର ରିସର୍ଚ୍ଚ ଫେଲୋ ଭାବେ ପ୍ରତିରକ୍ଷା ସମ୍ବନ୍ଧୀୟ ଗବେଷଣା କରିବା ଲାଗି ଇଚ୍ଛୁକ ଯୁବ ଏବଂ ମେଧାବୀ ଭାରତୀୟ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରୁଛି। ମନୋନୟନ ୱାକ୍-ଇନ୍-ଇଣ୍ଟରଭ୍ୟୁ ମାଧ୍ୟମରେ ଅନୁଷ୍ଠିତ ସାକ୍ଷାତକାର ଭିତ୍ତିରେ କରାଯିବ। ନିମ୍ନଲିଖିତ ଯୋଗ୍ୟତାଧାରୀ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି।

| ଫେଲୋଶିପ୍ ବିଷୟ | ଫେଲୋଶିପ୍ ସଂଖ୍ୟା* | ଜରୁରୀ ଯୋଗ୍ୟତା | ଫେଲୋଶିପ୍ ଅବଧି | ବୟସ ସୀମା |
|---|---|---|---|---|
| ମେକାନିକାଲ ଇଞ୍ଜିନିୟରିଂ | ୦୧ | ଗେଟ୍ (GATE) ଯୋଗ୍ୟତା ସହ ପ୍ରଥମ ଡିଭିଜନରେ ମେକାନିକାଲ ଇଞ୍ଜିନିୟରିଂରେ ପ୍ରଫେସନାଲ ପାଠ୍ୟକ୍ରମ (ବି.ଇ./ବି.ଟେକ୍)ରେ ସ୍ନାତକ ଡିଗ୍ରୀ କିମ୍ବା ଉଭୟ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ପ୍ରଥମ ଡିଭିଜନରେ ମେକାନିକାଲ ଇଞ୍ଜିନିୟରିଂରେ ପ୍ରଫେସନାଲ ପାଠ୍ୟକ୍ରମ (ଏମ୍.ଇ./ଏମ୍.ଟେକ୍)ରେ ସ୍ନାତକୋତ୍ତର ଡିଗ୍ରୀ | ୦୨ ବର୍ଷ (ନିୟମ ଅନୁଯାୟୀ ବର୍ଦ୍ଧିତ ଏବଂ ଏସ୍‌ଆର୍‌ଏଫ୍‌କୁ ଉନ୍ନୀତ ହୋଇପାରେ) | ୱାକ୍-ଇନ୍-ଇଣ୍ଟରଭ୍ୟୁ ତାରିଖରେ ୨୮ ବର୍ଷ |

*ଫେଲୋଶିପ୍‌ର ସଂଖ୍ୟା ବୃଦ୍ଧି କିମ୍ବା ହ୍ରାସ ହୋଇପାରେ।

୨. ଷ୍ଟାଇପେଣ୍ଡ - ଟ.୩୭,୦୦୦.୦୦ ପ୍ରତିମାସ ଓ ତା'ସହିତ ଏଚ୍‌ଆର୍‌ଏ ଓ ନିୟମ ଅନୁଯାୟୀ ସ୍ୱାସ୍ଥ୍ୟ ସୁବିଧା।
୩. ଆବେଦନ ପଦ୍ଧତି - ଆବେଦନ ଫର୍ମ ୱେବ୍‌ସାଇଟ୍ www.drdo.gov.in ରୁ ଡାଉନ୍‌ଲୋଡ୍ କରାଯାଇପାରିବ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ଉକ୍ତ ଫର୍ମକୁ ଫର୍ମାଟ୍ ଅନୁଯାୟୀ ପୂରଣ କରିପାରିବେ ଓ ସାକ୍ଷାତକାର ତାରିଖରେ ଦାଖଲ କରିପାରିବେ। ଯୋଗଦାନ ତାରିଖରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଆବେଦନ ଫର୍ମର ଏକ ପ୍ରତିଲିପି ସହିତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରର ମୂଳ ଏବଂ ଫଟୋକପି ଆଣିବା ଆବଶ୍ୟକ।
୪. ଉପରୋକ୍ତ ବିଷୟରେ ବୈଧ ଜିଏଟିଇ (GATE) ସ୍କୋର୍ ବାଧ୍ୟତାମୂଳକ ଅଟେ। ପ୍ରାର୍ଥୀମାନଙ୍କ ସଂଖ୍ୟା ଓ ଆବଶ୍ୟକତା ଅନୁସାରେ ଭୌତିକ ପଦ୍ଧତି (ୱାକ୍-ଇନ୍-ଇଣ୍ଟରଭ୍ୟୁ) ଜରିଆରେ ସାକ୍ଷାତକାର ସଞ୍ଚାଳନ କରାଯିବ। **ପ୍ରାର୍ଥୀମାନେ ଆବେଦନ ଫର୍ମରେ ସେମାନଙ୍କର ମୋବାଇଲ ନମ୍ବର ଓ ଇମେଲ ଆଇଡି ସ୍ପଷ୍ଟ ଭାବେ ଲେଖିବା ଉଚିତ।**
୫. ଉପରୋକ୍ତ ଯୋଗ୍ୟତା ପୂରଣ କରୁଥିବା ଆଗ୍ରହୀ ପ୍ରାର୍ଥୀମାନେ ପ୍ରଦତ୍ତ ଫର୍ମାଟ୍‌ରେ ନିଜର ବାୟୋ-ଡାଟା ଏବଂ ନିମ୍ନଦର୍ଶିତ ଦସ୍ତାବିଜ (ମୂଳ) ତଥା ଏକ ସେଟ୍ ଫଟୋ କପି ସହିତ ମନୋନୟନ କମିଟି ସମକ୍ଷରେ ଉପସ୍ଥିତ ହୋଇପାରନ୍ତି।

### ବାୟୋ-ଡାଟା ଫର୍ମାଟ୍
### ପିଏକ୍ସଇ, ଚାନ୍ଦିପୁରରେ ଜେଆର୍‌ଏଫ୍ ପାଇଁ ଆବେଦନ ଫର୍ମ

ସଦ୍ୟତମ ପାସ୍‌ପୋର୍ଟ ଆକାର ଫଟୋଗ୍ରାଫ୍ ଲଗାନ୍ତୁ

ଫେଲୋଶିପ୍‌ର ବିଷୟ ................................./ ବିଜ୍ଞାପନ ସଂ. ...........

| | | |
|---|---|---|
| ୦୧. | ପୂରା ନାମ ବଡ଼ ଅକ୍ଷରରେ | |
| ୦୨. | ପିତାଙ୍କ ନାମ | |
| | ମାତାଙ୍କ ନାମ | |
| | ସ୍ୱାମୀ/ସ୍ତ୍ରୀଙ୍କ ନାମ (ଯଦି ପ୍ରଯୁଜ୍ୟ) | |
| ୦୩. | ଲିଙ୍ଗ (ପୁରୁଷ/ମହିଳା/ତୃତୀୟଲିଙ୍ଗୀ) | |
| | ଜାତି (ସାଧାରଣ/ଏସ୍‌ସି/ଏସ୍‌ଟି/ଓବିସି) | |
| | ଜନ୍ମ ତାରିଖ (ଦିନ/ମାସ/ବର୍ଷ) | |
| | ବୟସ (ବର୍ଷ/ମାସ) | |
| ୦୪. | ପତ୍ର ବିନିମୟ ଠିକଣା, ପିନ୍ କୋଡ୍ ସହ | |
| ୦୫. | ସ୍ଥାୟୀ ଠିକଣା, ପିନ୍ କୋଡ୍ ସହ | |
| ୦୬. | ଯୋଗାଯୋଗ ବିବରଣୀ (ମୋବାଇଲ ନଂ. ଓ ବିକଳ୍ପ ମୋବାଇଲ ନଂ.) | |
| ୦୭. | ଇ-ମେଲ୍ ଆଇଡି | |
| | ବିକଳ୍ପ ଇ-ମେଲ୍ ଆଇଡି | |
| ୦୮. | ଶିକ୍ଷାଗତ ଯୋଗ୍ୟତା (ମାଟ୍ରିକ୍/୧୦ମ/ଏଚ୍‌ଏସ୍‌ସି ପରଠାରୁ, ସେଲ୍ଫ ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବ) | |

| ଉତ୍ତୀର୍ଣ୍ଣ ପରୀକ୍ଷା | ବିଷୟ | ବୋର୍ଡ/ ବିଶ୍ୱବିଦ୍ୟାଳୟ | ଉତ୍ତୀର୍ଣ୍ଣ ମାସ ଓ ବର୍ଷ | ଡିଭିଜନ / ଶ୍ରେଣୀ / ଗ୍ରେଡ୍ | ଶତକଡ଼ା/ ସିଜିପିଏ |
|---|---|---|---|---|---|
| | | | | | |
| | | | | | |
| | | | | | |
| | | | | | |

CBC 10301/11/0036/2526

# ମହାନଦୀ ଗଭୀର ଜଳରାଶିରେ ଯୋଗାସନ



ଓଡ଼ିଶା ୱାଟିଂ ଆସୋସିଏଶନ ପକ୍ଷରୁ ଯୋଗାସନ କରାଯାଉଛି।

### ସମସ୍ତେ ଯୋଗ କରିବା ଆବଶ୍ୟକ



ଏଠାରେ ଯୋଗ ତାଲିମ ଗ୍ରହଣ କରି ଏବେ ପିଲାଙ୍କୁ ତାଲିମ ଦେଉଛି। ଯୋଗ ଶରୀରକୁ ସୁସ୍ଥ ରଖିଥାଏ। ସୁସ୍ଥ ଶରୀର ଗଠନରେ ଏହାର ଗୁରୁତ୍ୱ ଅଧିକ। ସମସ୍ତେ ଯୋଗ କରିବା ଆବଶ୍ୟକ।

**-ଦେବାଶିଷ ହାଲଦାର,** ଟ୍ରେନର, ବାରବାଟୀ ଯୋଗ ଆସୋସିଏଶନ

### ଯୋଗ ଶିଖିବାକୁ ମହିଳାମାନେ ଅଧିକ ଆଗ୍ରହୀ



ପୁରୁଷଙ୍କ ଅପେକ୍ଷା ମହିଳା ବେଶି ଯୋଗ କରିବା ନେଇ ଆଗ୍ରହ ପ୍ରକାଶ କରିଥାନ୍ତି। ଆଜକୁ ୧୧ ବର୍ଷ ହେବ ଯୋଗ ଶିକ୍ଷା ଦେଇଆସୁଛି। ଯୋଗ ଦ୍ୱାରା ଶରୀର ଓ ମନ ମଧ୍ୟରେ ସନ୍ତୁଳନ ଆସିଥାଏ ଏବଂ ସୁସ୍ଥ ଶରୀର ଗଠନ କରିବାରେ ସହାୟକ ହୋଇଥାଏ।

**-ସାଗରିକା ଜେନା,** ଯୋଗଗୁରୁ, ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି

### ୧୫ ଦିନ ହେବ ଜଳରାଶିରେ ଅଭ୍ୟାସ ଚାଲିଥିଲା



ଓଡ଼ିଶା ୱାଟିଂ ଆସୋସିଏଶନ ପକ୍ଷରୁ ଯୋଗ ଦିବସ ଅବସରରେ ମହାନଦୀରେ ଯୋଗାସନ କରାଯାଇଛି। ଆଜିକୁ ୧୫ ଦିନ ହେବ ଜଳରାଶିରେ ଅଭ୍ୟାସ କରାଯାଇଥିଲା। ଶୁକ୍ରବାର ପ୍ରାୟ ୮ ପ୍ରକାରର ଯୋଗାସନ ୨୦ ମିନିଟ୍ ଧରି ମହାନଦୀ ଜଳରାଶିରେ ପରିବେଷଣ କରାଯାଇଥିଲା ।

**-ସବୀର ବକ୍ସ,** ପ୍ରତିଷ୍ଠାତା, ଓଡ଼ିଶା ୱାଟିଂ ଆସୋସିଏଶନ

### ଜୀବନଶୈଳୀ ଭାବେ ଗ୍ରହଣ କରିବା ଆବଶ୍ୟକ



ଯୋଗ କରିବା ଦ୍ୱାରା ମଣିଷ ରୋଗମୁକ୍ତ ହୋଇଥାଏ। ଯୋଗକୁ ଜୀବନଶୈଳୀ ଭାବେ ଗ୍ରହଣ କରିବା ଆବଶ୍ୟକ। ଏପରିକି ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୃଦ୍ଧ ବୟସ୍କ ପର୍ଯ୍ୟନ୍ତ ଏହା କରିବା ଜରୁରୀ ରହିଛି। ସମସ୍ତ ଅନୁଷ୍ଠାନରେ ଯୋଗକୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକ ରହିଛି।

**-ରିଙ୍କୁ ଟଙ୍କ,** ଯୋଗ ଗୁରୁ

**କଟକ, ୨୦ା୬**
**(ଶିଳ୍ପା ପ୍ରିୟଦର୍ଶିନୀ)**

## ଆଜି ବିଶ୍ୱ ଯୋଗ ଦିବସ

ଜୀବନ ତମାମ୍ ସୁସ୍ଥ ଶରୀର ଗଠନ କରିବାରେ ଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ଶନିବାର ବିଶ୍ୱ ଯୋଗ ଦିବସ ରହିଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ସହରରେ ଥିବା ଯୋଗ କେନ୍ଦ୍ର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ନେଇ ସ୍ୱତନ୍ତ୍ର ଆୟୋଜନ କରାଯାଇଛି। ଓଡ଼ିଶା ୱାଟିଂ ଆସୋସିଏଶନ ପକ୍ଷରୁ ଶୁକ୍ରବାର ମହାନଦୀ ଜଳରାଶିରେ ଅର୍ନ୍ତଜାତୀୟ ସ୍କୁବା ଡାଇଭର ସବୀର ବକ୍ସଙ୍କ ନେତୃତ୍ୱରେ ବିଶ୍ୱ ଯୋଗ ଦିବସ ପାଳନ ହୋଇଯାଇଛି। ଆସୋସିଏଶନ ସଦସ୍ୟମାନେ ଗଭୀର ଜଳରାଶିରେ ବିଭିନ୍ନ ଯୋଗ ପରିବେଷଣ କରିଥିଲେ।




ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ଶୃଙ୍ଖଳିତ ଭାବେ ରଥଯାତ୍ରା ପରିଚାଳନା ଉପରେ ଗୁରୁତ୍ୱ

**ପୁରୀ, ୨୦ା୬ (ଅଜିତ୍ କୁମାର ମହାନ୍ତି)**

## ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ଶୁକ୍ରବାର ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ରଥଯାତ୍ରାରେ ପୂର୍ବାପେକ୍ଷା ଅଧିକ ଶ୍ରଦ୍ଧାଳୁ ସାମିଲ ହେବା ନେଇ ଆକଳନ କରାଯାଉଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପରିଚାଳନା କରିବା ଉଭୟ ପୋଲିସ ଏବଂ ପ୍ରଶାସନ ପାଇଁ ଗୁରୁଦାୟିତ୍ୱ ବୋଲି ସେ କହିଥିଲେ। ପରସ୍ପର ମଧ୍ୟରେ ସୁସମନ୍ୱୟ ରଖି କାର୍ଯ୍ୟ କରିବା ସହ ଲୋକଙ୍କୁ ସୁବିଧା ଓ ଭଲ ବ୍ୟବହାର ପ୍ରଦର୍ଶନ ପାଇଁ ବେହେରା ପରାମର୍ଶ ଦେଇଥିଲେ। ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହ ନିର୍ଦ୍ଧାରିତ ସ୍ଥାନରେ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଳୁଙ୍କୁ ସହଯୋଗ ଓ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତେ କାର୍ଯ୍ୟ କରିବାକୁ ସେ କହିଥିଲେ। ଉପଜିଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୁନୀଲ କୁମାର ମିଶ୍ର, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ ଏବଂ ଡିଆଇଜିର ଅତିରିକ୍ତ ଏସ୍‌ପି ଦେବୀ ଶଙ୍କର ପ୍ରତାପ ପ୍ରମୁଖ ଯୋଗଦେଇ ଅତିଥି ଓ ଭକ୍ତଙ୍କ ସୁରକ୍ଷା ସହ ଶୃଙ୍ଖଳିତ ଦର୍ଶନ, ଅନୁଷ୍ଠାନ ବା ବ୍ୟକ୍ତିବିଶେଷଙ୍କୁ ସେବା ଯୋଗାଇବାରେ ସହଯୋଗ କରିବା, ଅଯଥା ଗହଳି କରାଇ ନ ଦେବା, ଟ୍ରାଫିକ ନିୟନ୍ତ୍ରଣ, ପରିମଳ, ସ୍ୱାସ୍ଥ୍ୟସେବା, ଆଶୁଚିକିତ୍ସା, ଆମ୍ବୁଲାନ୍ସ, ସୂଚନା ସେବା, ପାର୍କିଂ ବ୍ୟବସ୍ଥା ଇତ୍ୟାଦିର ସୁପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜିଲାର ମାଜିଷ୍ଟ୍ରେଟ ଓ ପୋଲିସ ଅଧିକାରୀମାନେ ଯୋଗଦେଇଥିଲେ। ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ପ୍ରଶାନ୍ତ କୁମାର ଜେନା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ବାଘ ବୁଲିବା ଖବର ନେଇ ତଦନ୍ତ ଆରମ୍ଭ

**ଗୋପ, ୨୦ା୬**
**(ଭାରତୀ ଭୂଷଣ ଉପାଧ୍ୟାୟ)**

## ଜଙ୍ଗଲ ବିଭାଗ କହିଲା ମିଥ୍ୟା ଓ ଗୁଜବ

୨ଦିନ ତଳେ ଗୋପ କଲେଜ ନିକଟସ୍ଥ ରାସ୍ତାରେ ବାଘ ବୁଲିବା ଖବରକୁ ନେଇ ଶୁକ୍ରବାର ଜଙ୍ଗଲ ବିଭାଗର ଏକ ଟିମ୍ ଗୋପରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହେଲେ ଏହି ବାଘ ବୁଲିବା ଖବର ମିଥ୍ୟା ଓ ଗୁଜବ ବୋଲି ରେଞ୍ଜର ସୁଦର୍ଶନ ଦେହୁରୀ କହିଛନ୍ତି।

ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ଏକ ବାଘ ବୁଲିବା ନେଇ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ପରେ ଗୋପ ବ୍ଲକ ଅଞ୍ଚଳରେ ମଧ୍ୟ ବାଘ ଆତଙ୍କ ଦେଖା ଦେଇଥିଲା। ବାଘ ବୁଲିବା ଖବରକୁ କେତେଜଣ ମଧ୍ୟ ଗୁଜବ ବୋଲି କହୁଥିଲେ। ଶୁକ୍ରବାର ପୁରୀ ଜିଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ପୁରୀରୁ ଏକ ଟିମ୍ ଗୋପରେ ପହଞ୍ଚି ତଦନ୍ତ କରୁଥିବା ବେଳେ ଗୋପ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ତଦନ୍ତ ସମୟରେ ଉପସ୍ଥିତ ଥିଲେ। ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ସ୍ଥାନରେ ଏହି ଟିମ୍ ପହଞ୍ଚି ବାଘର ପାଦଚିହ୍ନ ସହ ଆଉ କେତେକ ପାରିପାର୍ଶ୍ୱିକ ଅବସ୍ଥାକୁ ମଧ୍ୟ ଦେଖିଥିଲେ। ହେଲେ ସେପରି କୌଣସି ବାସ୍ତବତା ଦେଖିବାକୁ ମିଳି ନ ଥିବାବେଳେ ଜଣେ ଯୁବକଙ୍କୁ ଡରେଇବାକୁ ନେଇ ଏପରି କରାଯାଇଥିବା ଜଣାପଡ଼ିଥିଲା। ପରେ ଜଙ୍ଗଲ ବିଭାଗର ଟିମ୍ ଫେରିଥିବା ବେଳେ ଏହା ଏକ ଗୁଜବ ବୋଲି କହିଛନ୍ତି।

# ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଜୟଦେବ ପୀଠ ସାମିଲ

**ବାଲିଅନ୍ତା, ୨୦ା୬**
**(ନୀଳମାଧବ ସାହୁ)**

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ସେଥିମଧ୍ୟରୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଅନ୍ୟତମ। ଏହି ଯୋଜନାରେ ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକର ମହାନ କବି ଶ୍ରୀଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁଲି ସ୍ଥିତ ଜୟଦେବ ପୀଠକୁ ସାମିଲ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟର ବହୁ ବରପୁତ୍ରଙ୍କ ଗ୍ରାମକୁ ଏହି ଯୋଜନାରେ ସାମିଲ କରି ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି। ଏଥିପାଇଁ ଜୟଦେବ ପୀଠ ପରିସରରେ ନିର୍ମିତ କକ୍ଷରେ ଏହି ଯୋଜନାରେ ସାମିଲ ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ବିଭାଗ ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଏଡିଏମ୍ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଲିଲନ ପ୍ରସାଦ ସାହୁ ଓ ଏବିଡିଓ ଅପରାଜିତା ସ୍ୱାଇଁଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିପିଇଓ ନୀଳଶୈଳ ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ଜେନା, ଅଜୟ ସୁନ୍ଦରାୟ, କୈଳାସ ରାଉତ, ଅଜିତ ଶତପଥୀ ଓ ବସନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଟିଏ ଦିନରେ ୨୧ ଆକ୍ରାନ୍ତ, ଜଣେ ମୃତ

**ନିଶ୍ଚିନ୍ତକୋଇଲି, ୨୦ା୬**
**(ଅଶୋକ କୁମାର ମହାପାତ୍ର)**

## ମାହାଙ୍ଗାରେ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ୧୩୨

କଟକ ଜିଲା ମାହାଙ୍ଗା ବ୍ଲକରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ରୋଗରେ ମାହାଙ୍ଗା ଅଞ୍ଚଳର ବିଭିନ୍ନ ସ୍ଥାନରୁ ୧୩୨ ଜଣ ଚିହ୍ନଟ ହୋଇଥିବାବେଳେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଉଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ କ୍ଷେତ୍ରପାଳ ଗ୍ରାମର ଅଜୟ ନାୟକ (୫୦)। ଶୁକ୍ରବାର ଗୋଟିଏ ଦିନରେ ୨୧ ଜଣ ଆକ୍ରାନ୍ତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ରୋଗୀ ମଉଦା କ୍ଷେତ୍ରପାଳ ଅଞ୍ଚଳର ବୋଲି ଜଣାପଡିବା ପରେ ସ୍ୱାସ୍ଥ୍ୟକର୍ମୀଙ୍କ ଏକ ଦଳ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୂଷିତ ଜଳ ସଂକ୍ରମଣର କାରଣ ବୋଲି ଜଣାପଡ଼ିଛି।

# ଗୁଣପୁରରୁ ମିଳିଲା ୧୭ ଶତାବ୍ଦୀର ଦୁର୍ଲଭ ତାମ୍ର ଶାସନ ପତ୍ର





ଗୋବିନ୍ଦ ମହାପାତ୍ରଙ୍କ ପୁରୁଣା ବାସଗୃହରୁ ମିଳିଥିବା ତାମ୍ର ଶାସନ ପତ୍ରକୁ ସଦାନନ୍ଦ ପଣ୍ଡା ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୦ା୬ (ବନ୍ଦନା ସେଠୀ)**

ଓଡ଼ିଶାର ଐତିହ୍ୟ ଓ ଲିପିତତ୍ତ୍ୱ ଅନୁସନ୍ଧାନ ଦିଗରେ ଏକ ବଡ଼ ଉନ୍ମୋଚନ ଘଟିଛି। ରାୟଗଡ଼ା ଜିଲା ଗୁଣପୁରରୁ ଏକ ୧୭ ଶତାବ୍ଦୀର ଦୁର୍ଲଭ ତାମ୍ରଶାସନ ପତ୍ର ପ୍ରାପ୍ତ ହୋଇଛି। ଲିପିତତ୍ତ୍ୱବିତ୍ ବିଷ୍ଣୁ ମୋହନ ଅଧିକାରୀଙ୍କ ପାଠୋଦ୍ଧାର ଅନୁଯାୟୀ, ଏହି ତାମ୍ର ଫଳକଟି ୧୭ତମ ଶତାବ୍ଦୀର ଓଡ଼ିଆ ଲିପିରେ ଲେଖାଯାଇଥିବା ଏକ ମହତ୍ତ୍ୱପୂର୍ଣ୍ଣ ଶାସନପତ୍ର। ଏହି ଶାସନ ଶୁକ୍ଳପକ୍ଷ ଫାଲ୍‌ଗୁନ ମାସର ସପ୍ତମୀ ତିଥି ଶୁକ୍ରବାରରେ ଜାରି ହୋଇଥିଲା। ବିରୋଧୀ ସମ୍ବତ୍ସର ଅନୁଯାୟୀ, ଏହା ୯ ଫେବୃଆରୀ ୧୬୪୯ ଖ୍ରୀଷ୍ଟାବ୍ଦ ବୋଲି ଗଣନା କରାଯାଇଛି। ଏହା ନନ୍ଦପୁର ମହାରାଜା ଲାଲାକୃଷ୍ଣ ଦେବଙ୍କ ଦ୍ୱାରା ବାଲାଜୀ ମଠ ମହନ୍ତ ସହଜ ରାମ ଗୋସାଇଁଙ୍କୁ ପ୍ରଦାନ କରାଯାଇଥିଲା। ଏହି ଶାସନ ପତ୍ର ମାଧ୍ୟମରେ ରାଜା ଲାଲକୃଷ୍ଣ ଦେବ ଗୁଣପୁର ତାଲୁକାରେ ଥିବା ବାଲାଜୀ ମହାପ୍ରଭୁଙ୍କ ପୂଜା ପାଇଁ ସହଜ ରାମ ଗୋସାଇଁଙ୍କୁ ଦୁଇଟି ଗ୍ରାମ ଦାନ କରିଥିବା ଲିପିବଦ୍ଧ ଅଛି। ତାମ୍ରପତ୍ରରେ ମୋଟ୍ ୧୪ ଧାଡ଼ି ରହିଛି, ଯାହାର ଶେଷରେ ନନ୍ଦପୁର ରାଜବଂଶର ଖଡ୍‌ଗ ସନ୍ତକ ରୂପରେ ରାଜଚିହ୍ନ ଖୋଦାଯାଇଛି।

ଶାସନପତ୍ରଟି ଗତ ଜୁନ୍ ୧୪ରେ ସଦାନନ୍ଦ ପଣ୍ଡା ନାମକ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କୁ ଗୁଣପୁରରେ ଥିବା ଗୋବିନ୍ଦ ମହାପାତ୍ରଙ୍କ ପୁରୁଣା ବାସଗୃହରେ ମିଳିଥିଲା। ଏନେଇ ଗୋବିନ୍ଦଙ୍କ ପୁଅ ୯୨ବର୍ଷୀୟ ତ୍ରିନାଥ ମହାପାତ୍ର କହିଛନ୍ତି, ଏହି ତାମ୍ର ପତ୍ରଟିକୁ ସେ ତାଙ୍କ ଚାକିରି ଜୀବନରେ ଗୁଣପୁରର ପୁରୁଣା ଜଗନ୍ନାଥ ମନ୍ଦିର ଭଗ୍ନ ଅବଶେଷ ଭିତରୁ ସଂଗ୍ରହ କରି ସୁରକ୍ଷା ଦେଇଥିଲେ। ଶାସନ ପତ୍ରକୁ ଦେଖି ଐତିହ୍ୟ ପ୍ରେମୀ ଜ୍ଞାନରଞ୍ଜନ ନିଶଙ୍କ ତାହାର ଐତିହାସିକ ମୂଲ୍ୟ ବୁଝିପାରି ଲିପିତତ୍ତ୍ୱବିତ୍ ଅଧିକାରୀଙ୍କୁ ଏହାକୁ ପଢ଼ିବା ଓ ବ୍ୟାଖ୍ୟା କରିବା ପାଇଁ ଅନୁରୋଧ କରିଥିଲେ।




ମହାପ୍ରଭୁଙ୍କ ଲାଗି ଶୁକ୍ରବାର କାକଟପୁରର ଦେଉଳୀମଠ ପକ୍ଷରୁ ଆସିଥିବା ଅଣସର ଫଳଭାରକୁ ଶ୍ରୀମନ୍ଦିରକୁ ନିଆଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରିଙ୍କି



@ ଫିନୁ



@ ପ୍ରମୋଦିନୀ



@ ନୀହାର



@ ସସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ଇ-ହୁଣ୍ଡିର ପରୀକ୍ଷଣ କରାଗଲା

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ଉପଲକ୍ଷେ ପ୍ରଥମଥର ପାଇଁ ରଥ ରହିବା ସ୍ଥାନକୁ ଝୋଟି ଚିତା କରାଯାଇଛି। ଏଥିସହ ଭକ୍ତଙ୍କ ସୁବିଧା ନିମନ୍ତେ ଇ-ହୁଣ୍ଡି ତଥା ଡୋନେଶନ ସେଲ୍ ଖୋଲାଯାଇଛି। ଶୁକ୍ରବାର ତାହାର ପରୀକ୍ଷଣ କରାଯାଇଛି। ଫଳରେ ଭକ୍ତମାନେ ସୁବିଧାରେ ଅନ୍‌ଲାଇନ ମାଧ୍ୟମରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ ଦେଇପାରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ସେହିପରି ପାଢୀ କହିଛନ୍ତି ଯେ, ରଥଯାତ୍ରା ପାଇଁ ଶ୍ରୀମନ୍ଦିର ଓ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ସମସ୍ତ କାର୍ଯ୍ୟ ଠିକ ଭାବେ ଚାଲିଛି। ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ସମୀକ୍ଷା କରାଯାଇଥିବାବେଳେ ଆସନ୍ତା ୨୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହେବ।

## ଜଳାଶୟ ପାଇବ ପର୍ଯ୍ୟଟନ ରୂପ

**ଜଳସମ୍ପଦ ବିଭାଗର ଚିଠା ମାର୍ଗଦର୍ଶିକା**

ଭୁବନେଶ୍ୱର,୨୦।୬(ରବିନାରାୟଣ ଜେନା)

ରାଜ୍ୟରେ ଥିବା ବିଭିନ୍ନ ନଦୀବନ୍ଧ ଓ ଜଳାଶୟର ନିକଟବର୍ତ୍ତୀ ଅଞ୍ଚଳକୁ ବିକଶିତ କରାଯାଇ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ। ଏନେଇ ୭ମାସ ତଳୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏବେ ଏହା ଚୂଡ଼ାନ୍ତ ରୂପ ନେବାକୁ ଯାଉଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହାର ଚିଠା ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି। ଯେଉଁଥିରେ 'ଓଡ଼ିଶା ଆଡ୍‌ଭେନଚର ଟୁରିଜମ୍-୨୦୨୫'ର ପୂର୍ଣ୍ଣାଙ୍ଗ କାର୍ଯ୍ୟବିଧି ପ୍ରଣାଳୀ ରହିଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ବେଳେ ଅନେକ ବିପଦ ଓ ସୁରକ୍ଷା ଦିଗ ରହିଥିବାରୁ ଜଳସମ୍ପଦ ବିଭାଗ ଏହାକୁ ମୁଣ୍ଡକୁ ନେବାକୁ ଚାହୁଁ ନ ଥିବା ଚିଠା ମାର୍ଗଦର୍ଶିକାରୁ ଜଣାଯାଇଛି। ସେହିପରି ଜଳସମ୍ପଦ ବିଭାଗ କେବଳ ନଦୀବନ୍ଧର ବିକାଶ କରିବା ସାଙ୍ଗକୁ ବୋଟିଂ, ସୁଇମିଂ ଓ ଫିସିଂ ଭଳି କାର୍ଯ୍ୟକ୍ରମ ଯୋଡ଼ିବ। ହେଲେ କୌଣସି ସମୟରେ ଯଦି ପର୍ଯ୍ୟଟକ ମୃତାହତ ହେଲେ ସେଥିପାଇଁ ବିଭାଗ ଦାୟୀ ରହିବ ନାହିଁ ବୋଲି ଚିଠା ମାର୍ଗଦର୍ଶିକାରେ ଦର୍ଶାଯାଇଛି।

ଏସଂକ୍ରାନ୍ତରେ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସୁବ୍ରତ କୁମାର ନାୟକ ପର୍ଯ୍ୟଟନ ବିଭାଗକୁ ଚଳିତମାସ ୧୭ରେ ପ୍ରଦାନ କରିଥିବା ଚିଠା ମାର୍ଗଦର୍ଶିକାରେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ୨୦୫ଟି ନଦୀବନ୍ଧ ରହିଛି, ଯାହାର ସୌନ୍ଦର୍ଯ୍ୟକରଣ କରାଯାଇ ପର୍ଯ୍ୟଟନସ୍ଥଳ କରାଯାଇପାରିବ। ତେବେ ଯେତେବେଳେ ନଦୀବନ୍ଧର ଉନ୍ନତୀକରଣ କାର୍ଯ୍ୟ କରାଯିବ ସେହି ସମୟରେ ଏହାର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ହେବ। ନଦୀବନ୍ଧର ସୁରକ୍ଷା ଦୃଷ୍ଟିରୁ କୌଣସି ସ୍ଥାୟୀ ନିର୍ମାଣ କରାଯାଇପାରିବ ନାହିଁ। ନଦୀର ଗଭୀରତମ ଅଞ୍ଚଳରେ କୌଣସି ପ୍ରକାର ବୋଟିଂ, ସୁଇମିଂ ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ନଦୀବନ୍ଧର ମୁଖ୍ୟଭାଗରେ କୌଣସି ପ୍ରକାର ସ୍ଥାୟୀ ନିର୍ମାଣ କରାଯାଇପାରିବ ନାହିଁ। ନଦୀବନ୍ଧର ମୁଖ୍ୟ ରାସ୍ତାକୁ ପର୍ଯ୍ୟଟକମାନଙ୍କ ବ୍ୟବହାର ପାଇଁ ଖୋଲା ଛଡ଼ା ଯାଇପାରିବ ନାହିଁ। ସେହିପରି ବୋଟିଂ ସମୟରେ ୬୦ ଡେସିବଲରୁ ଅଧିକ ଶବ୍ଦ ପ୍ରଦୂଷଣକୁ ଅନୁମତି ଦିଆଯିବ ନାହିଁ। ନିର୍ମାଣ ବେଳେ କଠିନ ଓ ତରଳ ବର୍ଜ୍ୟକୁ ଠିକଣା ଭାବେ ବିଶୋଧନ କରି ଛଡ଼ାଯିବ। ବନ୍ୟା, ନଦୀବନ୍ଧର କୌଣସି ସମସ୍ୟା ସମୟରେ ଜଳକ୍ରୀଡ଼ାକୁ ଅନୁମତି ଦିଆଯିବ ନାହିଁ। ଯଦି ନଦୀବନ୍ଧର ମରାମତି ପାଇଁ କୌଣସି ସମୟରେ ଜଳକ୍ରୀଡ଼ାକୁ ବାତିଲ କରିବାକୁ ପଡ଼େ ତେବେ ଏଥିପାଇଁ ବିଭାଗ ଦାୟୀ ରହିବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯଦି ସମୟାନୁକ୍ରମେ ମାର୍ଗଦର୍ଶିକାରେ ପରିବର୍ତ୍ତନ କରାଯାଏ ତେବେ ତାହାକୁ ଅନୁସରଣ କରାଯିବ। ବରିଷ୍ଠ ନାଗରିକ, ମହିଳା, ଶିଶୁ ଓ ବିଭିନ୍ନ ବର୍ଗର ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିବ। ଜଳକ୍ରୀଡ଼ା ସମୟ ପୂର୍ବାହ୍ନ ୬ଟାରୁ ଅପରାହ୍ନ ୫.୩୦ ମଧ୍ୟରେ ରହିବ ବୋଲି ଅତିରିକ୍ତ ସଚିବ ଦର୍ଶାଇଛନ୍ତି। ଯଦି ପର୍ଯ୍ୟଟନ ବିଭାଗ ଏଥିରେ କୌଣସି ଅତିରିକ୍ତ ସର୍ତ୍ତାବଳୀ ଯୋଡ଼ିବାକୁ ଚାହିଁବ କିମ୍ବା ପ୍ରତ୍ୟାହାର କରିବାକୁ ଚାହିଁବ ତେବେ ଚୂଡ଼ାନ୍ତ କରି ଜଣାଇବାକୁ ବିଭାଗ ପକ୍ଷରୁ କୁହାଯାଇଛି।

## ୨ଦିନିଆ ଯୋଗ ମହୋତ୍ସବର ଶୁଭାରମ୍ଭ



ଭୁବନେଶ୍ୱର,୨୦।୬ (ଅଭୟ ଦାଶ)

ମୋରାରଜୀ ଦେଶାଇ ଜାତୀୟ ଯୋଗ ସଂସ୍ଥା, ଆୟୁଷ ମନ୍ତ୍ରାଳୟ ଏବଂ ହେଲ୍‌ଥଭିଲେଜର ମିଳିତ ସହଯୋଗରେ ଶୁକ୍ରବାର ଏକ ୨ ଦିନିଆ ମେଗା ଯୋଗ ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଆୟୋଜିତ 'ହରିତ୍ ଯୋଗ' ନାମକ ଏକ ବୈଶିଷ୍ଟ୍ୟପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହାର ମୂଳ ଉଦ୍ଦେଶ୍ୟ ଥିଲା- ଏକ୍ ପେଡ୍ ମା'ଙ୍କ ନାମ- ମାଆ ଓ ମା ଧରିତ୍ରୀ ପାଇଁ ସ୍ନେହ, ସମ୍ମାନ ଓ ସମର୍ପଣ ଜଣାଇବା ସହ ପରିବେଶ ସଂରକ୍ଷଣ ଓ ମାନବ ସ୍ୱାସ୍ଥ୍ୟ ଉନ୍ନତିରେ ହରିତ୍ କ୍ରାନ୍ତି ଓ ଯୋଗର ଭୂମିକାକୁ ପ୍ରଚାରପ୍ରସାର କରିବା। ଏହି ଅବସରରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ଓଡିଏମ୍ ଶିକ୍ଷା ସମୂହ ଓ ହେଲ୍ଥ ଭିଲେଜର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମିନକେତନ କାର୍ଯ୍ୟକ୍ରମର ସ୍ୱାଗତ ଉଦ୍‌ବୋଧନ ଦେଇଥିଲେ। ଏଥିରେ ସେ ଯୋଗ, ଶିକ୍ଷା ଓ ପର୍ଯ୍ୟାବରଣର ସମନ୍ୱୟ ସମ୍ବନ୍ଧରେ ବିଶେଷ ଭାବେ ଆଲୋକପାତ କରିଥିଲେ। ସେହିଭଳି ଆୟୁଷ ମନ୍ତ୍ରାଳୟର ଅଭିପ୍ରାୟକୁ ସଫଳକରିବା ପାଇଁ ହରିତ୍ କ୍ରାନ୍ତିରେ ଭାଗନେବାକୁ ସମସ୍ତଙ୍କୁ ଉତ୍ସାହିତ କରାଇଥିଲେ। ସେହିପରି ହେଲ୍‌ଥଭିଲେଜର ମୁଖ୍ୟ ଚିକିତ୍ସା ଅଧିକାରୀ ଓ ନିର୍ଦ୍ଦେଶକ ଡ. ମିଳିନ୍ଦ ପରାଶରଙ୍କ ନିର୍ଦ୍ଦେଶନାରେ କମନ୍ ଯୋଗ ପ୍ରୋଟୋକଲ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀ, କର୍ମଚାରୀ ଓ ଯୋଗ ଆସକ୍ତମାନେ ସହସ୍ରରେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ସମସ୍ତ ଅଂଶଗ୍ରହୀ ଓ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ଏକ ସଂଯୁକ୍ତ ଗ୍ରୀନ୍ ପ୍ଲେଜ୍ ନେଇ, ପରିବେଶ ସୁରକ୍ଷା ପାଇଁ ନିଜର ବାଧିତ୍ୱ ତୁଲାଇବା ପାଇଁ ସଙ୍କଳ୍ପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହେଲ୍‌ଥଭିଲେଜ୍ କ୍ୟାମ୍ପସ ଓ ରାସ୍ତା ପାଖରେ ଚାରାରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହୀମାନେ ନିଜ ମାଆ ଓ ମା ଧରିତ୍ରୀଙ୍କୁ ଗଭୀର କୃତଜ୍ଞତା ଜଣାଇ ତାଙ୍କ ନାମରେ ଗଛ ଲଗାଇଥିଲେ। ଉକ୍ତ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଓଡିଏମ୍ ଏମେରାଲ୍ଡ ପ୍ରେକ୍ଷାଳୟଠାରେ ଏକ ସେମିନାର ଓ ପ୍ୟାନେଲ ଡିସ୍‌କଶନ ମଧ୍ୟ ଆୟୋଜିତ ହୋଇଥିଲା। ଏହି ଆଲୋଚନା ଚକ୍ରର ବିଷୟବସ୍ତୁ ବିଦ୍ୟାଳୟ ପାଠ୍ୟକ୍ରମରେ ଯୋଗ ଓ ପର୍ଯ୍ୟାବରଣ ଶିକ୍ଷା ର ସମାହାର ଆବଶ୍ୟକତା ରହିଥିଲା। ଏହି ଅବସରରେ ପ୍ରଖ୍ୟାତ ପର୍ଯ୍ୟାବରଣବିତ୍ ଓ ଯୋଗ ଉତ୍ସାହୀ ମମତା ବିଶ୍ୱାଳ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ସସ୍ମିତା କର, ହେଲ୍‌ଥଭିଲେଜର ନିର୍ଦ୍ଦେଶକ ଡା. ମିଳିନ୍ଦ ପରାଶର, ହେଲ୍ଥଭିଲେଜର ଅନ୍ୟ କର୍ମକର୍ତ୍ତା ଓ ଅନ୍ତରାଷ୍ଟ୍ରୀୟ ପ୍ରାକୃତିକ ଚିକିତ୍ସା ସଂସ୍ଥାର ପ୍ରତିନିଧି ତଥା ଓଡିଏମ୍ ପବ୍ଲିକ୍ ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ରଥଯାତ୍ରାରେ ଭକ୍ତଙ୍କୁ ମିଳିବ ଦେୟମୁକ୍ତ ଅଟୋସେବା

**ତାଳବଣିଆ ଅସ୍ଥାୟୀ ପାର୍କିଂ ଗ୍ରାଉଣ୍ଡରେ ରହିବ ସବୁ ବସ୍**

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଟାଉନ ଥାନା କନ୍‌ଫରେନ୍ସ ହଲରେ ଶୁକ୍ରବାର ପୋଲିସ ଏବଂ ଅଟୋ ଓ ବସ୍ ମାଲିକ ସଂଘ ସମେତ ଶଟଲ୍ ସେବା ପ୍ରଦାନକାରୀ ଏଜେନ୍ସିମାନଙ୍କ ସହ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ବିନୀତ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ରଥଯାତ୍ରାରେ ଯାତାୟାତ ଓ ପରିବହନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନେଇ ମୁଖ୍ୟତଃ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି କେତେକ ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଏହି ତିନିଦିନ ଅବଧିରେ ଭୁବନେଶ୍ୱର, କୋଣାର୍କ ଓ ବ୍ରହ୍ମଗିରି ଦିଗରୁ ଆସୁଥିବା ସମସ୍ତ ସାଧାରଣ ପ୍ରବେଶ ଓ ଯାତ୍ରୀ ବସ୍‌ଗୁଡ଼ିକୁ ତାଳବଣିଆ ଅସ୍ଥାୟୀ ପାର୍କିଂ ଗ୍ରାଉଣ୍ଡରେ ପାର୍କିଂ କରାଯିବ। ଶଟଲ୍ ସେବା ବ୍ୟବସ୍ଥାରେ ରଥଯାତ୍ରା ଦିନରେ ଯାତ୍ରୀଙ୍କ ସହଜ ଯାତାୟାତ ପାଇଁ ଦୁଇଟି ଶଟଲ୍ ରୁଟ୍ ସଚଳ ରହିବ। ମଙ୍ଗଳା ହାଟରୁ ଷ୍ଟର୍ଲିଂ ରୋଡ୍ ଏବଂ ତାଳବଣିଆରୁ ପୁରୀ ରେଳଷ୍ଟେଶନ ଏହି ଶଟଲ୍ ସେବା ଯାତ୍ରୀଙ୍କୁ ଦେୟମୁକ୍ତ ଯାତ୍ରା ଅନୁଭବ କରାଇବା ପାଇଁ ସହଯୋଗ କରିବାକୁ ଅଗ୍ରୱାଲ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି କହିଛନ୍ତି, ରଥଯାତ୍ରା ଆମ ଜିଲା ଓ ରାଜ୍ୟର ଗର୍ବ। ଏହାକୁ ସଫଳ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହା ସମ୍ମିଳିତ ଚେଷ୍ଟା ଦ୍ୱାରା ସମ୍ଭବ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲ, ଟ୍ରାଫିକ ଡିସପି ରାଜକୁମାର ପରିଡା, ଟ୍ରାଫିକ ଥାନା ଅଧିକାରୀ ଜୟଦୀପ ମହାନ୍ତିଙ୍କ ସମେତ ବସ୍ ଆସୋସିଏଶନ୍‌ର ପ୍ରତିନିଧି, ଶଟଲ୍ ଏଜେନ୍ସି, ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ପୁରୀ ଘୋଷଯାତ୍ରା ଉପଲକ୍ଷେ ରଥର ଓଲଟ ଶୁଆ ଏବଂ କଳସକୁ ରଙ୍ଗ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ମୋଦିଙ୍କ ଗସ୍ତକୁ କଳାଦିବସ ପାଳିଲା ଯୁବ କଂଗ୍ରେସ

ଭୁବନେଶ୍ୱର,୨୦।୬(ରବିନାରାୟଣ ଜେନା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୁକ୍ରବାର ଓଡ଼ିଶାଗସ୍ତକୁ ଯୁବକଂଗ୍ରେସ ତୀବ୍ର ବିରୋଧ କରିବା ସହିତ କଳାଦିବସ ଭାବେ ପାଳନ କରିଛି। ଯୁବ କଂଗ୍ରେସ ସଭାପତି ରଣଜିତ୍ ପାତ୍ର କହିଛନ୍ତି ଯେ, ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଥିବାବେଳେ ହଇଜା ଲୋକଙ୍କ ନିଦ ହଜାଇ ଦେଇଛି। ୭ ଜିଲାକୁ ହଇଜା ବ୍ୟାପିବା ପରେ ଏବେ ରାଜଧାନୀକୁ ମାଡି ଆସୁଛି। ସରକାର ନାରୀ ସୁରକ୍ଷା ଭୁଲି ବାର୍ଷିକ ଉତ୍ସବରେ ମାତିଛନ୍ତି। ଏହାକୁ ଯୁବ କଂଗ୍ରେସ ଜୋରଦାର ବିରୋଧ କରିଛି।

ସେ କହିଛନ୍ତି ଯେ, ଶୁକ୍ରବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଶାନ୍ତିପୂର୍ଣ୍ଣ ଅନଶନରେ ଯୋଗଦେବା ପାଇଁ କଂଗ୍ରେସ ନେତା ଓ କର୍ମୀ ରାମମନ୍ଦିର ଛକରୁ ବାହାରିବା ସମୟରେ ଅଗଣତାନ୍ତ୍ରିକ ଭାବରେ ପୋଲିସ ସେମାନଙ୍କୁ ଗିରଫ କରିଛି। ଗୁରୁବାର ରାତିରେ ଭୁବନେଶ୍ୱର ଲୋକ ସଭା ସଦସ୍ୟ ପ୍ରାର୍ଥୀ ୟାସିର ନୱାଜ, ଯୁବନେତା ନୀହାର ବେହେରା, ମହମ୍ମଦ ଗୁଲଫାମଙ୍କୁ ଘରୁ ପୋଲିସ ଗିରଫ କରିଥିଲା। ପୋଲିସର ଏହି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ଯୁବକଂଗ୍ରେସ ଘୋର ନିନ୍ଦା କରିବା ସହିତ ରାଜ୍ୟରେ ସୃଷ୍ଟି ହୋଇଥିବା ଏହି ଦୁଇ ସଙ୍କଟ ଉପରେ ପ୍ରଧାନମନ୍ତ୍ରୀ ଜବାବ ଦିଅନ୍ତୁ ବୋଲି ପାତ୍ର ଦାବି କରିଛନ୍ତି।

## ତିନିରଥର ୧୨ ଦୁଆରବେଢ଼ା ନିର୍ମାଣ ଶେଷ

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୫୧ତମ ଦିବସରେ ଶୁକ୍ରବାର ତିନି ରଥର ସିଂହାସନ ବେଦି ଉପରେ ପ୍ରଥମ ଭୂଇଁ ଉପର ମଧ୍ୟଭାଗରେ କନକମୁଣ୍ଡି ବସି ସେଥିରୁ ୪ଟି କାଣ୍ଡ ଏବଂ ୨୦ଟି ରୁଅ ଗମ୍ବୁଜାକାର ଭାବେ ସେଟିଂ କରାଯାଇଛି। ସେଥିରେ ପିତଳ ଚଦର ଆବରଣ ବର୍ଷା ପାଣି ନ ପଡ଼ିବା ପାଇଁ ଫିଟିଂ କରାଯିବା ବାକି ରହିଛି। ସେହିପରି ରଥରେ ସ୍ଥାପନ ପାଇଁ ଗୋଟିଏ ଲେଖାଏ ବିଜେ ଚକା ନିର୍ମାଣ ଶେଷ ହୋଇଛି। ତିନିରଥର ୧୬ ଦୁଆରବେଢ଼ା ମଧ୍ୟରୁ ୧୨ଟି ନିର୍ମାଣ ସରିଛି। ସେଥିରେ ଚିତ୍ରକାରମାନେ ରାହୁମୁଣ୍ଡ ସହ ଛାୟା, ମାୟା ଚିତ୍ର ଅଙ୍କନ ପରେ ଦୁଆରବେଢା ରଥକୁ ଉଠି ସଂଯୋଗ ହେବ। ଅପରପକ୍ଷରେ ମୁଖ୍ୟ ରୂପକାର ସେବକମାନେ ଅନୁକୂଳ ପୂଜା ପୂର୍ବକ ନଡ଼ିଆ ବାଡେଇ ତିନି ରଥ ପ୍ରଭାରେ ରୂପ ଖୋଦେଇ ଚିତ୍ର ଅଙ୍କନ ଆରମ୍ଭ କରିଛନ୍ତି। ତିନିରଥର ପ୍ରଭା ଫିଟିଙ୍ଗ ପାଇଁ ବେଦିପଛ ଭାଗ ଚଉଦ ନାହାକାରେ ଦୁଇଟି ଲେଖାଏ ଧୂଳିଦଣ୍ଡା ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି। ମହାରଣା ସେବକମାନେ ତିନିରଥର ଦୁଇଟି ଲେଖାଏ ୨୦ ଫୁଟିଆ ଆଠ ଆଂଶି ଘୋଡ଼ା ଈଶ ନିର୍ମାଣ ସହ ସେଥିରେ ଦୁଇଟି ଲେଖାଏ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। ଦୁଇଟି ଲେଖାଏ ୨୦ ଫୁଟିଆ ସାଙ୍ଗୀ ନିର୍ମାଣ ସରିଛି। ଚିତ୍ରକାର ସେବକମାନେ ୧୨ଟି ଦୁଆରବେଢ଼ାରେ ଚିତ୍ର ଅଙ୍କନ ପାଇଁ ପ୍ରାଇମର ଦେବା ସହ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ, ପାର୍ଶ୍ୱ ଦେବଦେବୀ, କଳସ, ହଂସପଟା, ନାଟଗୋଡ଼, ତିନିରଥର ବାହ୍ୟ ପାର୍ଶ୍ୱ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକମାନେ ଦୁଆର ଦେଢା ପାଇଁ କଟିଙ୍ଗ କନାରେ ଜରି ଲେସ, ଚାନ୍ଦି ଜରିରେ ଫୁଲ ଡାଳି ପକା କାର୍ଯ୍ୟ କରୁଛନ୍ତି। ଏଥିସହ ଶ୍ରୀବିଗ୍ରହଙ୍କ ତିନିଟି ବିଜେ ଚକାପଟି ପ୍ରସ୍ତୁତ ସରିଛି। ଦୋଳବେଦି ଅସ୍ଥାନ୍‌କମାରଶାଳରେ ଓଝା ସେବକମାନେ ପ୍ରଭା କଣ୍ଟା, ସିଂହାସନ ଗଣ୍ଡିକଣ୍ଟା ଏବଂ ଧ୍ୱଜବତା କଣ୍ଟା ନିର୍ମାଣ କରୁଛନ୍ତି।

## ସରିଲା ୫ ବିଧାନସଭା ଉପନିର୍ବାଚନ

ଭୁବନେଶ୍ୱର,୨୦।୬(ରବିନାରାୟଣ ଜେନା)

ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀର ଉପ-ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ବେଳେ ଆୟୋଗଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଇସିଆଇନେଟ୍ ଭଳି ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି ବୋଲି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଶୁକ୍ରବାର କହିଛନ୍ତି।

ଆୟୋଗଙ୍କ ସୂଚନା ଅନୁଯାୟୀ, ଗୁଜରାଟର ୨୪-କାଡ଼ି (ଅନୁସୂଚିତ ଜାତି) ଏବଂ ୮୭-ଭିସାଭଦର, କେରଳର ୩୫-ନିଲାମ୍ବୁର, ପଞ୍ଜାବର ୬୪-ଲୁଧିଆନା ପଶ୍ଚିମ ଏବଂ ପଶ୍ଚିମବଙ୍ଗର ୮୦-କାଳୀଗଞ୍ଜର ନିର୍ବାଚନମଣ୍ଡଳୀରେ ଉପ-ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଉପ-ନିର୍ବାଚନରେ ୧୩୫୪ କେନ୍ଦ୍ରରେ ମତଦାନ କରାଯାଇଥିଲା। ସମସ୍ତ କେନ୍ଦ୍ରରେ ଭୋଟରମାନଙ୍କ ପାଇଁ ମୋବାଇଲ୍ ଜମାକରିବା ସୁବିଧା ସହିତ ମତଦାନ କେନ୍ଦ୍ର ଛାଡ଼ିବା ପୂର୍ବରୁ ପ୍ରିଜାଇଡିଂ ଅଫିସର ମତଦାନ ଶେଷ ହେବା ସମୟରେ ଭି.ଟି.ଆର. ତଥ୍ୟକୁ ଅପଡେଟ୍ କରିଥିଲେ। ୧୦୦ ପ୍ରତିଶତ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ କରାଯାଇଛି, ଯାହା ସମ୍ପୂର୍ଣ୍ଣ ମତଦାନ ପ୍ରକ୍ରିୟାର ନିରନ୍ତର ସତର୍କତା ଏବଂ ସମସ୍ତ ପ୍ରିଜାଇଡିଂ ଅଧିକାରୀଙ୍କ ବ୍ୟକ୍ତିଗତ ମକ୍ ପୋଲ୍ ତାଲିମକୁ ସୁନିଶ୍ଚିତ କରିଥିଲା ବୋଲି ସିଇସି କହିଛନ୍ତି।

## ରଥଯାତ୍ରା ପାଇଁ ସମସ୍ତ ବିଭାଗ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

ପୁରୀ,୨୦।୬(ଅଜିତ କୁମାର ମହାନ୍ତି)

ଆସନ୍ତା ୨୭ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶୁକ୍ରବାର ପୁରୀ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ରଥଯାତ୍ରାର ପ୍ରଥମ ଓ ଦ୍ୱିତୀୟ ସମନ୍ୱୟ ବୈଠକ ସରିଯାଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ପୂର୍ବରୁ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ଦୁଇ ସମନ୍ୱୟ ବୈଠକର ନିର୍ଯାସ ଆଧାରରେ ସମସ୍ତ ବିଭାଗ କାର୍ଯ୍ୟ ଶେଷ କରିବାକୁ ସେ କହିଥିଲେ। ବିଗତ ବର୍ଷ ପରି ସମ୍ମିଳିତ ଉଦ୍ୟମରେ ଚଳିତବର୍ଷ ରଥଯାତ୍ରାକୁ ସଫଳ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ, ପରିବହନ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ଅସୁରକ୍ଷିତ ବିଲ୍ଡିଂ ଚିହ୍ନଟ, ସମୀକ୍ଷା ଓ କାର୍ଯ୍ୟାନୁଷ୍ଠାନ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ଏସ୍‌ପି ବିନୀତ ଅଗ୍ରୱାଲ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ କହିଥିଲେ।


No.O-318

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/Po-Ambapua, Near Income Tax Office, Berhampur-760011, Ganjam, Odisha)

(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**

**Bid Identification No. Online Tender/07-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 07-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 01 No | Rs.1366.86 Lakhs | "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/07-2025-26/BPR | 30.06.2025 at 10.00 A.M. | 14.07.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0098/2526


## ଡାଇରିଆ ସ୍ଥିତି ସୁଧୁରୁଛି

**କ୍ଷେତ୍ରସ୍ତରୀୟ ଅଭିଯାନ ଜାରି ରଖିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

■୫ଜିଲାରୁ ୪୦୦ ସଂକ୍ରମିତ ଚିହ୍ନଟ, ସୁସ୍ଥ ହେଲେଣି ୨୯୯

ଭୁବନେଶ୍ୱର,୨୦।୬(ବନ୍ଦନା ସେଠୀ)

ବିଭିନ୍ନ ବିଭାଗମାନଙ୍କର କ୍ଷେତ୍ରସ୍ତରରେ ସମନ୍ୱିତ ଏବଂ ଏକାଭିମୁଖୀ କାର୍ଯ୍ୟକ୍ରମ ପାଇଁ ରାଜ୍ୟରେ ଡାଇରିଆ ସ୍ଥିତିରେ ସୁଧାର ଆସିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍.ଙ୍କ ସମୀକ୍ଷା ପରେ ଏହି ସୂଚନା ଦିଆଯାଇଛି। ତେବେ ଯାଜପୁର ଓ କେନ୍ଦୁଝର ଜିଲାରେ ସଂକ୍ରମଣ ହ୍ରାସ ପାଇଁ କ୍ଷେତ୍ରସ୍ତରୀୟ ଅଭିଯାନ ଜାରି ରଖିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବର୍ଷାଦିନେ ଡାଇରିଆ ଓ ଜଣ୍ଡିସ ପରି ଜଳବାହିତ ରୋଗର ନିରାକରଣ ନିମନ୍ତେ ବ୍ୟାପକ ସଚେତନତା, ଘରକୁ ଘର ବୁଲି ପ୍ରାଥମିକ ଅବସ୍ଥାରୁ ସଂକ୍ରମଣ ଚିହ୍ନଟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅପରପକ୍ଷେ ପାଣି ଫୁଟାଇ ପିଇବା, ବାରମ୍ବାର ସାବୁନରେ ହାତ ଧୋଇବା, ସମସ୍ତ ପାନୀୟ ଜଳଉତ୍ସ ଗୁଡିକୁ ପୁନଃପୌନିକ ଭାବେ ବିଶୋଧନ କରିବା ପାଇଁ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏଥିସହ ଆସନ୍ତା ୨ମାସ ପର୍ଯ୍ୟନ୍ତ ଘରକୁ ଘର ଅଭିଯାନ ଜାରି ରଖିବା ପାଇଁ ସମସ୍ତ କ୍ଷେତ୍ର ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗତ ୧୯ ତାରିଖ ରାତି ସୁଦ୍ଧା ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକ ଏବଂ କଟକ ଆଦି ଜିଲାରୁ ମୋଟ୍ ୪୦୦ ଡାଇରିଆ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ୍‌ମିଶନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୯୯ଜଣ ଆରୋଗ୍ୟ ଲାଭ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଯାଜପୁର ଜିଲାରେ ଦେଖାଦେଇଥିବା ଡାଇରିଆ ସ୍ଥିତିରେ ଏବେ ସକାରାତ୍ମକ ପରିବର୍ତ୍ତନ ଆସିଛି ବୋଲି ସମୀକ୍ଷାରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଗତ ୭ଦିନ ମଧ୍ୟରେ ବିଭିନ୍ନ ଡାକ୍ତରଖାନାମାନଙ୍କରେ ସଂକ୍ରମିତ ଡାଇରିଆ ରୋଗୀଙ୍କ ଆଡ୍‌ମିଶନରେ କ୍ରମାଗତ ହ୍ରାସ ପରିଲକ୍ଷିତ ହୋଇଛି। ଜୁନ ୧୦ରେ ୧୨୬ଜଣ ଆକ୍ରାନ୍ତ ହୋଇଥିବାବେଳେ ୧୧ରେ ଦାନଗଦି, କୋରେଇ, ଧର୍ମଶାଳା ଓ ବ୍ୟାସନଗର ପୌରାଞ୍ଚଳ ଆଦି ଅଞ୍ଚଳରୁ ୧୫୦ଜଣ ଆକ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଆଡ୍‌ମିଶନ ହୋଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ, ଗୃହ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗମାନଙ୍କରେ ତ୍ୱରିତ ଏବଂ ସମନ୍ୱିତ କାର୍ଯ୍ୟକ୍ରମ ଯୋଗୁ ୧୨ ତାରିଖ ଠାରୁ ସଂକ୍ରମିତ ସଂଖ୍ୟା କମିବା ଆରମ୍ଭ ହୋଇଛି। ଏହିଦିନ ୧୩୫ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେଳ ଆଡ୍‌ମିଶନ ହୋଇଥିଲେ। ତେବେ ୧୫ତାରିଖ ବେଳକୁ ଏହା ୧୨୧ ଏବଂ ୧୮ ତାରିଖ ବେଳକୁ ୯୧କୁ ହ୍ରାସ ପାଇଛି। ସୁକିନ୍ଦା ଏବଂ ବଡ଼ଚଣାର କେତେକ ଜାଗାରେ କିଛି ବ୍ୟକ୍ତିଙ୍କ ସଂକ୍ରମଣ ଜଣାପଡିବା ମାତ୍ରେ ଆଶୁ ସେବା ଦଳ (ରାପିଡ୍ ରେସପନ୍ସ ଟିମ୍) ସଂପୃକ୍ତ ସ୍ଥାନରେ ପହଞ୍ଚି ସ୍ଥାନୀୟ ହସ୍ପିଟାଲରେ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। ସେହିପରି ଗୁରୁବାର ୧୯ ତାରିଖରେ ବିଭିନ୍ନ ହସ୍ପିଟାଲମାନଙ୍କରେ ୭୧ଜଣ ନୂଆ ସଂକ୍ରମିତ ଆଡ୍‌ମିଶନ ହୋଇଥିଲେ। ଗତ ୧୦ରୁ ୧୯ ରାତି ସୁଦ୍ଧା ଜିଲାରୁ ସମୁଦାୟ ୧୧୬୭ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ୍‌ମିଶନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୦୪୫ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରିଥିଲେ ଏବଂ ୮୨ଜଣ ଚିକିତ୍ସାଧୀନ ଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲାରେ ମଧ୍ୟ ଅନୁରୂପ ଡାଇରିଆ ସଂକ୍ରମଣ ହ୍ରାସ ପରିଲକ୍ଷିତ ହୋଇଛି। ଜୁନ ୧୦ରେ ୭୯ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ଼ମିଶନ ହୋଇଥିବାବେଳେ ଜୁନ ୧୨ରେ ଏହା ୪୪ ଏବଂ ୧୮ ତାରିଖ ବେଳକୁ ୩୮କୁ ହ୍ରାସ ପାଇଛି। ୧୯ ତାରିଖ ରାତି ସୁଦ୍ଧା ୧୭ଜଣ ନୂଆ ସଂକ୍ରମିତ ଆଡ୍‌ମିଶନ ହୋଇଛନ୍ତି। କେନ୍ଦୁଝର ଜିଲାରୁ ୧୦ରୁ ୧୯ ପର୍ଯ୍ୟନ୍ତ ମୋଟ୍ ୪୯୭ଜଣ ସଂକ୍ରମିତ ବିଭିନ୍ନ ହସ୍ପିଟାଲରେ ଆଡ୍‌ମିଶନ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪୫୪ଜଣ ଡିସ୍‌ଚାର୍ଜ ହୋଇଛନ୍ତି ଏବଂ ୩୪ଜଣ ସଂକ୍ରମିତ ଚିକିତ୍ସାଧୀନ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


**ORISSA STATE AIDS CONTROL SOCIETY (OSACS)** OSACS

(Department of Health & Family Welfare), Government of Odisha

Advertisement No. I-OSACS-TI-OST-30/2024/642 Date: 18.06.2025

**ADVERTISEMENT**

No. E-177: Orissa State AIDS Control Society (OSACS) on behalf of OST Centres in the State of Odisha invites suitable candidates to fill-up the post of **Medical Officers** for implementation of HIV/ AIDS programme under National AIDS Control Programme (NACP) through **Walk-in-Interview**. These positions are purely temporary and co-terminus with the scheme. The age limit to apply for the **Post of Medical Officer is 24-66 years as on Dtd.30.05.2025**. The details are mentioned below:

| Name of the Post | Place of Posting | Qualification & Experience | No. of Post for Engagement | Monthly consolidated Remuneration (Rs.) | Date & Time of Walk-in-Interview |
|---|---|---|---|---|---|
| Medical Officer | OST Centre, MHI, SCB MCH, Cuttack | Essential Qualification: MBBS with valid registration from the respective State Medical Council/ NMC. Those with MD Psychiatry/ Diploma in Psychiatry Medicine (DPM) will be preferred. Good working knowledge of Computer, MS Office | 01 | 72,000/- | 01.07.2025 at 10.00 A.M. |
| | OST Centre, DHH, Puri | | 01 | 72,000/- | 17.07.2025 at 11.00 A.M. |

Eligible & interested candidates shoul report directly to the concerned head of the Institutions/ Nodal Officer of OST Centres (as per list enclosed) alongwith their Bio-data in the application (prescribed format) and required documents in support of qualification & experience on the above stipulated dates. The Walk-in-Interview will be conducted as per above mentioned date & time. The prescribed format of application, details of job responsibilities, address for attending Walk-in-Interview, other terms & conditions in accordance with the Standard Operating Procedure for Buprenorphine based Opioid Substitution Therapy under NACO are available on the website **www.osacs.odisha.gov.in**. The authority reserves the right to accept/reject any or all application(s) without assigning any reasons thereof.

Sd./- Project Director

2nd Floor, Oil Odisha Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)
National HIV/AIDS Help Line Number: 1097 (Toll Free), E-mail: orissasacs@gmail.com/tiosacs@gmail.com
OIPR-10009/11/0050/2526

# ଜଳାଶୟ ପାଇବ ପର୍ଯ୍ୟଟନ ରୂପ

ଭୁବନେଶ୍ୱର,୨୦।୬ (ରବିନାରାୟଣ ଜେନା)

## ଜଳସମ୍ପଦ ବିଭାଗର ଚିଠା ମାର୍ଗଦର୍ଶିକା

ରାଜ୍ୟରେ ଥିବା ବିଭିନ୍ନ ନଦୀବନ୍ଧ ଓ ଜଳାଶୟର ନିକଟବର୍ତ୍ତୀ ଅଞ୍ଚଳକୁ ବିକଶିତ କରାଯାଇ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ। ଏନେଇ ୭ମାସ ତଳୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏବେ ଏହା ଚୂଡ଼ାନ୍ତ ରୂପ ନେବାକୁ ଯାଉଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏହାର ଚିଠା ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି। ଯେଉଁଥିରେ 'ଓଡ଼ିଶା ଆଡ୍‌ଭେନଚର ଟୁରିଜମ୍-୨୦୨୫'ର ପୂର୍ଣ୍ଣାଙ୍ଗ କାର୍ଯ୍ୟବିଧି ପ୍ରଣାଳୀ ରହିଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ବେଳେ ଅନେକ ବିପଦ ଓ ସୁରକ୍ଷା ଦିଗ ରହିଥିବାରୁ ଜଳସମ୍ପଦ ବିଭାଗ ଏହାକୁ ମୁଣ୍ଡକୁ ନେବାକୁ ଚାହୁଁ ନ ଥିବା ଚିଠା ମାର୍ଗଦର୍ଶିକାରୁ ଜଣାଯାଇଛି। ସେହିପରି ଜଳସମ୍ପଦ ବିଭାଗ କେବଳ ନଦୀବନ୍ଧର ବିକାଶ କରିବା ସାଙ୍ଗକୁ ବୋଟିଂ, ସୁଇମିଂ ଓ ଫିସିଂ ଭଳି କାର୍ଯ୍ୟକ୍ରମ ଯୋଡ଼ିବ। ହେଲେ କୌଣସି ସମୟରେ ଯଦି ପର୍ଯ୍ୟଟକ ମୃତାହତ ହେଲେ ସେଥିପାଇଁ ବିଭାଗ ଦାୟୀ ରହିବ ନାହିଁ ବୋଲି ଚିଠା ମାର୍ଗଦର୍ଶିକାରେ ଦର୍ଶାଯାଇଛି।

ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ସୁବ୍ରତ କୁମାର ନାୟକ ପର୍ଯ୍ୟଟନ ବିଭାଗକୁ ଚଳିତମାସ ୧୭ରେ ପ୍ରଦାନ କରିଥିବା ଚିଠା ମାର୍ଗଦର୍ଶିକାରେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ୨୦୫ଟି ନଦୀବନ୍ଧ ରହିଛି, ଯାହାର ସୌନ୍ଦର୍ଯ୍ୟକରଣ କରାଯାଇ ପର୍ଯ୍ୟଟନସ୍ଥଳ କରାଯାଇପାରିବ। ତେବେ ଯେତେବେଳେ ନଦୀବନ୍ଧର ଉନ୍ନତୀକରଣ କାର୍ଯ୍ୟ କରାଯିବ ସେହି ସମୟରେ ଏହାର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ହେବ। ନଦୀବନ୍ଧର ସୁରକ୍ଷା ଦୃଷ୍ଟିରୁ କୌଣସି ସ୍ଥାୟୀ ନିର୍ମାଣ କରାଯାଇପାରିବ ନାହିଁ। ନଦୀର ଗଭୀରତମ ଅଞ୍ଚଳରେ କୌଣସି ପ୍ରକାର ବୋଟିଂ, ସୁଇମିଂ ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ନଦୀବନ୍ଧର ମୁଖ୍ୟଭାଗରେ କୌଣସି ପ୍ରକାର ସ୍ଥାୟୀ ନିର୍ମାଣ କରାଯାଇପାରିବ ନାହିଁ। ନଦୀବନ୍ଧର ମୁଖ୍ୟ ରାସ୍ତାକୁ ପର୍ଯ୍ୟଟକମାନଙ୍କ ବ୍ୟବହାର ପାଇଁ ଖୋଲା ଛଡ଼ା ଯାଇପାରିବ ନାହିଁ। ସେହିପରି ବୋଟିଂ ସମୟରେ ୬୦ ଡେସିବଲରୁ ଅଧିକ ଶବ୍ଦ ପ୍ରଦୂଷଣକୁ ଅନୁମତି ଦିଆଯିବ ନାହିଁ। ନିର୍ମାଣ ବେଳେ କଠିନ ଓ ତରଳ ବର୍ଜ୍ୟକୁ ଠିକଣା ଭାବେ ବିଶୋଧନ କରି ଛଡ଼ାଯିବ। ବନ୍ୟା, ନଦୀବନ୍ଧର କୌଣସି ସମସ୍ୟା ସମୟରେ ଜଳକ୍ରୀଡ଼ାକୁ ଅନୁମତି ଦିଆଯିବ ନାହିଁ। ଯଦି ନଦୀବନ୍ଧର ମରାମତି ପାଇଁ କୌଣସି ସମୟରେ ଜଳକ୍ରୀଡ଼ାକୁ ବାତିଲ କରିବାକୁ ପଡ଼େ ତେବେ ଏଥିପାଇଁ ବିଭାଗ ଦାୟୀ ରହିବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯଦି ସମୟାନୁକ୍ରମେ ମାର୍ଗଦର୍ଶିକାରେ ପରିବର୍ତ୍ତନ କରାଯାଏ ତେବେ ତାହାକୁ ଅନୁସରଣ କରାଯିବ। ବରିଷ୍ଠ ନାଗରିକ, ମହିଳା, ଶିଶୁ ଓ ବିଭିନ୍ନ ବର୍ଗର ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିବ। ଜଳକ୍ରୀଡ଼ା ସମୟ ପୂର୍ବାହ୍ନ ୬ଟାରୁ ଅପରାହ୍ନ ୫.୩୦ ମଧ୍ୟରେ ରହିବ ବୋଲି ଅତିରିକ୍ତ ସଚିବ ଦର୍ଶାଇଛନ୍ତି। ଯଦି ପର୍ଯ୍ୟଟନ ବିଭାଗ ଏଥିରେ କୌଣସି ଅତିରିକ୍ତ ସର୍ତ୍ତାବଳୀ ଯୋଡ଼ିବାକୁ ଚାହିଁବ କିମ୍ବା ପ୍ରତ୍ୟାହାର କରିବାକୁ ଚାହିଁବ ତେବେ ଚୂଡ଼ାନ୍ତ କରି ଜଣାଇବାକୁ ବିଭାଗ ପକ୍ଷରୁ କୁହାଯାଇଛି।

## ଗ୍ରୀଷ୍ମଛୁଟି ପରେ ଖୋଲିଲା ସ୍କୁଲ: ପାଠପଢ଼ିଲେ ୭୭ ପ୍ରତିଶତ ଛାତ୍ରୀଛାତ୍ର

ତିଗିରିଆ,୨୦।୬(ଜାଫର ଖାଁ)

ଗ୍ରୀଷ୍ମ ଅବକାଶ ପରେ ଶୁକ୍ରବାର ବିଦ୍ୟାଳୟ ଖୋଲିଛି। ଏହି ଅବସରରେ ତିଗିରିଆ ବ୍ଲକ୍ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡିକରେ ପ୍ରଥମ ଦିନରେ ୭୭ ପ୍ରତିଶତ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ବ୍ଲକ୍ ଅଞ୍ଚଳରେ ଥିବା ୩୧ ପ୍ରାଥମିକ ବିଦ୍ୟାଳୟ, ୨୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୪ ବ୍ଲକଗ୍ରାଣ୍ଟ ମଧ ଇଂରାଜୀ ବିଦ୍ୟାଳୟ, ଗୋଟିଏ ଆଦର୍ଶ ବିଦ୍ୟାଳୟ, ଗୋଟିଏ ଆଶ୍ରମ ବିଦ୍ୟାଳୟ ଓ ୧୩ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ମୋଟ ୭,୮୪୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୦୭୧ ଜଣ ପ୍ରଥମ ଦିନରେ ବିଦ୍ୟାଳୟକୁ ଆସିଥିବା ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ସୂଚନା ଦେଇଛନ୍ତି। ସେହିଭଳି ହଇଜା ଓ ଝାଡାବାନ୍ତି ଯୋଗୁ ସମସ୍ତ ବିଦ୍ୟାଳୟରେ ସାନିଟାଇଜେଶନ ବ୍ୟବସ୍ଥା ତଦାରଖ କରିଛନ୍ତି ବ୍ଲକ ଶିକ୍ଷା ଅଧିକାରୀ।

# ଜନ୍ମମାଟିରେ ନିରଞ୍ଜନ ରଥଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ନିରଞ୍ଜନ ରଥଙ୍କ ପରଲୋକରେ ସାଲେପୁରରେ ଆୟୋଜିତ ଶୋକସଭା।

ଆଠଗଡ଼/ବାଙ୍କୀ/ ସାଲେପୁର,୨୦।୬ (ସତ୍ୟ ପ୍ରସାଦ ରଥ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଅରବିନ୍ଦ ଭୂୟାଁ)

ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ, ବିଶିଷ୍ଟ ସାମାଜିକ କର୍ମୀ, ବରିଷ୍ଠ ଖବରଦାତା, ସାରସ୍ୱତ ସାଧକ, ତଥା ସମାଜ'ର ପୂର୍ବତନ ପ୍ରକାଶକ ଓ ମୁଦ୍ରାକର, ସମ୍ପାଦକ ନିରଞ୍ଜନ ରଥ(୭୭)ଙ୍କୁ ଜନ୍ମମାଟି ଆଠଗଡରେ ଶୁକ୍ରବାର ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୁରୁବାର ରାତି ତାଙ୍କ ପରଲୋକ ଖବର ଜଣାପଡିବା ପରେ ଆଠଗଡ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସକାଳେ ତାଙ୍କ ମରଶରୀର ଆଠଗଡସ୍ଥିତ ବାସଭବନରେରେ ପହଞ୍ଚିବା ପରେ ଲୋକସେବକ ମଣ୍ଡଳର ବରିଷ୍ଠ ସଦସ୍ୟ ଭୀମସେନ ଯାଦବ, ମଣ୍ଡଳର କୋଷାଧ୍ୟକ୍ଷ ତଥା ଜିମ୍‌ସାର ଅଧ୍ୟକ୍ଷ ରାଜେନ୍ଦ୍ର ଜେନା, ମଣ୍ଡଳର ସଦସ୍ୟ ଡ.ନୈନା ବେନ ଭେକାରିଆ, ସମାଜ ସମ୍ପାଦକ ତଥା କାର୍ଯ୍ୟନିର୍ବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ର, ସାମାଜିକ କର୍ମୀ ଭବାନୀ ପ୍ରସାଦ ମିଶ୍ର, ଭାଜପାର କଟକ ଗ୍ରାମୀଣ ଜିଲା ସଭାପତି ରାମନାରାୟଣ ମହାନ୍ତି, ବରିଷ୍ଠ ଭାଜପା ନେତା ହରପ୍ରସାଦ ମିଶ୍ର, ଅଭୟ କୁମାର ବାରିକ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପାଧ୍ୟକ୍ଷ ବି ଶୁଭ୍ରଶଙ୍କର ଜ୍ୟୋତି, ସାମାଜିକ କର୍ମୀ ଶ୍ରୀଧର ରଥ, ସଂକୀର୍ତ୍ତନ ଗୁରୁ ଅଜୟ ଦାସ, ଏଟିବିଏନ ଆଇନଜୀବୀ ସଂଘ ସଭାପତି ଫଣୀଭୂଷଣ ରଥ, ଆଇନଜୀବୀ ମୃତ୍ୟୁଞ୍ଜୟ ମହାପାତ୍ର, ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀଙ୍କ ସମେତ ଆଠଗଡ ଖବରଦାତା ସଂଘ କର୍ମକର୍ତ୍ତା, ଗୋପବନ୍ଧୁ ମହିଳା କନିଷ୍ଠ ଏବଂ ଡିଗ୍ରୀ କଲେଜର ଅଧ୍ୟକ୍ଷା ଓ ଅଧ୍ୟାପିକା ବୃନ୍ଦ, ରାଧାନାଥପୁର ବ୍ରାହ୍ମଣ ସମାଜର କର୍ମକର୍ତ୍ତା ପ୍ରମୁଖ ପହଞ୍ଚି ରଥଙ୍କ ମରଶରୀରରେ ପୁଷ୍ପମାଲ୍ୟ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଶେଷ ଶଯ୍ୟା ନିକଟରେ ସାନଭାଇ ନିରୁପମ ରଥ, ନଳିନାକ୍ଷ ରଥ, ସାନ ଭାଇବୋହୂ କୁମୁଦିନୀ ପଣ୍ଡାଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସ୍ୱର୍ଗତ ରଥଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ଆଠଗଡ ସହର ପରିକ୍ରମା କରି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା।

ସେହିପରି ମା' ବାଉତି କରଣ ୱେଲଫେୟାର ସମିତି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବାଉତି ମନ୍ଦିର ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମିତିର ସଭାପତି ରତିକାନ୍ତ ପଟ୍ଟନାୟକଙ୍କ ଆବାହକତ୍ୱରେ ସ୍ୱର୍ଗତ ରଥଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେ ଜଣେ ଜ୍ଞାନୀ, ଗୁଣୀ ତଥା ପରୋପକାରୀ ବ୍ୟକ୍ତି ଭାବରେ ବେଶ୍ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପାଇ କରଣ ସାହିର ମୁରବି ରମାକାନ୍ତ ପଟ୍ଟନାୟକ, ପାର୍ଥସାରଥି ପଟ୍ଟନାୟକ, ନରେନ୍ଦ୍ର ପଟ୍ଟନାୟକ, ରଞ୍ଜନ ଦାସ, ଅର୍ଦ୍ଧେନ୍ଦୁ ମହାନ୍ତି, ଅଜୟ ଦାସ ପ୍ରମୁଖ, ଆଠଗଡ଼ ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ବାଙ୍କୀ ପ୍ରେସ୍‌କ୍ଲବ ବିଦ୍ୟାରତ୍ନ ଭବନଠାରେ ରଥଙ୍କ ପରଲୋକରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ପ୍ରେସ୍‌କ୍ଲବର ସଭାପତି ବଳଭଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସମ୍ପାଦକ ସୁବାସ ଚନ୍ଦ୍ର ପାଢୀ, ଉପସଭାପତି ସମରେନ୍ଦ୍ର ମହାପାତ୍ର, ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ଶିକ୍ଷାବିତ୍ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କିଶୋର ନୀଳମାଧବ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରେସ୍‌କ୍ଲବର ସହସମ୍ପାଦକ ବିଭୁପ୍ରସାଦ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଲେପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ଏକ ଶୋକସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ସାରସ୍ୱତ ସମାରୋହ ସମିତି, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଏବଂ ସାଲେପୁର ନାଗରିକ କମିଟି ପକ୍ଷରୁ ଖବରଦାତା ଅକ୍ଷୟ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।

## ହତ୍ୟା ଅଭିଯୋଗରେ ଫେରାର ଅଭିଯୁକ୍ତ ଗିରଫ

ତିଗିରିଆ,୨୦।୬ (ଜାଫର ଖାଁ)

ହତ୍ୟା ଅଭିଯୋଗରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ତିଗିରିଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ତିଗିରିଆ ଥାନା ଅନ୍ତର୍ଗତ କଳିକିରି ଗ୍ରାମର ସାନୁ ଦାସ। ବ୍ରହ୍ମପୁର ଜେଏମ୍ଏଫସି କୋର୍ଟ ପକ୍ଷରୁ ଜାରି କରାଯାଇଥିବା ଗିରଫ ଫରୱାନା ବଳରେ ତାଙ୍କୁ ଗିରଫ କରାଯାଇଛି ବୋଲି ତିଗିରିଆ ଆଇଆଇସି ସମରେନ୍ଦ୍ର ପାଇକରାଏ ସୂଚନା ଦେଇଛନ୍ତି। ୨୦୨୪ରେ ଅଭିଯୁକ୍ତ ସାନୁ ଓ ତାଙ୍କ ଅନ୍ୟ ୨ ଜଣ ସହଯୋଗୀ ଟ୍ରକ୍‌ରେ ଲୁହା ରଡ଼ ନେଇ ହାଇଦ୍ରାବାଦ୍ ଯାଉଥିଲେ। ମାଲିକ ଅଜାଣତରେ ବାଟ୍‌ରେ ଟ୍ରକ୍‌ରୁ ସେମାନେ କିଛି ଲୁହା ରଡ଼ ବିକ୍ରି କରି ୪୦ ହଜାର ଟଙ୍କା ଆଦାୟ କରିଥିଲେ। ହାଇଦ୍ରାବାଦରୁ ଫେରିବାବେଳେ ଜଣେ ବ୍ୟକ୍ତି ସେମାନଙ୍କୁ ଲିଫ୍ଟ ମାଗିଥିଲେ। ସାନୁ ଓ ତାଙ୍କ ସହଯୋଗୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଲିଫ୍ଟ ଦେଇଥିଲେ। ବାଟରେ ସାନୁ ଓ ତାଙ୍କ ସହଯୋଗୀ ପରିସ୍ରା ପାଇଁ ଟ୍ରକ୍‌ରୁ ଓହ୍ଲାଇଥିଲେ। ଏହି ସମୟରେ ସମ୍ପୃକ୍ତ ବ୍ୟକ୍ତି ଉପରୋକ୍ତ ଟଙ୍କା ଚୋରି କରି ନେଇଥିଲେ। ଟ୍ରକ୍‌ରେ ଟଙ୍କା ନଥିବା ଦେଖି ସାନୁ ଓ ତାଙ୍କ ସହଯୋଗୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟଙ୍କା ସମ୍ପର୍କରେ ପଚାରିଥିଲେ। ମାତ୍ର ବ୍ୟକ୍ତି ଜଣକ ଏବିଷୟରେ ଜାଣି ନ ଥିବା କହିଥିଲେ। ଖୋଜାଖୋଜି ପରେ ଉକ୍ତ ୪୦ ହଜାର ଟଙ୍କା ସମ୍ପୃକ୍ତ ବ୍ୟକ୍ତିଙ୍କ ଚପଲରୁ ମିଳିଥିଲା। ଏଥିରେ ସାନୁ ଓ ତାଙ୍କ ସହଯୋଗୀ ଉତ୍କ୍ଷିପ୍ତ ହୋଇ ତାଙ୍କୁ ବାଡ଼େଇ ମାରି ଦେଇଥିଲେ। ଏହାପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତଦେହ ବ୍ରହ୍ମପୁର ଅଞ୍ଚଳରେ ଫିଙ୍ଗି ଦେଇଥିଲେ। ଏ ନେଇ ଉକ୍ତ ଅଞ୍ଚଳର ଗୋଲନ୍ଥରା ଥାନାରେ ମାମଲା (ନଂ. ୩୬୦/୨୪) ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଉଥିଲା। ଟ୍ରକ୍ ଚାଳକଙ୍କ ମୋବାଇଲରୁ ମୃତ ବ୍ୟକ୍ତି ଜଣକ ସ୍ତ୍ରୀଙ୍କ ପାଖକୁ ଫୋନ କରିଥିଲେ। ସେଥିରୁ ଅଭିଯୁକ୍ତଙ୍କ ସମ୍ପର୍କରେ ମିଳିଥିବା ସୂଚନା ଆଧାରରେ ପୋଲିସ ସାନୁଙ୍କୁ ଧରିଥିବା କହିଛି।

## ନାଁକୁ ଜଳ ସେବା କେନ୍ଦ୍ର: ମାଠିଆ କି ପାଣି ନାହିଁ

ବାଙ୍କୀ , ୨୦।୬ ( ଶୁଭେନ୍ଦୁ ମହାପାତ୍ର)




ଖାଲି ପଡ଼ିଥିବା ପାନୀୟ ଜଳସେବା କେନ୍ଦ୍ର।

ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ପ୍ରଚଣ୍ଡ ରୌଦ୍ରତାପକୁ ଆଖିଆଗରେ ରଖି ବାଙ୍କୀ ଏନ୍‌ଏସି ପକ୍ଷରୁ ଏନ୍‌ଏସିର ପ୍ରମୁଖ ସ୍ଥାନଗୁଡିକରେ ଜଳ ସେବା କେନ୍ଦ୍ର ଖୋଲାଯାଇଥିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ଟେଣ୍ଟ ନିର୍ମାଣ କରି ପାଣି ମାଠିଆ ଓ ଗ୍ଲାସ୍ ରଖାଯାଇଥିଲା। ଫଳରେ ଯାତ୍ରୀମାନେ ଥଣ୍ଡା ପାଣି ପିଇ ସେମାନଙ୍କର ତୃଷ୍ଣା ମେଣ୍ଟାଉଥିଲେ। ହେଲେ ଦିନକେଇଟା ନ ହେଉଣୁ ଜଳ ସେବା କେନ୍ଦ୍ରର ବିକଳ ଅବସ୍ଥା ଦେଖିବାକୁ ମିଳିଛି। ଟେଣ୍ଟ ଅଛି ହେଲେ ମାଠିଆ କି ଗ୍ଲାସ ନଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ଶୋଷରେ ଆଉଟୁପାଉଟୁ ହେଉଛନ୍ତି। ଖାଲି ପଡିଥିବା ଜଳ ସେବା କେନ୍ଦ୍ରକୁ ଦେଖି ଏହା କେବଳ ଲୋକଦେଖାଣିଆ ଜଳ ସେବା କେନ୍ଦ୍ର ବୋଲି ଜନସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏହି ଜଳ ସେବା କେନ୍ଦ୍ର ପାଇଁ ସ୍ୱତନ୍ତ୍ର ସରକାରୀ ଅର୍ଥ ବ୍ୟୟବରାଦ କରାଯିବା ସତ୍ତ୍ୱେ ଏହା କେବଳ ନାମକୁ ମାତ୍ର ହୋଇ ରହିଯାଇଛି। ଖାଲି ଫଟୋ ଉଠାଇ ସରକାରୀ ଅର୍ଥ ଅପବ୍ୟୟ କରାଯାଉଛି ବୋଲି ଘଟଣାଟି ଜନମାନସରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନ୍‌ଏସିରେ ଥିବା ୧୭ ଗୋଟି ୱାର୍ଡ ମଧ୍ୟରେ କେତେ ଗୋଟି ଜଳ ସେବା କେନ୍ଦ୍ର ଖୋଲାଯାଇଥିଲା ଏବଂ ପ୍ରତ୍ୟେକ ଜଳ ସେବା କେନ୍ଦ୍ର ପ୍ରତି କେତେ ଟଙ୍କା ସରକାରୀ ଅନୁଦାନ ପ୍ରଦାନ କରାଯାଇଛି ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟତା ସାମ୍ନାକୁ ଆସିବ। ଏହି ସମ୍ପର୍କରେ ବାଙ୍କୀ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ କୌଣସି ତଥ୍ୟ ମିଳି ପାରିନାହିଁ।

## ବାଆଁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଶିବିର

ବାଙ୍କୀ,୨୦।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ଯୋଗାଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଜାତିକ ଯୋଗଦିବସ ପାଳନ ଅବସରରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଓ ଶ୍ରୀଶ୍ରୀ ଆୟୁର୍ବେଦିକ ବିଜ୍ଞାନ ଓ ଗବେଷଣା ହସ୍ପିଟାଲ ସହଯୋଗରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଯୋଗାଭ୍ୟାସ ସହ ଯୋଗ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଡାକ୍ତର ରମାକାନ୍ତ ରାଉତ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀ ବିଶ୍ୱିଦ୍ୟାଳୟର ଆୟୁର୍ବେଦିକ ବିଜ୍ଞାନ ଓ ଗବେଷଣା ସଂସ୍ଥାର ସହକାରୀ ଡିନ ଡ. ଦୁର୍ଗାପ୍ରସାଦ ଦାସ ଯୋଗଦେଇ ଯୋଗଦ୍ୱାରା ଶରୀର ସୁସ୍ଥ ଓ ନିରାମୟ ହୁଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଭାରତ ଏକ ପ୍ରାଚୀନ ଦେଶ ଓ ଏହି ଦେଶର ଋଷିମୁନୀଙ୍କ ଦ୍ୱାରା ଆଦୃତ ଯୋଗ ଓ ପ୍ରାଣାୟମ ପ୍ରତିଦିନ ଅଭ୍ୟାସ କଲେ ରୋଗ ଦୂରେଇଯିବ ବୋଲି ଉଲ୍ଲେଖ କରିଥିଲେ। ଅତିଥି ଭାବେ ଡ. ଧ୍ରୁବ ପ୍ରସାଦ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ଦାସ, କୂଅମଡା ଗ୍ରାମକମିଟି ସମ୍ପାଦକ ବିଶ୍ୱନାଥ ସାହୁ, କ୍ରୀଡା ଶିକ୍ଷୟିତ୍ରୀ ସାବିତ୍ରୀ ବରାଳ, ଶିକ୍ଷକ ସନ୍ତୋଷ କୁମାର ମୁଦୁଲି , ସିଦ୍ଧାର୍ଥ କୁମାର ସାହୁ ପ୍ରମୁଖ ଯୋଗଦେଇ ଯୋଗ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଯୋଗ ପ୍ରଶିକ୍ଷିକା ତରୁଲତା ଧୀର ଯୋଗ ଅଭ୍ୟାସ କରାଇଥିଲେ। ସାମାଜିକ କର୍ମୀ ତଥା ରୋଟାରିଆନ ଗୌରାଙ୍ଗ ଚରଣ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ ବାଆଁରା ଶ୍ରୀ ଶ୍ରୀ ସୁବୁଦ୍ଧେଶ୍ୱର ସାହିତ୍ୟ ସାଂସଦ ତରଫରୁ ଶ୍ରୀଶ୍ରୀ ସୁବୁଦ୍ଧେଶ୍ୱରଙ୍କ ଫଟୋଚିତ୍ର ଓ ପତ୍ରିକା ପ୍ରଦାନ କରାଯାଇଥିଲା।

## ତିନି ରଥର ୧୨ ଦୁଆରବେଢ଼ା ନିର୍ମାଣ ଶେଷ

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୫୧ତମ ଦିବସରେ ଶୁକ୍ରବାର ତିନି ରଥର ସିଂହାସନ ବେଦି ଉପରେ ପ୍ରଥମ ଭୂଇଁ ଉପର ମଧ୍ୟଭାଗରେ କନକମୁଣ୍ଡି ବସି ସେଥିରୁ ୪ଟି କାଣ୍ଡ ଏବଂ ୨୦ଟି ରୁଅ ଗମ୍ବୁଜାକାର ଭାବେ ସେଟିଂ କରାଯାଇଛି। ସେଥିରେ ପିତଳ ଚଦର ଆବରଣ ବର୍ଷା ପାଣି ନ ପଡ଼ିବା ପାଇଁ ଫିଟିଂ କରାଯିବା ବାକି ରହିଛି। ସେହିପରି ରଥରେ ସ୍ଥାପନ ପାଇଁ ଗୋଟିଏ ଲେଖାଏ ବିଜେ ଚକା ନିର୍ମାଣ ଶେଷ ହୋଇଛି। ତିନିରଥର ୧୬ ଦୁଆରବେଢ଼ା ମଧ୍ୟରୁ ୧୨ଟି ନିର୍ମାଣ ସରିଛି। ସେଥିରେ ଚିତ୍ରକାରମାନେ ରାହୁମୁଣ୍ଡ ସହ ଛାୟା, ମାୟା ଚିତ୍ର ଅଙ୍କନ ପରେ ଦୁଆରବେଢା ରଥକୁ ଉଠି ସଂଯୋଗ ହେବ। ଅପରପକ୍ଷରେ ମୁଖ୍ୟ ରୂପକାର ସେବକମାନେ ଅନୁକୂଳ ପୂଜା ପୂର୍ବକ ନଡ଼ିଆ ବାଡେଇ ତିନି ରଥ ପ୍ରଭାରେ ରୂପ ଖୋଦେଇ ଚିତ୍ର ଅଙ୍କନ ଆରମ୍ଭ କରିଛନ୍ତି। ତିନିରଥର ପ୍ରଭା ଫିଟିଙ୍ଗ ପାଇଁ ବେଦିପଛ ଭାଗ ଚଉଦ ନାହାକାରେ ଦୁଇଟି ଲେଖାଏ ଧୂଳିଦଣ୍ଡା ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି। ମହାରଣା ସେବକମାନେ ତିନିରଥର ଦୁଇଟି ଲେଖାଏ ୨୦ ଫୁଟିଆ ଆଠ ଆଂଶି ଘୋଡ଼ା ଈଶ ନିର୍ମାଣ ସହ ସେଥିରେ ଦୁଇଟି ଲେଖାଏ ବିନ୍ଧ କାର୍ଯ୍ୟ ଶେଷ କରିଛନ୍ତି। ଦୁଇଟି ଲେଖାଏ ୨୦ ଫୁଟିଆ ସାଙ୍ଗୀ ନିର୍ମାଣ ସରିଛି। ଚିତ୍ରକାର ସେବକମାନେ ୧୨ଟି ଦୁଆରବେଢ଼ାରେ ଚିତ୍ର ଅଙ୍କନ ପାଇଁ ପ୍ରାଇମର ଦେବା ସହ ଘୋଡ଼ା, ସାରଥୀଙ୍କ ରଙ୍ଗ କାର୍ଯ୍ୟ, ପାର୍ଶ୍ୱ ଦେବଦେବୀ, କଳସ, ହଂସପଟା, ନାଟଗୋଡ଼, ତିନିରଥର ବାହ୍ୟ ପାର୍ଶ୍ୱ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଦରଜି ସେବକମାନେ ଦୁଆର ଦେଢା ପାଇଁ କଟିଙ୍ଗ କନାରେ ଜରି ଲେସ, ଚାନ୍ଦି ଜରିରେ ଫୁଲ ଡାଳି ପକା କାର୍ଯ୍ୟ କରୁଛନ୍ତି। ଏଥିସହ ଶ୍ରୀବିଗ୍ରହଙ୍କ ତିନିଟି ବିଜେ ଚକାପଟି ପ୍ରସ୍ତୁତ ସରିଛି। ଦୋଳବେଦି ଅସ୍ଥାନ୍‌କମାରଶାଳରେ ଓଝା ସେବକମାନେ ପ୍ରଭା କଣ୍ଟା, ସିଂହାସନ ଗଣ୍ଠିକଣ୍ଟା ଏବଂ ଧ୍ୱଜବତା କଣ୍ଟା ନିର୍ମାଣ କରୁଛନ୍ତି।

## ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା ଦାବି

ବାଙ୍କୀ,୨୦।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)



ତୃତୀୟା ଦେବ ମନ୍ଦିର।

ଓଡ଼ିଶାର ପ୍ରାଚୀନ କୀର୍ତ୍ତିରାଜି ଓ ଐତିହ୍ୟ ଦେଖିବାକୁ ଦେଶବିଦେଶର ବହୁ ପର୍ଯ୍ୟଟକ ଆସିଥାନ୍ତି। କିନ୍ତୁ ବାଙ୍କୀ ଅଞ୍ଚଳରେ କିଛି କୀର୍ତ୍ତିରାଜି ଯାହା ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇ ପଡିରହିଛି। ବିଶେଷକରି ବାଙ୍କୀ ବୈଦେଶ୍ୱରର ଅଷ୍ଟମ ଶତାବ୍ଦୀର ଦୁର୍ଗାମନ୍ଦିର ଓ ଏହା ନିକଟରେ ୧୪ ଶହ ଶତାବ୍ଦୀର ରାମନାଥ ଓ ବୈଦ୍ୟନାଥ ମନ୍ଦିର, ବ୍ରହ୍ମପୁରାର ୧୭ ଶହ ଶତାବ୍ଦୀର ମୁକ୍ତେଶ୍ୱର ମନ୍ଦିର, ୧୬୪୮ ମସିହାର ସୁବର୍ଣ୍ଣପୁରର ତୃତୀୟା ଦେବ ମନ୍ଦିର ଓ ପ୍ରଥମ ମହିମା ମନ୍ଦିର ମାଳିବହାରପୁର, ଘୋଲପୁରର ଅଷ୍ଟଶମ୍ଭୁ ମନ୍ଦିର, ଘାସିପୁଟର ଅରାଚଣ୍ଡୀ ମନ୍ଦିର, ସାମନ୍ତରାପୁରର ଖପରଚଣ୍ଡୀ ମନ୍ଦିର, ରଗଡିର ମହିମାମଣି ମନ୍ଦିର, ତୁଳସୀପୁର ଚୈତନ୍ୟଦେବ ମନ୍ଦିର, ବାଙ୍କୀ ଗଡର ଚୈତନ୍ୟଦେବ ଆଦି ମନ୍ଦିର ବହୁ ପ୍ରାଚୀନ ଯୁଗର। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଦ୍ୱାରା କେବଳ ଦୁର୍ଗାମନ୍ଦିର ଓ ମୁକ୍ତେଶ୍ୱର ମନ୍ଦିରର କିଛି ମାତ୍ରାରେ ସଂରକ୍ଷଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ସମସ୍ତ ପ୍ରାଚୀନ ମନ୍ଦିରର ସୁରକ୍ଷା ପୁନରୁଦ୍ଧାର ଦିଗରେ ପଦକ୍ଷେପ ନେବାକୁ ଗବେଷକ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଦୀପକ କୁମାର ସାମନ୍ତରା, ଧନଞ୍ଜୟ ମହାପାତ୍ର , ଅମିତ୍ କୁମାର ସାହୁ ପ୍ରମୁଖ ପ୍ରତ୍ନତାତ୍ତ୍ୱିକ ବିଭାଗ ନିକଟରେ ନିବେଦନ କରିଛନ୍ତି। ଫଳରେ ଐତିହ୍ୟ ଓ କୀର୍ତ୍ତିରାଜିର ସଂରକ୍ଷଣ ହେବା ସହିତ ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରିବାରେ ସାହାଯ୍ୟ କରିବ। ଏ ଦିଗରେ ଉକ୍ତ ମନ୍ଦିରଗୁଡିକୁ ଯାତାୟାତ ନିମନ୍ତେ ରାସ୍ତାଘାଟ ନିର୍ମାଣ ସହ ସୁରକ୍ଷା ଜରୁରୀ ବୋଲି ଜନସାଧାରଣ ଦାବି କରିଛନ୍ତି।

## ୬୨ୟୁନିଟ୍ ରକ୍ତ ସଂଗ୍ରହ

ସାଲେପୁର,୨୦।୬ (ଅରବିନ୍ଦ ଭୂୟାଁ)

ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍ ପକ୍ଷରୁ ବ୍ୟାଙ୍କ୍ ପରିସରରେ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍‌ର ଚିଫ୍ ମ୍ୟାନେଜର ବିକ୍ରମ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁପାଟଣା ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ପ୍ରୀତୀଶ ରଞ୍ଜନ ପଟ୍ଟନାୟକ, ମାହାଙ୍ଗା ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ରଶ୍ମିରଞ୍ଜନ ସାହୁ, ଗୋପୀନାଥପୁର ଷ୍ଟେଟ୍ ବ୍ୟାଙ୍କ୍ ଶାଖା ପରିଚାଳକ ସୁଶାନ୍ତ କୁମାର ପାଳ, କ୍ଷେତ୍ର ଅଧିକାରୀ ପ୍ରଦୀପ କୁମାର ମଲ୍ଲିକ, ଦୀପକ କୁମାର ବନିକ ଓ ଖବରଦାତା ଅକ୍ଷୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସେହିପରି ସାଲେପୁର ଷ୍ଟେଟ୍ ବ୍ୟାଙ୍କ୍‌ର ମୁକୁନ୍ଦ କୁମାର ମଲ୍ଲିକ, ସୁବୋଧ କୁମାର ମହାନ୍ତି, ଅଶ୍ୱିନୀ କୁମାର ଶତପଥୀ, ଜୟପ୍ରକାଶ କାଣ୍ଡିଙ୍କ ସମେତ ସମସ୍ତ ଅଧିକାରୀ ଯୋଗଦେଇ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଏଥିରେ କଟକ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ୍‌ର ଡ. ବିନାୟକ ପୃଷ୍ଟିଙ୍କ ନେତୃତ୍ୱରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସମୁଦାୟ ୬୨ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

No.O-318

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/07-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 07-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 01 No | Rs.1366.86 Lakhs | "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/07-2025-26/BPR | 30.06.2025 at 10.00 A.M. | 14.07.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0098/2526

**ORISSA STATE AIDS CONTROL SOCIETY (OSACS)** OSACS
(Department of Health & Family Welfare), Government of Odisha
Advertisement No. I-OSACS-TI-OST-30/2024/642 Date: 18.06.2025

**ADVERTISEMENT**

No. E-177: Orissa State AIDS Control Society (OSACS) on behalf of OST Centres in the State of Odisha invites suitable candidates to fill-up the post of **Medical Officers** for implementation of HIV/AIDS programme under National AIDS Control Programme (NACP) through **Walk-in-Interview**. These positions are purely temporary and co-terminus with the scheme. The age limit to apply for the **Post of Medical Officer is 24-66 years as on Dtd.30.05.2025**. The details are mentioned below:

| Name of the Post | Place of Posting | Qualification & Experience | No. of Post for Engagement | Monthly consolidated Remuneration (Rs.) | Date & Time of Walk-in-Interview |
|---|---|---|---|---|---|
| Medical Officer | OST Centre, MHI, SCB MCH, Cuttack | Essential Qualification: MBBS with valid registration from the respective State Medical Council/ NMC. Those with MD Psychiatry/ Diploma in Psychiatry Medicine (DPM) will be preferred. Good working knowledge of Computer, MS Office | 01 | 72,000/- | 01.07.2025 at 10.00 A.M. |
| | OST Centre, DHH, Puri | | 01 | 72,000/- | 17.07.2025 at 11.00 A.M. |

Eligible & interested candidates shoul report directly to the concerned head of the Institutions/ Nodal Officer of OST Centres (as per list enclosed) alongwith their Bio-data in the application (prescribed format) and required documents in support of qualification & experience on the above stipulated dates. The Walk-in-Interview will be conducted as per above mentioned date & time. The prescribed format of application, details of job responsibilities, address for attending Walk-in-Interview, other terms & conditions in accordance with the Standard Operating Procedure for Buprenorphine based Opioid Substitution Therapy under NACO are available on the website **www.osacs.odisha.gov.in**. The authority reserves the right to accept/reject any or all application(s) without assigning any reasons thereof.

Sd./- Project Director

2nd Floor, Oil Odisha Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)
National HIV/AIDS Help Line Number: 1097 (Toll Free), E-mail: orissasacs@gmail.com/tiosacs@gmail.com
OIPR-10009/11/0050/2526

## ସଂକ୍ଷେପରେ

### ରଥଯାତ୍ରାରେ ଭକ୍ତଙ୍କୁ ମିଳିବ ଦେୟମୁକ୍ତ ଅଟୋସେବା

**ତାଳବଣିଆ ଅସ୍ଥାୟୀ ପାର୍କିଂ ଗ୍ରାଉଣ୍ଡରେ ରହିବ ସବୁ ବସ୍**

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି): ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଟାଉନ ଥାନା କନ୍ଫରେନ୍ସ ହଲରେ ଶୁକ୍ରବାର ପୋଲିସ ଏବଂ ଅଟୋ ଓ ବସ୍ ମାଲିକ ସଂଘ ସମେତ ଶଟଲ୍ ସେବା ପ୍ରଦାନକାରୀ ଏଜେନ୍ସିମାନଙ୍କ ସହ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ବିନୀତ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ରଥଯାତ୍ରାରେ ଯାତାୟାତ ଓ ପରିବହନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନେଇ ମୁଖ୍ୟତଃ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି କେତେକ ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଏହି ତିନିଦିନ ଅବଧିରେ ଭୁବନେଶ୍ୱର, କୋଣାର୍କ ଓ ବ୍ରହ୍ମଗିରି ଦିଗରୁ ଆସୁଥିବା ସମସ୍ତ ସାଧାରଣ ପ୍ରବେଶ ଓ ଯାତ୍ରୀ ବସ୍‌ଗୁଡ଼ିକୁ ତାଳବଣିଆ ଅସ୍ଥାୟୀ ପାର୍କିଂ ଗ୍ରାଉଣ୍ଡରେ ପାର୍କିଂ କରାଯିବ। ଶଟଲ୍ ସେବା ବ୍ୟବସ୍ଥାରେ ରଥଯାତ୍ରା ଦିନରେ ଯାତ୍ରୀଙ୍କ ସହଜ ଯାତାୟାତ ପାଇଁ ଦୁଇଟି ଶଟଲ୍ ରୁଟ୍ ସଚଳ ରହିବ। ମଙ୍ଗଳା ହାଟରୁ ଷ୍ଟର୍ଲିଂ ରୋଡ୍ ଏବଂ ତାଳବଣିଆରୁ ପୁରୀ ରେଳଷ୍ଟେଶନ ଏହି ଶଟଲ୍ ସେବା ଯାତ୍ରୀଙ୍କୁ ଦେୟମୁକ୍ତ ଯାତ୍ରା ଅନୁଭବ କରାଇବା ପାଇଁ ସହଯୋଗ କରିବାକୁ ଅଗ୍ରୱାଲ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି କହିଛନ୍ତି, ରଥଯାତ୍ରା ଆମ ଜିଲା ଓ ରାଜ୍ୟର ଗର୍ବ। ଏହାକୁ ସଫଳ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହା ସମ୍ମିଳିତ ଚେଷ୍ଟା ଦ୍ୱାରା ସମ୍ଭବ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲ, ଟ୍ରାଫିକ ଡିଏସ୍‌ପି ରାଜକୁମାର ପରିଡା, ଟ୍ରାଫିକ ଥାନା ଅଧିକାରୀ ଜୟଦୀପ ମହାନ୍ତିଙ୍କ ସମେତ ବସ୍ ଆସୋସିଏଶନ୍‌ର ପ୍ରତିନିଧି, ଶଟଲ୍ ଏଜେନ୍ସି, ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### କୁମ୍ଭୀର ସଂରକ୍ଷଣର ୫୦ ବର୍ଷ ପାଳନ ଅବସରରେ କର୍ମଶାଳା

**ବାରଙ୍ଗ,୨୦।୬(ଲିଙ୍ଗରାଜ ରାଉତ):** କୁମ୍ଭୀର ସଂରକ୍ଷଣର ୫୦ ବର୍ଷ ପାଳନ ଅବସରରେ ଓଡ଼ିଶାର ପ୍ରକୃତି ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ସୋସାଇଟି ସହଯୋଗରେ ନନ୍ଦନକାନନରେ ଶୁକ୍ରବାର ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଓଡ଼ିଶାର ପ୍ରକୃତି ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ସୋସାଇଟିର ସଦସ୍ୟ, ଚିଡ଼ିଆଖାନା କର୍ମଚାରୀ, ପଶୁ ଚିକିତ୍ସକ, କୁମ୍ଭୀର ରକ୍ଷକ ଓ ଗବେଷକ, ଚିଡ଼ିଆଖାନା ସ୍ୱେଚ୍ଛାସେବୀଙ୍କ ସମେତ ମୋଟ ୬୦ ଜଣ ଅଂଶଗ୍ରହଣ କରିଥିଲେ। ଏଥିରେ ପୂର୍ବତନ ପିସିସିଏଫ୍ ତଥା ବନ୍ୟପ୍ରାଣୀ ସଂରକ୍ଷଣ ସୋସାଇଟି ସଭାପତି ସରୋଜ ପଟ୍ଟନାୟକ ଏବଂ କୁମ୍ଭୀର ବିଶେଷଜ୍ଞ ତଥା ପ୍ରଫେସର ସୁଦର୍ଶନ ମହାରଣା ଯୋଗଦେଇ କୁମ୍ଭୀର ସଂରକ୍ଷଣ, ସୁରକ୍ଷା ଓ ସେମାନଙ୍କ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଡକ୍ୟୁମେଣ୍ଟାରି ମାଧ୍ୟମରେ ଓଡ଼ିଶାରେ ଘଡ଼ିଆଳ କୁମ୍ଭୀର ସଂରକ୍ଷଣକୁ ନେଇ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ପରେ ସଞ୍ଜୟ ଦାଶ, ଅଜୟ ହାଂସଦା, ଅଜିତ ସୋରେନ, ପଠାଣି ଜେନା, ଭୁଜରଥ ଦାଶ, ତ୍ରିଲୋଚନ ସାମଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସ୍ମାର୍ଟ କୃଷି ପଦ୍ଧତିରେ ଚାଷୀଙ୍କୁ ଅଧିକ ସଫଳତା ମିଳିଛି

**ଡିଜିଟାଲ କୃଷି କ୍ଷେତ୍ରରେ ଶିକ୍ଷା ସମ୍ପ୍ରସାରଣ କୌଶଳକୁ ନେଇ ଜାତୀୟ ଆଲୋଚନାଚକ୍ର**

ଭୁବନେଶ୍ୱର,୨୦।୬(ସୁଚିସ୍ମିତା ସାହୁ)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ତିନିଦିନିଆ ଡିଜିଟାଲ କୃଷି କ୍ଷେତ୍ରରେ ଶିକ୍ଷା ସମ୍ପ୍ରସାରଣ କୌଶଳକୁ ନେଇ ଶୁକ୍ରବାର ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କହିଛନ୍ତି ଯେ, ସ୍ମାର୍ଟ କୃଷି ପଦ୍ଧତି ପ୍ରୟୋଗ ଫଳରେ ଚାଷୀଙ୍କୁ ଅଧିକ ସଫଳତା ମିଳିପାରୁଛି। ତେବେ କୃଷି କ୍ଷେତ୍ରରେ ଶିକ୍ଷା ସମ୍ପ୍ରସାରଣର ଅଧିକ ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ କୁଳପତି ଅନୁରୋଧ କରିଛନ୍ତି। ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନା ସହ କୃଷି କ୍ଷେତ୍ରର ବିଭିନ୍ନସ୍ତରୀୟ ଭିଡିଓ, ଅଡିଓ, ଗ୍ରାଫିକ୍ସ ପାଇଁ ଏହାର ବ୍ୟବହାର ଚାଷୀଙ୍କୁ ଅନେକ ସହାୟକ ହୋଇପାରିବ। ଉନ୍ନତ ତଥା ଆଧୁନିକ କାର୍ଯ୍ୟପନ୍ଥା ଆପଣେଇ ଚାଷୀଙ୍କ ଉପଯୋଗୀ ବଜାର ବ୍ୟବସ୍ଥା, ନୂତନ ପ୍ରଣାଳୀ ପ୍ରଣୟନ ପାଇଁ ଏହି ୩ ଦିନିଆ ଆଲୋଚନାଚକ୍ର ବେଶ ସହାୟକ ହେବ ବୋଲି ପ୍ରଫେସର ରାଉଳ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓୟୁଏଟିର ପୂର୍ବତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ରାଉତ ଯୋଗଦେଇ ଡିଜିଟାଲ କୃଷି ପଦ୍ଧତି ଚାଷୀଙ୍କୁ ଲାଭାନ୍ୱିତ କରିପାରିବା ସହିତ ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଆୟ ବୃଦ୍ଧିରେ ସହାୟକ ହେବ ବୋଲି କହିଛନ୍ତି। ଆଇସିଏଆରର ପୂର୍ବତନ ଡିଡିଜି (ସମ୍ପ୍ରସାରଣ) ଡ. ପି. ଦାସ, କୃଷି କ୍ଷେତ୍ରରେ ଡିଜିଟାଲ ଟୁଲର ଆବଶ୍ୟକତା ଏବଂ ଚାଷୀ ଉପଯୁକ୍ତ ଭାବେ କୃଷି ପଦ୍ଧତିକୁ କିପରି ବ୍ୟବହାର କରିପାରିବେ ସେ ନେଇ ଯତ୍ନବାନ ହେବାକୁ ଆହ୍ୱାନ ଦେଇଛନ୍ତି। ସେହିପରି ଚାଷୀଙ୍କୁ କୃଷି କ୍ଷେତ୍ରରେ ବୈଷୟିକ ଶିକ୍ଷାଦାନ ଦେବା ଜରୁରୀ। ଉନ୍ନତ ତଥା ସ୍ମାର୍ଟ ଯନ୍ତ୍ରପାତି ବ୍ୟବହାର ସେମାନଙ୍କୁ ଲାଭ ପ୍ରଦାନ କରିପାରିବ ବୋଲି କେନ୍ଦ୍ର କୃଷି ଓ ଯୋଜନା ଆୟୋଗର ପୂର୍ବତନ ପରାମର୍ଶଦାତା ଡ. ଭି. ଭି. ସଦାମତେ କହିଛନ୍ତି। ଏହି ଅବସରରେ ଏକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଛି। ଏହାସହ ସମ୍ପ୍ରସାରଣ ସମାଜ ପକ୍ଷରୁ ବୈଜ୍ଞାନିକ, ଚାଷୀଙ୍କୁ ସମ୍ମାନିତ କରାଯାଇଛି। ବାଂଲାଦେଶ ଢାକା ସି.ଆଇ.ଆର.ଡି.ଏ.ପି. ମହାନିର୍ଦ୍ଦେଶକ ଡ.ପି. ଚନ୍ଦ୍ର ଶେଖର ଏବଂ ୟୁ.ଏ.ଏସ. ବାଙ୍ଗାଲୋରର ପୂର୍ବତନ କୁଳପତି ତଥା ଅଧ୍ୟକ୍ଷ ଡ. କେ. ନାରାୟଣ ଗୌଡ଼ା ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଚକ୍ରଧର ପାତ୍ର ପରିଚାଳନା କରିଥିଲେ। ଓୟୁଏଟି କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହୃଷିକେଶ ପାତ୍ର ସ୍ୱାଗତ ଭାଷଣ ଦେଇ ଆରମ୍ଭ କରିଥିବାବେଳେ କାର୍ଯ୍ୟକ୍ରମ ସମ୍ପାଦକ ପ୍ରଫେସର ମହାମାୟା ନାୟକ ଧନ୍ୟବାଦ ଦେଇଥିଲେ।

## ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଯୁବଗୋଷ୍ଠୀ



ବାରଙ୍ଗ,୨୦।୬(ଲିଙ୍ଗରାଜ ରାଉତ)

ବର୍ଷା ଦିନ ଆସିଥିବାରୁ ସାମାନ୍ୟ ବର୍ଷାରେ ରାଜରାସ୍ତା ଏବେ ଖାଲଖମାରେ ପରିପୂର୍ଣ୍ଣ ହେଉଛି। ବର୍ଷା ପାଣି ଜମି ବଡ଼ ବଡ଼ ଗର୍ତ୍ତମାନ ସୃଷ୍ଟି ହେଉଛି। ଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଛି। ଅଭିଯୋଗ କଲେ ଶୁଣିବାକୁ କେହି ନାହାଁନ୍ତି। ବାରମ୍ବାର ଯୁବଗୋଷ୍ଠୀଙ୍କଠୁ ଆରମ୍ଭ କରି ସ୍ଥାନୀୟ ଲୋକେ ଏ ଅଫିସରୁ ସେ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଯାଇଥିଲେ ମଧ୍ୟ କେହି ଶୁଣିଲେନି। ଶେଷରେ ଯୁବଗୋଷ୍ଠୀ ଏକାଠି ହୋଇ ନିଜ ଖର୍ଚ୍ଚରେ ରାସ୍ତା ମରାମତି କରିବା ଘଟଣା ଶୁକ୍ରବାର ଅପରାହ୍ନରେ ଦେଖିବାକୁ ମିଳିଛି। ଏ କେଉଁ ଉପାନ୍ତ ଅଞ୍ଚଳର ଘଟଣା ନୁହେଁ। ଏ ହେଉଛି ରାଜଧାନୀ ଭୁବନେଶ୍ୱର ଓ ପୁରୁଣା ରାଜଧାନୀ କଟକ ମଝିରେ ରହିଥିବା ବାରଙ୍ଗ ଅଞ୍ଚଳର ଘଟଣା। ଲଘୁଚାପ ବର୍ଷାରେ ବାରଙ୍ଗ ରାସ୍ତାର କେତେକ ସ୍ଥାନ ଖାଲଖମାରେ ପରିଣତ ହେବା ସହ ମୁଣ୍ଡୁଳୀ ବ୍ୟାରେଜ ଉପରେ ମଧ୍ୟ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ପର୍ଯ୍ୟାୟକ୍ରମେ ଏହାକୁ ମରାମତି ନ କରିବାରୁ ଧୀରେ ଧୀରେ ଗର୍ତ୍ତର ପରିମାଣ ବଢ଼ି ସାଧାରଣ ଲୋକଙ୍କ ପାଇଁ ଦୁର୍ଘଟଣାର କାରଣ ସାଜିଥିଲା। ଫଳସ୍ୱରୂପ ଏହି ସ୍ଥାନ ଯାତାୟାତରେ ବାଧକ ସାଜିଥିଲା। ଏହାସହ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟିବା ନିତିଦିନିଆ ଘଟଣା ପାଲଟିଥିଲା। ଏହି ଖାଲକୁ ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ପର୍ଯ୍ୟାୟକ୍ରମେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ବାଧ୍ୟ ହୋଇ ସ୍ଥାନୀୟ ଗ୍ରାମର କେତେଜଣ ସଚେତନ ନାଗରିକ ଯୁବଗୋଷ୍ଠୀଙ୍କୁ ନେଇ ନିଜ ଉଦ୍ୟମରେ ଶୁକ୍ରବାର ଅପରାହ୍ନରେ ମହାନଦୀ ମୁଣ୍ଡଳି ବ୍ୟାରେଜ ଉପରେ ହୋଇଥିବା ବିରାଟ ଗର୍ତ୍ତକୁ ସିମେଣ୍ଟ କଂକ୍ରିଟ ଦେଇ ପୋତିଥିବା ଦେଖିବାକୁ ମିଳିଥିଲା।

# ଯୋଗ ପାଇଁ ସଚେତନତା ଶୋଭାଯାତ୍ରା



ବେଦ ପାଠଶାଳା ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା।

ନିରାକାରପୁର,୨୦।୬(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ନିକଟ ଶ୍ରୀଦେବୈଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦ ପାଠଶାଳା ଦ୍ୱାରା ଏକାଦଶତମ ଅନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ଜନସଚେତନ ନିମନ୍ତେ ଏକ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୀଳକଣ୍ଠେଶ୍ୱର ଦେବଙ୍କ ପୀଠଠାରୁ ଏହି ଶୋଭାଯାତ୍ରା ବାହାରି ନିରାକାରପୁର ଥାନା ପର୍ଯ୍ୟନ୍ତ ହୋଇଥିଲା। ଯୋଗ କରି ନୀରୋଗ ରହିବା। ବେଦର ସେବା ଦେଶର ସେବା। ଯୋଗର ବାର୍ତ୍ତା ବିଶ୍ୱ ଶାନ୍ତିର ବାର୍ତ୍ତା। ଗୋମାତା ରକ୍ଷା ଦେଶ ସୁରକ୍ଷା ଆଦି ସ୍ଲୋଗାନ ଦେଇଥିଲେ। ଯୋଗ ଦ୍ୱାରା ବିଶ୍ୱର କଲ୍ୟାଣ ହେବା ସହ କିପରି ମାନବ ସମାଜର ଶାରୀରିକ, ମାନସିକ ଓ ଭୌତିକ ବିକାଶ ହୋଇଥାଏ ଜନସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବେଦ ପାଠଶାଳାର ପ୍ରଧାନ ଆଚାର୍ଯ୍ୟ ଡ.କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ନଳିନୀକାନ୍ତ ନନ୍ଦ, ପଣ୍ଡିତ ସୀତାକାନ୍ତ ଦାଶ, ପଣ୍ଡିତ ଚନ୍ଦନ କୁମାର ଦାଶ, ପଣ୍ଡିତ ବସନ୍ତ କୁମାର ପଣ୍ଡା, ବେଦବିଦ୍ୟାର୍ଥୀଙ୍କ ସହିତ ସାମାଜିକକର୍ମୀ ଅଶୋକ ପରିଡ଼ା, ଅଶୋକ ବ୍ରହ୍ମା, ଭରତ ବେହେରା, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ‘ସମକାଳୀନ ଓଡ଼ିଆ କବିତାର ସୁବର୍ଣ୍ଣ ଶତକ’ ଉନ୍ମୋଚିତ

ଭୁବନେଶ୍ୱର, ୨୦।୬ (ସୌମ୍ୟରଞ୍ଜନ ରାଉତ)

ମାତୃଭୂମି ଓ ମାତୃଭାଷା ପରିବାର ପକ୍ଷରୁ ୫୦ତମ କବିତା ଆସର ଓ ‘ସମକାଳୀନ ଓଡ଼ିଆ କବିତାର ସୁବର୍ଣ୍ଣ ଶତକ’ ପୁସ୍ତକ ଗୁରୁବାର ଗୀତଗୋବିନ୍ଦ ସଦନରେ ଲୋକାର୍ପିତ ହୋଇଯାଇଛି। ସଂସ୍କୃତ ବିଦ୍ୱାନ ପ୍ରଫେସର ସିନିରୁଦ୍ଧ ଦାଶ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଛାତ୍ର ପ୍ରତ୍ୟୁଂଶ କୁମାର ବେଦମନ୍ତ୍ର ପାଠ କରିଥିବାବେଳେ କଣ୍ଠଶିଳ୍ପୀ ପ୍ରଦୀପ୍ତ ସୁନ୍ଦର ମହାରଣା ଭକ୍ତି ବନ୍ଦନା ଗାନ କରିଥିଲେ। ଏହି ଅବସରରେ ୧୮ଟି ଜିଲାରୁ ୩୫ଜଣ କବି ଓଡ଼ିଆ ଜାତୀୟତା ଓ ରାଷ୍ଟ୍ରୀୟତା ଉପରେ ଆଧାରିତ କବିତାପାଠ କରିଥିଲେ। ସଭାରେ ନାଇଜରର ପ୍ରଶାସକ ଡ. ଅଭୟ କୁମାର ନାୟକ, ବାଗ୍ମୀ ବାବାଜୀ ସନ୍ତ ସୁଜାତାନନ୍ଦ ଦାସ, ରାଜଯୋଗିନୀ ଦୁର୍ଗେଶନନ୍ଦିନୀ ଭଉଣୀ, ଭାଷାବିତ୍ ଡ.ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପାଲା ସାହିତ୍ୟ ଗବେଷକ ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମ ଅଧ୍ୟକ୍ଷତାରେ ସ୍ତମ୍ଭକାର ଉପେନ୍ଦ୍ର ବିଶ୍ୱାଳ ପରିଚାଳନା କରିଥିଲେ। କାଶୀନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବିମୋହିତ କଲା ଗୁରୁ ବନ୍ଦନା

ଭୁବନେଶ୍ୱର, ୨୦।୬ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟ ପ୍ରତିଭା ପକ୍ଷରୁ ୨୫ତମ ବାର୍ଷିକ ନୃତ୍ୟ ପ୍ରତିଭା ଓ ରଜ ପ୍ରତିଭା ଉତ୍ସବର ଦ୍ୱିତୀୟ ସଂସ୍କରଣ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଦଳଗତ ଓ ନୃତ୍ୟ ପଞ୍ଚଭୂତ, ଚଉଷଠୀ ଯୋଗିନୀ, ନଟରାଜ, ସରସ୍ୱତୀ ବନ୍ଦନା, ଜଗନ୍ନାଥାଷ୍ଟକମ୍, ଦୟନା ଫୁଲ ଚୋରି, ବୁଦ୍ଧ, ନାରୀ, ଗାନ୍ଧାରି କଥା, ଗୀତ ଗୋବିନ୍ଦ, କାଞ୍ଚି ଅଭିଯାନ ଆଦି ବିଭିନ୍ନ ନୃତ୍ୟ ପରିବେଷଣ ହୋଇଥିଲା। ପରେ ସେମାନେ ଦଳଗତ ଓ ନୃତ୍ୟ ମଙ୍ଗଳା ଚରଣରେ ଗୁରୁ ବନ୍ଦନା, ବାଦ୍ୟ ପଲ୍ଲବୀ ଓ ଅଭିନୟ ଦେଖଗୋ ସଖୀ ଏବଂ ସଖୀଗୋ ଆମ କୁଞ୍ଜକୁ ଆଜ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରାଯାଇଥିଲା। ଶେଷ ପ୍ରସ୍ତୁତିଟି ଥିଲା ରଜ ମଉଜ ସଙ୍ଗୀତ। କାର୍ଯ୍ୟକ୍ରମରେ ଅତିଥିଭାବେ ଭୁବନେଶରର ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ପୂର୍ବତନ ଏମ୍‌ପି ପ୍ରଶାନ୍ତ ନନ୍ଦ, ଏକାମ୍ର ବିଧାୟକ ବାବୁ ସିଂ, ଲେଖକ ପ୍ରଫେସର ସାନ୍ତନୁ କୁମାର ଆଚାର୍ଯ୍ୟ, ନୃତ୍ୟାଙ୍ଗନା ଗୁରୁ ଦୁର୍ଗା ଚରଣ ରଣବୀର, ଓଡ଼ିଶୀ ନୃତ୍ୟାଙ୍ଗନା ସ୍ନେହପ୍ରଭା ସାମନ୍ତରାୟ, ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ତିରୁପତି ପାଣିଗ୍ରାହୀ, ନୃତ୍ୟ ପ୍ରତିଭା ସଭାପତି ଡ. ରଜନୀ ରଞ୍ଜନ ଦାଶ, ଉପ ସଭାପତ ବଙ୍କିମ ଚନ୍ଦ୍ର ନାୟକ ଏବଂ ସମ୍ପାଦିକା ପ୍ରତିଭା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ଏମ୍‌ପି ପ୍ରଶାନ୍ତ ନନ୍ଦ, ପ୍ରଫେସର ରାମହରି ଦାସ, ଡ. ସ୍ନେହପ୍ରଭା ସମନ୍ତରାୟ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଗୁରୁ ଧନେଶ୍ୱର ସ୍ୱାଇଁ, ସଙ୍ଗୀତ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ, ଓଡ଼ିଶୀ ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ଭରତ ଚନ୍ଦ୍ର ଗିରି, ଗୁରୁ ନିମକାନ୍ତ ରାଉତରାୟ, ଗୁରୁ ସୁକାନ୍ତ କୁଣ୍ଡୁ, ଗୁରୁ ଚିତ୍ତରଞ୍ଜନ ମଲ୍ଲ, ଗୁରୁ ପିତାମ୍ବର ବିଶ୍ୱାଳ, ଗୁରୁ ସନାତନ ନାୟକ, ଗୁରୁ ଦେବବ୍ରତ ଦାସ, ଗୁରୁ ସୁଶାନ୍ତ ଦାସ, ଗୁରୁ ପ୍ରଭାତ ସାଇଁଙ୍କ ସମେତ ଅନ୍ୟ ମାନଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ୩ଦଫା ଦାବି ରଖିଲା ଇଞ୍ଜିନିୟରିଂ ୱାର୍କଚାର୍ଜଡ୍, ରେଗୁଲାର ଓ ଅବସରପ୍ରାପ୍ତ କର୍ମଚାରୀ କ୍ରିୟାନୁଷ୍ଠାନ କମିଟି

ଭୁବନେଶ୍ୱର,୨୦।୬(ବନ୍ଦନା ସେଠୀ)

‘ଓଡ଼ିଶା ଇଞ୍ଜିନିୟରିଂ ୱାର୍କଚାର୍ଜଡ୍/ରେଗୁଲାର ଓ ଅବସରପ୍ରାପ୍ତ କର୍ମଚାରୀ କ୍ରିୟାନୁଷ୍ଠାନ କମିଟି’ ପକ୍ଷରୁ ଦାବି ସମୂହ ସଭା ଶୁକ୍ରବାର କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ମୁଖ୍ୟ ସଂଯୋଜକ ଗଗନ ଭଞ୍ଜଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ବିଶେଷକରି ଏନ୍‌ଏମ୍‌ଏଆର/ଡିଏଲ୍‌ଆର ଚାକିରୀର ଯୋଗଦାନ ତାରିଖରୁ ୱାର୍କଚାର୍ଜଡ୍‌କୁ ରୂପାନ୍ତରିତ ହେବା ପର୍ଯ୍ୟନ୍ତ ପି.ଜି. ଆକ୍ଟ ୧୯୭୨ ଅନୁସାରେ ଗ୍ରାଚ୍ୟୁଇଟି ପ୍ରଦାନ, ୱାର୍କଚାର୍ଜଡ୍ କର୍ମଚାରୀଙ୍କ ନିମନ୍ତେ ଅବୈତନିକ ଛୁଟିକୁ ଦୃଷ୍ଟି ଦେଇ ଅବସରପ୍ରାପ୍ତ ୱାର୍କଚାର୍ଜଡ୍ କର୍ମଚାରୀଙ୍କୁ ଅବ୍ୟବହୃତ ଛୁଟି ଦରମା ପ୍ରଦାନ ଏବଂ ୱାର୍କଚାର୍ଜଡ୍ ଓ ୱାର୍କଚାର୍ଜଡ୍‌ରୁ ନିୟମିତ ହୋଇ ଚାକିରୀରୁ ଅବସର ନେଇଥିବା କର୍ମଚାରୀଙ୍କୁ ‘ଓପିଏସ୍ ନିୟମ ୧୯୯୨’ ଅନୁସାରେ ପେନ୍‌ସନ୍ ପ୍ରଦାନ ଆଦି ଦାବି ସମୂହ ଉପରେ ଆଲୋଚନା ହୋଇଥିଲା। ଏହି କ୍ରମରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଲୋଚନାରେ ଗ୍ରାମ୍ୟ ନିର୍ମାଣ, ଜଳସମ୍ପଦ, ପୂର୍ତ୍ତ, ଗୃହ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ବିଭାଗର ପ୍ରମୁଖ କର୍ମଚାରୀ ନେତୃମଣ୍ଡଳୀ ଗିରୀଶ ନନ୍ଦ, ସୁଶାନ୍ତ ମହାକୁଡ଼, ଦିଲୀପ ଭୂୟାଁ, ବସନ୍ତ ମନ୍ତ୍ରୀ, ଚିତ୍ତ ମହାପାତ୍ର, ସୁନନ୍ଦ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ତୁରନ୍ତ ସମସ୍ତ କାର୍ଯ୍ୟ ଶେଷ କର: ଜିଲାପାଳ



ପ୍ରସ୍ତୁତି ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟ ଅଧିକାରୀମାନେ।

**ପୁରୀ ରଥଯାତ୍ରା ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ**

ପୁରୀ,୨୦।୬(ଅଜିତ କୁମାର ମହାନ୍ତି)

ଆସନ୍ତା ୨୭ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶୁକ୍ରବାର ପୁରୀ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ରଥଯାତ୍ରାର ପ୍ରଥମ ଓ ଦ୍ୱିତୀୟ ସମନ୍ୱୟ ବୈଠକ ସରିଯାଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ପୂର୍ବରୁ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ଦୁଇ ସମନ୍ୱୟ ବୈଠକର ନିର୍ଯାସ ଆଧାରରେ ସମସ୍ତ ବିଭାଗ କାର୍ଯ୍ୟ ଶେଷ କରିବାକୁ ସେ କହିଥିଲେ। ବିଗତ ବର୍ଷ ପରି ସମ୍ମିଳିତ ଉଦ୍ୟମରେ ଚଳିତବର୍ଷ ରଥଯାତ୍ରାକୁ ସଫଳ ଭାବେ ପରିଚାଳନା କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ, ପରିବହନ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ଅସୁରକ୍ଷିତ ବିଲ୍ଡିଂ ଚିହ୍ନଟ, ସମୀକ୍ଷା ଓ କାର୍ଯ୍ୟାନୁଷ୍ଠାନ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ଏସ୍‌ପି ବିନୀତ ଅଗ୍ରୱାଲ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବା ସହ ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ କହିଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ସେମାନଙ୍କ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଶେଷରେ ଧନ୍ୟବାଦ ଦେଇଥିଲେ। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ତପନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


No.O-318

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/07-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 07-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 01 No | Rs.1366.86 Lakhs | "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/07-2025-26/BPR | 30.06.2025 at 10.00 A.M. | 14.07.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0098/2526



**ORISSA STATE AIDS CONTROL SOCIETY (OSACS)** OSACS
**(Department of Health & Family Welfare), Government of Odisha**
**Advertisement No. I-OSACS-TI-OST-30/2024/642** **Date: 18.06.2025**

**ADVERTISEMENT**

No. E-177: Orissa State AIDS Control Society (OSACS) on behalf of OST Centres in the State of Odisha invites suitable candidates to fill-up the post of **Medical Officers** for implementation of HIV/AIDS programme under National AIDS Control Programme (NACP) through **Walk-in-Interview**. These positions are purely temporary and co-terminus with the scheme. The age limit to apply for the **Post of Medical Officer is 24-66 years as on Dtd.30.05.2025**. The details are mentioned below:

| Name of the Post | Place of Posting | Qualification & Experience | No. of Post for Engagement | Monthly consolidated Remuneration (Rs.) | Date & Time of Walk-in-Interview |
|---|---|---|---|---|---|
| Medical Officer | OST Centre, MHI, SCB MCH, Cuttack | Essential Qualification: MBBS with valid registration from the respective State Medical Council/ NMC. Those with MD Psychiatry/ Diploma in Psychiatry Medicine (DPM) will be preferred. Good working knowledge of Computer, MS Office | 01 | 72,000/- | 01.07.2025 at 10.00 A.M. |
| | OST Centre, DHH, Puri | | 01 | 72,000/- | 17.07.2025 at 11.00 A.M. |

Eligible & interested candidates shoul report directly to the concerned head of the Institutions/ Nodal Officer of OST Centres (as per list enclosed) alongwith their Bio-data in the application (prescribed format) and required documents in support of qualification & experience on the above stipulated dates. The Walk-in-Interview will be conducted as per above mentioned date & time. The prescribed format of application, details of job responsibilities, address for attending Walk-in-Interview, other terms & conditions in accordance with the Standard Operating Procedure for Buprenorphine based Opioid Substitution Therapy under NACO are available on the website **www.osacs.odisha.gov.in**. The authority reserves the right to accept/reject any or all application(s) without assigning any reasons thereof.

**Sd./- Project Director**

**2nd Floor, Oil Odisha Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)**
**National HIV/AIDS Help Line Number: 1097 (Toll Free), E-mail: orissasacs@gmail.com/tiosacs@gmail.com**
**OIPR-10009/11/0050/2526**

## ସଂକ୍ଷେପରେ

### ଇ-ହୁଣ୍ଡିର ପରୀକ୍ଷଣ କରାଗଲା

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ, ରଥକାର୍ଯ୍ୟ ଶେଷପର୍ଯ୍ୟାୟରେ ପହଞ୍ଚିଛି। ମହାପ୍ରଭୁଙ୍କ ନୀତିକାନ୍ତି, ପହଣ୍ଡି ସମ୍ପର୍କରେ ସମ୍ପୃକ୍ତ ସେବା ନିଯୋଗର ସେବାୟତମାନଙ୍କ ସହ ଆଲୋଚନା କରାଯାଇଛି। ବରିଷ୍ଠ ଅଧିକାରୀ ପହଣ୍ଡି ଦାୟିତ୍ୱରେ ରହିବେ। ମହାପ୍ରଭୁଙ୍କ କୃପାରୁ ରଥଯାତ୍ରା ସମ୍ପାଦନ ହେବା ପ୍ରଥମଥର ପାଇଁ ରଥ ରହିବା ସ୍ଥାନକୁ ଖୋଟି ଚିତା କରାଯାଇଛି। ଏଥିସହ ଭକ୍ତମାନଙ୍କ ସୁବିଧା ପାଇଁ ଡୋନେଶନ ସେଲ୍ କରାଯାଇଛି। ଶୁକ୍ରବାର ତାହାର ଏକ ପରୀକ୍ଷଣ କରାଯାଇଛି। ଫଳରେ ଭକ୍ତମାନେ ସୁବିଧାରେ ଅନ୍‌ଲାଇନ ମାଧ୍ୟମରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ ଦେଇପାରିବେ ବୋଲି ମୁଖ୍ୟ ପ୍ରଶାସକ ପାଢ଼ୀ ସୂଚନା ଦେଇଛନ୍ତି।

### ପ୍ରକଳ୍ପସ୍ତରୀୟ ଅଦ୍ୱିକା ସୁଭଦ୍ରା ଦିବସ ସମାରୋହ

ନିମାପଡ଼ା,୨୦।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ପ୍ରକଳ୍ପସ୍ତରୀୟ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ସମାରୋହ ଟାଉନ ହଲ ପୁଷ୍ପାକାଶ ମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ପ୍ରୟାସ ଓ ଯୋଜନା ବୋଲି କହିଥିଲେ। ରଜ ପର୍ବ ସହ ସମନ୍ୱୟରେ ଯୁବପିଢ଼ିମାନଙ୍କୁ ସଶକ୍ତୀକରଣ କରିବା ଓ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା, ସ୍ୱପ୍ନର ଓଡ଼ିଶା ଗଠନ କରିବାରେ କିଶୋରୀ କିଶୋରୀମାନଙ୍କ ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରା, ସିଡିପିଓ ମାଧବୀ ମହାପାତ୍ର, ଏନ୍‌ସିଇର ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନ ଓ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ, ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କିଶୋରୀ ବାଳିକାମାନଙ୍କ ମଧ୍ୟରେ କବାଡ଼ି, ପୁଚି, କ୍ୱାଇନ ଶୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମୋଟରେ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଜୟ ପ୍ରତିଯୋଗୀରେ ଅଂଶଗ୍ରହଣ କରିଥିବା ୧୩ ଜଣ କୃତୀ ପ୍ରତିଯୋଗୀଙ୍କୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ଶତାଧିକ ଅଙ୍ଗନୱାଡ଼ି କର୍ମୀ, ମହିଳା ଓ ଶିଶୁ ବିକାଶ ବିଭାଗର ସମସ୍ତ ସୁପର ଭାଇଜର ଯୋଗଦେଇଥିଲେ।

### ଲକ୍ଷ୍ମୀଧର ଦାସଙ୍କ ୮୭ତମ ଜୟନ୍ତୀ ସମାରୋହ

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

ପ୍ରାଧ୍ୟାପକ ଡ. ଲକ୍ଷ୍ମୀଧର ଦାସଙ୍କ ୮୭ତମ ଜୟନ୍ତୀ ସମାରୋହ ଯୁଥ ହଷ୍ଟେଲରେ ପାଳିତ ହୋଇଯାଇଛି। ଏଥିରେ ଡ. ଭଗବାନ ଜୟସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଡ. ନଟବର ଶତପଥୀ, ସମ୍ମାନିତ ଅତିଥି ଭାବେ ବାବାଜୀ ଚରଣ ପଟ୍ଟନାୟକ, ଡ. ସୌଭାଗ୍ୟ କୁମାର ସାହୁ ଏବଂ ପ୍ରଦୀପ୍ତ କୁମାର ବାରିକ ଯୋଗଦେଇଥିଲେ। ଲକ୍ଷ୍ମୀଧରଙ୍କ ସୃଜନ, କର୍ତ୍ତବ୍ୟ ପରାୟଣତା ଏବଂ ଅମାୟିକ ବ୍ୟବହାର ସଭିଙ୍କୁ ଅନୁପ୍ରାଣିତ କରୁଥିଲା ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଲକ୍ଷ୍ମୀଧର ଦାସଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନାମ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ଶିବ ସୁନ୍ଦର ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଐତିହାସିକ ଗବେଷକ ଡ. କୃଷ୍ଣଚନ୍ଦ୍ର ମିଶ୍ର ଏବଂ ଔପନ୍ୟାସିକା ଡ. ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କୁ ଯୁଗଳଦାସୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଖବରଦାତା ସତ୍ୟନାରାୟଣ ରାଉତରାୟ ଏବଂ ବିକ୍ରମ କେଶରୀ ଆଚାର୍ଯ୍ୟଙ୍କୁ ସାହିତ୍ୟ ପ୍ରାଣ ସାମ୍ବାଦିକ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ଅର୍ଚ୍ଚନା ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରମିଳ ନନ୍ଦ, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ମହାରଣା, ରବୀନ୍ଦ୍ରନାଥ ପଟ୍ଟନାୟକ, ସୁବାସ ଚନ୍ଦ୍ର ମିଶ୍ର, ଅଭିମନ୍ୟୁ ରାୟଗୁରୁ, ଦେବବ୍ରତ ପ୍ରଧାନ, ଧ୍ରୁବ ମୁଦୁଲି, ମହେନ୍ଦ୍ର ଦାଶ, କଳ୍ପନା ମିଶ୍ର, ଆର୍ତ୍ତତ୍ରାଣ ମାନସିଂହ, ଡ. ନୃସିଂହ ଚରଣ ସାହୁ, ଗୋପୀନାଥ ଶତପଥୀ, ଦାଶରଥି ମହାପାତ୍ର, ବିପିନ ବିହାରୀ ଦଳାଇ, ନବକିଶୋର ରଥ, ରଘୁନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଳ୍ପନା ମିଶ୍ର, ଜ୍ୟୋତିର୍ଣ୍ଣୟ ଦାସ, ପୁଲକ ମିଶ୍ର, ସହଦେବ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହେନ୍ଦ୍ର କୁମାର ଦାଶ ଧନ୍ୟବାଦ ଦେଇଥିଲେ।

# ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ

**ପୁରୀ ଜିଲାର ୪ ସ୍ଥାନରେ ୫ ବରପୁତ୍ରଙ୍କ ଜନ୍ମସ୍ଥଳୀ ସାମିଲ**

ପୁରୀ/ସାକ୍ଷୀଗୋପାଳ,୨୦।୬ (ଅଜିତ୍ କୁମାର ମହାନ୍ତି/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ଶାସନ ଶ୍ରୀରାମଚନ୍ଦ୍ରପୁରରେ ଆୟୋଜିତ ଆଭାସି କାର୍ଯ୍ୟକ୍ରମ ଅବସରରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ପୁରୀ ଜିଲାର ୪ ସ୍ଥାନରେ ୫ଜଣ ବରପୁତ୍ରଙ୍କ ଜନ୍ମସ୍ଥଳୀକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାର ଶୁଭାରମ୍ଭ କରିଥିଲେ।

ପୁରୀ ସଦର ବ୍ଲକ ଅନ୍ତର୍ଗତ ବୀରହରେକୃଷ୍ଣପୁର ଗ୍ରାମର ଦୁଇ ବରପୁତ୍ର ଶହୀଦ ଜୟୀ ରାଜଗୁରୁ ଏବଂ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜନ୍ମସ୍ଥାନ ଭାବେ ଐତିହ୍ୟ ଗ୍ରାମର ମାନ୍ୟତା ପାଇଛି। ଏହି ଯୋଜନାର ଶୁଭାରମ୍ଭ ଅବସରରେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଓ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସଦର ବିଡିଓ ସମ୍ପିତ ଶତପଥୀ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ସମେତ ଗ୍ରାମ ସଭାପତି ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଏନ୍‌ଆଇସିର ଡିଆଇଓ ବିଶ୍ୱନାଥ ପଣ୍ଡା ଓ ସହକାରୀ ଡିଆଇଓ ଦୁର୍ଗାପ୍ରସାଦ ଜେନା ସଂଯୋଜନା ସହ ପରିଚାଳନା କରିଥିଲେ। ସେହିପରି ସତ୍ୟବାଦୀ ବ୍ଲକର ବନ ବିଦ୍ୟାଳୟଠାରେ ବନ ବିଦ୍ୟାଳୟ ଓ ପଞ୍ଚସଖା ସ୍ମୃତିପୀଠ ଏବଂ ଶ୍ରୀରାମଚନ୍ଦ୍ରପୁରଠାରେ ଆଚାର୍ଯ୍ୟ ହରିହର ଦାସ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜନ୍ମପୀଠକୁ ଐତିହ୍ୟ ବରପୁତ୍ର ଗ୍ରାମ ଯୋଜନାରେ ସାମିଲ କରାଯାଇଛି। ବନ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଏବଂ ଶ୍ରୀରାମଚନ୍ଦ୍ରପୁର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ବିଡିଓ ଦେବାଶିଷ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରହ୍ମଗିରି ବ୍ଲକ ଗଡରୋଢଙ୍ଗଠାରେ ବକ୍ସି ଜଗବନ୍ଧୁଙ୍କ ଜନ୍ମପୀଠକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରାଯାଇଥିବାବେଳେ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏବଂ ବିଡିଓ ଅମିୟ କୁମାର ପଣ୍ଡା ଯୋଗଦେଇଥିଲେ।




ନିମାପଡ଼ା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅବସରରେ ଅତିଥିମାନଙ୍କ ଗହଣରେ ଅଙ୍ଗନୱାଡ଼ି କର୍ମୀ।

## ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ

ନିମାପଡ଼ା,୨୦।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୨ଦିନିଆ ପ୍ରକଳ୍ପସ୍ତରୀୟ ଅଙ୍ଗନୱାଡି କର୍ମୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ପଞ୍ଚାୟତ ସମିତି ସଭାକକ୍ଷରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ସିଡିପିଓ ମାଧବୀ ମହାପାତ୍ର, ସୁପରଭାଇଜର ନମିତା ନନ୍ଦ, ସ୍ୱର୍ଣ୍ଣଲତା ଦେଇ, ବନଲତା ନନ୍ଦ, ମିନାକ୍ଷୀ ମଲ୍ଲିକ, ସୀତାଂଶୁବାଳା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କିଶୋରୀ, କିଶୋରମାନଙ୍କ ନିମନ୍ତେ ଏହା ଏକ ଅଭିନବ ପ୍ରୟାସ। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଚାଲିଥିବ ଅଦ୍ୱିକା କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ସରସ ସୁନ୍ଦର କରିବା, କାର୍ଯ୍ୟକ୍ରମର ସଫଳ ରୂପାୟନ, ଯୋଜନା ମାଧ୍ୟମରେ କିଶୋରୀ କିଶୋରମାନଙ୍କୁ ଶିକ୍ଷା, ଦକ୍ଷତା ବିକାଶ ଏବଂ ବ୍ୟକ୍ତିଗତ ଅଭିବୃଦ୍ଧି ପାଇଁ ସୁଯୋଗ ଯୋଗାଇଦେବାକୁ ଉଦ୍ଦିଷ୍ଟ ହୋଇଛି ବୋଲି ସିଡିପିଓ ମାଧବୀ ମହାପାତ୍ର ମତପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ୨୫ ଜଣ ଅଙ୍ଗନୱାଡି କର୍ମୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଶିବିରରେ ବିଭାଗର ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ।

# ଚୋରି ଉପରେ ଅଙ୍କୁଶ ଲଗାଇପାରୁନି ପୋଲିସ

ଅସ୍ତରଙ୍ଗ,୨୦।୬(ମମତା ଜେନା)

କିଛିଦିନ ହେବ କାକଟପୁର ସମେତ ଏହାର ଆଖପାଖ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚୋରି, ରାହାଜାନି, ଲୁଟ, ନାବାଳିକା ଚାଲାଣ, ଗାଡ଼ି ଚୋରି ଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କାକଟପୁର ମା' ମଙ୍ଗଳାଙ୍କ ପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହେଲେ ଏଠାରେ ଦିନକୁ ଦିନ ଚୋରି ରାହାଜାନି ବୃଦ୍ଧି ପାଇବାରେ ଲାଗିଛି। ବର୍ଷକ ମଧ୍ୟରେ ବେଆଇନ ଦେଶୀ ଓ ବିଦେଶୀ ମଦ ବ୍ୟବସାୟ ଯୋଗୁ ମଦ୍ୟପଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବା ସହ ବିଭିନ୍ନ ପ୍ରକାରର ଅପରାଧମୂଳକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଇଛି। ଗତ ୯ମାସ ତଳେ କୁଣ୍ଢେଇ ଗୁଳିକାଣ୍ଡ ଘଟଣା, ବଲରା ଛକରେ ଥିବା ଏକ କମ୍ପାନୀ ଗୋଦାମରୁ ଡକାୟତି ଘଟଣା, ବିଭିନ୍ନ ମଠ ମନ୍ଦିରରୁ ଚୋରି ଘଟଣାକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କାକଟପୁର ପୋଲିସ ତରଫରୁ ତଦନ୍ତରେ କୌଣସି ଆଖିଦୃଶିଆ ଫଳାଫଳ ମିଳିପାରି ନାହିଁ। ଉପରୋକ୍ତ ଘଟଣାଗୁଡ଼ିକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି।

କାକଟପୁର ଓ ଏହାର ଆଖପାଖ ଅଞ୍ଚଳରେ ଚା, ପାନ ଦୋକାନରେ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ବିକ୍ରି ଚାଲିଛି। ପ୍ରତିଦିନ କାକଟପୁର ଓ ଏହାର ଆଖପାଖ ଅଞ୍ଚଳରୁ ଶତାଧିକ ଗୋ-ଚାଲାଣ ହେଉଥିବା ବେଳେ ପୋଲିସ ନିଷ୍କ୍ରିୟ ହୋଇପଡ଼ିଛି। ଏଥିସହିତ କେତେକ ଅମାନିଆ ଗାଡ଼ି ଚାଳକ ଏବଂ ବସ୍ ମାଲିକଙ୍କ ପାଇଁ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣାମାନ ଘଟୁଛି। ଏଥିପ୍ରତି ସ୍ଥାନୀୟ ପୋଲିସର କୌଣସି ଅଙ୍କୁଶ ନାହିଁ। ଉକ୍ତ ଅଞ୍ଚଳରେ ବାଲିମାଫିଆମାନେ ସକ୍ରିୟ ହୋଇପଡ଼ିଥିବାବେଳେ ଦିନକୁ ଶତାଧିକ ଟ୍ରିପ ଚୋରା ବାଲି ଚାଲାଣ ପୋଲିସର ଭୂମିକା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ପୁରୀ ଏସ୍‌ପି ଓ ଜିଲାପାଳ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ କାକଟପୁର ଶାଖା ଦୁର୍ନୀତି ସଂଘର୍ଷ ମଞ୍ଚ ପକ୍ଷରୁ ଦୃଢ଼ ଦାବି ହୋଇଛି।

# ମଇଳା ପାଣିରେ ହେଲା ମଧ୍ୟାହ୍ନଭୋଜନ

ଗୋପ,୨୦।୬(ଭାରତୀ ଭୂଷଣ ଉପାଧ୍ୟାୟ)

- **ଖୋଲିଲା ସ୍କୁଲ୍, ସଫାହେଲାନି ପାଣିଟାଙ୍କି**
- **ଡାଇରିଆ ବ୍ୟାପିବା ଆଶଙ୍କା**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଶୁକ୍ରବାର ସମସ୍ତ ସ୍କୁଲ ଖୋଲାଯାଇଛି। ସ୍କୁଲ ଆରମ୍ଭରୁ ପୁରୀ ଜିଲା ଗୋପ ବ୍ଲକରେ ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ ଆସିଛି। ସରକାରଙ୍କ ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ବେଳେ ପାଣିଟାଙ୍କି ସଫା କରା ନ ଯାଇ ସେହି ମଇଳା ପାଣିରେ ମଧ୍ୟାହ୍ନଭୋଜନ ରୋଷେଇ କରାଯାଉଛି।

ପ୍ରକାଶ ଯେ, ମେ ୬ ତାରିଖରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଖରା ଲାଗି ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଥିଲା। ଦୀର୍ଘଦିନ ଧରି ସ୍କୁଲ ଛୁଟି ରହିବା ଫଳରେ ସ୍କୁଲରେ ଥିବା ପାଣି ଟାଙ୍କିଗୁଡ଼ିକର ପାଣି ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ରହିଥିଲା। ଅଧିକାଂଶ ସ୍କୁଲରେ ନିର୍ମାଣାଧୀନ ପିଇବା ପାଣି ଟାଙ୍କିଗୁଡ଼ିକ ନିର୍ମାଣ ପରଠାରୁ ସଫା ନ ହେବା ସ୍କୁଲ ପରିସରରେ ଥିବା ପାଣି ଟାଙ୍କିଗୁଡ଼ିକ ଭାଙ୍ଗିରୁଜି ଯାଇଛି। ଫଳରେ ସେହି ଟାଙ୍କିରେ ଅଳିଆ ଆବର୍ଜନା ଉଡ଼ି ପଡ଼ିଥିଲା। ପୁରୀ ଜିଲାରେ ଡାଇରିଆ ବ୍ୟାପିବା ନେଇ ରାଜ୍ୟ ସରକାର ପିଇବା ପାଣି ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ନମ୍ବର ୧୬୭୬୮/୧୯।୬।୨୦୨୫ରେ ସମସ୍ତ ସ୍କୁଲର ପିଇବା ପାଣି ଟାଙ୍କି ସଫା କରିବା, ବିଶୁଦ୍ଧ ପାନୀୟରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବା, ସ୍କୁଲ ପରିସର ସହିତ ସମସ୍ତ ଶ୍ରେଣୀଗୃହ ପରିଷ୍କାର କରିବା, ଛାତ୍ରୀଛାତ୍ରଙ୍କୁ ପରିଷ୍କାର ସ୍ଥାନରେ ମଧ୍ୟାହ୍ନ ଭୋଜନ ଖାଇବାକୁ ଦେବା ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପୁରୀ ଜିଲା ଗୋପ ବ୍ଲକରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଏହି ବ୍ଲକରେ ୨ଶହରୁ ଅଧିକ ସ୍କୁଲ ରହିଛି। ଏଥିରେ ହଜାର ହଜାର ଛାତ୍ରୀଛାତ୍ର ପଢୁଥିବା ବେଳେ ସରକାରୀ ନିର୍ଦ୍ଦେଶ ପାଳନ ନ ହେବା ସମସ୍ତଙ୍କୁ ଚକିତ କରିଛି। ଏପରି କି ଶୁକ୍ରବାର ସ୍କୁଲ ଖୋଲିବା ପରେ ଟାଙ୍କି ସଫା ନ ହୋଇ ସେହି ଟାଙ୍କିର ପାଣିରେ ମଧ୍ୟାହ୍ନଭୋଜନ ରୋଷେଇ ହୋଇଥିବା ଜଣାପଡ଼ିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କର କହିଛନ୍ତି, ସରକାରଙ୍କ ନିର୍ଦ୍ଦେଶ ମୁତାବକ ସେ ସମସ୍ତ ସିଆର୍‌ସିସିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିଛି ସ୍କୁଲ ସଫା କରିବା ଫଟୋ ଆସିଛି। ତଥାପି ଅଭିଯୋଗ ଉପରେ ଗୁରୁତ୍ୱ ଦେବି ବୋଲି କହିଥିଲେ।



ସ୍କୁଲ ପରିସରରେ ଥିବା ଟାଙ୍କିର ପାଣିରେ ହାଣ୍ଡି ଧୁଆଯାଉଛି ।

# ରଥଯାତ୍ରାରେ ଭକ୍ତଙ୍କୁ ମିଳିବ ଦେୟମୁକ୍ତ ଅଟୋସେବା

ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)

**ତାଳବଣିଆ ଅସ୍ଥାୟୀ ପାର୍କିଂ ଗ୍ରାଉଣ୍ଡରେ ରହିବ ସବୁ ବସ୍**

ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଟାଉନ ଥାନା କନ୍‌ଫରେନ୍ସ ହଲରେ ଶୁକ୍ରବାର ପୋଲିସ ଏବଂ ଅଟୋ ଓ ବସ୍ ମାଲିକ ସଂଘ ସମେତ ଶଟଲ୍ ସେବା ପ୍ରଦାନକାରୀ ଏଜେନ୍ସିମାନଙ୍କ ସହ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ବିନୀତ ଅଗ୍ରୱାଲ ସଭାପତିତ୍ୱ କରିଥିଲେ। ରଥଯାତ୍ରାରେ ଯାତାୟାତ ଓ ପରିବହନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ନେଇ ମୁଖ୍ୟତଃ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି କେତେକ ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରା, ବାହୁଡା ଯାତ୍ରା ଓ ସୁନାବେଶ ଏହି ତିନିଦିନ ଅବଧିରେ ଭୁବନେଶ୍ୱର, କୋଣାର୍କ ଓ ବ୍ରହ୍ମଗିରି ଦିଗରୁ ଆସୁଥିବା ସମସ୍ତ ସାଧାରଣ ପ୍ରବେଶ ଓ ଯାତ୍ରୀ ବସ୍‌ଗୁଡ଼ିକୁ ତାଳବଣିଆ ଅସ୍ଥାୟୀ ପାର୍କିଂ ଗ୍ରାଉଣ୍ଡରେ ପାର୍କିଂ କରାଯିବ। ଶଟଲ୍ ସେବା ବ୍ୟବସ୍ଥାରେ ରଥଯାତ୍ରା ଦିନରେ ଯାତ୍ରୀଙ୍କ ସହଜ ଯାତାୟାତ ପାଇଁ ଦୁଇଟି ଶଟଲ୍ ରୁଟ୍ ସଚଳ ରହିବ। ମଙ୍ଗଳା ହାଟରୁ ଷ୍ଟର୍ଲିଂ ରୋଡ୍ ଏବଂ ତାଳବଣିଆରୁ ପୁରୀ ରେଳଷ୍ଟେଶନ ଏହି ଶଟଲ୍ ସେବା ଯାତ୍ରୀଙ୍କୁ ଦେୟମୁକ୍ତ ଯାତ୍ରା ଅନୁଭବ କରାଇବା ପାଇଁ ସହଯୋଗ କରିବାକୁ ଅଗ୍ରୱାଲ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି କହିଛନ୍ତି, ରଥଯାତ୍ରା ଆମ ଜିଲା ଓ ରାଜ୍ୟର ଗର୍ବ। ଏହାକୁ ସଫଳ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହା ସମ୍ମିଳିତ ଚେଷ୍ଟା ଦ୍ୱାରା ସମ୍ଭବ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସଚିନ ପଟେଲ, ଟ୍ରାଫିକ ଡିଏସପି ରାଜକୁମାର ପରିଡା, ଟ୍ରାଫିକ ଥାନା ଅଧିକାରୀ ଜୟଦୀପ ମହାନ୍ତିଙ୍କ ସମେତ ବସ୍ ଆସୋସିଏଶନ୍‌ର ପ୍ରତିନିଧି, ଶଟଲ୍ ଏଜେନ୍ସି, ପୋଲିସ ଓ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# କୁମାରେଶ୍ୱର ସବ୍‌ଷ୍ଟେଶନ ଉଦ୍‌ଘାଟନକୁ ନେଇ ରାଜନୀତି

ପିପିଲି, ୨୦।୬(ପ୍ରଭାତ କୁମାର ମହାପାତ୍ର)

ପିପିଲି ଅଞ୍ଚଳରେ ବିଦ୍ୟୁତ ସମସ୍ୟାରୁ ମୁକ୍ତି ପାଇଁ ଠଣଠଣା ଗ୍ରୀଡ୍ ସାତଶଙ୍ଖ କୁମାରେଶ୍ୱର ସବ୍‌ଷ୍ଟେଶନକୁ ବୁଧବାର ବିଧାୟକ ଆଶ୍ରିତ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ଏହି ସବ୍‌ଷ୍ଟେଶନ ମାଧ୍ୟମରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ । ତେବେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ବିଜେଡି ସରକାର ଅମଳରେ ପିପିଲିର ଦିବଙ୍ଗତ ନେତା ପ୍ରଦୀପ ମହାରଥୀଙ୍କ ଚେଷ୍ଟାରେ ଏହି ଷ୍ଟେଶନ ପ୍ରତିଷ୍ଠା କରାଯିବାକୁ କାର୍ଯ୍ୟକ୍ରମ ଚାଲିଥିଲା ଏବଂ ଏ କ୍ଷେତ୍ରରେ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥିଙ୍କର ମଧ୍ୟ ଅବଦାନ ରହିଥିବା ବିଜେଡି ନେତା ତଥା ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ କହିଛନ୍ତି। ସେହିପରି ଏହାର ଶ୍ରେୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦିବଂଗତ ନେତା ପ୍ରଦୀପ ମହାରଥି ଓ ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥିଙ୍କୁ ଦିଆଯିବା ଉଚିତ ବୋଲି ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱନୀ ନନ୍ଦ କହିଛନ୍ତି। ଅନ୍ୟପକ୍ଷରେ ଭାଜପାର କେତେଜଣ ନେତୃବୃନ୍ଦ ଏହା ହାସ୍ୟସ୍ପଦ ବୋଲି କହିବା ସହ ବର୍ତ୍ତମାନର ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କୁ ଶ୍ରେୟ ଦେଇଛନ୍ତି।

# ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ



ବିଜେଡି ପୁରୀ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି ।

ଡେଲାଙ୍ଗ,୨୦।୬(ରଶ୍ମିରଞ୍ଜନ ପ୍ରଧାନ)

ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅରିଶଳସ୍ଥିତ କଲ୍ୟାଣମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାଙ୍ଗଠନିକ ନିର୍ବାଚନ ଅଧିକାରୀ ବୈରାଗୀ ଜେନାଙ୍କ ଅଧ୍ୟକ୍ଷତାରେ କର୍ମୀ ସମ୍ମିଳନୀରେ ବିଜେଡି ପୁରୀ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଡେଲାଙ୍ଗ ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲାପରିଷଦ ସଭ୍ୟ ପ୍ରସନ୍ନ ସାହୁ, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଚିତ୍ରସେନ ନିଶଙ୍କ, ବ୍ଲକ୍ ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ ପ୍ରମୁଖ ନିର୍ବାଚନ ପୂର୍ବରୁ ଭାଜପା ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ବ୍ୟର୍ଥ ହୋଇଥିବା ଅଭିଯୋଗ କରିଥିଲେ। ମହିଳାଙ୍କୁ ୫୦ ହଜାର ଟଙ୍କା ସହାୟତା, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ ଯୋଗାଣ, ସାମାଜିକ ସୁରକ୍ଷା ଭତ୍ତା ୩ ହଜାର ଟଙ୍କାକୁ ବୃଦ୍ଧି ଆଦି ପାଳନ କରି ନ ଥିବା ବକ୍ତାମାନେ ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବଡ଼ଧରଣର ପ୍ରତିବାଦ ସଭା କରାଯିବ ବୋଲି ପୂର୍ବତନ ବିଧାୟକ ମହାରଥୀ ଚେତାବନୀ ଦେଇଛନ୍ତି। ବ୍ଲକ୍ ନିର୍ବାଚନ ଅଧିକାରୀ ରବିନାରାୟଣ ତାଡ଼ ଡେଲାଙ୍ଗ ବ୍ଲକର ୨୧ ପଞ୍ଚାୟତ ପାଇଁ ସାଙ୍ଗଠନିକ ସଭାପତିଙ୍କ ନାମ ଘୋଷଣା କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ ଧନ୍ୟବାଦ ଦେଇଥିଲେ।


No.O-318

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/Po-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NATIONAL COMPETITIVE BIDDING THROUGH e-Procurement**
**Bid Identification No. Online Tender/07-2025-26/BPR**

| Identification No | Name of work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 07-2025-26/BPR | Road Works under MMSY-IMPROVEMENT TO EXISTING RD ROADS | 01 No | Rs.1366.86 Lakhs | "A" Class & "Special" Class as applicable | Period of Completion as provided as per Col. No. 5 of Annexure of NIT |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/07-2025-26/BPR | 30.06.2025 at 10.00 A.M. | 14.07.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website : www.tendersodisha.gov.in

Sd./- Chief Construction Engineer
R.W.Circle, Berhampur

OIPR-25071/11/0098/2526



**ORISSA STATE AIDS CONTROL SOCIETY (OSACS)**

(Department of Health & Family Welfare), Government of Odisha

Advertisement No. I-OSACS-TI-OST-30/2024/642 Date: 18.06.2025

**ADVERTISEMENT**

No. E-177: Orissa State AIDS Control Society (OSACS) on behalf of OST Centres in the State of Odisha invites suitable candidates to fill-up the post of **Medical Officers** for implementation of HIV/ AIDS programme under National AIDS Control Programme (NACP) through **Walk-in-Interview**. These positions are purely temporary and co-terminus with the scheme. The age limit to apply for the **Post of Medical Officer is 24-66 years as on Dtd.30.05.2025**. The details are mentioned below:

| Name of the Post | Place of Posting | Qualification & Experience | No. of Post for Engagement | Monthly consolidated Remuneration (Rs.) | Date & Time of Walk-in-Interview |
|---|---|---|---|---|---|
| Medical Officer | OST Centre, MHI, SCB MCH, Cuttack | Essential Qualification: MBBS with valid registration from the respective State Medical Council/ NMC. Those with MD Psychiatry/ Diploma in Psychiatry Medicine (DPM) will be preferred. Good working knowledge of Computer, MS Office | 01 | 72,000/- | 01.07.2025 at 10.00 A.M. |
| | OST Centre, DHH, Puri | | 01 | 72,000/- | 17.07.2025 at 11.00 A.M. |

Eligible & interested candidates shoul report directly to the concerned head of the Institutions/ Nodal Officer of OST Centres (as per list enclosed) alongwith their Bio-data in the application (prescribed format) and required documents in support of qualification & experience on the above stipulated dates. The Walk-in-Interview will be conducted as per above mentioned date & time. The prescribed format of application, details of job responsibilities, address for attending Walk-in-Interview, other terms & conditions in accordance with the Standard Operating Procedure for Buprenorphine based Opioid Substitution Therapy under NACO are available on the website **www.osacs.odisha.gov.in**. The authority reserves the right to accept/reject any or all application(s) without assigning any reasons thereof.

**Sd./- Project Director**

2nd Floor, Oil Odisha Building, Nayapalli, Bhubaneswar, Ph: 2395415/2393235, Fax: 2394560 (0674)
National HIV/AIDS Help Line Number: 1097 (Toll Free), E-mail: orissasacs@gmail.com/tiosacs@gmail.com
OIPR-10009/11/0050/2526



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆର୍‌ୟୁଟି) ଅଧୀନରେ ୧୦୦ ବିଦ୍ୟୁତ୍‌ଚାଳିତ ବସ୍‌ର ଶୁଭାରମ୍ଭ କରିଛନ୍ତି । ପୁରୀ, ଭୁବନେଶ୍ୱର ଓ କଟକର ୧୧ ରୁଟ୍‌ରେ ପୂର୍ବରୁ ଆମ୍ ବସ ସେବା ଜାରି ଥିବାବେଳେ, ଏହି ୧୦୦ ବସ୍ ଯୋଡ଼ି ହେବାପରେ କ୍ୟାପିଟାଲ ରିଜିଅନରେ ଆଉ ୮ ନୂଆ ରୁଟ୍‌ରେ ଆମ ବସ୍ ସେବା ପ୍ରଦାନ କରାଯିବ । ନୂତନ ଭାବେ ନିର୍ମିତ ନରାଜ ଇଲେକ୍ଟ୍ରିକ ବସ୍ ଡିପୋ ମଧ୍ୟ ଶୁକ୍ରବାର ଉଦଘାଟିତ ହୋଇଛି । ଏହି ୧୦୦ ନୂଆ ଇଲେକ୍ଟ୍ରିକ ବସ୍ ନରାଜ ଡିପୋରୁ ହିଁ ଚଳାଚଳ କରିବ । ନରାଜ ବସ୍ ଡିପୋ ସମ୍ପୂର୍ଣ୍ଣ ଭାବେ ଗ୍ରିନ୍ ବିଲ୍ଡିଂ ଟେକ୍ନୋଲୋଜିର ନିର୍ମାଣ ହୋଇଛି ।

# ବିମାନବନ୍ଦରଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ମୋଦିଙ୍କ ରୋଡ୍ ଶୋ

ଭୁବନେଶ୍ୱର,୨୦ା୬(ସୁନିତ୍ ମିଶ୍ର)

- ରାସ୍ତାକଡ଼ରୁ ଫୁଲ ପକାଇ ସ୍ୱାଗତ ଜଣାଇଲେ ସାଧାରଣ ଜନତା
- ଜନତା ମଇଦାନରେ ରାଲି ସମୟରେ ଥିଲେ ମୋହନ ଓ ମନମୋହନ

ଭାଜପା ସରକାରର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିଥିଲେ । ପ୍ରଧାନମନ୍ତ୍ରୀ ଏହି ଅବସରରେ ଭୁବନେଶ୍ୱର ବିମାନବନ୍ଦରରୁ ଏକ ରୋଡ୍ ଶୋ ଆରମ୍ଭକରି ଜନତା ମଇଦାନ ପର୍ଯ୍ୟନ୍ତ ଯାଇଥିଲେ । ମୋଦିଙ୍କୁ ଦେଖିବା ଲାଗି ଅନେକ ହଜାର ଲୋକ ରାସ୍ତାକଡ଼ରେ ଅପେକ୍ଷାକରି ରହିଥିଲେ । ହାତ ହଲାଇ ମୋଦି ସେମାନଙ୍କୁ ନମସ୍କାର କରି ଯାଉଥିବା ଦେଖାଯାଇଥିଲା । ଏହି ସମୟରେ ବିମାନବନ୍ଦରଠାରୁ ଆରମ୍ଭକରି ଜନତା ମଇଦାନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଓଡ଼ିଶାର ପାରମ୍ପରିକ ନୃତ୍ୟ ଓ ସଙ୍ଗୀତର ଆୟୋଜନ କରାଯାଇଥିଲା । ଲୋକମାନେ ମଧ୍ୟ ରାସ୍ତାକଡ଼ରୁ ମୋଦିଙ୍କ କାର୍‌କେଡ୍ ଉପରକୁ ଫୁଲ ପକାଇ ତାଙ୍କୁ ସ୍ୱାଗତ ଜଣାଉଥାଆନ୍ତି । ଏହାପରେ ପ୍ରଧାନମନ୍ତ୍ରୀ ଜନତା ମଇଦାନଠାରେ ପହଞ୍ଚିବା ପରେ ଏକ ପ୍ରଚାର ଗାଡ଼ିରେ ଚଢ଼ି ଆସିଥିଲେ । ସାଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଉପସ୍ଥିତ ଥିଲେ । ଜନତା ମଇଦାନ ଭିତରକୁ ମୋଦି ଉକ୍ତ ପ୍ରଚାର ଗାଡ଼ିରେ ଆସିଥିଲେ । ମୋଦିଙ୍କୁ ଦେଖିବା ଲାଗି ଲୋକମାନେ ଚେୟାର ଉପରେ ଚଢ଼ି ଚାହୁଁଥାଆନ୍ତି । କାରଣ ମଞ୍ଚ ସାମ୍ନାରେ ବସିଥିବା ଲୋକମାନେ ମୋଦିଙ୍କ ଏହି ରାଲିକୁ ଏଲ୍‌ଇଡିରେ ଦେଖିବା ପରେ ପଛକୁ ବୁଲି ଦେଖିବା ଆରମ୍ଭ କରିଥିଲେ ।

## ମୋଦିଙ୍କ ଗସ୍ତର ଏପାଖ ସେପାଖ

### ମୁଖ୍ୟମନ୍ତ୍ରୀ, ମନମୋହନଙ୍କୁ ସାଙ୍ଗରେ ଆଣି ଜନତା ମଇଦାନରେ ପହଞ୍ଚିଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ ସମୟରେ ସାଙ୍ଗରେ ଅନ୍ୟ କୌଣସି ନେତା ନ ଥିଲେ । ପୂର୍ବରୁ ମଞ୍ଚ ଉପରେ ବସିବାର ଥିବା ନେତାମାନେ ଆସି ଆଗୁଆ ବସିପଡ଼ିଥିଲେ । କେବଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମୋଦିଙ୍କ ସହ ରହିଥିଲେ । ଅନ୍ୟ କୌଣସି ନେତା ରୋଡ୍ ଶୋ ସମୟରେ ତାଙ୍କ ସହ ଦେଖାଯାଇ ନ ଥିଲେ ।

### ମୁଖ୍ୟ ମଞ୍ଚଠାରୁ ସାମାନ୍ୟ ଦୂରରେ ଥିଲା ଏମ୍‌ପି, ବିଧାୟକଙ୍କ ମଞ୍ଚ

ମୁଖ୍ୟ ମଞ୍ଚଠାରୁ ସାମାନ୍ୟ ଦୂରରେ ଆଉ ଦୁଇଟି ମଞ୍ଚ କରାଯାଇଥିଲା । ଗୋଟିଏ ମଞ୍ଚରେ ଦଳର ଏମ୍‌ପି ଏବଂ ବିଧାୟକମାନଙ୍କ ବସିବା ଲାଗି ବ୍ୟବସ୍ଥା କରାଯାଇଥିଲା । ଅନ୍ୟ ଏକ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଧାୟକମାନେ ଆସିବା ପରେ ସେମାନଙ୍କୁ ତାଙ୍କ ସ୍ଥାନକୁ କେତେଜଣ ସରକାରୀ କର୍ମଚାରୀ ନେଇ ବସାଇଥିଲେ ।

### ପ୍ରଥମରୁ ଶେଷ ପର୍ଯ୍ୟନ୍ତ ନାଚିଲେ ବିଧାୟକ ଜଗଦ୍ଦେବ

ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମଞ୍ଚ ପାଖରେ ଆସି ପହଞ୍ଚିବାର କିଛି ସମୟ ସେଠାରେ ଉପସ୍ଥିତ ଅନ୍ୟ ବିଧାୟକମାନଙ୍କ ସହ କଥା ହୋଇଥିଲେ । ଏହାପରେ ସେ ସେଠାରୁ ଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ମଞ୍ଚ ପାଖରେ ପହଞ୍ଚିଥିଲେ । ସେଠାରେ କିଛି ସମୟ ସଙ୍ଗୀତ ଶୁଣି ଠିଆହେଲେ । ତା'ପରେ ପ୍ରଥମେ ହାତ ଆଉ ଗୋଡ଼ ହଲାଇଲେ । ଧୀରେ ଧୀରେ ନାଚିବା ଆରମ୍ଭ କରିଦେଲେ । ଶେଷ ପର୍ଯ୍ୟନ୍ତ ବୁଲି ବୁଲି ସେ ନାଚିବାରେ ଲାଗିଲେ । ପରେ ଆସି ବିଧାୟକମାନେ ବସିଥିବା ମଞ୍ଚ ଉପରେ ନାଚିଥିଲେ । ମଞ୍ଚ ତଳେ ଲୋକଙ୍କ ପାଖରେ ଠିଆହୋଇ ମଧ୍ୟ ନାଚିଲେ ।

### ବିଧାୟକଙ୍କ ମଞ୍ଚରେ କାମ କଲାନି ଏସି, ହେମନ୍ତଙ୍କୁ ଜଣାଇଲେ ସଞ୍ଜାଳି

ବିଧାୟକମାନେ ବସିଥିବା ମଞ୍ଚ ଉପରେ ଲାଗିଥିବା ଏସି କାମ କଲାନାହିଁ । ସେଠାରେ ଫ୍ୟାନ୍ ମଧ୍ୟ ନ ଥିଲା । ବହୁ ସମୟ ବିଧାୟକମାନେ ଗରମରେ ବସିବା ପରେ ଭାଜପା ବିଧାୟିକା ସଞ୍ଜାଳି ମୁର୍ମୁ ମଞ୍ଚରୁ ଉଠି ଆସି ଆଇଏଏସ୍ ଅଫିସର ହେମନ୍ତ ଶର୍ମାଙ୍କୁ ଏହି ସମସ୍ୟା କଥା କହିଥିଲେ । ଏହାପରେ ଶର୍ମା ସଙ୍ଗେ ସଙ୍ଗେ କାହାକୁ ଫୋନ୍‌କରି ଏ ବିଷୟରେ କହିଥିଲେ । ତା'ପରେ ମଞ୍ଚକୁ ଆଉ ଏକ ଏସି ଏବଂ ଫ୍ୟାନ୍ ଆସିଥିଲା । ସଞ୍ଜାଳି ଅନ୍ୟ ବରିଷ୍ଠ ବିଧାୟକମାନେ ଥିବା ସତ୍ତ୍ୱେ ସେ ଏହି କାମ କରିଥିବାରୁ ଖୁସି ହୋଇଯାଇଥିଲେ ।

### କେବଳ ମୋହନଙ୍କ ସହ କଥା ହେଲେ

ପ୍ରଧାନମନ୍ତ୍ରୀ ମଞ୍ଚ ଉପରେ ଥିବାବେଳେ ଏବଂ ଯିବା ପର୍ଯ୍ୟନ୍ତ କେବଳ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ । ସରକାର ଏହି ବର୍ଷେ ଭିତରେ କେବଳ ମୋହନ ଏବଂ ତାଙ୍କ ଟିମ୍ ନେତୃତ୍ୱରେ ଭଲ କାମ କରିଥିବା ଦର୍ଶାଇଥିଲେ । ଅନ୍ୟପଟେ ସେ ମୋହନଙ୍କ ସହ କେବଳ କଥାବାର୍ତ୍ତା କରିଥିଲେ । ମଞ୍ଚ ଉପରେ ଥିବା ଅନ୍ୟ ନେତାଙ୍କ ସହ ସେ କଥା ହେଇ ନ ଥିଲେ ।

### ୩୬ ପାଇଁ ୩୬ ସ୍ୱଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ

୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତିରେ ପହଞ୍ଚିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ୩୬ ପାଇଁ ୩୬ଟି ସ୍ୱଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡ଼ିଶାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିବ । ପ୍ରଧାନମନ୍ତ୍ରୀ ପ୍ରସ୍ତୁତ କରିଥିବା ରୋଡ୍‌ମ୍ୟାପ୍‌କୁ ଆଧାରକରି ଓଡ଼ିଶା ସମୃଦ୍ଧ ରାଜ୍ୟ ଏବଂ ଭାରତ ବିକଶିତ ଦେଶ ହେବ ।

### ମୋଦିଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଦିବ୍ୟ ଓ ଭବ୍ୟ ରୂପ ଦେଇଛି

ଓଡ଼ିଶାର ସାଢ଼େ ୪କୋଟି ଜନସାଧାରଣଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ହୃଦୟରୁ କୃତଜ୍ଞତା । ତାଙ୍କ ଗରିମାମୟ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଦିବ୍ୟ ଓ ଭବ୍ୟ ରୂପ ଦେଇଛି । ପ୍ରଧାନମନ୍ତ୍ରୀଙ୍କ ସମର୍ଥନ ଓ ମାର୍ଗଦର୍ଶନ, ଓଡ଼ିଶାକୁ ଏକ ନୂତନ ଓଡ଼ିଶାରେ ପରିଣତ କରିବ । ତାଙ୍କର ପୂରା ବିଶ୍ୱାସ, ୨୦୩୬ ସୁଦ୍ଧା ଓଡ଼ିଶା ସମୃଦ୍ଧ ରାଜ୍ୟ ହେବ ଏବଂ ୨୦୪୭ରେ ଭାରତ ବିକଶିତ ଦେଶରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।।

### ବିଧାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଉଠାଇଲେ ସିଦ୍ଧାନ୍ତ

ବିଧାୟକମାନେ ମଞ୍ଚରେ ବସିବା ପରେ ପ୍ରଧାନମନ୍ତ୍ରୀ ଆସିବା ଯାଏ ହସଖୁସି ଗପସପ ଆରମ୍ଭ କରିଦେଲେ । ଏହି ସମୟ ଭିତରେ କିଛି ଲୋକ ଆସି କେତେଜଣ ବିଧାୟକଙ୍କ ସହ ସେଲ୍‌ଫି ନେଉଥାଆନ୍ତି । ଏତିକି ବେଳେ ବିଧାୟକ ସିଦ୍ଧାନ୍ତ ମହାପାତ୍ର ସାଙ୍ଗରେ ଆଣିଥିବା କ୍ୟାମେରା କାଢ଼ିଥିଲେ । ଏହାପରେ ଜଣକ ପରେ ଜଣେ ବିଧାୟକ ଫଟୋ ଉଠାଇବାକୁ ଠିଆ ହୋଇଯାଉଥାଆନ୍ତି । ଏହିପରି ଅନେକଙ୍କ ଫଟୋ ଉଠାଇ ଖୁସି ହେଉଥାଆନ୍ତି ସିଦ୍ଧାନ୍ତ । ମୁଖ୍ୟମନ୍ତ୍ରୀଙ୍କ ଫଟୋ ମଧ୍ୟ ସେ ଦୂରରୁ ଠିଆହୋଇ ଉଠାଉଥିବା ଦେଖିବାକୁ ମିଳିଥିଲା ।

### ଆଗ ଧାଡ଼ିର ଗୋଟିଏ ଚେୟାରକୁ ଜଗି ରହିଥିଲେ ସରକାରୀ କର୍ମଚାରୀ

ବିଧାୟକମାନଙ୍କ ବସିବା ପାଇଁ ଚେୟାରର ବ୍ୟବସ୍ଥା ହୋଇଥାଏ । ଯେତେବେଳେ ବିଧାୟକମାନେ ଆସି ଚେୟାରରେ ବସିବାକୁ ଲାଗିଲେ, ସେତେବେଳେ ପ୍ରଥମ ଧାଡ଼ିର କଡ଼ରେ ଗୋଟିଏ ଚେୟାରକୁ ୨ ଜଣ ସରକାରୀ କର୍ମଚାରୀ ଧରି ରହିଥିଲେ । ସବୁ ବିଧାୟକ ଚାହୁଁଥାଆନ୍ତି ଆଗରେ ବସିବେ । ଆଉ ଗୋଟିଏ ଚେୟାର ଖାଲି ପଡ଼ିଥିବା ଦେଖି ଯିଏ ଆସୁଥାନ୍ତି ସେଠାକୁ ଯାଉଥାନ୍ତି, ହେଲେ ସେଠାରେ ଜଗିରହିଥିବା ସରକାରୀ କର୍ମଚାରୀ ସମସ୍ତଙ୍କୁ କିଛି କାନରେ କହି ବସିବାକୁ ମନା କରୁଥାଆନ୍ତି । କିଛି ସମୟ ଯିବା ପରେ ସେହି ସ୍ଥାନରେ ବାଚସ୍ପତି ସୁରମା ପାଢ଼ୀ ଆସି ବସିଥିଲେ । କଡ଼ରେ ଆଉ ଏକ ଚେୟାରରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂହଦେଓ ଆସି ବସିଥିଲେ ।

# ବରପୁତ୍ରଙ୍କ ଐତିହ୍ୟ ଗ୍ରାମ ପାଇଁ ଖର୍ଚ୍ଚହେବ ୧୯ ହଜାର କୋଟି

- ୫ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତକଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୨୦ା୬(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱର ଜନତା ମଇଦାନରେ ଶୁକ୍ରବାର ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ଯୋଜନାର ଶୁଭାରମ୍ଭ ଓ ଶିଳାନ୍ୟାସ କରିଛନ୍ତି । ଓଡ଼ିଶାର ବରପୁତ୍ରମାନଙ୍କ ଜନ୍ମସ୍ଥଳୀର ବିକାଶ କରାଯିବ । ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ଐତିହ୍ୟ ଗ୍ରାମ ପାଇଁ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ । ସମ୍ପୂର୍ଣ୍ଣ ଯୋଜନାରେ ପ୍ରାୟ ୧୯ ହଜାର କୋଟି ଟଙ୍କା ବିନିଯୋଗ ହେବ । ଏହି ଯୋଜନାରେ ବରପୁତ୍ରମାନଙ୍କ ଜନ୍ମସ୍ଥଳୀରେ ପୂର୍ବ ପୁରୁଷଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରିବା, ପ୍ରତିମୂର୍ତ୍ତି ସ୍ଥାପନ, ବ୍ୟାଖ୍ୟାନ କେନ୍ଦ୍ର ପ୍ରତିଷ୍ଠା, ଶିଶୁ ଉଦ୍ୟାନ, କାରୁକଳା ଓ ପାକଶାଳା ଷ୍ଟଲ୍ ଇତ୍ୟାଦି ନିର୍ମାଣ, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ଖୋଲା ଆକାଶ ନାଟ୍ୟମଞ୍ଚ ଇତ୍ୟାଦିର ନିର୍ମାଣ ଆଦି ପଦକ୍ଷେପ ନିଆଯିବ । ସେହିସବୁ ଗ୍ରାମକୁ ଐତିହାସିକ ସାଂସ୍କୃତିକ ସ୍ମୃତିସ୍ଥଳ ଏବଂ ପର୍ଯ୍ୟଟନ ସ୍ଥଳ ଭାବେ ବିକଶିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେହିପରି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ପୁସ୍ତିକା ଉନ୍ମୋଚନ କରାଯାଇଛି । ଏହି ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତରେ ଅନ୍ୟୂନ ଗୋଟିଏ ଲେଖାଏ ପ୍ରାଥମିକ ଆଦର୍ଶ ବିଦ୍ୟାଳୟ ଖୋଲିବା ପାଇଁ ସ୍ଥାନ ନିରୂପଣ ଓ ଡିପିଆର୍ ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ୫ ଜଣ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

୧୮,୬୫୩ କୋଟି ଟଙ୍କାର ୧୦୫ଟି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ୯,୬୪୨ କୋଟି ଟଙ୍କାର ୬୦ଟି ଭିତ୍ତିଭୂମି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ୯,୦୧୧ କୋଟି ଟଙ୍କାର ୪୫ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । କୃଷି ବିଭାଗର ୨ଟି ପ୍ରକଳ୍ପ ୧୪୩ କୋଟି ଟଙ୍କା, ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ଗୋଟିଏ ପ୍ରକଳ୍ପ ୩୨ କୋଟି ଟଙ୍କା, ଜଳ ସମ୍ପଦ ଓ ପାନୀୟ ଜଳ ପାଇଁ ୧୯ଟି ପ୍ରକଳ୍ପ ୨୫୫୩ କୋଟି ଟଙ୍କା, ଶକ୍ତି କ୍ଷେତ୍ରରେ ୨୩ଟି ପ୍ରକଳ୍ପ ୮୦୮୩ କୋଟି ଟଙ୍କା, ସଡ଼କ ଓ ସେତୁ ପାଇଁ ୨୨ଟି ପ୍ରକଳ୍ପ ୧୬୧୬ କୋଟି ଟଙ୍କା, ସହରାଞ୍ଚଳ ଭିତ୍ତିଭୂମି ପାଇଁ ୨୫ଟି ପ୍ରକଳ୍ପ ୧୮୫୮ କୋଟି ଟଙ୍କା, ଜାତୀୟ ରାଜପଥ ୪ଟି ପ୍ରକଳ୍ପ ୧୪୩୨ କୋଟି ଟଙ୍କା , ବନ୍ଦର କ୍ଷେତ୍ରରେ ଗୋଟିଏ ପ୍ରକଳ୍ପ ୫୬ କୋଟି ଟଙ୍କା ଏବଂ ଅନ୍ୟାନ୍ୟ ଗୋଟିଏ ପ୍ରକଳ୍ପ ୧୨୩ କୋଟି ଟଙ୍କା ଏହିପରି ସମୁଦାୟ ୧୮,୬୫୩ କୋଟି ଟଙ୍କାର ୧୦୫ଟି ପ୍ରକଳ୍ପ ପାଇଁ ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି ।

### ୨ ନୂତନ ଟ୍ରେନ୍ ଚଳାଚଳର ଶୁଭାରମ୍ଭ

ଦୁଇଟି ନୂତନ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରାଯାଇଛି । ବୌଦ୍ଧ–ସମ୍ବଲପୁର ଓ ବୌଦ୍ଧ–ଭୁବନେଶ୍ୱର ନ୍ୟୁ ଟ୍ରେନ୍‌କୁ ପ୍ରଧାନମନ୍ତ୍ରୀ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି । ରେଳ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଗୋଟିଏ ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ୬ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ପାଇଁ ୨୭୫୬ କୋଟି ଟଙ୍କା ବିନିଯୋଗ ହୋଇଛି । ସେହିପରି ଗୁରୁତ୍ୱପୂର୍ଣ୍ଣ ସୋନପୁର–ପୁରୁଣା କଟକ ରେଳଲାଇନ ଉଦ୍‌ଘାଟିତ ହୋଇଛି । ୭୩ କି.ମି. ଦୀର୍ଘ ଏହି ରେଳଲାଇନ ବହୁପ୍ରତୀକ୍ଷିତ ଖୋର୍ଦ୍ଧା ରୋଡ୍–ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏହାଦ୍ୱାରା ପ୍ରଥମ ଥର ପାଇଁ ବୌଦ୍ଧ ଜିଲାକୁ ରେଳ ସଂଯୋଗ ହୋଇଛି । ଏହାସହ ସରଳା ଓ ଶାସନ ମଧ୍ୟରେ ୩ୟ ଓ ୪ର୍ଥ ରେଳ ଲାଇନ ପାଇଁ ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାସହ ଅନ୍ୟାନ୍ୟ ରେଳ ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରାଯାଇଛି ।

### କ୍ରୁଟ୍ ଅଧୀନରେ ୧୦୦ ଇଭି ବସ୍‌ର ଶୁଭାରମ୍ଭ

**ନରାଜ ଇଲେକ୍ଟ୍ରିକ୍ ବସ୍ ଡିପୋ ଉଦ୍‌ଘାଟିତ**

କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଅଧୀନରେ ୧୦୦ ଇଭି ବସ୍‌ର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୧୦୦ଟି ନୂଆ ଇଲେକ୍ଟ୍ରିକ୍ ବସ୍ ସେବା ଆରମ୍ଭ ହୋଇଛି । ପୁରୀ, ଭୁବନେଶ୍ୱର ଓ କଟକର ୧୧ଟି ରୁଟ୍‌ରେ ପୂର୍ବରୁ ଆମ ବସ୍ ସେବା ଜାରି ଥିବାବେଳେ ଏହି ୧୦୦ଟି ବସ୍ ଯୋଡ଼ିହେବା ପରେ କ୍ୟାପିଟାଲ ରିଜିଅନରେ ଆଉ ୮ଟି ନୂଆ ରୁଟ୍‌ରେ ଆମ ବସ୍ ସେବା ପ୍ରଦାନ କରାଯିବ । ନୂତନ ଭାବେ ନିର୍ମିତ ନରାଜ ଇଲେକ୍ଟ୍ରିକ୍ ବସ୍ ଡିପୋ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି । ଏହି ୧୦୦ଟି ନୂଆ ଇଲେକ୍ଟ୍ରିକ୍ ବସ୍ ନରାଜ ଡିପୋରୁ ହିଁ ଚଳାଚଳ କରିବ । ନରାଜ ବସ୍ ଡିପୋ ସମ୍ପୂର୍ଣ୍ଣ ଭାବେ ଗ୍ରୀନ୍ ବିଲ୍ଡିଂ ଟେକ୍ନୋଲୋଜିରେ ନିର୍ମାଣ ହୋଇଛି । ପ୍ରଧାନମନ୍ତ୍ରୀ ଏହିସବୁ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିଛନ୍ତି ।

## ଜାମିନ ପାଇଁ ହାଇକୋର୍ଟ ଗଲେ ଆଇଏଏସ୍ ଅଧିକାରୀ ଧୀମନ ଚକମା

କଟକ,୨୦ା୬(କାର୍ତ୍ତିକ ସାହୁ)

ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ୨୦୨୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଧୀମନ ଚକମା ଜାମିନ ପାଇଁ ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ସୂଚନାନୁସାରେ, ଆଇଏଏସ୍ ଅଧିକାରୀ ଚକମା କଳାହାଣ୍ଡି ଧର୍ମଗଡ଼ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ । ସେ ତାଙ୍କ ସରକାରୀ ବାସଭବନରେ ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲରେ ଅଛନ୍ତି । ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ଚକମାଙ୍କୁ ନିଲମ୍ବନ ମଧ୍ୟ କରିଥିଲେ । ତେବେ ଏହି ମାମଲାରେ ଭିଜିଲାନ୍ସ ଚକମାଙ୍କ ଲିଙ୍କ୍‌ରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନଭିନ କରିଥିଲା । ତ୍ରିପୁରାସ୍ଥିତ ଚକମାଙ୍କ ବାସଭବନରେ ଭିଜିଲାନ୍ସର ୩ ଜଣିଆ ଟିମ୍ ପହଞ୍ଚିଥିଲା । ଏଥିସହ ହିମାଚଳ ପ୍ରଦେଶରେ ଥିବା ଶ୍ୱଶୁର ଘରେ ମଧ୍ୟ ଭିଜିଲାନ୍ସ ତଲାସି କରିଥିଲା । ବ୍ୟାଙ୍କ ଜମା, ନିବେଶ ଏବଂ ଅନ୍ୟାନ୍ୟ ଆର୍ଥିକ ଦଲିଲ ସଂଗ୍ରହ ଓ ଯାଞ୍ଚ ମଧ୍ୟ କରିଥିଲା ଟିମ୍ । ବର୍ତ୍ତମାନ ତାଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଯାଞ୍ଚ ଜାରି ରଖିଛି ଭିଜିଲାନ୍ସ ।

## ଚିକିତ୍ସା ପାଇଁ ମୁମ୍ବାଇ ଗଲେ ନବୀନ

ଭୁବନେଶ୍ୱର,୨୦ା୬(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଚିକିତ୍ସା ପାଇଁ ଶୁକ୍ରବାର ସକାଳେ ମୁମ୍ବାଇ ଗସ୍ତ କରିଛନ୍ତି । ଆସନ୍ତା ୨୨ ତାରିଖରେ କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ସର୍ଭିକାଲ ଆର୍ଥ୍ରୋସିସ୍ ଚିକିତ୍ସା କରାଯିବ । ନବୀନଙ୍କ ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ତାଙ୍କ ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ । ତେବେ ନବୀନ ମୁମ୍ବାଇ ଯିବା ଲାଗି ବିମାନବନ୍ଦର ଅଭିମୁଖେ ବାହାରିବା ବେଳକୁ ବହୁ ବିଜେଡି ନେତା ଓ କର୍ମୀ ନବୀନ ନିବାସଠାରୁ ଆରମ୍ଭ କରି ବିମାନବନ୍ଦର ପର୍ଯ୍ୟନ୍ତ ଛାଇ ହୋଇଯାଇଥିଲେ । ନବୀନ ମୁମ୍ବାଇ ଯିବା ପୂର୍ବରୁ ସକାଳ ୯ଟା ସମୟରେ ବିମାନବନ୍ଦରଠାରେ ସମସ୍ତେ ତାଙ୍କୁ ଦେଖାକରି ଆଶୁ ଆରୋଗ୍ୟ କାମନା କରିବେ ବୋଲି ବିଧାୟକ ଓ ଅନ୍ୟ ନେତାମାନଙ୍କୁ ପୂର୍ବଦିନରୁ ସୂଚନା ମଧ୍ୟ ଦିଆଯାଇଥିଲା । ସେହି କ୍ରମରେ ଦଳର ସଭାପତିଙ୍କ ଆଶୁ ଆରୋଗ୍ୟ କାମନାକରି ତାଙ୍କୁ ବିଦାୟଦେବାକୁ ଅନେକ ହଜାର ବିଜେଡି ନେତା ଓ କର୍ମୀଙ୍କ ଗହଳି ଦେଖାଯାଇଥିଲା । ବହୁ ଜଣ ତାଙ୍କ ପ୍ରିୟ ନେତାଙ୍କ ଆଶୁ ଆରୋଗ୍ୟ କାମନାକରି ତାଙ୍କୁ ଦେଖାକରିବା ପାଇଁ ଆସିଥିବା ଗଣମାଧ୍ୟମ ଆଗରେ କହିଥିଲେ ।

**ଦେଖା କରିବାକୁ ଆସିଥିଲେ ବିଜେଡିର ବହୁ ନେତା ଓ କର୍ମୀ**





ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ସଦର ରେଞ୍ଜ୍ ୫୫ନଂ. ଜାତୀୟ ରାଜପଥର ହଳଦିଆବାହାଲଠାରେ ହାତୀପଲ ରାସ୍ତାପାର ହେଉଛନ୍ତି ।

## ଜନସାଧାରଣଙ୍କ ସୁରକ୍ଷାକୁ ସରକାରଙ୍କ ଗୁରୁତ୍ୱ

**ଗଳିକନ୍ଦି ଓ ସର୍ବସାଧାରଣ ସ୍ଥାନରେ ଲାଗିବ 'ସିସିଟିଭି': ମୁଖ୍ୟ ଶାସନ ସଚିବ**

ଭୁବନେଶ୍ୱର,୨୦ା୬(ରବିନାରାୟଣ ଜେନା)

ଜନସାଧାରଣଙ୍କ ସୁରକ୍ଷାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । କୌଣସି ସମୟରେ ଅଘଟଣ ଘଟିଲେ ଯେଭଳିତା'ର ବାସ୍ତବତଥ୍ୟ ଜାଣି ହେବ ଏବଂ ସରକାରଙ୍କ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଇପାରିବ ତାକୁ ଦୃଷ୍ଟିରେ ରଖି 'ସିସିଟିଭି ସର୍ଭିଲାନ୍ସ ସିଷ୍ଟମ'କୁ ରାଜ୍ୟବ୍ୟାପୀ ଆପଣାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହିକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଚଳିତମାସ ୫ରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

ସେ କହିଛନ୍ତି, ଲୋକଙ୍କ ସୁରକ୍ଷାକୁ ନେଇ ସାଧାରଣ ସ୍ଥାନ, ଗଳିରାସ୍ତା, ସରକାରୀ ଅଫିସ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସିସିଟିଭି ଲଗାଯିବା ଆବଶ୍ୟକ । ଏହି ବ୍ୟବସ୍ଥାକୁ ଠିକ୍ ଓ କାର୍ଯ୍ୟକ୍ଷମ କରିବା ପାଇଁ ବିଭିନ୍ନ ସ୍ଥାନରେ ଥିବା ସିସିଟିଭି ସଂସ୍ଥାପନକୁ ଏକ ସାଧାରଣ ମାନକ ଅନୁଯାୟୀ କରାଯିବା ଆବଶ୍ୟକ । ଏହାଦ୍ୱାରା ସମସ୍ତ ତଥ୍ୟ ଠିକଣା ସମୟରେ ମିଳିପାରିବ ଏବଂ ସେଣ୍ଟ୍ରାଲୀ ତଦାରଖ କରାଯାଇପାରିବ । ଏଥିପାଇଁ ଏକ 'ଫେଡେରେଟେଡ୍ ସିସିଟିଭି ସର୍ଭିଲାନ୍ସ ସିଷ୍ଟମ'ର ବିକାଶ କରାଯିବ, ଯାହା ରାଜ୍ୟର ସମସ୍ତ ସିସିଟିଭି ସଂସ୍ଥାପନ ପାଇଁ ସାଧାରଣ ମାନକ ନିର୍ଦ୍ଧାରଣ କରିବ । ମୁଖ୍ୟ ଶାସନ ସଚିବ ଦର୍ଶାଇଛନ୍ତି, ଓକାକ୍ ଏହି କାର୍ଯ୍ୟକ୍ରମର ତଦାରଖ ଦାୟିତ୍ୱ ନେବ । ଏଥିପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ । ସେଥିରେ ପୋଲିସ, ଅବକାରୀ, ଜଙ୍ଗଲ ବିଭାଗର ବିଶେଷଜ୍ଞମାନେ ରହିବେ । ୨ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ୨ ମାଓବାଦୀ ନିହତ

ମାଲକାନଗିରି,୨୦ା୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାର ଛୋଟାବେଠିଆ ଅଞ୍ଚଳରେ ଶୁକ୍ରବାର ସକାଳେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି । ଯବାନଙ୍କ ଆକ୍ରମଣକୁ ପ୍ରତିହତକରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ଘଟଣାସ୍ଥଳରେ ସର୍ଚ୍ଚ ଅପରେଶନ ସମୟରେ ଜଣେ ମହିଳା ମାଓବାଦୀଙ୍କ ସମେତ ୨ଜଣଙ୍କ ମୃତଦେହ ଜବତ ହୋଇଛି । ଘଟଣାସ୍ଥଳରୁ ବହୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି । ଉକ୍ତ ଅଞ୍ଚଳରେ ଏବେ ବି ସର୍ଚ୍ଚ ଅପରେଶନ ଜାରି ରହିଛି ।

ତଥ୍ୟ ଅନୁଯାୟୀ, କାଙ୍କେର ଜିଲା ଅମାଟୋଲା ଓ କଲପାରା ଗ୍ରାମ ମଧ୍ୟରେ ମାଓବାଦୀଙ୍କ ଉପସ୍ଥିତି ଥିବା ସୂଚନା ପାଇ ଛୋଟେବେଠିଆ କୋଟ୍ରୀ ଥାନା ଡିଆର୍‌ଜି ଓ ବିଏସ୍‌ଏଫ୍ ବାହିନୀ ମିଳିତ ଭାବେ ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ । ଏହି ସମୟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବାରୁ ମାଓବାଦୀମାନେ ପ୍ରଥମେ ଯବାନଙ୍କ ଉପରକୁ ଗୁଳି ଚଳାଇଥିଲେ । ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ବର୍ଷଣ କରିଥିଲେ । ଯବାନଙ୍କ ଆକ୍ରମଣକୁ ପ୍ରତିହତକରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ । ମୃତ ୨ ମାଓବାଦୀଙ୍କ ପରିଚୟ ନିମନ୍ତେ ପ୍ରକ୍ରିୟା ଜାରି ରହିଛି ବୋଲି କାଙ୍କେର ଏସ୍‌ପି କଲ୍ୟାଣ ଏଲିସେଲା ସୂଚନା ଦେଇଛନ୍ତି ।

## ୧୦ ବିଦ୍ୟୁତ୍ ପୋଲ ତାର ଛିଡ଼ି ଅଟକିଲା ବିଶାଖାପାଟଣା–କିରାଣ୍ଡୁଲ ପାସେଞ୍ଜର



ପୋଲରୁ ବିଦ୍ୟୁତ୍ ତାର ଛିଡି ଲଟକି ରହିଛି ।

ନନ୍ଦପୁର,୨୦ା୬(ତୁଷାର କାନ୍ତ ମହାନ୍ତି)

ବିଦ୍ୟୁତ୍ ଚାଳିତ କୋଟଲାଲସା–କିରାଣ୍ଡୁଲ ସଂଯୋଗୀ କେକେ ରେଳପଥରେ ବିଶାଖାପାଟଣା–କିରାଣ୍ଡୁଲ ପାସେଞ୍ଜର ଟ୍ରେନ୍ (୫୮୫୩୮) ଶୁକ୍ରବାର ଏକ ଦୁର୍ଘଟଣାରୁ ବର୍ତ୍ତିଯାଇଛି । ଭେଜା ଷ୍ଟେଶନରୁ ବାହାରି ମାତ୍ର ୨ କି.ମି. ଦୂର ଥିବା ଗାଁ ପାର କରିବା ବେଳେ ରେଳପଥ ବିଦ୍ୟୁତ ତାର ସଂଯୁକ୍ତ ପ୍ଲେଷ୍ଟରଟି ତଳେ ପଡ଼ିଯାଇଥିଲା । ୧୦ଟି ବିଦ୍ୟୁତ୍ ପୋଲର ତାର ଛିଡ଼ି ତଳେ ପଡି ଯିବାରୁ ବିଦ୍ୟୁତ୍ ଚାଳିତ ଟ୍ରେନ ଅଟକି ଯାଇଥିଲା । କିନ୍ତୁ ବିଦ୍ୟୁତ ତାର ରେଳ ସମେତ ରେଳ ପଥର ସଂସ୍ପର୍ଶରେ ଆସିନଥିଲା । ଖବର ଲେଖା ସୁଧା ପାସେଞ୍ଜର ଟ୍ରେନ୍ ଥିବା ନିକଟରେ ଅଟକି ରହିଛି । ଟ୍ରେନରେ ଥିବା ଯାତ୍ରୀମାନେ ଟ୍ରେନରୁ ଓହ୍ଲାଇ ଗନ୍ତବ୍ୟ ସ୍ଥଳକୁ ଯାଇଥିବା ଦେଖିବାକୁ ମିଳିଛି । ଭେଜା, ପାଡୁଆ, ମାଛକୁଣ୍ଡ, କୋରାପୁଟ ଷ୍ଟେଶନରୁ ଆସିଥିବା ରେଳ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ମରାମତି ବ୍ୟବସ୍ଥା କରୁଛନ୍ତି । ମଧ୍ୟାହ୍ନ ୧୨ଟାରୁ ଟ୍ରେନ୍ ଅଟକି ରହିଥିବା ବେଳେ ଯାତ୍ରୀ ହଇରାଣ ହୋଇଛନ୍ତି । ରେଳ ବିଭାଗ ପକ୍ଷରୁ ତାର ଯୋଡି ମରାମତି କରିବା ପରେ ରେଳ କିରାଣ୍ଡୁଲ ଅଭିମୁଖେ ଯିବା ସହ ଅନ୍ୟ ରେଳ ସ୍ୱାଭାବିକ ଚଳାଚଳ କରିବ ବୋଲି ସୂଚନା ମିଳିଛି । ଏହି ରେଳପଥରେ ଯିବାକୁ ଥିବା ଅନ୍ୟ ଟ୍ରେନ୍‌ଗୁଡ଼ିକ ବିଭିନ୍ନ ଷ୍ଟେଶସନରେ ଅଟକି ରହିଥିଲେ ।

## ସଂକ୍ଷେପରେ

### ବାହାଘରରୁ ଫେରିବାବେଳେ ଦୁର୍ଘଟଣା: ୯ ମୃତ

ରାଞ୍ଚି,୨୦।୬

ପଶ୍ଚିମବଙ୍ଗର ପୁରୁଲିଆରେ ଏକ ବିବାହ ଶୋଭାଯାତ୍ରାରୁ ଫେରୁଥିବାବେଳେ ଶୁକ୍ରବାର ସକାଳେ ଝାଡ଼ଖଣ୍ଡ-ପଶ୍ଚିମବଙ୍ଗ ସୀମାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ନିମଡିହ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ୯ ଜଣ ଯାକ ଟିଲାଇଟାନ ଗ୍ରାମରେ ବିବାହ ଉତ୍ସବରେ ଯୋଗଦେଇ ଏକ ମହିନ୍ଦ୍ରା ବୋଲେରୋରେ ଫେରୁଥିବାବେଳେ ପଶ୍ଚିମବଙ୍ଗର ବଳରାମପୁର ଥାନା ଅନ୍ତର୍ଗତ ନମଶୋଲଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବୋଲେରୋଟି ଚାନ୍ଦିଲ-ପୁରୁଲିଆ ଜାତୀୟ ରାଜପଥରେ ପହଞ୍ଚିବା ପରେ ବିପରୀତ ଦିଗରୁ ଦ୍ରୁତ ବେଗରେ ଆସୁଥିବା ଟ୍ରେଲର ଏହାକୁ ମୁହାଁମୁହିଁ ଧକ୍କା ଦେଇଥିଲା। କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଘଟଣାସ୍ଥଳରେ ୮ ଜଣ ଓ ହସ୍ପିଟାଲରେ ଅନ୍ୟ ଜଣେ ଗୁରୁତରଙ୍କର ମୃତ୍ୟୁ ଘଟିଥିଲା।

### ଇରାନରୁ ଫେରୁଛନ୍ତି ୧,୦୦୦ ଭାରତୀୟ

ନୂଆଦିଲ୍ଲୀ,୨୦।୬

ଯୁଦ୍ଧ ପ୍ରଭାବିତ ଇରାନରେ ଫସି ରହିଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ଅପରେଶନ ସିନ୍ଧୁ ଆରମ୍ଭ କରିଥିବାବେଳେ ଏଥିପାଇଁ ତେହରାନ ଏହାର ବାୟୁସୀମା କଟକଣା କୋହଳ କରିଛି। ମଶହାଦରୁ ୧,୦୦୦ ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ମାହାନ ଏୟାରର ଚାର୍ଟାର୍ଡ ବିମାନକୁ ନିୟୋଜିତ କରାଯାଇଛି। ଆଞ୍ଚଳିକ ଉତ୍ତେଜନା ବଢୁଥିବାବେଳେ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଆମର ଲକ୍ଷ୍ୟ ବୋଲି ଜଣେ ଅଧିକାରୀ କହିଛନ୍ତି। 'ଅପରେଶନ ସିନ୍ଧୁ'ର ପ୍ରଥମ ଉଦ୍ୟମରେ ଇରାନରୁ ଗୁରୁବାର ୧୧୦ ଜଣ ଛାତ୍ରୀଛାତ୍ରଙ୍କୁ ଭାରତ ଅଣାଯାଇଥିଲା।

### ଟ୍ରେନ୍ ଦୁର୍ଘଟଣାରେ ଜଣେ ମୃତ, ୪ ଆହତ

ପାଟନା,୨୦।୬

ବିହାରର କଟିହାର ଜିଲାରେ ଶୁକ୍ରବାର ୧୫୯୧୦ ଅଉଧ ଆସାମ ଏକ୍ସପ୍ରେସ୍ ଏକ ରେଲ୍‌ୱେ ଟ୍ରଲିକୁ ଧକ୍କା ଦେବାରୁ ଜଣେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ସୋନପୁର ରେଲୱେ ଡିଭିଜନ ଅନ୍ତର୍ଗତ ବରାଉନି-କଟିହାର ଡାଉନ୍‌ଲାଇନରେ କଢ଼ାଗୋଲା ଏବଂ ସେମାପୁର ମଧ୍ୟବର୍ତ୍ତୀ ସ୍ଥାନରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କ ଚିକିତ୍ସା ପାଇଁ କଟିହାର ଜିଲାରୁ ଏକ ଡାକ୍ତରୀ ଟିମ୍ ଘଟଣାସ୍ଥଳକୁ ଯାଇଛି। ରେଲୱେ ଟ୍ରଲିରେ ୫ ଜଣ କର୍ମଚାରୀ ଟ୍ରାକ୍ ଅନୁଧ୍ୟାନ କରୁଥିବାବେଳେ ଅଉଧ ଆସାମ ଏକ୍ସପ୍ରେସ୍ ପଛପଟୁ ଆସି ଧକ୍କା ଦେଇଥିଲା।

# ପାକିସ୍ତାନକୁ ୪୦ ଜେ-୩୫ ଦେବ ଚାଇନା

## ଭାରତର ଚିନ୍ତା ବଢ଼ିଲା

**୨୦୨୪ ନଭେମ୍ବରରେ ଚାଇନା ପଞ୍ଚମ ପିଢ଼ିର ଜେ-୩୫ ଯୁଦ୍ଧବିମାନ ନିର୍ମାଣ କରିଛି। ଶେନ୍‌ୟାଙ୍ଗ୍ ଏୟାରକ୍ରାଫ୍ଟ କର୍ପୋରେଶନ୍ ଦ୍ୱାରା ବହୁମୁଖୀ ଭୂମିକା ପାଇଁ ବିକଶିତ ଏହି ଟୁଇନ୍-ଇଞ୍ଜିନ୍, ସିଙ୍ଗଲ-ସିଟର ସୁପରସୋନିକ୍ ଫାଇଟର ଜେଟ୍‌କୁ ବିଶ୍ୱର ସବୁଠୁ ଦାମୀ ଏୟାରକ୍ରାଫ୍ଟ ଆମେରିକାର ଏଫ୍-୩୫ ସହ ତୁଳନା କରାଯାଉଛି। ଜେ-୩୫ର ଅତ୍ୟାଧୁନିକ ଷ୍ଟିଲ୍‌ଥ ଫିଚର୍ସ ଯୋଗୁ ଏହା ଶତ୍ରୁପକ୍ଷର ରାଡାର ଭିତରକୁ ଆସି ନ ଥାଏ। ସୀମାପାର ଆତଙ୍କବାଦକୁ ନେଇ ଭାରତ ସହ ଅନେକ ସମୟରେ ମୁହାଁମୁହିଁ ହେଉଥିବା ପାକିସ୍ତାନ ଆସନ୍ତା ଡିସେମ୍ବରରେ ଏଫ୍‌ସି-୩୧ ଭାରିଆଣ୍ଟର ଏଭଳି ୪୦ଟି ଜେ-୩୫ ଏୟାରକ୍ରାଫ୍ଟ ଚାଇନାଠାରୁ କିଣିବ। ଏହି ଯୁଦ୍ଧବିମାନ ଚଳାଇବା ସକାଶେ ପାକିସ୍ତାନୀ ପାଇଲଟ୍‌ମାନେ ଗତ ୬ ମାସରୁ ଅଧିକ ସମୟ ଧରି ଚାଇନାରେ ତାଲିମ ନେଇଛନ୍ତି। ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଡ୍‌ଭାନ୍ସ ମିଡିୟମ୍ କମ୍ବାଟ ଏୟାରକ୍ରାଫ୍ଟ (ଏମ୍ଏମ୍‌ସିଏ) ଷ୍ଟିଲ୍‌ଥ ଫାଇଟର ୨୦୩୫ ମସିହାରେ ଆସିପାରେ ବୋଲି ଅନୁମାନ କରାଯାଉଥିବାବେଳେ ଏହାର ଦଶନ୍ଧି ପୂର୍ବରୁ ପାକିସ୍ତାନ ନିଜ ଚିର ସହଯୋଗୀ ଚାଇନାଠାରୁ ଜି-୩୫ ହାତେଇବା ଭାରତୀୟ ବାୟୁସେନା (ଆଇଏଏଫ୍) ପାଇଁ ଚିନ୍ତାର କାରଣ ହୋଇଛି। କାରଣ ଷ୍ଟିଲ୍‌ଥ ଟେକ୍ନୋଲୋଜି ସମ୍ପନ୍ନ ହାତଗଣତି ରାଷ୍ଟ୍ର ଗୋଷ୍ଠୀରେ ପାକିସ୍ତାନ ସାମିଲହେବାକୁ ଯାଉଛି।**



ନୂଆଦିଲ୍ଲୀ,୨୦।୬

ପାକିସ୍ତାନ ୪୦ଟି ଜେ-୩୫ ଫାଇଟର ଜେଟ୍ ସହ କେଜେ-୫୦୦ ଏୟାରବୋର୍ନ ଆର୍ଲି ୱାର୍ନିଂ ଆଣ୍ଡ୍ କଣ୍ଟ୍ରୋଲ ଏୟାରକ୍ରାଫ୍ଟ ଏବଂ ଏଚ୍‌କ୍ୟୁ-୧୯ ବାଲିଷ୍ଟିକ୍ ମିଶାଇଲ୍ ସିଷ୍ଟମ୍ସ କିଣିବାକୁ ଯାଉଛି ବୋଲି ସେଠାକାର ସରକାର ଚଳିତମାସରେ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଭାରତରେ ହଇଚଇ ସୃଷ୍ଟି ହୋଇଛି। ଚାଇନା ପଞ୍ଚମ ପିଢ଼ିର ୪୦ ଶେନ୍‌ୟାଙ୍ଗ୍ ଜେ-୩୫ ପାକିସ୍ତାନକୁ ଦେବାକୁ ଯାଉଥିବାରୁ ଭାରତୀୟ ବାୟୁସେନାର ଅନେକ ଭେଟେରାନ୍ ଚିନ୍ତା ବ୍ୟକ୍ତ କରିଛନ୍ତି। ବ୍ଲୁମ୍‌ବର୍ଗରେ ପ୍ରକାଶିତ ରିପୋର୍ଟ ଅନୁସାରେ ଚାଇନା ପକ୍ଷରୁ ପାକିସ୍ତାନକୁ ପ୍ରଥମ ଥର ପଞ୍ଚମ ପିଢ଼ିର ଅତ୍ୟାଧୁନିକ ଷ୍ଟିଲ୍‌ଥ ଫିଚର ଥିବା ଜେଟ୍ ଜେ-୩୫ ବିକ୍ରି କରାଯିବ। ଏହି ଜେଟ୍ ଶେନ୍‌ୟାଙ୍ଗ୍ ଏୟାରକ୍ରାଫ୍ଟ କର୍ପୋରେଶନ୍ ପକ୍ଷରୁ ବିକଶିତ କରାଯାଇଛି, ଯାହାକି ୨୦୨୪ରେ ଝୁହାଇ ଏୟାରଶୋ' ବେଳେ ପ୍ରଦର୍ଶନ କରାଯାଇଥିଲା। ଚାଇନା ସରକାରଙ୍କ ମୁଖପତ୍ର ଗ୍ଲୋବାଲ ଟାଇମ୍ସ ଜେ-୩୫କୁ ଆମେରିକାର ଏଫ୍-୩୫ ସହ ତୁଳନା କରିଛି। ପାକିସ୍ତାନ ନିକଟରେ ପୂର୍ବରୁ ୨୦ଟି ଚାଇନିଜ୍ ଜେ-୧୦ସି ଏବଂ ଜେଏଫ୍-୧୭ ଫାଇଟର୍ସ ରହିଥିବାବେଳେ ଚଳିତବର୍ଷ ଶେଷ ଆଡ଼କୁ ଷ୍ଟିଲ୍‌ଥ ଫାଇଟର ଜେଟ୍ ଅପରେଟିଂର ଏଲିଟ୍ କ୍ଲବ୍‌ରେ ଏହା ସାମିଲ ହେବାକୁ ଯାଉଛି।

ପୂର୍ବତନ ଆଇଏଏଫ୍ ଫାଇଟର ପାଇଲଟ୍ ତଥା ପ୍ରତିରକ୍ଷା ବିଶେଷଜ୍ଞ ଗ୍ରୁପ୍ କ୍ୟାପ୍ଟେନ୍ (ଅବସରପ୍ରାପ୍ତ) ଅଜୟ ଅହଲୱାଡ୍ ଏନେଇ କହିଛନ୍ତି, ଏହି ଘଟଣାକ୍ରମକୁ ନେଇ ବିସ୍ମିତ ହେବାର ନାହିଁ। କାରଣ ପାକିସ୍ତାନ ମନୋନୀତ ପାଇଲଟମାନେ ଚାଇନାରେ ୬ ମାସରୁ ଅଧିକ ସମୟ ଧରି ତାଲିମ ନେଉଛନ୍ତି। ପାକିସ୍ତାନୀ ବାୟୁସେନାରେ ଜେ-୩୫କୁ ସାମିଲ କରାଯିବା ପୂର୍ବରୁ ସେମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଛି। ଏହାର ଏଫ୍‌ସି-୩୧ ଭର୍ସନ ଜେ-୩୫ଠାରୁ ସାମାନ୍ୟ କମ୍ ସାମର୍ଥ୍ୟ ବହନ କରିଥାଏ। କେହି ସମ୍ପୂର୍ଣ୍ଣ ଭର୍ସନ ଦେଇ ନ ଥାନ୍ତି। ତେବେ ଏହା ଭାରତ ପାଇଁ ଚିନ୍ତାଜନକ ଖବର। ସ୍ୱାଧୀନତା ପରଠୁ ପାକିସ୍ତାନଠାରୁ ଆଗରେ ରହିବା ପାଇଁ ଯୁଦ୍ଧବିମାନ କିଣିବାରେ ଆମକୁ ଅନେକ ଲଢ଼େଇ କରିବାକୁ ପଡ଼ିଛି। ସେହିପରି ଏୟାର ମାର୍ଶାଲ (ଅବସରପ୍ରାପ୍ତ) ସଞ୍ଜୀବ କପୁର ମଧ୍ୟ ଏହି ଚ୍ୟାଲେଞ୍ଜକୁ ସ୍ୱୀକାର କରି କହିଛନ୍ତି, ଭାରତକୁ ନିଜସ୍ୱ ପ୍ଲାଟ୍‌ଫର୍ମରେ ନିର୍ମିତ ଯୁଦ୍ଧବିମାନ ଆବଶ୍ୟକ। ଆଇଏଏଫ୍‌କୁ ଏଏମ୍‌ସିଏ ସାମିଲ କରିବାପାଇଁ ଅନ୍ୟୁନ ୯ରୁ ୧୦ ବର୍ଷ ଲାଗିପାରେ। ଚାଇନାର ନୂଆ ଷ୍ଟିଲ୍‌ଥ ଫାଇଟରକୁ ଏକ 'ବ୍ଲାକ୍ ବକ୍ସ' ରୂପେ ବିବେଚନା କରାଯାଉଛି। କାରଣ ଏହାର ସାମର୍ଥ୍ୟ ସମ୍ପର୍କରେ ବିଶେଷ ତଥ୍ୟ ହସ୍ତଗତ ହୋଇନାହିଁ। ତେବେ ଏହାର ପ୍ରଦର୍ଶନକୁ ୟୁଏସ୍‌ର ଏଫ୍-୩୫ ସହ ସମତୁଲ୍ୟ ବୋଲି ମନେକରାଯାଏ। ଏପରି କି କେତେକେ ଏହାକୁ ଆମେରିକୀୟ ଜେଟ୍ ତୁଳନାରେ ଅଧିକ ତୀବ୍ରତର ବୋଲି କହୁଛନ୍ତି। ଜେ-୩୫ର ଦୁଇଟି ଭାରିଆଣ୍ଟ ରହିଛି। ଗୋଟିଏ ନୌସେନା ପାଇଁ ଉଦ୍ଦିଷ୍ଟ ଓ ଅନ୍ୟଟିକୁ ପାରମ୍ପରିକ ଗ୍ରାଉଣ୍ଡ-ବେସ୍‌ଡ ଅପରେଶନ୍ ଓ ଏକ୍ସପୋର୍ଟ ନିମନ୍ତେ ଡିଜାଇନ୍ କରାଯାଇଛି। ପାକିସ୍ତାନ ଦ୍ୱିତୀୟ ଭାରିଆଣ୍ଟର ଜେଟ୍ ପାଇବାକୁ ଯାଉଛି। ଏଥିରେ ଥିବା ଇନ୍‌ଫ୍ରାରେଡ୍ ସର୍ଚ୍ଚ-ଆଣ୍ଡ-ଟ୍ରାକ୍ ସିଷ୍ଟମ୍ ଯୋଗୁ ଜେ-୩୫କୁ ଆମେରିକୀୟ ଏଫ୍-୩୫ ଏବଂ ରୁଷୀୟ ଏସ୍‌ୟୁ-୫୭ ସହ ତୁଳନା କରାଯାଇଥାଏ।

## ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି ମାମଲା

### ସିସୋଡିଆଙ୍କୁ ଏସିବିର ୩ ଘଣ୍ଟା ଜେରା

ନୂଆଦିଲ୍ଲୀ,୨୦।୬(ପି.ଟି.)

ସରକାରୀ ସ୍କୁଲଗୁଡ଼ିକର ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି ଅଭିଯୋଗରେ ଦୁର୍ନୀତି ନିବାରଣ ବିଭାଗ (ଏସିବି) ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଶୁକ୍ରବାର ୩ ଘଣ୍ଟା ଜେରା କରିଛି। ବହୁ କୋଟି ଟଙ୍କାର ଶ୍ରେଣୀଗୃହ ନିର୍ମାଣ ଦୁର୍ନୀତି ମାମଲାରେ ଏସିବି ଆପ୍ ନେତା ସିସୋଡିଆ ଏବଂ ସତ୍ୟେନ୍ଦ୍ର ଜୈନଙ୍କୁ ସମନ କରିଥିଲା। ଗତ ୬ ତାରିଖରେ ଜୈନ ଏସିବି ଆଗରେ ହାଜର ହୋଇଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସିସୋଡିଆ ଏଜେନ୍ସି ନିକଟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଥିବା ଏସିବି ଯୁଗ୍ମ ପୋଲିସ କମିଶନର ମଧୁର ବର୍ମା କହିଛନ୍ତି। ସାକ୍ଷୀମାନଙ୍କ ଉପସ୍ଥିତିରେ ତାଙ୍କୁ ଜେରା କରାଯାଇ ବୟାନ ରେକର୍ଡ କରାଯାଇଛି। ସୂଚନାଯୋଗ୍ୟ, ଦିଲ୍ଲୀର ସରକାରୀ ସ୍କୁଲ୍‌ଗୁଡ଼ିକରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଶ୍ରେଣୀଗୃହ ନିର୍ମାଣ ଲାଗି ୨,୦୦୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ଆଧାରରେ ଏସିବି ଗତ ଏପ୍ରିଲ ୩୦ରେ ଏତଲା ଦାଏର କରିଥିଲା।



ଇରାନ୍ ଉପରେ ଇସ୍ରାଏଲ ଆକ୍ରମଣରେ ନିହତ ରିଭୋଲ୍ୟୁଶନାରି ଗାର୍ଡ ଏରୋସ୍ପେସ୍ ଡିଭିଜନ୍ କମାଣ୍ଡର ଜେନେରାଲ ଆମିର ଅଲୀ ହାଜିଜାଦେହଙ୍କ ଫଟୋ ଧରି ଶୁକ୍ରବାର ତେହରାନ୍‌ରେ ସମୂହ ନମାଜ ପାଠ ପରେ ବିକ୍ଷୋଭ କରୁଛନ୍ତି ଇରାନୀୟ।

## ବିହାର ଦୁଃସ୍ଥିତି ପାଇଁ ଆର୍‌ଜେଡି-କଂଗ୍ରେସକୁ ମୋଦିଙ୍କ ସମାଲୋଚନା

ପାଟନା,୨୦।୬

ବିହାରର ଶୋଚନୀୟ ସ୍ଥିତି ପାଇଁ ବିରୋଧୀ ଦଳ ଆର୍‌ଜେଡି ଏବଂ କଂଗ୍ରେସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କଡ଼ା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ରାଜ୍ୟକୁ ଉନ୍ନତ ସ୍ଥିତିକୁ ଆଣିବା ସହ ଏହାକୁ 'ମେକ୍ ଇନ୍ ଇଣ୍ଡିଆ'ର ଏକ ବଡ଼ କେନ୍ଦ୍ରରେ ପରିଣତ କରିବାକୁ ଯାଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସିୱାନ ଜିଲାରେ ଏକ ରାଲିକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଆର୍‌ଜେଡି ଏବଂ କଂଗ୍ରେସ ବିହାରକୁ ଜଙ୍ଗଲ ରାଜ୍ ମଧ୍ୟକୁ ଠେଲିଦେଇଥିଲେ। ସେମାନଙ୍କ ଶାସନରେ ରାଜ୍ୟରେ ଆଇନ ନ ଥିଲାବେଳେ ଦାରିଦ୍ର୍ୟ ଓ ଆପ୍ରବାସନ ବଢ଼ିଥିଲା। ଜନସାଧାରଣ ଉକ୍ତ ଅନ୍ଧକାର ଯୁଗରୁ ରାଜ୍ୟକୁ ମୁକ୍ତ କରିବା ପାଇଁ ଏନ୍‌ଡିଏକୁ ସୁଯୋଗ ଦେଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ବାବା ସାହେବ ଭୀମରାଓ ଆମ୍ବେଡ୍‌କରଙ୍କୁ ଅପମାନିତ କରିଥିବା ଆର୍‌ଜେଡିକୁ ପ୍ରଧାନମନ୍ତ୍ରୀ ନିନ୍ଦା କରିବା ସହ ଦଳିତ ନେତାଙ୍କ ପ୍ରତି ଅପମାନକୁ ବିହାରବାସୀ ଆଦୌ ବରଦାସ୍ତ କରିବେ ନାହିଁ ବୋଲି କହିଛନ୍ତି।

ବିହାରରେ ୫,୯୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉନ୍ମୋଚନ କରିବା ସହ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ପାଖାପାଖି ୪୫ ମିନିଟ୍ ଭାଷଣ ଦେଇଥିଲେ। ଚଳିତ ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଆର୍‌ଜେଡି ନେତୃତ୍ୱାଧୀନ ବିରୋଧୀ ମେଣ୍ଟ ବିହାରର ଆର୍ଥିକ ସମ୍ବଳକୁ ପୁନଃ ଦଖଲ କରିବାକୁ ଉଦ୍ୟମ କରୁଥିବା ନେଇ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି। ସଭାରେ ମୁଖ୍ୟମନ୍ତ୍ରୀ ନୀତୀଶ ଏବଂ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ପ୍ରମୁଖ ଉପସ୍ଥିତ ଥିଲେ।



ସିୱାନରେ ରୋଡ୍ ଶୋ'ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ।

## ଇଂଲିଶ୍ ଲଜ୍ଜିତ ନୁହେଁ, ସଶକ୍ତ କରାଏ: ରାହୁଲ

ନୂଆଦିଲ୍ଲୀ,୨୦।୬(ପି.ଟି.)

ଇଂଲିଶ୍ ଶିକ୍ଷା ଗ୍ରହଣ କାହାକୁ ଲଜ୍ଜିତ କରାଏ ନାହିଁ, ବରଂ ସଶକ୍ତ କରାଏ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର କହିବା ସହ ପ୍ରତ୍ୟେକ ପିଲା ଇଂଲିଶ ପଢ଼ିବା ଜରୁରୀ ବୋଲି କହିଛନ୍ତି। ଗରିବ ପିଲା ଇଂଲିଶ ଶିକ୍ଷା ଗ୍ରହଣ କରନ୍ତୁ, ଏହା ଭାଜପା-ଆର୍‌ଏସ୍‌ଏସ୍ ଚାହାନ୍ତି ନାହିଁ। କାରଣ ସେମାନେ ପ୍ରଶ୍ନ କରନ୍ତୁ ଏବଂ ସମାନତା ହାସଲ କରନ୍ତୁ, ଏହା ଶାସନରେ ଥିବା ଦଳର ପସନ୍ଦ ନୁହେଁ ବୋଲି ରାହୁଲ ଅଭିଯୋଗ କରିଛନ୍ତି।



ରାହୁଲ ଗାନ୍ଧୀ

ଭାରତୀୟ ଭାଷା ରାଷ୍ଟ୍ର ପରିଚୟର ଆତ୍ମା ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର କହିବା ସହ ଦେଶରେ ଯେଉଁମାନେ ଇଂଲିଶରେ କଥା ହେଉଛନ୍ତି ସେମାନେ ଖୁବ୍‌ଶୀଘ୍ର ଲଜ୍ଜିତ ଅନୁଭବ କରିବେ ବୋଲି ସେ କହିଥିଲେ। ଏହାର ଜବାବରେ ରାହୁଲ ଏକ୍ସ'ରେ ଲେଖିଛନ୍ତି, ଇଂଲିଶ ଏକ ବନ୍ଧ ନୁହେଁ ଏହା ଏକ ବ୍ରିଜ୍। ଇଂଲିଶ ଲଜ୍ଜାଜନକ ନୁହେଁ, ଏହା ସଶକ୍ତ କରାଇଥାଏ। ଇଂଲିଶ ଏକ ଶୃଙ୍ଖଳ ନୁହେଁ, ବରଂ ଶୃଙ୍ଖଳ ଭାଙ୍ଗିବାର ଏକ ଉପକରଣ। ଆଜିର ଦୁନିଆରେ ମାତୃଭାଷା ଭଳି ଇଂଲିଶ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ନିଯୁକ୍ତି ପ୍ରଦାନ କରିବା ସହ ଆତ୍ମବିଶ୍ୱାସ ବଢ଼ାଇଥାଏ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ କହିଛନ୍ତି।

## ମିଶାଇଲ୍‌କୁ ଡରି ଭୂତଳ ରେଳଷ୍ଟେଶନରେ ଶୋଉଛନ୍ତି ଇସ୍ରାଏଲୀ

ରମତ୍ ଗନ୍(ଇସ୍ରାଏଲ୍),୨୦।୬

ଇରାନର ମିଶାଇଲ୍ ଆକ୍ରମଣକୁ ଡରି ଇସ୍ରାଏଲ୍‌ର ଜନସାଧାରଣ ଭୂତଳ ରେଳଷ୍ଟେଶନରେ ଶୋଉଥିବା ଜଣାପଡ଼ିଛି। ମିଶାଇଲ୍ ଆକ୍ରମଣ ଶବ୍ଦ ଓ ସାଇରନ ସତର୍କ ସୂଚନା ମିଳିବା ମାତ୍ରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଧାଇଁବାକୁ ପଡୁଥିଲା। ଭୂତଳ ରେଳଷ୍ଟେଶରେ ସେ ଚିନ୍ତା ନାହିଁ ବୋଲି ଆଜିଜା ମେଲେଟା ନାମ୍ନୀ ଜଣେ ୩୪ ବର୍ଷୀୟ ଇଭେଣ୍ଟ ପ୍ଲାନର କହିଛନ୍ତି। ସପ୍ତାହେ ପୂର୍ବରୁ ଇସ୍ରାଏଲ୍ ଇରାନ ଉପରେ ଏୟାରଷ୍ଟ୍ରାଇକ୍ ଆରମ୍ଭ କରିବା ପରେ ତେହରାନ୍ ପ୍ରତି ଆକ୍ରମଣ କରିଥିଲା। ମିଶାଇଲ୍ ଭୟରେ ଛୋଟ ପିଲା ଥିବା ପରିବାର, ବିଦେଶୀ ଶ୍ରମିକ ଓ ଯୁବ ପେସାଦାରମାନେ ସେମାନଙ୍କ ବିଛଣା, ସ୍ଲିପିଙ୍ଗ୍ ବ୍ୟାଗ୍, ସ୍ନାକ୍ସ ଧରି ପ୍ରତି ସନ୍ଧ୍ୟାରେ ଭୂତଳ ରେଳଷ୍ଟେଶନକୁ ପଳାଉଛନ୍ତି। ଗତ ୧୩ ତାରିଖରୁ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ତେହରାନର ଆଣବିକ ସ୍ଥଳ ଓ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିବାରୁ କେତେଜଣ ଶୀର୍ଷ ଜେନେରାଲ ଏବଂ ଆଣବିକ ବୈଜ୍ଞାନିକ ନିହତ ହୋଇଥିଲେ। ଇସ୍ରାଏଲ୍ ଆକ୍ରମଣରେ ଇରାନର ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨,୦୦୦ରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨୦୦ ସାଧାରଣ ଲୋକ ରହିଥିବା ୱାଶିଂଟନସ୍ଥିତ ଇରାନୀୟ ମାନବାଧିକାର ସଂଗଠନ କହିଛି। ଏହାର ଜବାବରେ ଇରାନ ୪୫୦ ମିଶାଇଲ୍ ଏବଂ ୧,୦୦୦ରୁ ଊର୍ଦ୍ଧ୍ୱ ଡ୍ରୋନ୍‌ରେ ଇସ୍ରାଏଲ୍‌କୁ ଆକ୍ରମଣ କରିଛି। ତେଲ୍ ଆଭିଭ୍‌ର ୪୦ରୁ ଊର୍ଦ୍ଧ୍ୱ ସ୍ଥାନରେ ତେହରାନ୍ ମିଶାଇଲ୍ ମାଡ଼ କରିଥିବାବେଳେ ଅନ୍ୟୁନ ୨୪ ଜଣ ନିହତ ହେବା ସହ ଶତାଧିକ ଆହତ ହୋଇଛନ୍ତି।

## ଏୟାରବସ୍‌ରେ ସୁରକ୍ଷା ପ୍ରୋଟୋକଲ୍ ଉଲ୍ଲଂଘନ ନେଇ ଏୟାର ଇଣ୍ଡିଆକୁ ସତର୍କ କରାଇଥିଲା ଡିଜିସିଏ

ନୂଆଦିଲ୍ଲୀ,୨୦।୬

ଅହମଦାବାଦରେ ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ଏହାର ୩ଟି ଏୟାରବସ୍ ବିମାନରେ ସୁରକ୍ଷା ପ୍ରୋଟୋକଲ୍‌ର ଉଲ୍ଲଂଘନ ହୋଇଥିବା ନେଇ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ସତର୍କ କରାଇଥିଲା। ବିମାନଗୁଡ଼ିକର ସୁରକ୍ଷା ଯାଞ୍ଚ ନ ହୋଇ ଉଡ଼ାଣ କରାଯାଉଥିଲା। ସରକାରୀ ଦସ୍ତାବିଜ୍‌ରୁ ଏହା ଜଣାପଡ଼ିଥିବା ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ସୁରକ୍ଷା ଯାଞ୍ଚ ଗୋଟିଏ ମାସରୁ ଅଧିକ ବିଳମ୍ବ ହୋଇଥିଲେ ମଧ୍ୟ ଏୟାରବସ୍ ଏ୩୨୦ ବିମାନ ଦୁବାଇ, ରିୟାଧ ଏବଂ ଜେଦାହକୁ ଉଡ଼ାଣ କରୁଥିଲା। ସେହିପରି ଘରୋଇ ରୁଟ୍‌ରେ ଉଡ଼ାଣ କରୁଥିବା ଏୟାରବସ୍ ଏ୩୧୯ରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଯାଞ୍ଚ ହୋଇ ନ ଥିଲାବେଳେ ତୃତୀୟ ବିମାନର ସୁରକ୍ଷା ଯାଞ୍ଚ ୨ ଦିନ ବିଳମ୍ବ ହୋଇଥିଲା। ତେଣୁ ମିଆଦ ପୂରିଥିବା କିମ୍ବା ଯାଞ୍ଚ ହୋଇ ନ ଥିବା ଜରୁରୀ ଉପକରଣ ସହ ବିମାନ ଚଳାଚଳ କରୁଥିଲା ବୋଲି ଉପରୋକ୍ତ ଘଟଣାରୁ ସ୍ପଷ୍ଟ ହୋଇଛି। ଏହା ମାନକ ଉଡ଼ାଣ ଯୋଗ୍ୟତା ଓ ନିରାପତ୍ତାର ଉଲ୍ଲଂଘନ ବୋଲି ଡିଜିସିଏ ରିପୋର୍ଟରେ କୁହାଯାଇଛି।

### ଏୟାର ଇଣ୍ଡିଆ ବୁକିଂ ୨୦% ହ୍ରାସ




ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଗତ ୧୨ ତାରିଖରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଉକ୍ତ ଏୟାରଲାଇନ୍ସର ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ରୁଟ୍‌ରେ ବୁକିଂ ପ୍ରାୟ ୨୦ ପ୍ରତିଶତ କମିଥିବା ଜଣାପଡ଼ିଛି। ଇଣ୍ଡିଆନ୍ ଆସୋସିଏଶନ ଅଫ୍ ଟୁର୍ ଅପରେଟର୍ସ (ଆଇଏଟିଓ) ଅଧ୍ୟକ୍ଷ ରବି ଗୋସାଇଁଙ୍କ କହିବା ଅନୁଯାୟୀ, ଅନ୍ତର୍ଜାତୀୟ ବିଭାଗରେ ଟିକେଟ ବୁକିଂ ୧୮ରୁ ୨୨% ହ୍ରାସ ପାଇଥିବାବେଳେ ଘରୋଇ ରୁଟ୍‌ରେ ୧୦ରୁ ୧୨ ପ୍ରତିଶତ ହ୍ରାସ ପାଇଛି। ପରିଚାଳନାଗତ କାରଣରୁ ଅନେକ ଅନ୍ତର୍ଜାତୀୟ ଓ ଘରୋଇ ବିମାନ ଚଳାଚଳ ବାତିଲ କରାଗଲାଣି। ଏୟାର ଇଣ୍ଡିଆ ବିଭିନ୍ନ ଘରୋଇ ରୁଟ୍‌ରେ ଏହାର ବିମାନ ଭଡ଼ା ୮ରୁ ୧୨ ପ୍ରତିଶତ ହ୍ରାସ କରିଛି। ସେହିପରି ୟୁରୋପ ଏବଂ ଦକ୍ଷିଣପୂର୍ବ ଏସିଆକୁ ଯାଉଥିବା ଏୟାର ଇଣ୍ଡିଆ ବିମାନର ଟିକେଟ ମୂଲ୍ୟ ୧୦ରୁ ୧୫ ପ୍ରତିଶତ ହ୍ରାସ ପାଇଛି।

### ଦିଲ୍ଲୀ-ପୁଣେ ବିମାନ ଉଡ଼ାଣ ପକ୍ଷୀ ମାଡ଼ ଯୋଗୁ ରଦ୍ଦ

**ଦିନକରେ ୯ ଏୟାର ଇଣ୍ଡିଆ ବିମାନ ବାତିଲ**

ନୂଆଦିଲ୍ଲୀ,୨୦।୬

ଏୟାର ଇଣ୍ଡିଆର ମୋଟ ୯ଟି ବିମାନର ଉଡ଼ାଣକୁ ଶୁକ୍ରବାର ବାତିଲ କରାଯାଇଛି। ଦିଲ୍ଲୀରୁ ପୁଣେ ଯାଉଥିବା ବିମାନ ଏଆଇ୨୪୭୦ରେ ପକ୍ଷୀ ମାଡ଼ ହେବାରୁ ଏହାର ଫେରନ୍ତା ଉଡ଼ାଣକୁ ବାତିଲ କରିଦିଆଯାଇଛି। ଏହା ବ୍ୟତୀତ ପରିଚାଳନାଗତ କାରଣ ପାଇଁ ୪ଟି ଅନ୍ତର୍ଜାତୀୟ ବିମାନ ସମେତ ୮ଟି ବିମାନର ଉଡ଼ାଣକୁ ବନ୍ଦ କରାଯାଇଛି। ବାତିଲ ହୋଇଥିବା ଘରୋଇ ରୁଟ୍‌ର ଅନ୍ୟ ବିମାନ ମଧ୍ୟରେ ପୁଣେରୁ ଦିଲ୍ଲୀ ଏଆଇ୮୭୪, ଅହମଦାବାଦରୁ ଦିଲ୍ଲୀ ଏଆଇ୪୫୬, ହାଇଦ୍ରାବାଦରୁ ମୁମ୍ବାଇ ଏଆଇ୨୮୭୨ ଏବଂ ଚେନ୍ନାଇରୁ ମୁମ୍ବାଇ ଏଆଇ୫୭୧ ରହିଛି।

## ଝାଳ ବୁହାଉଛନ୍ତି ସଲମାନ



ମୁମ୍ବାଇ

ବଲିଉଡର ଭାଇଜାନ୍ ସଲମାନ ଖାନ୍ ନିଜର ଅପକମିଂ ଫିଲ୍ମ ପାଇଁ ଏବେ ଭାରି ବ୍ୟସ୍ତ। ଏଥିପାଇଁ ସେ ଝାଳ ବୁହାଉଛନ୍ତି। ଗଲୱାନ ଘାଟି ଉପରେ ନିର୍ମାଣ ହେଉଥିବା ଫିଲ୍ମରେ ସେ ମୁଖ୍ୟ ଭୂମିକାରେ ନଜର ଆସିବେ, ଯେଉଁଥିରେ ତାଙ୍କ ଚରିତ୍ର ଜଣେ ଆର୍ମୀ ଅଫିସର ଭାବେ ରହିବ। ଦିନରାତି ଏକକରି ସେ ଏବେ ଏହାର ପ୍ରସ୍ତୁତିରେ ବ୍ୟସ୍ତ।

ସଲମାନଙ୍କ ଫିଲ୍ମର କାହାଣୀ ବହୁଳ ବିକ୍ରି ହୋଇଥିବା ପୁସ୍ତକ 'ଇଣ୍ଡିଆଜ ମୋଷ୍ଟ ଫିଅରଲେସ୍' ଉପରେ ପର୍ଯ୍ୟବଶିତ। ବୟସ ଅଧିକ ହୋଇଥିବା ହେତୁ ସେ ନିଜର ଦୈନିକ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିଛନ୍ତି। ସେ ନିଜକୁ ପତଳା କରିବାକୁ ଜିମ୍‌ରେ ଅଧିକ ସମୟ ଦେଉଛନ୍ତି। ଜୁଲାଇରୁ ଫିଲ୍ମର ଶୁଟିଂ ଆରମ୍ଭ ହୋଇପାରେ। ଏହାର ପ୍ରଥମ ସିଡ୍ୟୁଲ ଲଦାଖରେ ଓ ପରେ ମୁମ୍ବାଇରେ ଶୁଟିଂ ହେବ। ଏହାର ଟାଇଟଲ ଫାଇନାଲ ହୋଇ ନ ଥିବା ବେଳେ ଆଗାମୀ ଦିନରେ ତାହା ଜଣାଇ ଦିଆଯିବ। ଭାଇଜାନ୍‌ଙ୍କ ପ୍ରଶଂସକମାନେ ଏହି ଖବର ପାଇବା ପରେ ବେଶ୍ ଉତ୍ସାହିତ ହୋଇଛନ୍ତି।

# ଅଭିଯୁକ୍ତଙ୍କୁ ଚିହ୍ନଟ କଲେ ପୀଡ଼ିତା

## ଗୋପାଳପୁର ଗଣବଳାତ୍କାର: ଟିଆଇ ପରେଡ୍

ବ୍ରହ୍ମପୁର,୨୦।୬ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ଏହି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଶୁକ୍ରବାର ଟିଆଇ ପରେଡ୍‌ରେ ପୀଡ଼ିତା ଚିହ୍ନଟ କରିଛନ୍ତି। ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚ ଏ ନେଇ ଅଧିକ ତଥ୍ୟ ଦେବାକୁ ମନା କରିଛି। ପୀଡ଼ିତା ଓ ତାଙ୍କ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି। ପୀଡ଼ିତାଙ୍କ ମନୋବଳ ବଢ଼ାଇବା ପାଇଁ ତାଙ୍କର କାଉନସେଲିଂ କରାଯାଉଥିବା ଜଣାପଡ଼ିଛି।

ବେଳାଭୂମିରେ ଗତ ୧୫ ତାରିଖରେ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଗୋପାଳପୁର ଥାନାରେ ପୀଡ଼ିତାଙ୍କ ଅଭିଯୋଗ ପ୍ରକାରେ ପୋଲିସ ୧୭ ତାରିଖରେ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା। ୧୮ ତାରିଖରୁ କ୍ରାଇମବ୍ରାଞ୍ଚ ଉକ୍ତ ମାମଲାର ତଦନ୍ତ କରୁଛି। ଜେଲରେ ଥିବା ଅଭିଯୁକ୍ତମାନଙ୍କୁ ଚିହ୍ନଟ ପାଇଁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏଲ୍‌ଆର୍ ଆଣ୍ଡ ଏଲ୍‌ଟିଭି) ଅନ୍ୱେଷା ଦାଶଙ୍କ କୋର୍ଟରେ ଆବେଦନ କରିଥିବା ବେଳେ ତାହା ମଞ୍ଜୁର ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ଟିଆଇ ପରେଡ୍ ପାଇଁ ଶୁକ୍ରବାର ଜେଲ ପରିସରରେ ଥିବା ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଭିଯୁକ୍ତମାନଙ୍କୁ ହାଜର କରାଯାଇଥିଲା। ପୀଡ଼ିତା ସେଠାରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛନ୍ତି। ଅନ୍ୟପଟେ ଘଟଣା ପରେ ପୋଲିସ ଜବତ କରିଥିବା ବିଭିନ୍ନ ସାମଗ୍ରୀ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିବା ବେଳେ ଉକ୍ତ ଟିମ ସେଗୁଡ଼ିକ ସିଏସ୍‌ଆଇ ପୋଲିସ ଜରିଆରେ ଶୁକ୍ରବାର କୋର୍ଟରେ ଦାଖଲ କରିଛି।

# ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର

## ସ୍କୁଲ ଶିକ୍ଷକ ଗିରଫ

ଭୁବନେଶ୍ୱର,୨୦।୬ (ସତ୍ୟଜିତ୍ ରାଉତ)


ଗିରଫ ଅଭିଯୁକ୍ତ ଜଗତ ସେବକ ବାଇ ଓରଫ ବାପୁନି।

ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିବା ଅଭିଯୋଗରେ ସ୍କୁଲ ଶିକ୍ଷକଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାରରେ ରହୁଥିବା କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ନୀଳକଣ୍ଠପୁରର ଜଗତ ସେବକ ବାଇ ଓରଫ ବାପୁନି (୨୮)। ଶୁକ୍ରବାର କୋର୍ଟଚାଲାଣ ପରେ ଅଭିଯୁକ୍ତ ବାପୁନିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ପୀଡିତା ଛାତ୍ରୀ ଜଣକ ସ୍ଥାନୀୟ ଅଞ୍ଚଳର ଏକ ବେସରକାରୀ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ବେଳେ ବାପୁନି ତାଙ୍କ ଶିକ୍ଷକ ଥିଲେ। ନାବାଳିକାଙ୍କୁ ବାପୁନି ପ୍ରେମ ଜାଲରେ ଫସାଇଥିଲେ। ଜୁନ ୭ ଅପରାହ୍ନରେ ଛାତ୍ରୀ ଜଣକ କୋଚିଂ କ୍ଲାସ ଯିବାକୁ କହି ଘରୁ ବାହାରିଥିଲେ। ପରେ ସେ ବାପୁନିଙ୍କ ମୋବାଇଲରୁ କୋଚିଂ କ୍ଲାସ ଶିକ୍ଷକଙ୍କୁ କଲ୍ କରି ମା'ଙ୍କ ସହ ମାର୍କେଟ ଯାଉଥିବା କହିଥିଲେ। ନାବାଳିକାଙ୍କୁ ବାପୁନି ବାଇକରେ କେନ୍ଦ୍ରପଡାସ୍ଥିତ ଗାଁକୁ ନେଇ ସମ୍ପର୍କୀୟଙ୍କ ଘରେ ରହିଥିଲେ। ସେଠାରେ ରହଣୀ ବେଳେ ଛାତ୍ରୀଙ୍କ ସହ ବାପୁନି ଶାରିରୀକ ସମ୍ପର୍କ ରଖିଥିଲେ। ପରେ ବାପୁନି ଛାତ୍ରୀଙ୍କୁ ନେଇ ପୁରୀ ଯାଇଥିଲେ। ସେଠାରୁ ଟ୍ରେନ୍ ଯୋଗେ ପୀଡିତାଙ୍କୁ ନେଇ ଗୁଜରାଟରେ ରହୁଥିବା ଭଉଣୀ ପାଖକୁ ପଳାଇଥିଲେ। ପରେ ବାପୁନିଙ୍କ ପରିବାର ସଦସ୍ୟ ଗୁଜରାଟ ଯାଇ ଉଭୟଙ୍କୁ ଗାଁକୁ ଆଣିଥିଲେ। ଏଥିସହ ପୋଲିସ କେନ୍ଦ୍ରାପଡାରୁ ବାପୁନିଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏନେଇ ଛାତ୍ରୀଙ୍କ ମା'ଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୨୫୯/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ସାଙ୍ଗ ଜନ୍ମଦିନକୁ ଡାକି ନେଇ ଯୁବକଙ୍କୁ ହତ୍ୟା

କବିସୂର୍ଯ୍ୟନଗର,୨୦।୬(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ଗୁରୁବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସାଙ୍ଗ ଜନ୍ମଦିନ ପାଳନରେ ସାମିଲ ହେବାକୁ ଡାକିନେଇ ଜଣେ ଯୁବକଙ୍କୁ ପଥର ଛେଚି ହତ୍ୟା କରାଯାଇଛି। ମୃତକ ହେଲେ କବିସୂର୍ଯ୍ୟନଗର ଆଠଗଡ଼ ପାଟଣାର ସାଗର ନାହାକ (୨୨)। ତେବେ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ଜଣାପଡ଼ିନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ଆଠଗଡ଼ ପାଟଣା ବାଉରୀ ସାହିର ଉପେନ୍ଦ୍ର ନାହାକଙ୍କ ଏକମାତ୍ର ପୁଅ ସାଗର। ଗୁରୁବାର ଅପରାହ୍ନରେ ଜଣେ ସାଙ୍ଗର ଜନ୍ମଦିନ ପାଳନ କରିବା ପାଇଁ ସାଗରଙ୍କୁ ଅନ୍ୟ ୨ଜଣ ସାଙ୍ଗ ଆସି ଘରୁ ଡାକି ନେଇଥିଲେ। ସାଗର ଘରୁ ବାହାରିବା ବେଳେ ତାଙ୍କ ଭଉଣୀଙ୍କୁ ୫୦ଟଙ୍କା ମାଗିଥିଲେ। ଭଉଣୀ ୩୯ ଟଙ୍କା ଦେଇଥିଲେ। ସାଗର ତାହାକୁ ନେଇ ୨ ସାଙ୍ଗଙ୍କ ସହ ତାଲିଆମାପଲ୍ଲୀ ଯାଇ ସେଠାରେ ଜନ୍ମଦିନ ପାଳନରେ ସାମିଲ ହୋଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ଜରଡ଼ ଛକରେ ଥିବା ଏକ ଗଛ ମୂଳେ ସାଗର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ନେଇ ଘର ଲୋକଙ୍କୁ ଫୋନ କଲ ଆସିଥିଲା। ପରିବାର ଲୋକେ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ମେଡିକାଲକୁ ନେଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାଗରଙ୍କ ମୁଣ୍ଡ ଓ ଛାତିକୁ ପଥରରେ ଛେଚା ଯାଇଥିବା ଦେଖାଯାଇଥିଲା। ଏ ନେଇ ତାଙ୍କ ବାପା ଉପେନ୍ଦ୍ର ନାହାକଙ୍କ ଏତଲା ପ୍ରକାରେ ପୋଲିସ ନଂ. ୪୩୬/୨୫ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମା', ବାପା ଓ ୪ ଭଉଣୀଙ୍କ କାନ୍ଦରେ ସାହି ଫାଟି ପଡୁଛି।

# ବାପାଙ୍କୁ ବନ୍ଧୁକ ଦେଖାଇ ଧମକ

## ଅଭିଯୁକ୍ତ ପୁଅ ଗିରଫ, ବନ୍ଧୁକ ସହ ଗୁଳି ଜବତ

ଭୁବନେଶ୍ୱର,୨୦।୬ (ସତ୍ୟଜିତ୍ ରାଉତ)


ଗିରଫ ଅଭିଯୁକ୍ତ ସୋହମ ଓ ଜବତ ବନ୍ଧୁକ, ଗୁଳି।

ପାରିବାରିକ ବିବାଦକୁ କେନ୍ଦ୍ର କରି ବାପାଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଛନ୍ତି ପୁଅ। ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ନୂଆସାହିର ସୋହମ ଶ୍ରୀ ପାତ୍ର (୨୧)। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ୨ଟି ଗୁଳି ଜବତ ହୋଇଛି। ଶୁକ୍ରବାର କୋର୍ଟଚାଲାଣ ପରେ ସୋହମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ତଥା ଅଭିଯୁକ୍ତଙ୍କ ବାପା ମହେଶ୍ୱର ସ୍ତ୍ରୀ ଓ ପୁଅଙ୍କ ସହ ନୂଆସାହିରେ ରୁହନ୍ତି। ବିଭିନ୍ନ କାରଣକୁ ନେଇ ମହେଶ୍ୱର ଓ ସ୍ତ୍ରୀଙ୍କ ମଧ୍ୟରେ ବହୁ ସମୟରେ ଝଗଡା ହେଉଥିଲା। ଏହାକୁ ନେଇ ସୋହମ ତାଙ୍କ ବାପାଙ୍କୁ ବିରୋଧ କରିଆସୁଥିଲେ। ଗୁରୁବାର ରାତି ପ୍ରାୟ ୧୧ଟା ବେଳେ ପାରିବାରିକ ବିବାଦକୁ କେନ୍ଦ୍ର କରି ସୋହମଙ୍କୁ ମହେଶ୍ୱର ଗାଳି କରିଥିଲେ। ଏହି ସମୟରେ ସୋହମ ତାଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ମାମଲା (ନଂ.୨୯୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ୨ ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୨୦।୬(ମାନସ ମହାନ୍ତି)


ଜବତ ଲୁହାପଥର ବୋଝେଇ ଟ୍ରକ୍।

କେନ୍ଦୁଝର ଜିଲା ଯୋଡ଼ା ପୋଲିସ ଲୁହାପଥର ଚୋରାଚାଲଣ ବେଳେ ଚଢ଼ାଉକରି ୨ ଟ୍ରକ୍ ଜବତ କରିଛି। ଅନ୍ଧାରର ସୁଯୋଗ ନେଇ ଖଣିଜ ଚୋର ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ପୋଲିସ ୨ ଖଣିଜ ବୋଝେଇ ଟ୍ରକ୍‌କୁ ଥାନାକୁ ଆଣି ତଦନ୍ତ ଚଳାଇଛି। ବନ ବିଭାଗ, ପୋଲିସ, ଖଣି ବିଭାଗ, ରେଳ ବାଇର ସମନ୍ୱୟ ଅଭାବରୁ ଖଣି ଚୋରି ବୃଦ୍ଧି ପାଉଥିବା କୁହାଯାଉଛି।

ସୂଚନା ମୁତାବକ, ଥାନା ଅନ୍ତର୍ଗତ ବାଂଶପାଣି ଚାନ୍ଦ ଗ୍ୟାରେଜ ପଛ ପାର୍ଶ୍ୱରେ ଗଚ୍ଛିତ ଥିବା ଗୁଣ୍ଡ ଲୁହାପଥର ଟ୍ରକ୍ ଯୋଗେ ଚୋରାଚାଲାଣ ହେଉଥିଲା। ପୋଲିସ ଖବର ପାଇ ଶୁକ୍ରବାର ଭୋର ସମୟରେ ଅତର୍କିତ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଗୁଣ୍ଡ ଲୁହାପଥର ବୋଝେଇ ହୋଇଥିବା ୨ ଟ୍ରକ୍ (ଓଆର୍ ୦୧ ଜିକେ ୧୦୯୦ ଓ ଡବ୍ଲ୍ୟୁବି ୫୧ ସି ୬୭୪୩) ଜବତ କରିଥିଲା। ଅନ୍ଧାରର ସୁଯୋଗ ନେଇ ଖଣିଜ ଚୋରଚାଲାଣରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ଜବତ ଟ୍ରକ୍ ଦ୍ୱୟରେ ପ୍ରାୟ ୧୦୦ ମେଟ୍ରିକ ଟନ୍‌ରୁ ଊର୍ଦ୍ଧ୍ୱ ଖଣିଜ ବୋଝେଇ ହୋଇଥିବା ପୋଲିସ ସୂଚନା ଦେଇଛି। ଏ ନେଇ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ବାଂଶପାଣି, ଜୁରୁଡି, ନୟାଗଡ଼ ପ୍ରଭୃତି ଖଣି ସଂଲଗ୍ନ ଅଞ୍ଚଳରେ ପ୍ରାୟ ଶହେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଦାବିଦାର ନ ଥିବା ଲୁହାପଥର ପଡ଼ିରହିଛି। ଏହାକୁ ସୁରକ୍ଷିତ ରଖାଯାଉ ନାହିଁ କି ଜଗୁଆଳି ମଧ୍ୟ ନିୟୋଜିତ କରାଯାଉନାହିଁ। ତେବେ ଏହି ଲୁହାପଥରକୁ ଖଣି ବିଭାଗ କଷ୍ଟୋଡିଆନ ଦାୟିତ୍ୱରେ ରଖିଥିବା ସଂସ୍ଥାଙ୍କୁ ମଧ୍ୟ ଯାଞ୍ଚର ପରିଧିକୁ ନେଉନାହିଁ। ଫଳରେ ଚୋରା କାରବାର ବଢ଼ୁଛି। ବିଗତ ୩ ମାସ ମଧ୍ୟରେ ବନ ବିଭାଗ, ପୋଲିସ ୧ ଡଜନରୁ ଅଧିକ ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ କରିସାରିଲାଣି।

## Business

# ସ୍କ୍ରାପ୍ କଳାକୃତି ପ୍ରତିଯୋଗିତାରେ ବେଦାନ୍ତ ଲାଞ୍ଜିଗଡ଼ ଚାମ୍ପିୟନ

ଭୁବନେଶ୍ୱର,୨୦।୬: (ଅଭୟ ଦାଶ)



ବେଦାନ୍ତ ଆଲୁମିନିୟମର ଲାଞ୍ଜିଗଡ଼ ୟୁନିଟ୍ ସ୍କ୍ରାପ୍ କଳାକୃତି ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। ଏପରିକି ଶିଳ୍ପସଂସ୍ଥାରୁ ବାହାରୁଥିବା ସ୍କ୍ରାପ୍‌କୁ ଆକର୍ଷଣୀୟ କଳାକୃତିରେ ପରିଣତ କରିବା ପାଇଁ ନିକଟରେ ଏକ ଅନନ୍ୟ ସ୍କ୍ରାପ୍ ଆର୍ଟ ଚମତ୍କାରକ ପ୍ରତିଯୋଗିତା ଆୟୋଜନ କରିଥିଲା। ବିଶେଷକରି ନବସୃଜନ, ସ୍ଥିରତା ଏବଂ ଦଳଗତ କାର୍ଯ୍ୟର ଏହି ଜୀବନ୍ତ ଉତ୍ସବ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରଙ୍କୁ ନେଇ ଆୟୋଜିତ ହୋଇଥିବାବେଳେ ପ୍ରତ୍ୟେକ ବିଭାଗୀୟ ମୁଖ୍ୟଙ୍କ ନେତୃତ୍ୱରେ କଳ୍ପନା ଏବଂ ସହଯୋଗର ଉତ୍ସାହୀ ପ୍ରଦର୍ଶନରେ ପରିଣତ ହୋଇଥିଲା। ସେହିଭଳି କର୍ମସ୍ଥଳକୁ ଉନ୍ନତ କରିବା ପାଇଁ ଦଳଗୁଡ଼ିକ ଦୈନନ୍ଦିନ ଶିଳ୍ପ ବର୍ଜ୍ୟକୁ ଆକର୍ଷଣୀୟ କଳାକୃତିରେ ପରିଣତ କରିଥିଲେ। ଏପରିକି ପ୍ରତ୍ୟେକ ସୃଷ୍ଟି ବେଦାନ୍ତର ସମ୍ପଦ ଉତ୍ତମୀକରଣ, ସୃଜନଶୀଳ ଚିନ୍ତାଧାରା ଏବଂ ସ୍ଥିରତାର ମୂଳମୂଲ୍ୟ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଏ ସମ୍ପର୍କରେ ବେଦାନ୍ତର ସିଇଓ (ଆଲୁମିନା ବ୍ୟବସାୟ, ଲାଞ୍ଜିଗଡ଼) ପ୍ରଣବ ଭଟ୍ଟାଚାର୍ଯ୍ୟ କହିଥିଲେ, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ନବସୃଜନ ସେତେବେଳେ ସଫଳ ହୁଏ ଯେତେବେଳେ ଆମର ଲୋକମାନେ ଭିନ୍ନଭାବରେ ଚିନ୍ତା କରିବାକୁ ସଶକ୍ତ ହୁଅନ୍ତି। ଏହି ପଦକ୍ଷେପ କେବଳ ଆମର ଦଳଗୁଡ଼ିକୁ ଏକାଠି କରିନାହିଁ ବରଂ କଳ୍ପନାଶୀଳ ସମସ୍ୟାର ସମାଧାନ ଏବଂ ସ୍ଥାୟୀ ଚିନ୍ତା ଧାରାର ଏକ ସଂସ୍କୃତିକୁ ମଧ୍ୟ ଉଦ୍ରେକ କରିଛି। ଆମେ ଏକ କର୍ମକ୍ଷେତ୍ରକୁ ପୋଷଣ କରିବାରେ ଗର୍ବିତ ଅଛୁ। ଯେଉଁଠାରେ ସୃଜନଶୀଳତା ପାଳନ କରାଯାଏ ଏବଂ ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ, ପ୍ରଭାବଶାଳୀ ଉପାୟରେ ଯୋଗଦାନ ଦେବାର ସ୍ୱାଧୀନତା ପାଏ।

ସେହିପରି କଳା ପ୍ରତିଯୋଗିତା ବ୍ୟତିରେକ ଏହି କାର୍ଯ୍ୟକ୍ରମ ଆନ୍ତଃ ବିଭାଗୀୟ ସହଯୋଗକୁ ସୁଦୃଢ଼ କରିବା ଏବଂ ବର୍ଜ୍ୟରୁ ସମ୍ପଦ ଅଭ୍ୟାସକୁ ନେଇ ଅର୍ଥ ପୂର୍ଣ୍ଣ ବାର୍ତ୍ତାଳାପକୁ ପ୍ରୋତ୍ସାହିତ କରିବା ପାଇଁ ଏକ ମଜଭୁତ ମଞ୍ଚ ଭାବେ କାର୍ଯ୍ୟ କରିଥିଲା।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୨୦।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୪୬ (୧୦୪୬.୩୦) ପଏଣ୍ଟ ବୃଦ୍ଧି ଘଟି ୮୨,୪୦୮ (୮୨,୪୦୮.୧୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୧୯ (୩୧୯.୧୫) ପଏଣ୍ଟ ବଢ଼ି ୨୫,୧୧୨ (୨୫,୧୧୨.୪୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ଟ୍ରାଇ ଡ୍ରାଇଭ ଟେଷ୍ଟରେ ଜିଓ ଅଗ୍ରଣୀ

ଭୁବନେଶ୍ୱର,୨୦।୬

ରିଲାଏନ୍ସ ଜିଓକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜିଓ ଓଡ଼ିଶା ବଜାରରେ ସର୍ବାଧିକ ହାରାହାରି ଡାଉନ୍‌ଲୋଡ୍ ସ୍ପିଡ୍ ହାସଲ କରିଛି। ବିଶେଷକରି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ଡ୍ରାଇଭ୍ ଟେଷ୍ଟରେ ଜିଓ ଅଗ୍ରଣୀ ବା ଶ୍ରେଷ୍ଠ ସ୍ଥାନ ହାସଲ କରିଛି। ଟ୍ରାଇ ଦ୍ୱାରା ୨୦୨୫ ଏପ୍ରିଲ ମାସ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ ପରୀକ୍ଷଣ (ଆଇଡିଟି) ଫଳାଫଳ ଅନୁଯାୟୀ ରିଲାଏନ୍ସ ଜିଓ କଟକ ସହରରେ ବେଶ୍ ପ୍ରଭାବଶାଳୀ ନେଟ୍‌ୱର୍କ ପ୍ରଦର୍ଶନ କରିଛି। ଟ୍ରାଇର ନିୟମିତ ସେବା ଗୁଣବତ୍ତା ଅଡିଟ୍‌ର ଏକ ଅଂଶ ଭାବେ ଏହି ଡ୍ରାଇଭ୍ ପରୀକ୍ଷଣ ୨୦୨୫ ଏପ୍ରିଲ ୧୫ରୁ ୧୮ ପର୍ଯ୍ୟନ୍ତ ଓଡ଼ିଶା ସେବା କ୍ଷେତ୍ରର କଟକ ସହରରେ କରାଯାଇଥିଲା, ଯେଉଁଥିରେ ମୋଟ ୩୩୧.୪ କିଲୋମିଟର ଡ୍ରାଇଭ୍ ସହିତ ରିଅଲ୍-ଟାଇମ୍ ନେଟ୍‌ୱର୍କ ପ୍ରଦର୍ଶନ ମୂଲ୍ୟାଙ୍କନ କରାଯାଇଥିଲା। ସେହିପରି କଟକ ସହରରେ ଡାଟା ସେବା ପାଇଁ କରାଯାଇଥିବା ପରୀକ୍ଷଣରେ ଜିଓ ଏହାର ନେଟ୍‌ୱର୍କର ପ୍ରାଧାନ୍ୟ ପ୍ରମାଣିତକରି ସର୍ବାଧିକ ୨୩୩.୪୬ ଏମ୍‌ବିପିଏସ୍ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ କରିବା ସହ ୨୪.୦୪ ଏମ୍‌ବିପିଏସ୍‌ର ଦୃଢ଼ ଅପଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଥିବା ଏହି ରିପୋର୍ଟରୁ ଜଣାପଡିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ପ୍ରାୟ ୨ଗୁଣ ଅଧିକ ରହିଥିଲାବେଳେ ବ୍ୟସ୍ତବହୁଳ ହଟ୍‌ସ୍ପଟ୍‌ଗୁଡ଼ିକରେ ମଧ୍ୟ ଜିଓର ୫ଜି ଡାଉନଲୋଡ୍ ସ୍ପିଡ୍ ୧୦୨.୦୯ ଏମ୍‌ବିପିଏସ୍ ରହିଥିଲା, ଯାହା ଷ୍ଟ୍ରିମିଂ, ଭିଡିଓ କନଫରେନ୍ସ ଏବଂ ରିଅଲ୍-ଟାଇମ୍ ଆପ୍ଲିକେଶନ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ସଂଯୋଗ ସୁନିଶ୍ଚିତ କରିଥିଲା।

# ଏସ୍‌ବିଆଇ ଲାଇଫ୍‌ର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୦।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସ ପରିସରରେ ପିତୃ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଲାଇଫ୍‌ର ସ୍ୱତନ୍ତ୍ର ଅଭିଯାନ 'ପାପା ଭୁଲ୍‌ତେ ନେହିଁ'ର ଶୁଭାରମ୍ଭ କରାଯାଇଛି। ବିଶେଷକରି 'ପାପା ହୈନା ଡିଜିଟାଲ ପ୍ରପର୍ଟି ଅଧୀନରେ' ପାପା ଭୁଲ୍‌ତେ ନେହିଁ ଅଭିଯାନକୁ ଉପସ୍ଥାପନ କରାଯାଇଛି। ଏହା ହେଉଛି ଏକ ଡିଜିଟାଲ ବିଜ୍ଞାପନ ସିନେମା, ଯେଉଁଥିରେ ପିତୃତ୍ୱର ଶାନ୍ତ, ଦୃଢ଼ତା ଓ ଦୀର୍ଘସ୍ଥାୟୀ ପ୍ରତିଶ୍ରୁତି ଉପସ୍ଥାପନ କରାଯାଇଛି। ସେହିଭଳି ନିତିଦିନିଆ ଆଦର, ଶୃଙ୍ଖଳା ଓ ସହନଶୀଳତା ସହ ଏହି ସିନେମା ସେହି ବାପାମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଛି, ଯେଉଁମାନେ ଅନେକ ଭୂମିକା ତୁଲାଇଥାନ୍ତି। କିନ୍ତୁ ନିଜ ପ୍ରିୟଜନଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେବେ ଭୁଲନ୍ତି ନାହିଁ। ଏହି ସିନେମାରେ ଡାକ୍ତର, ଚାଷୀ, ଅଗ୍ନିଶମ ଅଧିକାରୀ ଓ ଶିକ୍ଷକଙ୍କୁ ବାପା ଭୂମିକାରେ ଦେଖାଯାଇଛି, ଯେଉଁମାନେ ନିଜ ପେସା ସହ ଜଣେ ବାପା ଭଳି ଭୂମିକାରେ ଦର୍ଶାଯାଇଛି। ଏଠାରେ ବାର୍ତ୍ତା ସ୍ପଷ୍ଟ 'ଯିଏ ନିଜ ଉଦ୍ଦେଶ୍ୟ ଓ ନିଜ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେବେ ଭୁଲନ୍ତି ନାହିଁ, ସେ ହେଉଛନ୍ତି ବାପା। ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ବ୍ରାଣ୍ଡ,କର୍ପୋରେଟ ଯୋଗାଯୋଗ ଓ ସିଏସ୍‌ଆର୍ ମୁଖ୍ୟ ରବୀନ୍ଦ୍ର ଶର୍ମା କହିଛନ୍ତି, ପାପା ଭୁଲ୍‌ତେ ନେହିଁ, ହେଉଛି ଏସ୍‌ବିଆଇ ଲାଇଫ୍‌ର 'ପାପା ହୈ ନା' ଡିଜିଟାଲ ପ୍ରପର୍ଟି ଅଧୀନରେ ଆମର ନୂତନ ଡିଜିଟାଲ୍ ଫିଲ୍ମ। ଏହା ପିତାଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି, ସେହି ପିତାମାନଙ୍କ ପାଇଁ ଯେଉଁମାନେ ନିଜ ଜୀବନକୁ ଦାୟିତ୍ୱ ଏବଂ ସମ୍ପର୍କ ସହିତ ସନ୍ତୁଳନ ରକ୍ଷା କରନ୍ତି। ଏସ୍‌ବିଆଇ ଲାଇଫ୍‌ରେ ଆମେ ଉଦ୍ଦେଶ୍ୟପୂର୍ଣ୍ଣ ଜୀବନର ଶକ୍ତିରେ ବିଶ୍ୱାସକରୁ। ଏହି ଭିଡିଓ ମାଧ୍ୟମରେ ଆମେ ସେହି ପିତାମାନଙ୍କୁ ସଲାମ ଜଣାଉଛୁ। ଯେଉଁମାନେ ଆମ ବ୍ରାଣ୍ଡ ଦର୍ଶନ 'ଆପ୍‌ନେ ଲିୟେ, ଆପ୍‌ନୋ କେ ଲିୟେ'କୁ ଜୀବନ୍ତ କରନ୍ତି।

# ମାଲାବାରରେ ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ

ଭୁବନେଶ୍ୱର,୨୦।୬



ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ମାଲାବାର)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ଆର୍ଟିଷ୍ଟ୍ରି ଶୋ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାରର ସମ୍ବଲପୁରସ୍ଥିତ ବୁଢାରାଜା ଶୋ'ରୁମ୍‌ରେ ଏକ ୪ ଦିନିଆ ପ୍ରଦର୍ଶନୀ (ଆର୍ଟିଷ୍ଟ୍ରି ଶୋ)ର ଶୁଭାରମ୍ଭ ଶୁକ୍ରବାର କରାଯାଇଛି। ଏହି ଅବସରରେ ଏସ୍‌ଏମ୍‌ସି ଅତିରିକ୍ତ କମିଶନର ସରୋଜିନୀ ପ୍ରସନ୍ନା କୁଲୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗ୍ରାହକ, ମଡେଲ ଏବଂ ଶୋ'ରୁମ୍‌ର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୫ ଜୁନ୍ ୨୦ରୁ ୨୩ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ମାଲାବାରର ସମ୍ବଲପୁରସ୍ଥିତ ବୁଢାରାଜା ଶୋ'ରୁମ୍‌ରେ ଜାରି ରହିବ। ଏହି ଶୋ' ଜରିଆରେ ମାଲାବାରର ସମସ୍ତ କଲେକ୍ସନ ଓ ଅଳଙ୍କାର ସମ୍ଭାର ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଉପଲବ୍ଧ। ଏହି ଶୋ'ରେ ମାଲାବାରର ସୁନା ଓ ହୀରାର ବ୍ୟାପକ କଲେକ୍ସନ ସାଙ୍ଗକୁ ମାଇନ ଡାଇମଣ୍ଡ ଜୁଏଲେରି, ଏରା ଅନକଟ ଡାଇମଣ୍ଡସ, ପ୍ରେସିଆ ଜେମଷ୍ଟୋନ ଜୁଏଲେରି, ଏଥେନିକ୍ସ ହାଣ୍ଡକ୍ରାଫଡ ଜୁଏଲେରି, ବିରାଜ ରୟାଲ ପୋଲକୀ ଜୁଏଲେରି ଏବଂ ଆହୁରି ଅନେକ ଡିଜାଇନ ଓ ପ୍ରକାରର କଲେକ୍ସନ ସାମିଲ ରହିଛି।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର 'ଆର୍ଟିଷ୍ଟ୍ରି ଶୋ' ସମ୍ବଲପୁରସ୍ଥିତ ବୁଢାରାଜା ଶୋ'ରୁମ୍‌ରେ ଆନୁଷ୍ଠାନିକ ଭାବେ ଆରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଶୋ'ଜରିଆରେ ଗ୍ରାହକ ଓ ଦର୍ଶକ ମାଲାବାରର ସମସ୍ତ ସୁନା ଓ ହୀରାର ଗହଣା ସମ୍ଭାରକୁ ଉଭୟ ଦେଖିପାରିବେ ଓ କ୍ରୟ ମଧ୍ୟ କରିପାରିବେ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ସ୍ୱାସ୍ଥ୍ୟବୀମା କ୍ଷେତ୍ରରେ ନୂଆ ସମ୍ଭାବନା

ଭୁବନେଶ୍ୱର,୨୦।୬

ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ନୂତନ ନୂତନ ସ୍ୱାସ୍ଥ୍ୟବୀମା 'ଆପଣଙ୍କ ପାଇଁ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ନୂଆ ହେଲ୍‌ଥ ଇନ୍‌ସ୍ୟୁରାନ୍ସ ପ୍ରଡକ୍ଟ ହୋଇଥିଲାବେଳେ ଓଡ଼ିଶାର ଲୋକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ବିଶେଷକରି ସ୍ୱାସ୍ଥ୍ୟ ସମ୍ବନ୍ଧିତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଏବଂ ସ୍ୱାସ୍ଥ୍ୟସେବା ସମ୍ବନ୍ଧିତ ଆହ୍ୱାନ, ଖର୍ଚ୍ଚ ଓ ଚିକିତ୍ସାର ଉପଲବ୍ଧତା ବିଭିନ୍ନ କ୍ଷେତ୍ରରେ ପୃଥକ୍ ହୋଇଥାଏ, ଏହି ବିଷୟକୁ ବୁଝି ବଜାଜ୍ ଆଲିଆ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ପ୍ରକାର ପ୍ଲାନ୍ ବଦଳରେ ପର୍ସନାଲାଇଜଡ୍ କଭରେଜ୍ ପ୍ରଦାନ କରିବା ନିମନ୍ତେ ଆପଣଙ୍କ ପାଇଁ ପ୍ରସ୍ତୁତ କରିଛି। ଏହି ପ୍ଲାନ୍ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଡାକ୍ତରଖାନାର ଭିତିଭୂମି ଓ ସୁଲଭତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ସୁଲଭତା ଏବଂ ଆକ୍ସେସିବିଲିଟିକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ଆପଣଙ୍କ ପାଇଁ ଓଡ଼ିଶାର ଜନସାଧାରଣଙ୍କ ପାଇଁ ବିଶେଷ ଭାବରେ କଷ୍ଟମାଇଜ୍ ହୋଇଥିବା ପ୍ରିମିୟମ ସହିତ ବ୍ୟାପକ କଭରେଜ୍ ପ୍ରଦାନ କରିଥାଏ । ଏହି ପଲିସି ଉଭୟ ବ୍ୟକ୍ତିଗତ ଏବଂ ଫ୍ଲୋଟର ପ୍ରକାରରେ ଉପଲବ୍ଧ ରହିଛି, ଯାହା ଏହାକୁ ବ୍ୟକ୍ତିଗତ ବ୍ୟବହାର ଓ ପରିବାର ପାଇଁ ଏକ ଆଦର୍ଶ ସମାଧାନ କରିଥାଏ । ଏଥିରେ ୫ ଲକ୍ଷ ଟଙ୍କାରୁ ଆରମ୍ଭକରି ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ ଇନ୍‌ସ୍ୟୁଅର୍ଡ ଚୟନ କରିବାର ବିକଳ୍ପ ରହିଛି, ଯାହାଫଳରେ ଯୁବ ପ୍ରୋଫେସନାଲଙ୍କଠାରୁ ଆରମ୍ଭ କରି ବୟସ୍କ ନାଗରିକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ଆବଶ୍ୟକତା ଅନୁଯାୟୀ ହେଲଥ କଭର୍ ପ୍ରାପ୍ତ କରିପାରିବେ। ଏ ସମ୍ପର୍କରେ ବଜାଜ୍ ଆଲିଆଞ୍ଜ ଜେନେରାଲ ଇନ୍‌ସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଡା. ତପନ ସିଂଘେଲ କହିଛନ୍ତି, ଭାରତର ବିବିଧତା ହେଉଛି ଏହାର ସବୁଠାରୁ ବଡ ଶକ୍ତି ଏବଂ ହେଲଥ କେୟାରରେ ମଧ୍ୟ ଏହି ବିଷୟ ଲାଗୁ ହୋଇଥାଏ ।

**ଦ୍ୱିତୀୟ ଦିନରେ ନବ ଦାସଙ୍କ ଘରେ ଆୟକର ବିଭାଗର ଯାଞ୍ଚ**

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସଙ୍କ ଝାରସୁଗୁଡ଼ା ସହର ସରବାହାଲସ୍ଥିତ ବାସଭବନରେ ଶୁକ୍ରବାର ଦ୍ୱିତୀୟ ଦିନରେ ଆୟକର ବିଭାଗ ଟିମ୍ ପହଞ୍ଚି ମାରାଥନ ଯାଞ୍ଚ କରିଛି। ଗୁରୁବାର ଆସିଥିବା ଏହି ଟିମ୍ ଶୁକ୍ରବାର ପୁଣିଥରେ ନବଙ୍କ ବାସଭବନରେ ପହଞ୍ଚିଥିଲା। ସେଠାରେ ନବଙ୍କ ପୁଅ ବିଶାଳ ଦାସ ଓ ଝିଅ ଦୀପାଳି ଦାସ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା କୋଇଲା, ପାଉଁଶ ପରିବହନ ସହିତ ବିଭିନ୍ନ ବ୍ୟବସାୟର କାରବାର ସମ୍ବନ୍ଧରେ କାଗଜପତ୍ର ଯାଞ୍ଚ କରିଥିଲା। ଏଥିସହ ବିଶାଳଙ୍କ ଜରିଆରେ ଚାଲିଥିବା ୬/୭ଟି ବେନାମୀ କମ୍ପାନୀର କାଗଜପତ୍ର ଆୟକର ବିଭାଗ ହାତରେ ଲାଗିଥିବା ସୂଚନା ମିଳିଛି।

# ଶ୍ରୀଗୁଣ୍ଡିଚା ମନ୍ଦିରରେ ବାବନାଭୂତ

**ପୁରୀ,୨୦।୬(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁ ଶ୍ରୀଜଗନ୍ନାଥ ନବଦିନାତ୍ମକ ଘୋଷଯାତ୍ରାରେ କର୍ମବେଦି ଶ୍ରୀମନ୍ଦିର ଛାଡ଼ି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଶ୍ରୀଜଗନ୍ନାଥ ବଡ଼ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସାଥିରେ ଧରି ରଥାରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ଯାତ୍ରା କରି ସେଠାରେ ଅବସ୍ଥାନ କରିବା ସହ ଦଶମୀ ତିଥିରେ ବାହୁଡ଼ା ଯାତ୍ରାରେ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ନବଦିନାତ୍ମକ ଯାତ୍ରା ବ୍ୟତୀତ ବର୍ଷକ ଯାକ ଶ୍ରୀଗୁଣ୍ଡିଚା ମନ୍ଦିର ଖାଲି ରହିଥାଏ। ଏହି ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ବାବନା ଭୂତ ଅବସ୍ଥାନ କରିଥାଏ ବୋଲି ବିଶ୍ୱାସ ରହିଛି।

ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସୂଚନା ଦେଇ କହନ୍ତି ଯେ, ରଥଯାତ୍ରା ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ମାର୍ଜନା ପରମ୍ପରା ରହିଛି। ସାଧୁ, ସନ୍ଥ, ବାବାଜୀ, ବୈଷ୍ଣବ ଓ ସାଧାରଣ ଭକ୍ତ ଏହି ମାର୍ଜନା କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। କଥା ଅଛି, ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାବନାଭୂତକୁ ଏହି ଅବସରରେ ଅପସାରଣ କରିଦିଆଯାଏ। ବାହୁଡ଼ା ଦିନ ମହାପ୍ରଭୁ ଆଡ଼ପମଣ୍ଡପରୁ ବାହୁଡ଼ି ଆସିବା ପରେ ପୁଣି ଶ୍ରୀଗୁଣ୍ଡିଚା ପର୍ଯ୍ୟନ୍ତ ଆଡ଼ପମଣ୍ଡପରେ ଗହଳଚହଳ ରହେନାହିଁ। ଖାଁ ଖାଁ ଲାଗେ। ଏପରି ଏକ କଥା ପଛରେ ୫୦୦ ବର୍ଷ ତଳର ଐତିହ୍ୟ ଯୋଡ଼ିହୋଇ ରହିଛି। ମହାପୁରୁଷ ଯଶୋବନ୍ତ ଦାସଙ୍କ ଅମଳର କଥା। ଜଗତ୍‌ସିଂହପୁର ଜିଲା ଅଡ଼ଙ୍ଗଗଡ଼ରୁ ସେ ଶିଷ୍ୟମାନଙ୍କ ସହ ଶ୍ରୀକ୍ଷେତ୍ର ଆସୁଥାନ୍ତି। ଅଲୌକିକ ସାଧକ ଥିଲେ ସିଏ। ଖଣ୍ଡିଆ କାନ୍ଥ ଉପରେ ବସି ଚାଲ କହିଲେ କାନ୍ଥ ଉଡ଼ି ଉଡ଼ି ଯାଉଥିଲା। ବାଟରେ ସେ ବିଶ୍ରାମ କରୁଥାନ୍ତି। କୌଣସି ଏକ ଅଶରୀରୀ ଆଖପାଖରେ ଥିବା କଥା ଧ୍ୟାନବଳରେ ଜାଣିପାରିଲେ। ଧ୍ୟାନରେ ବସିଲେ। ଦେଖିଲେ ବ୍ରହ୍ମରାକ୍ଷସଟିଏ ଛଟପଟ ହେଉଛି, ମୁକ୍ତି ପାଉନି। ସାଧନା ବଳରେ ତାକୁ ଶାନ୍ତ ହେବା ପାଇଁ କହିବା ସହ ନିର୍ଦ୍ଦେଶ ଦେଲେ ଆମ ଆଗେ ଆଗେ ଚାଲ...। ଅଠରନଳା ଡେଇଁବା ତା' ପାଇଁ ଅସମ୍ଭବ ଥିଲା। ସେଇଠି ପ୍ରଭୁଙ୍କୁ ସ୍ମରଣ କରି ଯୋଗ ତରିକାରେ ବ୍ରହ୍ମରାକ୍ଷସକୁ କ୍ଷେତ୍ର ପ୍ରବେଶ କରାଇଦେଲେ। କଥା କି ରହୁଛି! ଚୁପ୍‌ଚାପ୍ ହୋଇ ଏ କାନରୁ ସେ କାନକୁ ଗଲା। ଶ୍ରୀକ୍ଷେତ୍ରରେ ପହଞ୍ଚି ସେ ବିଶ୍ରାମ ନେଉଥାନ୍ତି। ଖଣ୍ଡେ ଦୂରରେ ବ୍ରହ୍ମରାକ୍ଷସ ଶାନ୍ତ ସ୍ୱଭାବରେ ଅପେକ୍ଷା କରି ରୁହେ। ଉତ୍‌ପାତିଆ ହେବା ପାଇଁ ତା'ପାଖରେ ଜୁ' ନ ଥାଏ। ଯଶୋବନ୍ତ ତାକୁ ମୁକ୍ତ କରିଦେବାର ମାନସିକତାରେ ଥାନ୍ତି। ନ ହେଲେ ଅଠରନଳା ଡିଆଁଇଥାନ୍ତେ କିଆଁ! ଯଶୋବନ୍ତ ଅପେକ୍ଷା କରିଥାନ୍ତି ନିର୍ଦ୍ଦିଷ୍ଟ ସମୟକୁ। ଏଣେ କଥା ଯାଇ ପହଞ୍ଚିଲା ଗଜପତିଙ୍କ ପାଖରେ। ଗଜପତି ମହାରାଜା ମହାପୁରୁଷ ଯଶୋବନ୍ତ ଦାସଙ୍କ ଡେରାକୁ ବିଜେ କଲେ। ଗଜପତିଙ୍କୁ ସବୁକଥା ଜଣେଇଲେ ଦାସେ। ମଣିମା! ସେ କଷ୍ଟ ପାଉଛି। ଜଙ୍ଗଲିଆ ପରିବେଶରେ ଆମର ଆଡ଼ପମଣ୍ଡପ। ବର୍ଷସାରା ଶୂନଶାନ। ନିରାପଦ ପାଇଁ ସେଠି ୟା'କୁ ରଖିଦିଅନ୍ତେ। ଅଦ୍ୱିତୀୟ ସ୍ଥାନ, ଅପୂର୍ବ ଦିବ୍ୟ ବାଲୁକା ରାଶି....ଆପେ ଆପେ ସେ ଶାନ୍ତ ହୋଇଯିବ। ତା'ର ମୁକ୍ତିବେଳା ବହୁ ବିଳମ୍ବିତ। ମୁକ୍ତ ହେବା ପର୍ଯ୍ୟନ୍ତ ସେ ଉହଲବିକଳ ହେବ। ଉତ୍ପାତିଆ ବି। ଦିବ୍ୟ ପବିତ୍ର ସ୍ଥାନରେ ତା'ର ସହଜାତ ଉତ୍ପାତିଆ ଗୁଣ କମିଯିବ। ପ୍ରଭୁଙ୍କ ପ୍ରତି ସମର୍ପିତ ହେବ। ଶରୀର ନ ଥାଇ ସେ ସବୁ ଜାଣିବ। ବଡ଼ୁ ହୋଇଥିବା ବ୍ରାହ୍ମଣ ପିଲା ସିଏ। ସଂସ୍କାର ରକ୍ତଗତ, କିନ୍ତୁ କେଉଁ ଜନ୍ମର ପ୍ରାରବ୍ଧ ବଳରୁ ଏଇ ରୂପରେ କଷ୍ଟ ପାଉଛି। ଅନୁମତି ଦେଲେ ଶୂନ୍‌ଶାନ୍ ବେଳାତକ ସେ ଆଡ଼ପ ମଣ୍ଡପ ଚାରିପଟେ ଶାନ୍ତିରେ ରହନ୍ତା। ପ୍ରଭୁ ଆସିଲେ ତ ସେ ଆପେ ଆପେ ହଟିଯିବ! ମାର୍ଜନା ନୀତି ଏକ କଣ୍ଟକ ପରି ରହିବ। ସେ ଜାଣୁ ମାର୍ଜନା ଆରମ୍ଭମାନେ ଅପସରିଯିବ। ଗଜପତି ଚାହିଁଲେ ଦାସଙ୍କ ମୁହଁକୁ। ପଞ୍ଚସଖାଙ୍କ ବିରୋଧରେ ବହୁ ଚୁଗୁଲି ତାଙ୍କ ପାଖରେ ପହଞ୍ଚୁଥିଲା। ଆଜି ଜଣକ ଅତୃପ୍ତ ଆତ୍ମାକୁ ଶାନ୍ତ କରିବା ପାଇଁ ଏଇ ମହାନୁଭବଙ୍କ ଉଦାରତା ତାଙ୍କୁ ପ୍ରଭାବିତ କରିଥିଲା। ବିଦାୟ ବେଳାରେ ଗଜପତି କହିଲେ ଦାସେ! ତମ କଥା ରହୁ।

## ସମ୍ପନ୍ନହେଲା ଚକାବିଜେ ନୀତି

ଅଣସରର ଦଶମ ଦିନ ଅର୍ଥାତ୍ ଦଶମୀ ତିଥିରେ ଶୁକ୍ରବାର ଅଣସର ଗୃହରେ ମହାପ୍ରଭୁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ପ୍ରଭୁ ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସରପିଣ୍ଡିରୁ ଚକାକୁ ବିଜେ କରିଛନ୍ତି। ପବିତ୍ର ସ୍ନାନପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହମାନେ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ରହି ରାଜବୈଦ୍ୟଙ୍କ ପରାମର୍ଶ କ୍ରମେ ଚିକିତ୍ସା ହେଉଥିବାବେଳେ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତି ଓ ପତିମହାପାତ୍ର ଗୁପ୍ତ ସେବା କରୁଛନ୍ତି। ପରମ୍ପରା ଅନୁଯାୟୀ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ଫୁଲୁରି ତେଲ ଲାଗିହୋଇଥିଲା। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥିଲା। ଦଶମୀ ତିଥିରେ ଅସୁସ୍ଥ ଥିବା ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରିଥିବାରୁ ଚକାବିଜେ ନୀତି ସମ୍ପନ୍ନ ହୋଇଛି।

ଅନ୍ୟପଟେ ଶୁକ୍ରବାର ଶ୍ରୀମନ୍ଦିରରେ ପହିଁଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଅଣସର ଗୃହ ଦ୍ୱାର ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ପରେ ଦଇତାପତି ସେବକମାନେ ଶ୍ରୀବିଗ୍ରହମାନଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ଅଣସର ଗୃହ ବନ୍ଦ କରାଯାଇଥିଲା। ଏହାପରେ ଜୟବିଜୟ ଦ୍ୱାର ଫିଟିଥିଲା। ପହିଁଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପହିଁଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା। ସେହିପରି ଖଲିଲାଗି ଏକାଦଶୀରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗିହେବେ ଶ୍ରୀବିଗ୍ରହ। ଅଣସର ଗୃହରେ ଅସୁସ୍ଥ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗିନ ଫୁଲ ଓ ତୁଳସୀ ଲାଗି ହେଉନାହିଁ। କେବଳ ଧଳା ବସ୍ତ୍ର ଓ ଧଳାଫୁଲ ଲାଗି ହେଉଛି। ତେବେ ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗିନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।



ଜ୍ୱରରେ ଆକ୍ରାନ୍ତ ଦାରୁଦିଅଁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ ଚାଲିଛି।

## ଶ୍ରୀମନ୍ଦିରକୁ ବିଜେହେଲା ଦଶମୂଳ ମୋଦକ

ଅଣସରର ଦଶମୀ ତିଥିରେ ଶୁକ୍ରବାର ବୈଦ୍ୟମାନଙ୍କ ଦ୍ୱାରା ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିରକୁ ବିଜେ କରାଯାଇଛି। ଜ୍ୱର ଆକ୍ରାନ୍ତ ଦାରୁବିଗ୍ରହମାନେ ଏହି ଦଶମୂଳ ଲାଗି ହେଲା ପରେ ସମ୍ପୂର୍ଣ୍ଣ ସୁସ୍ଥ ହେବେ। ଦଶମୂଳ ପ୍ରସ୍ତୁତ ପାଇଁ ଏକରୁ ଦେଢ ମାସ ପୂର୍ବରୁ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରିବାକୁ ପଡ଼ିଥାଏ। ସ୍ନାନପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପନି, କୃଷ୍ଣପନ୍ନ, ଅଗବଥି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ଅନ୍ୟ ଦ୍ରବ୍ୟଗୁଡ଼ିକୁ ଶୁଖାଯାଇଥାଏ। ଏହାକୁ ହେମଦସ୍ତାରେ କୁଟାଯାଇ ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂତନ କାଠ ଚୁଲିରେ କଡ଼େଇ ବସାଯାଇ ଖୁଆ, ଶର୍କରା, ସର, ମହୁ ଘିଅ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପରେ ତାହାକୁ କଦଳୀ ପତ୍ରରେ ରଖାଯାଇ ଅଣ୍ଡାକରି ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ପରେ କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୂର ପକାଇ ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ତାହାକୁ ଶ୍ରୀମନ୍ଦିରରେ ଦାଖଲ କରାଯାଏ। ପରେ ପତିମହାପାତ୍ର ଉକ୍ତ ମୋଦକକୁ ମହାପ୍ରଭୁଙ୍କୁ ଲାଗିକରିଥାନ୍ତି। ଦଶମୂଳ ମୋଦକ ଲାଗି ପରେ ଶ୍ରୀବିଗ୍ରହମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥାନ୍ତି।

# ସଙ୍ଗୀତ: ମନରେ ଭରିଦିଏ ଆନନ୍ଦ

**ଆଜି ବିଶ୍ୱ ସଙ୍ଗୀତ ଦିବସ**



ସଙ୍ଗୀତ, ମନରେ ଭରିଦିଏ ଆନନ୍ଦ। ଆଉ ଏହି ସଙ୍ଗୀତର ବିବିଧତାର ପ୍ରଚାର ପ୍ରସାର ପାଇଁ ପ୍ରତ୍ୟେକ ବର୍ଷ ଜୁନ ୨୧ରେ ପାଳିତ ହୋଇ ଆସୁଛି ବିଶ୍ୱ ସଙ୍ଗୀତ ଦିବସ। ୧୯୮୨ମସିହା ଜୁନ୍ ୨୧ରେ ଫ୍ରାନ୍ସର ପ୍ୟାରିସଠାରେ ପ୍ରଥମଥର ପାଇଁ ବିଶ୍ୱ ସଙ୍ଗୀତ ଦିବସ ପାଳନ କରାଯାଇଥିଲା। ଏଥିରେ ୧୦୦୦ରୁ ଅଧିକ କଣ୍ଠଶିଳ୍ପୀ, ସଙ୍ଗୀତକାର ପ୍ୟାରିସ ନଗରୀର ରାସ୍ତାରେ ସଙ୍ଗୀତ ପରିବେଷଣ କରିଥିଲେ। ଏହାର ସଫଳତା ପରେ ବିଶ୍ୱବ୍ୟାପୀ ଏହି ଦିବସକୁ ପାଳନ କରାଯାଉଅଛି।

### ହୃଦୟକୁ ଛୁଇଁଲା ଭଳି ଗୀତ ବନାଯାଉ



ସଙ୍ଗୀତ ଏମିତି ଏକ ମାଧ୍ୟମ ଯାହାଦ୍ୱାରା ଭାରାକ୍ରାନ୍ତ ମନ କିଛି ମାତ୍ରାରେ ହାଲୁକା କରାଇଦିଏ। ପ୍ରେମିକାଟିଏ ତା'ପ୍ରେମିକକୁ ଗୀତ ମାଧ୍ୟମରେ ତା'ର ଭାବନାକୁ ମେସେଜ ମାଧ୍ୟମରେ ଦେଇପାରେ। ଗୋଟିଏ ମା' ତା'ର ପୁଅକୁ ଗୀତ ଦ୍ୱାରା ବାତ୍ସଲ୍ୟ ମମତାକୁ ଫିଲ୍ କରାଇ ପାରିବ। ବନ୍ଧୁ ସହ ବନ୍ଧୁତାର ଅନୁଭବକୁ ଗୀତ ଦ୍ୱାରା ଅନୁଭବ କରେଇ ପାରିବ। ସେହିପରି ପ୍ରଧାନମନ୍ତ୍ରୀ କି ମୁଖ୍ୟମନ୍ତ୍ରୀ ହୁଅନ୍ତୁ ଗୀତ ମାଧ୍ୟମରେ ହିଁ ତାଙ୍କର ସବୁ ସ୍କିମ୍ ଲୋକମାନଙ୍କ ପାଖରେ ପହଞ୍ଚୁଛି। ତେଣୁ ବିନା ଗୀତ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚିବା ଅସମ୍ଭବ। ଆଗରୁ ସ୍ୱର ବା ଶବ୍ଦ ହୃଦୟରୁ ବାହାରୁଥିଲା। ତାହା ହୃଦୟରେ ମଧ ପହଞ୍ଚୁଥିଲା। ବର୍ତ୍ତମାନ ଗୀତ ଆଉ ହୃଦୟରୁ ବାହାରୁନାହିଁ। ତାହା ଶବ୍ଦ ହେଉକି ସ୍ୱର ଏବେ ଗୀତ ମୁଣ୍ଡରୁ ବାହାରୁଛି ଆଉ ମୁଣ୍ଡରେ ରହିଯାଉଛି। ଏବେ ଗୀତ ସବୁ ପ୍ରାୟ ଏଆଇ ଦ୍ୱାରା ପ୍ରସ୍ତୁତ ହେଉଛି। ସେଥିଲାଗି ବର୍ତ୍ତମାନ ସମୟରେ ବନାଯାଉଥିବା ଗୀତ ହୃଦୟକୁ ଛୁଇଁ ପାରୁନାହିଁ। ବିଶ୍ୱ ସଙ୍ଗୀତ ଦିବସରେ କହିବି ଆଗଭଳି ଯେମିତି ହୃଦୟକୁ ସ୍ୱର ବା ଶବ୍ଦ ଛୁଇଁ ପାରୁଥିଲା ସେମିତି ଯଦି ଚେଷ୍ଟା କରାଯିବ ତେବେ ପ୍ରତ୍ୟେକ ଓଡ଼ିଆ ଗୀତ ନିଶ୍ଚିତ ହୃଦୟକୁ ଛୁଇଁବା ସହ ପରିଚୟ ଲାଭ କରିପାରିବ।

- ପ୍ରେମ୍ ଆନନ୍ଦ, ସଂଗୀତ ନିର୍ଦ୍ଦେଶକ

### ଭଲ ସଙ୍ଗୀତର ଚାହିଦା ସବୁବେଳେ ରହିବ



ସଙ୍ଗୀତ ଜୀବନର ଆଧାର। ପୁରୁଣା ଦିନରୁ ହିଁ ଆମ ସଂସ୍କୃତିରେ ବିଭିନ୍ନ ଶାସ୍ତ୍ରୀୟ ସଙ୍ଗୀତର ମୂଲ୍ୟବୋଧ ଅଧିକ ରହିଛି। ସମୟ ସହ ବଦଳୁଛି ପିଢ଼ି ଓ ତା' ସହ ବଦଳିଯାଉଛି ସଙ୍ଗୀତର ସ୍ୱାଦ, ପାଶ୍ଚାତ୍ୟ ସଙ୍ଗୀତର ପ୍ରଭାବ ଏବେ ଯୁବ ପିଢ଼ି ହେଉ ଅଥବା ସଙ୍ଗୀତପ୍ରେମୀଙ୍କ ଉପରେ ଟିକିଏ ଅଧିକ ମାତ୍ରାରେ ପଡୁଛି। ସେଥିପାଇଁ ସଙ୍ଗୀତକୁ ନେଇ ବିଭିନ୍ନ ଧରଣର ପରୀକ୍ଷା ନିରୀକ୍ଷା ମଧ ହେଉଛି। ସଙ୍ଗୀତର ଉତ୍ପତ୍ତି ଯେମିତି ବି ହେଉନା କାହିଁକି ଭଲ ସଙ୍ଗୀତର ଚାହିଦା ସବୁବେଳେ ରହିଥିବ। ତେଣୁ ବିଶ୍ୱ ସଙ୍ଗୀତ ଦିବସରେ ସଙ୍ଗୀତକୁ ଭଲପାଉଥିବା ବ୍ୟକ୍ତିବିଶେଷଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

- ସ୍ମିତ ପଟ୍ଟନାୟକ, ଗୀତିକାର

ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର

**ଜାତୀୟ/ଅନ୍ତର୍ଜାତୀୟ**

## ଚାଇନା, ପାକିସ୍ତାନ, ବାଂଲାଦେଶ ତ୍ରିପାକ୍ଷିକ ବୈଠକ

**ବେଜିଂ,୨୦।୬**

ଚାଇନାର କୁନ୍‌ମିଙ୍ଗ୍‌ରେ ଗୁରୁବାର ଚାଇନା, ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ପ୍ରଥମ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାଣିଜ୍ୟ, କୃଷି, ଡିଜିଟାଲ ଅର୍ଥନୀତି ସହଭାଗିତା ଉପରେ ଆଲୋଚନା ହୋଇଥିଲା। ଚାଇନା ବହିର୍ବ୍ୟାପାର ଉପମନ୍ତ୍ରୀ ସନ୍ ୱେଇଡୋଙ୍ଗ୍, ବାଂଲାଦେଶର କାର୍ଯ୍ୟକାରୀ ବହିର୍ବ୍ୟାପାର ସଚିବ ରୁହୁଲ ଆଲାମ ସିଦ୍ଧିକି ଓ ପାକିସ୍ତାନର ଅତିରିକ୍ତ ବହିର୍ବ୍ୟାପାର ସଚିବ ଇମ୍ରାନ ଅହମଦ ସିଦ୍ଧିକି ବ୍ୟକ୍ତିଗତ ଭାବେ ଯୋଗ ଦେଇଥିବାବେଳେ ପାକିସ୍ତାନ ବହିର୍ବ୍ୟାପାର ସଚିବ ଅମ୍‌ନା ବଲୁଚ ଭର୍ଚୁଆଲି ସାମିଲ ହୋଇଥିଲେ। ଢାକା ଚାଇନା ଓ ପାକିସ୍ତାନର ନିକଟତର ହେବା ନୂଆଦିଲ୍ଲୀ ପାଇଁ ଚିନ୍ତାର କାରଣ ହୋଇପାରେ।

# ଇରାନ-ଇସ୍ରାଏଲ୍ ଯୁଦ୍ଧ ବନ୍ଦ ପାଇଁ ୟୁରୋପର ଶାନ୍ତି ଯୋଜନା

**ଜେନେଭା,୨୦।୬**

ଇରାନ, ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଶୁକ୍ରବାର ଦ୍ୱିତୀୟ ସପ୍ତାହରେ ପହଞ୍ଚିଥିବାବେଳେ ଉତ୍ତେଜନା ହ୍ରାସ ପାଇଁ ୟୁରୋପୀୟ ନେତାମାନେ କୂଟନୈତିକ ପ୍ରୟାସ ଆରମ୍ଭ କରିଛନ୍ତି। ଇରାନର ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚି ସୁଇଜରଲାଣ୍ଡର ଜେନେଭା ସହରସ୍ଥିତ ଏକ ହୋଟେଲରେ ୟୁରୋପୀୟ ପ୍ରତିପକ୍ଷମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଫ୍ରାନ୍ସ, ଜର୍ମାନୀ ଓ ବ୍ରିଟେନର ବହିର୍ବ୍ୟାପାର ମନ୍ତ୍ରୀ ଏବଂ ୟୁରୋପୀୟ ସଂଘ ବହିର୍ବ୍ୟାପାର ନୀତି ମୁଖ୍ୟ ସାମିଲ ହୋଇଥିଲେ। ମଧ୍ୟପ୍ରାଚ୍ୟର ୨ ମହାଶକ୍ତି ମଧ୍ୟରେ ସାମରିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଥିବାବେଳେ ଏହା ହେଉଛି ପାଶ୍ଚାତ୍ୟ ଓ ଇରାନୀୟ କୂଟନୀତିଜ୍ଞଙ୍କ ପ୍ରଥମ ସାମ୍ନାସାମ୍ନି ଆଲୋଚନା। ଇସ୍ରାଏଲ୍ ଇରାନ ଉପରେ ଆକ୍ରମଣ ଜାରି ରଖିଥିବା ପର୍ଯ୍ୟନ୍ତ ଆମେରିକା ସହିତ ତେହରାନ ଆଲୋଚନା କରିବା ନିରର୍ଥକ ବୋଲି ଆରାଘଚି କହିଛନ୍ତି। ଅନ୍ୟପକ୍ଷେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଇରାନର ଆଣବିକ ଓ ଆଞ୍ଚଳିକ ଅସ୍ଥିରତା ପ୍ରସଙ୍ଗର ସମାଧାନ ପାଇଁ ଏକ ଯୋଜନା ଉପସ୍ଥାପନ କରିଛନ୍ତି। ତଦନୁଯାୟୀ, ଇରାନକୁ ଏହାର ସମସ୍ତ ୟୁରାନିୟମ୍ ଭଣ୍ଡାର କାର୍ଯ୍ୟ ବନ୍ଦ ଲାଗି ପ୍ରତିଶ୍ରୁତି ଦେବାକୁ ପଡ଼ିବ। ସେହିପରି ବାଲିଷ୍ଟିକ୍ ମିଶାଇଲ ବିକାଶ ଓ ମଧ୍ୟପ୍ରାଚ୍ୟ ବାହାରେ ସକ୍ରିୟ ଥିବା ଆତଙ୍କବାଦୀ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ମଧ ବନ୍ଦ କରିବାକୁ ପଡ଼ିବ। ଆଣବିକ ଅସ୍ତ୍ର ନିର୍ମାଣକୁ ଏଡ଼ାଇବା ସକାଶେ ଇରାନର ଆଣବିକ ଉନ୍ନତୀକରଣକୁ ନିୟନ୍ତ୍ରଣ କରିବା ପାଇଁ ଇରାନ ସାଉଦି ଆରବ ସମେତ ସଂଯୁକ୍ତ ଆରବ ଏମିରେଟ୍ସକୁ ନେଇ ଆଞ୍ଚଳିକ ରାଷ୍ଟ୍ରଗୋଷ୍ଠୀ ଗଠନ କରାଯିବ।



ଏମାନୁଏଲ୍ ମାକରଁ





ଅବ୍ବାସ ଆରାଘଚି

# ସ୍ତ୍ରୀଙ୍କ ପାସ୍‌ପୋର୍ଟ ପାଇଁ ସ୍ୱାମୀଙ୍କ ଅନୁମତି ଲୋଡ଼ାନାହିଁ

**ମାଡ୍ରାସ୍ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

**ଚେନ୍ନାଇ,୨୦।୬**

ମହିଳାମାନେ ପାସ୍‌ପୋର୍ଟ ପାଇବା ପାଇଁ ହେଲେ ସ୍ୱାମୀଙ୍କଠାରୁ ଅନୁମତି ନେବାକୁ ପଡ଼ିବ ନାହିଁ ବୋଲି ଶୁକ୍ରବାର ମାଡ୍ରାସ୍ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏପରି କି ଆବେଦନର ୪ ସପ୍ତାହ ମଧ୍ୟରେ ଆବେଦନକାରିଣୀଙ୍କ ନାମରେ ପାସ୍‌ପୋର୍ଟ ଜାରି କରିବାକୁ ହାଇକୋର୍ଟ ରିଜିଓନାଲ ପାସ୍‌ପୋର୍ଟ ଅଫିସ୍ (ଆର୍‌ପିଓ) କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରିଣୀ ରେଭତୀ ମାଡ୍ରାସ୍ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ, ୨୦୨୩ରେ ସେ ବିବାହ କରିଥିଲେ। କିନ୍ତୁ ତାଙ୍କ ସ୍ୱାମୀ ବିଚ୍ଛେଦ ପାଇଁ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ୨୦୨୫ରେ ସେ ପାସ୍‌ପୋର୍ଟ ପାଇଁ ଦାଖଲ ଆବେଦନର ପ୍ରକ୍ରିୟା ଆରମ୍ଭ କରିବାକୁ ଆର୍‌ପିଓ ପକ୍ଷରୁ ମନା କରାଯାଇଛି। ପ୍ରକ୍ରିୟା ଆରମ୍ଭ ପୂର୍ବରୁ ଫର୍ମ-ଜେ'ରେ ସ୍ୱାମୀଙ୍କ ଦସ୍ତଖତ ଜରୁରୀ ବୋଲି ଆର୍‌ପିଓ ଅଧିକାରୀମାନେ କହୁଛନ୍ତି। ଜଷ୍ଟିସ୍ ଏନ୍. ଆନନ୍ଦ ଭେଙ୍କଟେଶଙ୍କ ଖଣ୍ଡପୀଠ ଆବେଦନକାରୀ ରେଭତୀଙ୍କ ପିଟିଶନର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି। ଜଣିକିଆ ଖଣ୍ଡପୀଠ କହିଛନ୍ତି, ସ୍ୱାମୀଙ୍କ ସହ ସ୍ତ୍ରୀଙ୍କ ତିକ୍ତତାପୂର୍ଣ୍ଣ ସମ୍ପର୍କ ଥିବାବେଳେ ଦସ୍ତଖତ ଆଣିବାକୁ ମହିଳାଙ୍କୁ ବାଧ କରିବା ତାଙ୍କୁ ଏକ ଅସମ୍ଭବ କାର୍ଯ୍ୟ ତୁଲାଇବାକୁ କହିବା ସଦୃଶ। ମହିଳା ସଶକ୍ତୀକରଣ ଦିଗରେ ଅଗ୍ରସର ହେଉଥିବା ଏକ ସମାଜରେ ଏହା ଅଶୋଭନୀୟ। ଏହା ପୁରୁଷ ପ୍ରଧାନ ପ୍ରଥାକୁ ପ୍ରୋତ୍ସାହନ ଦେବା ଭଳି କାର୍ଯ୍ୟ ଭିନ୍ନ କିଛି ନୁହେଁ। ଆର୍‌ପିଓ କର୍ତ୍ତୃପକ୍ଷଙ୍କ ମାନସିକତା ନିନ୍ଦନୀୟ। ସ୍ୱାମୀଙ୍କ ବିନା ଦସ୍ତଖତରେ ଆର୍‌ପିଓ ଅନ୍ୟ ଆବଶ୍ୟକ ତଥ୍ୟ ଓ ଦସ୍ତାବିଜ ବଳରେ ମହିଳାଙ୍କୁ ୪ ସପ୍ତାହ ମଧ୍ୟରେ ପାସ୍‌ପୋର୍ଟ ପ୍ରଦାନ କରିବେ ବୋଲି ବିଚାରପତି ଆନନ୍ଦ ନିର୍ଦ୍ଦେଶ ଦେଇଛନ୍ତି।





## ଇରାନରେ ୫.୫ ତୀବ୍ରତାର ଭୂକମ୍ପ

**ତେହରାନ,୨୦।୬**

ଇସ୍ରାଏଲ୍ ସହ ଯୁଦ୍ଧରତ ଇରାନର ସେମ୍‌ନାନ ପ୍ରଦେଶ ସୋରଖେହରେ ଶୁକ୍ରବାର ରାତିରେ ଭୂକମ୍ପ ଅନୁଭୂତ ହୋଇଛି। ୫.୫ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଗଭୀରତା ୩୫ କିଲୋମିଟର ବୋଲି ୟୁରୋପୀୟାନ-ମେଡିଟେରିଆନ୍ ସିସ୍ମୋଲୋଜିକାଲ ସେଣ୍ଟର (ଇଏମ୍‌ଏସ୍‌ସି) ରେକର୍ଡ କରିଛି। ତେବେ ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ।

# ଜନ୍ମଦିନରେ ଦୃଷ୍ଟିବାଧିତ ପିଲାଙ୍କ ଗୀତରେ ଭାବବିହ୍ୱଳ ହେଲେ ରାଷ୍ଟ୍ରପତି

**ଡେରାଡୁନ୍,୨୦।୬**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ତାଙ୍କର ୬୭ତମ ଜନ୍ମଦିନ ପାଳନ କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମୁର୍ମୁ ଡେରାଡୁନ୍‌ରେ ନବୀକୃତ ରାଷ୍ଟ୍ରପତି ନିକେତନକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିବା ସହ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର ଦି ଏମ୍ପାୱାରମେଣ୍ଟ ଅଫ୍ ପର୍ସନ୍ସ ୱିଥ୍ ଭିଜୁଆଲ ଡିଜାବିଲିଟିଜ୍ (ଏନ୍‌ଆଇଇପିଭିଡି)ର ଦୃଷ୍ଟିବାଧିତ ପିଲାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜନ୍ମଦିନ ଅବସରରେ ଦୃଷ୍ଟିହୀନ ପିଲାମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଗୀତ ଗାଉଥିବାବେଳେ ଏଥିରେ ମୁର୍ମୁ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ପିଲାମାନେ ଅତି ସୁନ୍ଦର ଭାବେ ସେମାନଙ୍କ ହୃଦୟରୁ ଗାଉଥିଲେ, ଯେଉଁଥିରେ ମୁଁ ମୋ ଲୁହକୁ ରୋକିପାରିଲି ନାହିଁ ବୋଲି ରାଷ୍ଟ୍ରପତି କହିଛନ୍ତି। ଭିନ୍ନକ୍ଷମ ଭାବେ ଜନ୍ମିତ ପିଲାଙ୍କୁ ଭଗବାନ ସ୍ୱତନ୍ତ୍ର ସାମର୍ଥ୍ୟର ଆଶୀର୍ବାଦ ଦେଇଥିବା ଏହି ଗ୍ରୁପ୍‌ର ପ୍ରତିଭା ତାଙ୍କ ବିଚାରଧାରାକୁ ପୁନଃ ପୁଷ୍ଟି କରିଛି। ଦୃଢ଼ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବା ପାଇଁ ରାଷ୍ଟ୍ରପତି ସେମାନଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ସଫଳତା ନିଶ୍ଚିତ ବୋଲି କହିଥିଲେ।



ଦ୍ରୌପଦୀ ମୁର୍ମୁ

# ୨୦୨୪ ନିର୍ବାଚନରେ ଭାଜପା ୧,୪୯୪ କୋଟି ବ୍ୟୟ କରିଛି

**ଏଡିଆର୍ ରିପୋର୍ଟ**

**ନୂଆଦିଲ୍ଲୀ,୨୦।୬**

୨୦୨୪ ଲୋକ ସଭା ନିର୍ବାଚନ ଏବଂ ଏକସଙ୍ଗେ ହୋଇଥିବା ବିଧାନସଭା ନିର୍ବାଚନଗୁଡ଼ିକରେ ଭାଜପା ପାଖାପାଖି ୧,୪୯୪ କୋଟି ଟଙ୍କା ବ୍ୟୟ କରିଛି, ଯାହାକି ମୋଟ ନିର୍ବାଚନ ବ୍ୟୟର ୪୪.୫୬ ପ୍ରତିଶତ। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଶୁକ୍ରବାର ପ୍ରକାଶିତ ରିପୋଟରୁ ଏହା ଜଣାପଡ଼ିଛି। ୬୨୦ କୋଟି ଟଙ୍କା ବ୍ୟୟ ସହ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। କଂଗ୍ରେସର ବ୍ୟୟ ମୋଟ ନିର୍ବାଚନୀ ବ୍ୟୟର ୧୮.୫ ପ୍ରତିଶତ। ମୋଟ ୩୨ଟି ଜାତୀୟ ଓ ଆଞ୍ଚଳିକ ଦଳର ନିର୍ବାଚନୀ ବ୍ୟୟକୁ ବିଶ୍ଳେଷଣ କରାଯାଇଥିବା ଏଡିଆର୍ କହିଛି।

୨୦୨୪ରେ ଲୋକ ସଭା ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ ଓ ସିକିମ୍ ବିଧାନସଭା ନିର୍ବାଚନ ମାର୍ଚ୍ଚ ୧୬ରୁ ଜୁନ୍ ୬ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ସବୁ ଦଳର ମୋଟ ବ୍ୟୟ ପରିମାଣ ୩,୩୫୨.୮୧ କୋଟି ଟଙ୍କା ଥିଲା। ସେଥିରୁ ଜାତୀୟ ଦଳଗୁଡ଼ିକର ବ୍ୟୟ ୨,୨୦୪ କୋଟି ଟଙ୍କା, ଯାହାକି ମୋଟ ବ୍ୟୟର ୬୫.୭୫ ପ୍ରତିଶତ। ଅନ୍ୟପକ୍ଷରେ ଜାତୀୟ ଦଳଗୁଡ଼ିକ ସଂଗ୍ରହ କରିଥିବା ମୋଟ ପାଣ୍ଠି ପରିମାଣ ୬,୯୩୦.୨୪୬ କୋଟି ଟଙ୍କା (୯୩.୦୮%) ହୋଇଥିବାବେଳେ ଆଞ୍ଚଳିକ ଦଳ ପାଇଥିବା ଚାନ୍ଦା ପରିମାଣ ୫୧୫.୩୨ କୋଟି(୬.୯୨%) ବୋଲି ରିପୋର୍ଟରେ କୁହାଯାଇଛି। ସାଧାରଣ ନିର୍ବାଚନର ୯୦ ଦିନ ଏବଂ ରାଜ୍ୟ ନିର୍ବାଚନର ୭୫ ଦିନ ମଧ୍ୟରେ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କ ନିକଟରେ ବ୍ୟୟ ବିବୃତି ଦାଖଲ କରିବା କଥା। କିନ୍ତୁ ଆମ୍ ଆଦ୍‌ମୀ ପାର୍ଟି ରିପୋର୍ଟ ଦାଖଲ କରିବାରେ ୧୬୮ ଦିନ ବିଳମ୍ବ କରିଥିବାବେଳେ ଭାଜପା ୧୩୯ରୁ ୧୫୪ ଦିନ ବିଳମ୍ବ କରିଥିଲା।

ରିପୋର୍ଟ ଅନୁଯାୟୀ, ଦଳଗୁଡ଼ିକ ପ୍ରଚାର ଏବଂ ପ୍ରସାର କାର୍ଯ୍ୟରେ ମୋଟ ୨,୦୦୮ କୋଟି ଟଙ୍କା ବ୍ୟୟ କରିଛନ୍ତି, ଯାହା ମୋଟ ବ୍ୟୟର ୫୩ ପ୍ରତିଶତ। ଏହା ବ୍ୟତୀତ ଯାତାୟାତ ବାବଦରେ ୭୯୫ କୋଟି, ପ୍ରାର୍ଥୀମାନଙ୍କୁ ସହାୟତା ଦେବାରେ ୪୦୨ କୋଟି, ଭର୍ଚୁଆଲ ପ୍ରଚାରରେ ୧୩୨ କୋଟି, ପ୍ରାର୍ଥୀମାନଙ୍କ ଆପରାଧିକ ପୃଷ୍ଠଭୂମି ପ୍ରକାଶ କରିବାରେ ୨୮ କୋଟି ବ୍ୟୟ ହୋଇଛି। ୩୨ ରାଜନୈତିକ ଦଳର ମୋଟ ପ୍ରଚାର ବ୍ୟୟ ମଧ୍ୟରୁ ଜାତୀୟ ଦଳ ୧,୫୧୧.୩୦ କୋଟି (୭୫.୨୫%) ବ୍ୟୟ କରିଥିବାବେଳେ ଆଞ୍ଚଳିକ ଦଳ ୪୯୬.୯୯ କୋଟି ଟଙ୍କା (୨୪.୭୫%) ବ୍ୟୟ କରିଛନ୍ତି। ଯାତାୟାତ ଖର୍ଚ୍ଚ ମଧ୍ୟରେ ହାଇପ୍ରୋଫାଇଲ୍ ଷ୍ଟାର ପ୍ରଚାରକମାନଙ୍କ ପାଇଁ ୭୬୫ କୋଟି ଏବଂ ଅନ୍ୟ ପ୍ରଚାରକଙ୍କ ପାଇଁ ୩୦ କୋଟି ବ୍ୟୟ ହୋଇଛି।



ଅନ୍ତର୍ଜାତୀୟ ଯୋଗ ଦିବସ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଆଗ୍ରାସ୍ଥିତ ତାଜମହଲ ପଛପାର୍ଶ୍ୱ ଦଶହରା ଘାଟରେ ମହିଳାମାନେ ଯୋଗ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ୩୪ତମ ଜାତୀୟ ସିନିୟର ଉଷୁ ଚାମ୍ପିୟନଶିପ୍‌ର ୫୨ କେଜି ସାଣ୍ଡା ଫାଇଟ୍‌ରେ ରୌପ୍ୟ ପଦକ ବିଜେତା ଓଡ଼ିଶାର ରାଜକୁମାର ମୁଣ୍ଡା।




ନୂଆଦିଲ୍ଲୀରେ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଲୋଗୋ ଓ ମାସ୍କଟ ଉନ୍ମୋଚନ ଅବସରରେ ଉପସ୍ଥିତ ଅଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ୨୦୨୫ ଟୁର୍ନାମେଣ୍ଟର ବ୍ରାଣ୍ଡ ଆମ୍ବାସାଡ଼ର ତଥା ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତ, ବିଶ୍ୱ ପାରା ଆଥଲେଟିକ୍ସ ମୁଖ୍ୟ ପଲ୍ ଫିଜରାଲ୍ଡ, ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ(ପିସିଆଇ)ର ଚିଫ୍ ପାଟ୍ରନ ତଥା ବିଧାୟକ ଭାନାଥି ଶ୍ରୀନିବାସନ ଏବଂ ଅନ୍ୟମାନେ।

# 'ଭାରତରେ ଡୋପିଂ ପଜିଟିଭ୍ ହାର ଉଦ୍‌ବେଗଜନକ'

**ନୂଆଦିଲ୍ଲୀ, ୨୦।୬ (ପି.ଟି.)**

୨୦୨୩ରେ ଭାରତରେ ଡୋପିଂ ପଜିଟିଭ ହାର ସର୍ବାଧିକ, ଯାହା କି ଉଦ୍‌ବେଗଜନକ ବୋଲି ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସୀ (ୱାଡ଼ା) ପ୍ରକାଶ କରିଛି। ଡୋପ୍ ଟେଷ୍ଟ ପାଇଁ କେତୋଟି ଦେଶର ୫,୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟଙ୍କଠାରୁ ସାମ୍ପଲ ସଂଗ୍ରହ କରାଯାଇ ଡୋପ୍ ଟେଷ୍ଟ କରାଯାଇଥିଲା। କ୍ରୀଡ଼ା ମନ୍ତ୍ରଣାଳୟ କହିଛି, ସ୍ୱଚ୍ଛତା ଆଣିବା ଲାଗି କଠୋର ପଦକ୍ଷେପ ନିଆଯିବ ଏବଂ ଡୋପିଙ୍ଗ ନିରୋଧୀ ଆଇନରେ ସଂଶୋଧନ କରାଯିବ। ନିଷିଦ୍ଧ ପଦାର୍ଥ ପାଇଁ ପଜିଟିଭ ହାର ୩.୮ ପ୍ରତିଶତ ଥିଲା। ୫୬୦୬ ସାମ୍ପଲରୁ ୨୧୪ ଜଣଙ୍କର ପ୍ରତିକୂଳ ବିଶ୍ଳେଷଣାତ୍ମକ ବିଶ୍ଳେଷଣ ଅବା ଆଡଭର୍ସ ଆନାଲିଟିକାଲ ଫାଇଣ୍ଡିଙ୍ଗ୍ସ (ଏଏଏଫ୍) ଥିଲା। ୨୦୨୨ ତୁଳନାରେ ଏହା ଯଥେଷ୍ଟ ଅଧିକ ଥିଲା, ଯେଉଁ ବର୍ଷ ୩୮୬୫ ଟେଷ୍ଟ କରାଯାଇଥିଲା। ଏହାର ଏଏଏଫ୍ ହାର ୩.୨ ପ୍ରତିଶତ ରହିଥିଲା। ୫୬୦୬ ଟେଷ୍ଟ ମଧ୍ୟରୁ ୨୭୪୮ଟି ପ୍ରତିଯୋଗିତା ବେଳେ କରାଯାଇଥିଲା। ନିଷିଦ୍ଧ ପଦାର୍ଥ ପାଇଁ ଭାରତର ପଜିଟିଭ ହାର ଚାଇନା (୨୮, ୧୯୭ ସାମ୍ପଲ, ଏଏଏଫ୍ ହାର ୦.୨ ପ୍ରତିଶତ), ଆମେରିକା (୬୭୯୮ ସାମ୍ପଲ ଏଏଏଫ୍ ହାର ୧.୦ ପ୍ରତିଶତ), ଫ୍ରାନ୍ସ (୧୧, ୩୬୮ ସାମ୍ପଲ, ଏଏଏଫ୍ ହାର ୦.୯ ପ୍ରତିଶତ), ଜର୍ମାନୀ (୧୫,୧୫୩ ସାମ୍ପଲ, ଏଏଏଫ୍ ହାର ୦.୪ ପ୍ରତିଶତ) ଏବଂ ରୁଷିଆ (୧୦.୩୧୫ ସାମ୍ପଲ, ଏଏଏଫ୍ ହାର ୧.୦ ପ୍ରତିଶତ)। ଭାରତର ୨୧୪ ତୁଳନାରେ ଫ୍ରାନ୍ସ, ରୁଷିଆ, ଆମେରିକା, ଚାଇନା ଓ ଜର୍ମାନୀର ଏଏଏଫ୍ ହାର ଯଥାକ୍ରମେ ୧୦୫, ୯୯, ୬୬, ୬୦ ଓ ୫୭ ରହିଛି।

# ଭୁବନେଶ୍ୱର 'ଏ' ଓ 'ବି', କଟକ 'ଏ', ସୁନ୍ଦରଗଡ଼ ସେମିରେ

**ଭୁବନେଶ୍ୱର, ୨୦।୬ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ଭୁବନେଶ୍ୱର 'ଏ' ଓ 'ବି', କଟକ 'ଏ' ଏବଂ ସୁନ୍ଦରଗଡ଼ ଦଳ ସେମିଫାଇନାଲରେ ପ୍ରବେଶ କରିଛି।

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଶନିବାର ଭୁବନେଶ୍ୱର 'ଏ'-ସୁନ୍ଦରଗଡ଼ ଏବଂ ଭୁବନେଶ୍ୱର 'ବି'-କଟକ 'ଏ' ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ।

କଟକର ରେଭେନ୍‌ଶା ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର 'ଏ' ୧୦ ଉଇକେଟରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଝାରସୁଗୁଡ଼ା ମାତ୍ର ୫୮ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଭୁବନେଶ୍ୱର 'ଏ' ୧୪.୫ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ବିଜୟୀ ଦଳ ପକ୍ଷରୁ ପ୍ରଜ୍ଞାନ କୁମାର ପତ୍ରି ଓ ଚନ୍ଦ୍ରାଂଶୁ ବଘେଲ ୩ଟି ଲେଖାଏ ଉଇକେଟ ନେଇଥିଲେ।



ଶୁଭାଶିଷ ମଲିକ

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର 'ବି' ୪ ଉଇକେଟରେ କଟକ'ବି'କୁ ହରାଇ ଦେଇଛି। କଟକ 'ବି' ୪୯ ଓଭରରେ ୯ ଉଇକେଟ ହରାଇ ୨୬୯ ରନ କରିଥିଲା। ଜବାବରେ ଶୁଭାଶିଷ ମଲିକ (୧୨୭)ଙ୍କ ଶତକ ସହାୟତାରେ ଭୁବନେଶ୍ୱର 'ବି' ୪୬.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବାରବାଟୀ ଷ୍ଟାଡିୟମରେ ଆୟୋଜିତ ତୃତୀୟ କ୍ୱାର୍ଟରରେ କଟକ 'ଏ' ୭ ଉଇକେଟରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଖୋର୍ଦ୍ଧା ମାତ୍ର ୭୮ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ କଟକ 'ଏ' ୧୬.୩ ଓଭରରେ ୩ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିଥିଲା। ଖୋର୍ଦ୍ଧା ମିନି ଷ୍ଟାଡିୟମରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ ସୁନ୍ଦରଗଡ଼ ୯୨ ରନରେ କେନ୍ଦ୍ରାପଡ଼ାକୁ ହରାଇ ଦେଇଛି। ସୁନ୍ଦରଗଡ଼ ୪୭ ଓଭରରେ ୮ ଉଇକେଟ ହରାଇ ୧୭୮ ରନ କରିଥିଲା। ମାତ୍ର କେନ୍ଦ୍ରାପଡ଼ା ୨୬ ଓଭରରେ ୮୬ ରନକରି ଅଲ୍‌ଆଉଟ ହୋଇଯାଇଥିଲା।

# ହକି ଖେଳାଳିଙ୍କୁ ମିଳିବ ମାସିକିଆ ଭତ୍ତା

**ନୂଆଦିଲ୍ଲୀ, ୨୦।୬ (ପି.ଟି.)**

ଜାତୀୟ କ୍ୟାମ୍ପ ପାଇଁ ମନୋନୀତ ଉଭୟ ପୁରୁଷ ଓ ମହିଳା ଖେଳାଳି ଏଣିକି କ୍ରୀଡ଼ା ମନ୍ତ୍ରଣାଳୟରୁ ୨୫,୦୦୦ ଟଙ୍କା ଲେଖାଏ ମାସିକିଆ ଭତ୍ତା ପାଇବେ। କ୍ରୀଡ଼ାର ପରିଚାଳନା ପରିଷଦ ତରଫରୁ ଏନେଇ ବାରମ୍ବାର ଅନୁରୋଧ କରାଯାଇଥିଲା। ଏହି ଭତ୍ତାରୁ ୮୦ ଖେଳାଳି (୪୦ପୁରୁଷ ଓ ୪୦ ମହିଳା) ଉପକୃତ ହେବେ। ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍‌ର ଡେଭଲପମେଣ୍ଟ ଗ୍ରୁପ୍‌ର ଆଥ୍‌ଲେଟମାନେ ଏହି ଭତ୍ତା ପାଇବେ। ଏଠାରେ ଗୁରୁବାର ମିଶନ ଅଲିମ୍ପିକ ସେଲ୍‌ର ମାସିକିଆ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଭତ୍ତା ବାବଦରେ ସରକାରଙ୍କୁ ପ୍ରତି ମାସରେ ୨୦ଲକ୍ଷ ଟଙ୍କା ଖର୍ଚ୍ଚ ବହନ କରିବାକୁ ପଡ଼ିବ। କୋର୍ ଗ୍ରୁପ୍ ଆଥ୍‌ଲେଟମାନଙ୍କୁ ମାସିକ ୫୦,୦୦୦ ଟଙ୍କା ଲେଖାଏ ମିଳିବ। କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏଠାରେ ଖବରଦାତାମାନଙ୍କ ସହ ଏକ ଅଣ ଆନୁଷ୍ଠାନିକ ବାର୍ତ୍ତାଳାପ ବେଳେ କହିଛନ୍ତି ଖେଳାଳିମାନଙ୍କ ଲାଗି ଭତ୍ତା ବ୍ୟବସ୍ଥା କରିବା ପାଇଁ ହକି ଇଣ୍ଡିଆ ତରଫରୁ କିଛି ସମୟ ହେଲା ଦାବି କରାଯାଇ ଆସୁଥିଲା। ଖେଳାଳିମାନଙ୍କ ପ୍ରଦର୍ଶନ କ୍ରମେ ଉନ୍ନତି ପରିଲକ୍ଷିତ ହେଉଛି। ସେମାନଙ୍କ ଦାବି ପୂରଣ ଲାଗି ଆମେ ନିଷ୍ପତ୍ତି ନେଇଛୁ। ହକି ଇଣ୍ଡିଆକୁ ପ୍ରତିମାସରେ ଭତ୍ତା ପାଇଁ ହକ୍‌ଦାର ଖେଳାଳିମାନଙ୍କ ତାଲିକା ଦେବାକୁ ପଡ଼ିବ। ହକି ଖେଳାଳିମାନେ ବର୍ତ୍ତମାନ ସେମାନେ ନିଯୁକ୍ତି ପାଇଥିବା ଡିପାର୍ଟମେଣ୍ଟ କିମ୍ବା ସଙ୍ଗଠନଠାରୁ ସେମାନଙ୍କ ବେତନ ପାଉଛନ୍ତି। ହକି ଇଣ୍ଡିଆ ତରଫରୁ ଗତ କିଛିବର୍ଷ ହେଲା ଗ୍ରେଡ୍ କଣ୍ଟ୍ରାକ୍ଟ ଲାଗୁ କରିବା ଲାଗି ଦାବି ହୋଇ ଆସୁଛି। ଖେଳାଳିମାନଙ୍କ ଅନ୍ୟତମ ଆୟର ଅନ୍ୟ ଏକ ଉତ୍ସ ହେଲା ଅଲିମ୍ପିକ୍ସ ଓ ଏସିଆନ ଗେମ୍ସ ଭଳି ଅନ୍ତର୍ଜାତୀୟ ଇଭେଣ୍ଟରେ ଉନ୍ନତ ପ୍ରଦର୍ଶନ ବାବଦରେ ମିଳୁଥିବା ପୁରସ୍କାର ରାଶି। ପୁରୁଷ ଦଳ ପଛକୁ ପଛ ୨୦୨୧ ଟୋକିଓ ଅଲିମ୍ପିକ୍ସ ଓ ପରେ ଗତବର୍ଷ ପ୍ୟାରିସ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛି।


## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପୂର୍ଣ୍ଣଚନ୍ଦ୍ର ପାତ୍ର**

ଗାଡ଼କଣ, ଭୁବନେଶ୍ୱର

ଚାହୁଁ ଚାହୁଁ ଆଠ ଦିନ ବିତିଗଲା । ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତଃ ନେସୁଆ ଆସୋସିଏସନ୍ ତରଫରୁ ପ୍ରଶାନ୍ତ ପାତ୍ର (ବିପନ), କିଶୋର ଜେନା, ଅରୁଣ କୁମାର ଜେନା, ରସାନ୍ତ ସାହୁ, ଜ୍ଞାନରଞ୍ଜନ ଦାସ, କୈଳାସ ଚନ୍ଦ୍ର ବେହୁରା, ଅକ୍ଷିଳ ରଞ୍ଜନ ରାଉତ, ଶୈଳେନ୍ଦ୍ର ମୁଦୁଲି, ସଞ୍ଜୀବ ପରିଡ଼ା, କ୍ରିଷନ୍ ସାମନ୍ତରାୟ, ଆର୍ତ୍ତତ୍ରାଣ ଦାସ, ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା । ୨୪।୦୬।୨୦୨୫ (ମଙ୍ଗଳବାର) ଏକାଦଶାହରେ ସମସ୍ତେ ସାମିଲ ହେବା ପାଇଁ ଅନୁରୋଧ କରାଗଲା ।

ଧ-୧୦୧୧

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**୰ ପୂର୍ଣ୍ଣଚନ୍ଦ୍ର ରଥ**

ନୂଆ ମାର୍କେଟ, ଯାଜପୁରରୋଡ୍, ଯାଜପୁର

ଆବିର୍ଭାବ - ୨୯/୦୮/୧୯୩୯
ତିରୋଧାନ - ୨୮/୦୬/୨୦୧୯

ଆପଣଙ୍କ ଦିଗ୍‌ଦର୍ଶନ, ଆଦର୍ଶ, ଉପଦେଶ, ଆଶୀର୍ବାଦ, ଭଲପାଇବା ସବୁ ସମୟରେ ଆମର ପଥପ୍ରଦର୍ଶନ କରୁଥିବ । ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ

ଧ-୧୦୧୦



# Classified Everyday
0674-2580101, 9692975378



## REAL ESTATE SALE

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9 0 9 0 7 4 6 4 4 5 , 7008067338.** D-76275

BDA Approved Triplex/ Apartment for sale near Fulnakhara Chhack (In- between Twin City CTC- BBSR) Loan facility- Available. details- 9853916309, 9338401309. D-71398

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460- 1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950

## FOR RENT

2nos of 2BHK Residential flat with all facilities with 2wheeler parking available for Rent at Cuttack, Shivajee Nagar. Contact: 9040029298 D-990

## Healthcare

Newly open Jyoti SPA positively health benefits (expert therapist). 8458067955. D-76923

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Positively health benefits SPA expert female therapist homely atmosphere. 8658088274. D-974

Newly open spa positively health benefits (Expert therapist). Contact: 7749034655 D-76922

Newly open health benefits SPA by expert therapist. Contact- 8280961126. D-76924

## AFFIDAVIT

I, Urbashi Acharya Hota, W/o- Biswa Mohan Hota, Resident of Plot No.- BL-98, V.S.S. Nagar, P.O.- Rasulgarh, P.S.- Sahid Nagar, Dist.- Khordha, PIN- 751010, Odisha declare by this affidavit No.- 17, dtd. 18.06.2025 that now onwards I shall be known as URBASHI ACHARYA for all future purposes. D-998

By virtue of an affidavit No.-6095, dtd. 19.06.2025 sworn before Executive Magistrate, Bhadrak, I, Satyananda Jena, S/o- Late Daitari Jena, Vill- Oldanga, P.O.- Adia, P.S.- Agarapada, Dist.- Bhadrak, PIN- 756114 declare that I have changed my daughter's name from Miss Sreyashree to Shreyashree. Henceforth, she shall be known as Shreyashree for all purposes. D-1005

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bonth, I, Gouri Das (49 yrs.), W/o- Gangadhar Das, Vill/P.S.- Birajapur, P.O.- Rambag, Dist.- Jajpur, presently residing Vill/P.O.- Bandhadiha, P.S.- Brahmabarada, Dist.- Jajpur, I have an LIC Policy bearing No.- 588439899, where is wrongly mentioned my name Babuli Das, W/o- Gadadhar Das. I declare that Gouri Das, W/o- Gangadhar Das & Babuli Das, W/o- Gadadhar Das same and one person & my actual date of birth is 05.03.1974. D-1006

By virtue of an affidavit in the Court of Executive Magistrate, Bhubaneswar, I, Soumy Sephalika Rath, W/o- Sukanta Kumar Dash, At/ P.O.-Kshatriya Barapur, P.S.-Gangapur, Dist.- Ganjam, PIN-761123 do hereby declare that I have changed my former name from Soumy Sephalika Dash to Soumy Sephalika Rath, by this affidavit C.F. No.- 123/25, dt.20.05.2025. Henceforth, I will be known as Soumy Sephalika Rath of Aadhaar No.- xxxx xxxx 8056 for all future purposes.
Soumy Sephalika Rath
Deponent
D-1008

I, Sri Ballabhadra Gayal declared that as per affidavit No.- 53, dtd. 19.6.2025 before the Executive Magistrate, Nandapur my son's old name Purna Chandra Gayal has been changed to Babula Gayal. Henceforth, he will be known as Babula Gayal son of Ballabhadra Gayal, At- Gayalput, P.O.- Bheja, Dist.- Koraput for all purposes. D-1007

By virtue of an affidavit sworn before the Executive Magistrate, Nuagaon dated- 17.06.2025, I, Madan Mohan Behera father of Meera Behera, At- Sikharagochha, P.O.- Udaypur, P.S.- Nuagaon, Dist.- Nayagarh, Odisha, PIN- 752083 declare that I have changed my daughter's name from Meets Behera to Meera Behera. Henceforth, she shall be known as Meera Behera for all future purpose.
Madan Mohan Behera
D-999

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit before the Notary Public, Sambalpur dated- 19.06.2025, I, Urmi Ashish Panchal, W/o. Subham Agrawal, R/o. At- Balaji Green, P.O.- Budharaja, P.S.- Ainthapali, Dist.- Sambalpur, PIN- 768004, Odisha declare that my actual and correct name is Urmi Ashish Panchal. But in Graduation Certificate my name has been mentioned as Panchal Urmi Ashish Amrutaben. That both the names is the name of one same person. D-1009

By virtue of an affidavit sworn before Executive Magistrate, Tigiria, dated- 02.01.2025 I, Dibidha Kumar Panda, Address- Charimadhia, Bandalo, Banki declare that I have changed my name from Bibidha Kumar Panda to Dibidha Kumar Panda. Henceforth, I shall be known as Dibidha Kumar Panda for all purposes.
Dibidha Kumar Panda
D-1000

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Swetapadma Bagh, D/o Ghanashyam Rana, resident of At- 31G, Ekta Nagar, Dist.- Sundargarh, PIN- 770001 Odisha declare by this affidavit No.- T834896, dated- 17.06.2025, that now onwards I shall be known as Swetapadma Bag for all future purposes. D-1001

By virtue of an affidavit No.-1822, Dt-05.05.2025 before the Executive Magistrate, Athagarh, declare that I, Jhali Swain, C/o Mayadhar Swain, At- Ghantikhal, P.O.- Mahakalabasta, P.S.- Khuntuni, Cuttack-754029, I have changed my name Jhali Sahoo to Jhali Swain. Henceforth I shall be known as Jhali Swain for all purposes. D-1002

By virtue of an affidavit sworn before Executive Magistrate, Erasama dated- 19.06.2025, I, Narmada Sethy, Address: At- Siha, P.O./ P.S.- Erasama, Dist.- Jagatsinghpur, State- Odisha, declare that I have changed my son's name from Swabhiman Sethy (Old name) to S. Soviman (New name). Henceforth, he shall be known as S. Soviman (New name) for all purposes.
Narmada Sethy
D-1003

# କୁନି ସାଙ୍ଗ

## ଗଳ୍ପ

**ବସନ୍ତ ମଞ୍ଜରୀ ମିଶ୍ର**



ଅଫିସ୍‌ରୁ ଫେରି ତା'ଖଟିରେ ଟିକେ ନ ବସିଲେ କେମିତି ଗୋଟେ ଖାଲି ଖାଲି ଲାଗେ। କାରଣ ସାରାଦିନର କର୍ମଜଞ୍ଜାଳରୁ ମୁକ୍ତି ପାଇବା ପରେ ତା'ଖଟିରେ ପହଞ୍ଚିଗଲେ ସେଠି ତମାମ ଦୁନିଆର ଲାଇଭ୍ ଟେଲିକାଷ୍ଟ ଚାଲିଥାଏ।

ତା'ଷ୍ଟଲରେ ପହଞ୍ଚୁ ପହଞ୍ଚୁ ହଠାତ୍ କୁଆଡୁ ଝାଲ୍‌ମୁଢ଼ି ବାସ୍ନାଟା ପଳେଇ ଆସିଲା ଯେ, ଓଃ ଶୀତୁଆ ପାଗକୁ କଞ୍ଚା ଧନିଆପତ୍ରର ବାସ୍ନା...

ଏପାଖ ସେପାଖ ଚାହୁଁଚାହୁଁ ଦେଖିଲି ଅଳ୍ପ ଦୂରରେ ସାଇକେଲ୍‌ଟିଏ ଧରି ଠିଆ ହୋଇଛି ଝାଲ୍‌ମୁଢ଼ିବାଲା।

ତା' ପାଖକୁ ଯାଇ ତା' ଡବାରୁ ବାଦାମ ମଞ୍ଜି ଦି'ଟା ପାଟିରେ ପକେଇ କହିଲି, 'ଦେଲ ତବେ ଝାଲ୍‌ମୁଢ଼ି।' ଦଉଛି ଆଜ୍ଞା କହି ସେ ପିଆଜ କାଟିଲା।

ତା' ହାତରୁ ଝାଲ୍‌ମୁଢ଼ି ପ୍ୟାକେଟ୍‌ଟା ଧରି ପାଟିକୁ କଲେ ମୁଢ଼ି ନେଇଛି କି ନାହିଁ ଅଚାନକ ଆଖି ପଡ଼ିଲା କିଛି ଦୂରରେ ଗୋଟିଏ ବେଞ୍ଚ୍ ଉପରେ ବସିଥିବା ଛୋଟ ପିଲାଟି ଉପରେ। ପୋଷାକ ପରିପାଟୀରୁ ସମ୍ଭ୍ରାନ୍ତ ପିଲା ଭଳି ଲାଗୁଥିଲା। ସାରା ଦେହକୁ ଶୀତ ପୋଷାକରେ ସମ୍ପୂର୍ଣ୍ଣ ଢାଙ୍କି ନିରବରେ ବସିଥିଲା। କିନ୍ତୁ ଅଚାନକ ଏମିତି ତାକୁ ଏକୁଟିଆ ବସିଥିବାର ଦେଖି ମନରେ ଉତ୍କଣ୍ଠା ଆସିଲା।

ତା' ପାଖକୁ ଯାଇ କହିଲି, ହାଲୋ ଲିଟିଲ ମାଷ୍ଟର... ଆସ ଝାଲ୍‌ମୁଢ଼ି ଖାଇବା।

ଡରିଲା ଡରିଲା ଆଖିରେ ଚାହିଁ ଟିକେ ଘୁଞ୍ଚିଗଲା ସେ। ମୁଁ ବି ତା' ଆଡ଼କୁ ଟିକେ ଘୁଞ୍ଚିଯାଇ କହିଲି, 'ହାଲୋ ମାଇଁ ବଏ'। ପୁଣି ଘୁଞ୍ଚିଗଲା ସେ ବେଞ୍ଚର ସେପଟ ମୁଣ୍ଡକୁ।

ଏଥର ମୁଁ ତା' ପାଖରେ ବସିପଡ଼ି କହିଲି- ତୁମେ ଏକୁଟିଆ, ମୁଁ ବି ଏକୁଟିଆ। ଚାଲ ସାଙ୍ଗ ହୋଇଯିବା।

ଏଥର ଟିକେ ହସି ସେ କହିଲା- ଆପଣ ତ ଅଙ୍କଲ... ଆଉ ମୁଁ ତ ଛୋଟ ପିଲା... ଆମେ ସାଙ୍ଗ କେମିତି ହେବା।

ତା' ସରଳ ମନର ଚିକ୍‌ମିକ୍ ଭାଷାକୁ ତା' ଆଖିରୁ ଖୁବ୍ ସହଜରେ ପଢ଼ିନେଇ ମୁଁ କହିଲି, ସାଙ୍ଗ ତିଆରି କରିବାରେ ବଡ଼ ସାନ ଦେଖାଯାଏନି, ପସନ୍ଦ ଦେଖାଯାଏ। ଆଉ ମୋର ତୁମେ ବହୁତ ପସନ୍ଦ।

ଏଥର ସେ ଖାଉଥିବା ବିସ୍କୁଟ୍ ଖୋଳଟା ପକେଇବାକୁ ଉଠିଗଲା ଦୂରରେ ଥିବା ନୀଳ ରଙ୍ଗର ଡଷ୍ଟବିନ୍ ଆଡ଼କୁ।

ପିଲାଟିର ଶୃଙ୍ଖଳିତ ଆଚରଣ ଦେଖି ବହୁତ ଉତ୍‌ଫୁଲ୍ଲିତ ହେଲି ମୁଁ। ପଚାରିଲି, ଏତେ ବେଳ ହେଲାଣି। ଘରକୁ ନ ଯାଇ ଏଠି କାହିଁକି ଏକୁଟିଆ ବସିଛ! ପାପା ମମି କିଏ କ'ଣ କହିଲେ କି? କିଏ ତୁମ ଉପରେ ରାଗିଛନ୍ତି କି ଆଜି?

କିଛି ନ କହି ମୋ' ଆଡ଼କୁ ନିରବରେ ଚାହିଁଲା ସେ।

ମୋତେ କୁହ... ମୁଁ ତୁମ ସମସ୍ୟାର ସମାଧାନ କରିଦେବି। ତା' କୋମଳ ଓଠ ଦୁଇଟିକୁ ଟିକେ ଚାପି ଛେପ ଢୋକି କହିଲା, ନା... ଆପଣ ଯଦି ମୋ' ମମି ପାପାଙ୍କୁ କହିଦେବେ।

ତା' ପାଖକୁ ଟିକେ ଘୁଞ୍ଚିଯାଇ କହିଲି, ସତ କହୁଛି କାହାକୁ କିଛି କହିବିନି। ମୋତେ ଆଗେ କୁହ ତୁମେ ସବୁଦିନେ ଠିକ୍ ଏଇ ସମୟରେ ଏଠି କାହିଁକି ବସୁଛ। ଆମେ ଆଜିଠୁ ବେଷ୍ଟ ଫ୍ରେଣ୍ଡ୍।

ଏଥର ସେ ଟିକେ ଖୁସି ହୋଇ ମୋ' କାନକୁ ତା' ମୁହଁ ପାଖକୁ ନେବାକୁ ଇସାରା କରି ଧୀର ସ୍ୱରରେ କହିଲା, ପ୍ରକୃତରେ ମୋର ଏବେ ଟିଉଶନ ଥିଲା। କିନ୍ତୁ ମୋତେ ସେ ସାର୍ ଆଦୌ ଭଲ ଲାଗନ୍ତିନି ବୋଲି ମୁଁ ଏଇଠି ବସିଛି। ସେ ସାର୍ ନା, କିଛି ବୁଝିବେନି... ଖାଲି ରାଗିବେ। ଘରକୁ ଫେରିଗଲେ ମମି ଗାଳି କରିବେ। ତେଣୁ ଟିଉଶନ ସମୟ ସରିଲେ ମୁଁ ଘରକୁ ଫେରିଯିବି। ଏଥର ତା' ବିଶ୍ୱାସ ଜନ୍ମେଇବାକୁ ଯାଇ ମୁଁ କହିଲି, ମୁଁ ବି ପିଲାଦିନେ ସେମିତି କରୁଥିଲି। ମୋତେ ବି ମୋ' ସାର୍‌ଙ୍କୁ ଭଲ ଲାଗୁ ନ ଥିଲା।

ଟିକେ ହସି ବିସ୍ଫାରିତ ନୟନରେ ସେ ମୋ' ଆଡ଼କୁ ଚାହିଁଲା। ଆପଣଙ୍କ ମମି କ'ଣ ଜାଣିପାରନ୍ତିନି!

ନା। କିନ୍ତୁ ଯେତେବେଳେ ପରୀକ୍ଷା ହେଲା ଆଉ ସବୁ ସାଙ୍ଗମାନେ ଲେଖିଲାବେଳକୁ ମୋତେ କିଛି ଆସିଲାନି, ମୋତେ ଭାରି ଲାଜମାଡ଼ିଲା। ମୁଁ ଖାଲି ପ୍ରଶ୍ନପତ୍ରକୁ ଚାହିଁ ଚାହିଁ ଫେରିଲି।

ପ୍ରବଳ ଆଗ୍ରହରେ ସେ ହସିହସି ପୁଣି କହିଲା, "ତାହାଲେ ତ ଆପଣ 'ଇ' ଗ୍ରେଡ୍ ପାଇଥିବେ! ସେଠୁ କ'ଣ ହେଲା ଅଙ୍କଲ।"

ଯେଉଁଦିନ ପରୀକ୍ଷାଫଳ ବାହାରିଲା, ସମସ୍ତଙ୍କ ମମି ପାପା ମୋ' ମମି ପାପାଙ୍କୁ ମୋ' ପରୀକ୍ଷାଫଳ କଥା ପଚାରିଲେ, ମୋ' ମମି ଭଲ ହୋଇନି କହି ମୋତେ ଧରି ଚାଲି ଆସିଲା।

ହଁ ଅଙ୍କଲ, ମୋ ଫଳ ବାହାରିବା ଦିନ ବି ସେଇଆ ହୁଏ।

ମୁଁ ତା' ମନର ଭାଷାକୁ ପଢ଼ିନେଇ ପୁଣି ପଚାରିଲି, ଆଚ୍ଛା। ତୁମ ମମି କ'ଣ ତୁମ ଉପରେ ସେଥିପାଇଁ ରାଗନ୍ତି!

ଏଥର ସେ ମୁଣ୍ଡହଲେଇ କହିଲା, ନା... ଆରଥରକୁ ଚେଷ୍ଟା କରିବୁ ବୋଲି କୁହନ୍ତି। ଆଚ୍ଛା କହିଲ, ତୁମ ଜାମା ପେଣ୍ଟ କିଏ ସଫା କରନ୍ତି?

ମମି।

ତୁମ ପାଇଁ ସୁଆଦିଆ ଖାନା କିଏ ବନାନ୍ତି?

ମମି।

ଅଧାରାତିରେ ସୁସୁ ଲାଗିଲେ ତୁମ ସହ ନିଦରୁ ଉଠି କିଏ ଟଏଲେଟ୍ ପାଖରେ ଠିଆ ହୁଅନ୍ତି?

ମମି।

ତୁମ ଦେହ ଟିକେ ଖରାପ ହେଲେ ତୁମକୁ କୋଳରେ ଧରି କିଏ ତୁମର ଯତ୍ନ ନିଅନ୍ତି?

ମମି।

ତୁମେ କାହାକୁ ବହୁତ ଭଲପାଅ?

ମମିକୁ।

କିଏ ତୁମକୁ ସବୁଠୁ ଅଧିକ ଭଲପାଆନ୍ତି?

ମମି।

ଏଥର ତାକୁ ମୋ' କୋଳରେ ବସାଇ ମୁଁ କହିଲି, ତେବେ ସେଇ ମମିଙ୍କୁ ମିଛ କହି ଟିଉଶନ ନ ଯାଇ ଏଠି ବସିବା କ'ଣ ଠିକ୍? ତୁମେ ପାଠ ନ ପଢ଼ିଲେ ବେଶୀ ଦୁଃଖ କାହାକୁ ଲାଗିବ କହିଲ? ଉତ୍ତରରେ ସେ କହିଲା, ମମିଙ୍କୁ।

ଏବେ କୁହ, ଆମ ପ୍ରିୟ ମଣିଷଙ୍କୁ ମିଛ କହିବା ଭୁଲ୍ ନା ଠିକ୍? ଛେପ ଢୋକି ଧୀର ସ୍ୱରରେ କହିଲା ପିଲାଟି, 'ଭୁଲ୍'।

ମୋର ଗୋଟେ କଥା ସବୁବେଳେ ମନେରଖିବ ଲିଟିଲ ମାଷ୍ଟର, ପାପା ମମିଙ୍କୁ କୌଣସି କଥା ଲୁଚେଇବନି କି କେବେ ମିଛ କହିବନି। ନିରବରେ ମୁଣ୍ଡଟୁଙ୍ଗାରି ସମ୍ମତି ଜଣେଇଲା ପିଲାଟି।

ଟିକେ ରହି ମୁଁ ପୁଣି କହିଲି, ଯଦି ମମି ତୁମର ସବୁ କଥା ଶୁଣୁଛନ୍ତି, ତୁମର ସବୁ ଦାବି ପୂରଣ କରୁଛନ୍ତି, ତେବେ ତୁମର କ'ଣ ମମିଙ୍କ ପାଇଁ ଏତିକି ଟିକେ ବି ଭଲପାଇବା ନାହିଁ। ହଁ କି ନା... କୁହ!

ମୋତେ କଥା ଦିଅ, ଏଥର ସବୁଦିନେ ଟିଉଶନ ଯିବ ଆଉ ମମିଙ୍କ ସବୁ କଥା ମାନିବ। ଯଦି ତୁମକୁ ସାର୍ ଭଲ ଲାଗୁନାହାନ୍ତି ମମିଙ୍କୁ ଖୋଲି କହିଦିଅ। ମନେରଖ ପାପା ମମିଙ୍କ ଭଳି ବଡ଼ ଶୁଭଚିନ୍ତକ ଆମ ଜୀବନର ଅନେକ ପୁଣ୍ୟ ଫଳରେ ମିଳିଥାଏ। ଆମ ସମସ୍ତଙ୍କ ଜୀବନରେ ମମି ପାପାଙ୍କ ଭୂମିକା ବହୁତ ବଡ଼।

ମୋ' ସବୁ କଥା ତା' ମନକୁ ପାଇଲା କି କ'ଣ ହଠାତ୍ ମୋ' ମୁହଁକୁ ଚାହିଁ, ମୋ' ବେକରେ ଝୁଲିପଡ଼ି ହସିହସି କହିଲା, ଠିକ୍‌ଅଛି ଅଙ୍କଲ ଆଜି ଘରକୁ ଫେରି ସବୁ କଥା ଆଗେ ମମିଙ୍କୁ କହିବି। କିନ୍ତୁ ଆପଣ ମୋତେ କଥା ଦିଅନ୍ତୁ, ଆପଣ ମୋ' ବେଷ୍ଟ ଫ୍ରେଣ୍ଡ୍! ଆପଣ ସବୁଦିନେ ଏଠିକି ଆସିବେ ଆଉ ମୋ' ସହ କଥା ହେବେ। ମୋ' ଘର ଏଇ ପାଖରେ, କ୍ୱାର୍ଟର ନମ୍ବର ସି/୪।

କରମର୍ଦ୍ଦନ କରୁକରୁ ମୁଁ କହୁଥିଲି, ନିଶ୍ଚୟ ଲିଟିଲ ମାଷ୍ଟର... ତୁମେ ଆଜିଠୁ ମୋର କୁନି ସାଙ୍ଗ।

ମୋ: ୯୮୬୧୧୯୨୪୪୫

## କବିତା

### ସର୍କସ

**ବଟକୃଷ୍ଣ ନାୟକ**

ମୃଗ ପାଖରେ ସମସ୍ତେ ସମାନ
ସେ ଦଶରଥ ପୁତ୍ର ରାଜା ରାମ ହୁଅନ୍ତୁ
ଅବା ଋଷଭ ପୁତ୍ର ଭରତ
ଯିଏ ତା' ପଛରେ ପଡ଼ିଲା
ଧାଇଁବା ହିଁ ସାର
ପରିଣାମ ହୁଏତ ଭିନ୍ନ ହୋଇପାରେ

ପ୍ରଶାନ୍ତ ଆକାଶ ତଳେ
ଜହ୍ନର ପଦକ ଝୁଲୁଛି
ତାରା ଫୁଲର ହାରରେ
ଉଚ୍ଚା ତମ୍ବୁ ଉପରେ
ଉଜ୍ଜ୍ୱଳ ଆଲୋକ ଘୂରୁଛି
ସୂଚନା ଦେଉଛି ସର୍କସ ଚାଲିଛି

ନଈରେ ଗାଧୋଉ ଗାଧୋଉ
ପାଣିରେ ଖସିଯାଉଛି ସାବୁନ୍
ଖୋଜାଖୋଜିର ଶହେଆଠ
ବୁଡ଼ ପରେ ବି ଫେରେନି ହାତକୁ
ବାଜୁଥାଏ ହାତରେ
ପୁଣି ଖସିଯାଉଥାଏ ନଈ ଭିତରକୁ

ତୋଫା ଆଲୁଅର ବିଚ୍ଛୁରଣ
ମୃଦୁ ମନ୍ଦ ଅଳ୍ପ ଅଳ୍ପ ହସ
ଇନ୍ଦ୍ରଧନୁର ଛଟା ତା' ଆଖିରେ
ହାତଠାରି ଡାକେ ସର୍କସ ତରୁଣୀ
ସବା ଉପରେ ଦୋଳିରେ

ଜୋକରଟିଏ ଆସେ
ଆଖି ବୁଲାଏ ଚଉଦିଗ
ଅନୁମାନ ଲଗାଏ
ଆଉ ପାଞ୍ଚଟି ଜୋକର
ଅନ୍ଧାରରେ ହାବିଳିଟିଏ ବାନ୍ଧି
ଅଗ୍ନି ସଂଯୋଗ କରନ୍ତି ତା' ପଛରେ
ଛାତିକୁ ଫୁଲେଇ
ବାହୁସ୍ଫୋଟରେ ଉଠିଯାଏ ଜୋକର
ଉପରକୁ ଉପରକୁ
ତରୁଣୀ ଖସିଯାଉଥାଏ
ଗୋଟିଏ ଦୋଳିରୁ ଅନ୍ୟ ଏକ ଦୋଳିକୁ
ଖେଳ ଚାଲିଥାଏ ଉଭୟଙ୍କ ଭିତରେ
ଶେଷରେ ଅନ୍ତର୍ହିତ ତରୁଣୀ
ନଈପାଣିରେ ସାବୁନ୍ ପରି

ସର୍କସ ଚାଲିଛି
ପରିଣାମ ହୁଏତ ଲଙ୍କାକାଣ୍ଡ
ଅବା ମୃଗ ଜନ୍ମ
ଅବା ଆଉ କିଛି ଅଦ୍ଭୁତ।

ମୋ: ୯୪୩୭୩୦୦୫୭୩

### ଅଚାନକ

**ମିନାକ୍ଷୀ ଦ୍ୱିବେଦୀ**

ଅଚାନକ ଏକ କ୍ଷଣ ଆସେ,
ଯେଉଁଠାରେ ସମୟ ଥମିଯାଏ,
ଅନୁଭବ ହୁଏ ମୁଁ ଯେଉଁଠାରେ ଥିଲି,
ସେଇଟା ସ୍ୱପ୍ନ, ବାସ୍ତବ ନୁହେଁ।

ଅଚାନକ ଏକ ପ୍ରଶ୍ନ ଜନ୍ମ ନିଏ
ମୁଁ କିଏ?
ଏହି ଶରୀର, ଏହି ନାମ,
ନା ମୋ ଚିହ୍ନଟକୁ ପୂରା କରେ
ଏକ ଅନୁଭୂତି ଅନ୍ତରେ ଉଦୟ ହୁଏ
'ମୁଁ କେହି ନୁହେଁ, ମୁଁ ସବୁ।'

ଅଚାନକ ଲାଗେ,
ବାହ୍ୟ ଜଗତର ମୃଗତୃଷ୍ଣା,
ଆକାଂକ୍ଷା, ଭୟ ଏବଂ ସ୍ନେହ
ସବୁ ମାୟାର ଗୃହସୂତ୍ର,
ଯାହା ଆତ୍ମାକୁ ଭୁଲାଇଦିଏ
ସେ ନିଜ ସ୍ୱରୂପ।

ଅଚାନକ ବୁଝିବାକୁ ମିଳେ
ସତ୍ୟ ହେଉଛି ଅନୁଭବ,
ସତ୍ୟ ହେଉଛି ମୌନ
ଯାହା ଏକ ଛାୟା ଭଳି
ଆସେ ଓ ଯାଏ,
ତଥାପି ଏହି ଯାତ୍ରାର ଅର୍ଥ ଦେଇଯାଏ।

ଏହି 'ଅଚାନକ' ହେଉଛି
ମୋକ୍ଷର ଦ୍ୱାର,
ଯେଉଁଠାରେ ବ୍ୟକ୍ତିତ୍ୱ ଲୟ ହୁଏ
ଜାଗିଉଠେ ଅନ୍ତର୍ନିହିତ ଜ୍ଞାନ
ଏହି ଜ୍ଞାନ ମୁକ୍ତିର ସଙ୍କେତ,
ଯେଉଁଠି ଆତ୍ମା ଓ ବ୍ରହ୍ମ ଏକାତ୍ମ ହୁଏ।

ମୋ: ୭୯୭୮୦୮୨୮୩୪

## ବ୍ୟଙ୍ଗ କବିତା

### ଅବସର

**ଅଲେଖ ଚରଣ ପଟ୍ଟନାୟକ**

ଅବସର ନେଲି ସିନା
ମନ ଜମା ବୁଝେନା,
ଭଙ୍ଗାଘର କାନ୍ଥ ପରି
ଦିଶୁଛି ମୁଁ ଅସନା।
ଆଶାବାଡ଼ି ଭାବିଥିଲି
ସିନା ବଡ଼ ପୁଅକୁ,
ପାଠପଢ଼ି ଘୋଡ଼ା ଚଢ଼ି
ଗଲା ପରଦେଶକୁ।

ବଡ଼ପୁଅ ବିଦେଶରେ
ସାନପୁଅ ବେକାର,
ନର୍ସିଂ ଟ୍ରେନିଂ ପାଇଁ
ଝିଅ କରେ ଜିଗର।
ବରଟିଏ ମିଳିଲାନି
ଝିଅ ଏବେ ତିରିଶି,
ରବିବାରେ ସାନପୁଅ
ଖୋଜେ ମାଛ ଇଲିଶି।

ପତ୍ନୀ ଏବେ ଜିଦ୍‌ଖୋର
ନାହିଁ ଜମା ସାଲିସ୍,
ଅଳସୁଆ ହୁଅ ନାହିଁ
କର ବୁଟ୍ ପଲିସି।
ସୁସ୍ଥ ହେବ ଦେହ, ମନ
ଚାଲ କର୍ମ କରି,
ବସି ବସି ଖାଇଲେ ତ
ନଈବାଲି ସରି।

ଅଧାଗଢ଼ା ଦିଅଁ ପରି
ସବୁ ରହିଗଲା ଅଧା,
ଅବସର ଅନୁଭୂତି
ପଦେ ପଦେ ଅସୁବିଧା।

ମୋ: ୯୮୫୩୮୯୨୧୨୪

## ପୁସ୍ତକ ପରିଚୟ

### ସର୍ଜନା ସନ୍ଧାନ



**ଲେଖକ:** ଡ. ବାବାଜି ଚରଣ ପଟ୍ଟନାୟକ
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୩୫୦/-

ମୋଟ ୫୦ଟି ସାହିତ୍ୟ-ସମାଲୋଚନା/ ପ୍ରବନ୍ଧ ଆଲୋଚ୍ୟ ସଂକଳନରେ ସ୍ଥାନିତ। ଆଖି ତାଙ୍କର ଯୁଆଡ଼େ ଯୁଆଡ଼େ ପହଁରିଯାଇଛି, ମନ ଯେଉଁଠି ଯେଉଁଠି ବିସ୍ମୟରେ ଅଟକିଛି, ଆତ୍ମା ଯେବେ ଜୀବନ ଓ ଜଗତର ଗଭୀର ଅନୁଭବରେ ଉତ୍‌ଫୁଲ୍ଲ ହୋଇଉଠିଛି- ସେଇଠି ସୃଷ୍ଟି ହୋଇଛି ଏକ ଏକ ପ୍ରବନ୍ଧ/ ସମାଲୋଚନା ସୃଷ୍ଟିର ଅନିବାର୍ଯ୍ୟତା। ସମାଜ ସଂସ୍କୃତି ଓ ଭାଷା କେଉଁଠି ଆଲୋଚନାର ପ୍ରସଙ୍ଗ ହୋଇଛି ତ କେଉଁଠି ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ-ସଂସ୍କୃତି ତାଙ୍କ ବିଚାରଣାର ଭବ୍ୟ ଅନୁଗ୍ରହ ଲାଭ କରିଛି। ଓଡ଼ିଆ ସାହିତ୍ୟର ମୂର୍ଦ୍ଧନ୍ୟ ବ୍ୟକ୍ତିତ୍ୱଙ୍କ ଗୁଣ-ସ୍ମରଣ ସାଙ୍ଗକୁ ରତ୍ନ ବର୍ଣ୍ଣନା ଓ ଗୂଢ଼-ପ୍ରବଚନ ଆଦି ଲେଖକଙ୍କ ଆକଳନ ରୁଚିକୁ ବହୁମୁଖୀ କରିଛି। ସବୁ ପ୍ରବନ୍ଧ ରଚନା ମୂଳରେ ରହିଛି ଡ. ପଟ୍ଟନାୟକଙ୍କ ସମ୍ମତ ଉତ୍ସୁକତା। ବାଧ୍ୟବାଧକତାରେ ସେ କିଛି ଲେଖିନାହାନ୍ତି। ବ୍ୟକ୍ତି-ବନ୍ଦନା କ୍ଷେତ୍ରରେ ମଧ ତାଙ୍କ ନିବନ୍ଧ ଲେଖକୀୟ ସ୍ୱାଭିମାନର ପ୍ରତିକୂଳରେ କଦାପି ଗତିଶୀଳ ହୋଇନାହିଁ। ଓଡ଼ିଆ ସାହିତ୍ୟରେ ଅନେକ ପ୍ରବନ୍ଧ ଲେଖାଯାଏ, କେବଳ ଲେଖିବା ଦାୟରେ। କିନ୍ତୁ ଆଲୋଚ୍ୟ ପ୍ରବନ୍ଧଗ୍ରନ୍ଥର ପ୍ରବନ୍ଧଗୁଡ଼ିକୁ ପାଠକଲେ ମନେହୁଏ, ଲେଖକଙ୍କର କିଛି ବକ୍ତବ୍ୟ ଅଛି, ଯାହା ଅପରଠୁ ସ୍ୱାଧୀନ ଓ ସ୍ୱତନ୍ତ୍ର; ଯାହାକୁ ନ କହିଲେ ସାହିତ୍ୟ ପ୍ରତି ଥିବା ଦାୟବଦ୍ଧତାରୁ ପଳାୟନ ବୋଲି ବିବେଚିତ ହେବ। ପ୍ରବନ୍ଧ ଓ ଆଲୋଚନାଗୁଡ଼ିକର ଭାଷା ମନ-ଘେନା ଓ ତଥ୍ୟ ସମର୍ଥିତ। ପ୍ରଫେସର ଦାଶରଥି ଦାସ କହନ୍ତି: "ଡକ୍ଟର ପଟ୍ଟନାୟକଙ୍କର ପ୍ରବନ୍ଧ ରଚନାରେ ସ୍ୱାତନ୍ତ୍ର୍ୟ ଅଛି। ପାଠକ ମାତ୍ରେ ବହୁଚାରୀ, ଜଣକର କି ଏକ ପ୍ରକାର ଲେଖା ପଢ଼ି ସେ ତୃପ୍ତ ହୁଏ ନାହିଁ। ସେ ବୈଚିତ୍ର୍ୟ ଚାହେଁ। ସ୍ୱାତନ୍ତ୍ର୍ୟ ଚାହେଁ, ଓଡ଼ିଆ ପାଠକକୁ ଡକ୍ଟର ପଟ୍ଟନାୟକ ସେହି ବୈଚିତ୍ର୍ୟ ଓ ସ୍ୱାତନ୍ତ୍ର୍ୟ ଦେଇଛନ୍ତି।" ବହିଟିକୁ ସବୁ ସ୍ତରର ପାଠକେ ପଢ଼ିବାକୁ ମନ କରିବେ।

### ଏକ୍‌ଲାପଣ



**କବି:** ରମାକାନ୍ତ ଜେନା
**ପ୍ରକାଶକ:** ପ୍ରଜ୍ଞାନ ପବ୍ଲିକେଶନ୍ସ, ଜାରକା, ଯାଜପୁର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୬୦/-

ମୋଟ ୪୫ଟି କବିତା ଏକତ୍ର 'ଏକ୍‌ଲାପଣ'ରେ। ଚାରି ନମ୍ବର କବିତାଟି ଗ୍ରନ୍ଥର ଶୀର୍ଷକ। ଏଥିରେ କୁହାଯାଇଛି ଜୀବନଯାତ୍ରାର ପ୍ରବହମାନତାରେ ପ୍ରତ୍ୟେକଟି ମଣିଷ ସାମ୍ନା କରୁଥିବା ଗୂଢ଼ ସତ୍ୟର କଥା। କବିତାର ଶେଷ ଧାଡ଼ି "ଏକ୍‌ଲାପଣ ମନକୁ/ ଝୁଣି ଖାଇଯାଉଛି।" ଏହି ଏକ୍‌ଲାପଣ ହେତୁ ପାରମ୍ପରିକ ମୂଲ୍ୟବୋଧର ପତନ, ସଙ୍କୋଚପଣର ସ୍ଖଳନ। 'ବାପା'ଙ୍କ ପିଢ଼ିଠାରୁ 'ପୁଅ' ପିଢ଼ିର ବ୍ୟବଧାନ। ନୈତିକତାରୁ ବାଟହୁଡ଼ା ମଣିଷ ଜୀବନରେ ଆଣିଛି 'ଏକାକୀତ୍ୱ'। ଏହା ଦୁରପନେୟ ଏକ ମହାବ୍ୟାଧି, ଯାହାର ଚିତ୍ର ଆଙ୍କିଛନ୍ତି କବିତାରେ ରମାକାନ୍ତ। ଅନ୍ୟ ଏକ କବିତାରେ ବି ସେହି ଶୂନ୍ୟତାବୋଧ, ଅଚରିତାର୍ଥତାବୋଧ। ଯଥା: "ଗୋଟେ ଶୂନ୍‌ଶାନ୍ ଭାବ/ କେମିତି ସବୁ ସମୟରେ/ ବିଚଳିତ କରୁଛି ମତେ/ ଖାଲି ହାତରେ ଜୀବନ ମାଗି/ ବୁଲୁଥିବା ମଣିଷମାନେ/ ଗ୍ରୀଷ୍ମରେ/ ବର୍ଷାରେ/ ଶୀତରେ ଆଉଟପାଉଟ।" (ଶୂନ୍‌ଶାନ୍ ଭାବ, ପୃ:୧୦୫)। ସମୟ ସ୍ରୋତରେ ବଦଳିଯାଇଥିବା ଗାଁ କବିଙ୍କ ସ୍ମୃତିରେ ବାରବାର ଆଘାତ ହାଣିଛି। ଛଣଛପର ବଦଳରେ ଯଦିଓ ପକ୍କା ଇନ୍ଦିରାଆବାସ ଠିଆ ହୋଇଛି ଯତ୍ରତତ୍ର, ହେଲେ ମଣିଷ ମଣିଷ ଭିତରେ ଛିଡ଼ା ହୋଇଛି ପ୍ରାଚୀର। କବିଙ୍କର କ୍ଷୋଭ- "ଆଉ କ'ଣ ସୁଖ ଫେରିବନି ମୋ' ଗାଁକୁ!" (ମୋ' ଗାଁ- ପୃ:୮୪)। 'ସେମିତି କିଛି କଥା ନାହିଁ'ରେ କବି କବିତା ସମ୍ପର୍କରେ କହିଛନ୍ତି: "ଜୀବନ ଗୋଟେ ଅସଲ କବିତା। ସମାଜ ତା'ର ଭୂଇଁ। ଅନୁଭୂତି ସେ ମାଟିର ଉର୍ବର ସାର। ଅନୁଶୀଳନ ଦୁଇବୁନ୍ଦା ଜଳ। ବାସ୍, କବିତା ଆକାଶରେ ଉଦୁଉଦିଆ ତୋଫା ଜହ୍ନ।" ବହିଟିର ନାମକରଣ କରିଥିଲେ କବିପତ୍ନୀ ପ୍ରେମଲତା, କିନ୍ତୁ ବହି ପ୍ରକାଶ ପାଇଲା ବେଳକୁ ସେ ନ ଥିଲେ। କବି କହନ୍ତି: "ତାଙ୍କ ବିହୁନେ ମୁଁ ଏକ୍‌ଲା 'ଏକ୍‌ଲାପଣ'କୁ ସାଥିରେ ନେଇ।" ହେଲେ ଜୀବନ କେଉଁଠି ଅଟକି ଯାଏନାହିଁ। ସବୁ ହରାଇବା ଭିତରେ ଅବଶ୍ୟ ଫୁଟେ 'ସମ୍ଭାବନାର ଫୁଲ'।

## କାଲକାଲକୁ

**"କପୋତ ରୂପରେ ଡେଣା ଝାଡ଼ିଦିଏ ଗୀତଟିଏ,**
**ଯାହା ମୋତେ ବାର୍ତ୍ତାଟିଏ ଦିଏ, ଦିଏ ଶବ୍ଦଟିଏ- ପ୍ରେମ।"**

**- ପଲ୍ ଲରେନ୍ସ ଡନ୍‌ବାର**



**ପଲ୍ ଲରେନ୍ସ ଡନ୍‌ବାରଙ୍କ** ଜନ୍ମ ୨୭ ଜୁନ୍ ୧୮୭୨ରେ ଓ ପରଲୋକ ୯ ଫେବୃଆରୀ ୧୯୦୬ରେ, ଆମେରିକାରେ। ଏକାଧାରରେ କବି, ଔପନ୍ୟାସିକ ଓ କଥାଶିଳ୍ପୀ ଏହି ଲେଖକଙ୍କର ଲେଖାଲେଖି ଆରମ୍ଭ ହୁଏ ପିଲାଟି ଦିନରୁ। ମାତ୍ର ୧୬ ବର୍ଷ ବୟସରେ ତାଙ୍କର କବିତାସବୁ ପ୍ରକାଶପାଏ ଖବରକାଗଜରେ ଓ ସେ ଲୋକପ୍ରିୟ ହୋଇଉଠନ୍ତି, ଯେତେବେଳେ ତାଙ୍କ କବିତାକୁ ତାରିଫ୍ କରନ୍ତି 'ହାର୍ପର୍ସ ଉଇକ୍ଲି'ର ସମ୍ପାଦକ ଉଇଲିୟମ୍ ଡିନ୍ ହାୱେଲ୍‌ସ। ଡନ୍‌ବାରଙ୍କ ବୈଶିଷ୍ଟ୍ୟ ହେଉଛି କବିତାରେ ନିଗ୍ରୋ-ଉପଭାଷାର ସଫଳ ପ୍ରୟୋଗ। ଆଫ୍ରୋ-ଆମେରିକୀୟ ସନେଟ୍ ରଚନାରେ ସେ ହେଉଛନ୍ତି ପ୍ରଥମ ଗୁରୁତ୍ୱପୂର୍ଣ୍ଣ କବି। ତାଙ୍କ କବିତା 'Sympathy'ର ପ୍ରଥମ ଧାଡ଼ିକୁ ନେଇ ନିଜ ଆତ୍ମଜୀବନୀ 'I know why the cage bird sings' (୧୯୬୯)ର ନାମକରଣ କରିଛନ୍ତି ମାୟା ଏଞ୍ଜେଲୁ। ମାତ୍ର ୩୩ ବର୍ଷ ବୟସରେ ଏହି ପ୍ରତିଭାଦୀପ୍ତ ଲେଖକଙ୍କ ଦୁଃଖଦ ବିୟୋଗ ହୁଏ ଯକ୍ଷ୍ମା ରୋଗରେ। ସେ କହନ୍ତି: "ୱାଶିଂଟନ୍ ଏମିତି ଏକ ସହର, ଯେଉଁଠିକୁ ସାନ ସାନ ସହରର ବଡ଼ ବଡ଼ ଲୋକେ ଆସନ୍ତି ଭୋଗିବାକୁ ମୋହଭଙ୍ଗ।"

# କନିଆଁଦେଖା

## ଲଘୁ ଗଳ୍ପ

**ପ୍ରଫୁଲ୍ଲ ବାରିକ**

ପୁଅ-ଝିଅ ଦେଖାପର୍ବ ସରିଯାଇଛି। ଉଭୟ ପକ୍ଷର ପସନ୍ଦ ପରେ ବାକିଅଛି ଔପଚାରିକତାମତେ ଜବାବପତ୍ର ହେବାର। ଆଜି ଆସିବେ ପୁଅଘର। ସବୁ ପ୍ରସ୍ତୁତି ସାରି ଅପେକ୍ଷାରେ ଝିଅର ବାପା ପର୍ଶୁରାମ ବାବୁ। ସ୍ଥାନୀୟ ପ୍ରାଇମେରୀ ସ୍କୁଲରେ ହେଡ୍‌ମାଷ୍ଟର ପର୍ଶୁରାମ ବାବୁ। ଚାକିରି ଆଉ ଦୁଇବର୍ଷ। ଗୋଟିଏ ମାତ୍ର ଝିଅ ଆଭା। ପାଞ୍ଚ ଛଅଟି ପ୍ରସ୍ତାବ ଆସି ଗଲାଣି। ପର୍ଶୁରାମ ବାବୁ ମାନସିକ ସ୍ତରରେ ବ୍ୟଥିତ। ଯେତେହେଲେ ଝିଅର ବାପା।

ଠିକ୍ ଚାରିଟାବେଳକୁ ପହଞ୍ଚିଲେ ସେମାନେ। ପର୍ଶୁରାମ ବାବୁ ରିସିଭ କରି ପାଛୋଟି ଆଣିଲେ ତାଙ୍କୁ ଘରକୁ। ଉଦ୍ଦିଷ୍ଟ ସ୍ଥାନରେ ବସେଇଲେ ଚେୟାର ଦେଇ। ସେମାନେ ଥିଲେ ଚାରିଜଣ ପୁଅର ବାପାଙ୍କ ସମେତ। ଏପଟେ ବି ଚାରିଜଣ ପର୍ଶୁରାମଙ୍କୁ ନେଇ।

ଚା ଜଳଖିଆ ଅନ୍ତେ ଆସିବା ହେଲେ ପ୍ରସଙ୍ଗକୁ। ଦବାନବା ପ୍ରସଙ୍ଗରେ ପୁଅର ବାପା ମୁହଁ ଖୋଲିଲେ- ଦବାନବାରେ କି ବ୍ୟବସ୍ଥା କରିଛନ୍ତି ଟିକେ ଶୁଣାନ୍ତୁ। ଉତ୍ତରରେ ପର୍ଶୁରାମ ବାବୁ କହିଲେ, ବ୍ୟବସ୍ଥା ଅଧିକ କ'ଣ। ସାଧାରଣରେ ଝିଅଟିଏ ବିଦାକଲେ ଯାହା, ସେଇଆ।

ହେଲା ଯେ, ତେବେ ବି ଖୋଲିକି କୁହନ୍ତୁ ସର୍ବସମ୍ମୁଖରେ। ଆସିଥିବା ଲୋକ ଶୁଣିବେ।

ଝିଅବିଦାରେ ଷୋଳସଜ। ସବୁତ କହି ହେବନି ଗୋଟିଗୋଟି କରି। ତେବେ ମୁଖ୍ୟ ହେଲା, ଝିଅ ଦେହକୁ ଗହଣା। ପୁଅର ମୁଦି ଚେନ୍। ତା' ସହ ଟିଭି ଫ୍ରିଜ୍ ଆଲମିରା ଡ୍ରେସିଂଟେବୁଲ ଓ ସୋଫାସେଟ୍। ବାସ୍, ଏତିକି ଇ ମୋର ପ୍ରସ୍ତୁତି।

ପର୍ଶୁରାମ ବାବୁ କହି ଚୁପ୍ ବସିଲେ ତଳକୁ ଅନେଇ।

ଆଉ ନଗଦ କ୍ୟାଶ୍ କେତେ ଦେଉଛନ୍ତି? କହିଲେ ନାଇଁ ତ?

ପୁଅ ବାପାଙ୍କର ସିଧା ତୀର ପର୍ଶୁରାମଙ୍କ ପ୍ରତି।

ନଗଦ ଆଉ କ'ଣ? ଡ୍ରେସ୍ ବାବଦକୁ କୋଡ଼ିଏ ହଜାର। ଏକଥା କ'ଣ କୁହାଯାଏ?

ମାତ୍ର କୋଡ଼ିଏ ହଜାର? ଡ୍ରେସ୍ ଖର୍ଚ୍ଚକୁ ଛାଡ଼ି ଗୋଟେ ଲକ୍ଷ ଦିଅନ୍ତୁ। ଆପଣ ତାକୁ ନେଇ ପାରନ୍ତି ରାସ୍ତା ଖର୍ଚ୍ଚରେ। ନା କ'ଣ କହୁଛନ୍ତି?

ଏଥର ପୁଅ ବାପାଙ୍କର ମିଶାଇଲ ପର୍ଶୁରାମଙ୍କ ଉପରେ।

ଘାଇଲା ପର୍ଶୁରାମ ଏକପ୍ରକାରେ ଯୋଡ଼ ହସ୍ତେ ନିବେଦନ କଲେ- ଦେଖନ୍ତୁ, ମୁଁ ଜଣେ ପ୍ରାଇମେରୀ ଶିକ୍ଷକ। ନିଜ ସଞ୍ଚିତ ଅର୍ଥ ସହ ପିଏଫ୍‌ରୁ ଲୋନ୍ ନେଇ ଯାହା କରିବାର କରିସାରିଛି। ଏବେ ବୋଝ ଉପରେ ନଳିତାବିଡ଼ା ପରି ଲକ୍ଷେ ଟଙ୍କାର ବୋଝ ମୁଁ ପାରିବି ନାଇଁ ଉଠେଇ। କ୍ଷମା କରନ୍ତୁ ମୋତେ। ଏତିକିରେ ସନ୍ତୁଷ୍ଟ ହେଇ କର୍ମ ଚଳେଇ ନିଅନ୍ତୁ ଖୁସିରେ।

କିମିତି ହେବ? ପାଇବେ ଚାକିରିଆ ଜୋଇଁ। କ'ଣ ମାଗଣା? କେତେ ଯାଚିଛନ୍ତି। ଝିଅଟା ପସନ୍ଦ ବୋଲି ବସିବା କଥା। ଦିଅନ୍ତୁ, ନହେଲେ ଏତିକିରୁ ଇତି।

କ୍ଷତାକ୍ତ ପର୍ଶୁରାମ ପରାଜିତ ସୈନିକଟି ପରି ବସିଥାଆନ୍ତି ଧ୍ୟାନସ୍ଥ ହେଇ ତଳକୁ ମୁହଁ ପୋତି।

ନାଟକର କ୍ଲାଇମାକ୍ସରେ ସଦର୍ପେ ପ୍ରବେଶିଲା ଆଭା। ସିଧା ଆରମ୍ଭ କଲା- କ'ଣ ପାଇଁ ଆପଣ କରୁଛନ୍ତି ଡିମାଣ୍ଡ? ପୁଅ ଚାକିରି କରିଛି ବୋଲି ତ? ପୁଅର ଚାକିରି ପଇସା ତ ଆପଣଙ୍କ ଘରକୁ। ନା ଜୋଇଁ ଉପାର୍ଜନରେ ଭାଗଅଛି ଶ୍ୱଶୁରଙ୍କର? ମୁଁ ଜଣେ ବି.ଏ., ବି.ଏଡ୍। ଆଜି ଚାକିରି ମିଳିନି। କାଲିକୁ ମିଳିଲେ? ସେତେବେଳେ ଚାକିରିଆ ବୋହୂ ପାଇଲେ ବୋଲି ମୋ' ବାପା ଦେବେ କି ଦାବିପତ୍ର ଆପଣଙ୍କୁ? ମୋତେ ପଢ଼େଇ ବଢ଼େଇ ଉପଯୁକ୍ତ କରିବାରେ ବାପାଙ୍କର ବି ହେଇଚି ଖର୍ଚ୍ଚ। ଯାହା ପୁଅପାଇଁ ଯୋଡ଼ି ଏବେ ମାଗୁଛନ୍ତି ଭରଣା କରିବାକୁ। ସବୁଦିନ ପାଇଁ ମୁଁ ଯିବି ଆପଣଙ୍କ ଘରକୁ। ସେଇଠି ହେବ ମୋ' ଜୀବନର ଅନ୍ତ। ଆମ ଘର, ମୋ' ବାପା ମାଆ ରହିବେ ପଛରେ। ମୋ' ସନ୍ତାନ ହେବେ ଆପଣଙ୍କ କୁଳକୁ। ମୋତେ ଜଳାଞ୍ଜଳି ଦେବାକୁ ହେବ ମୋ' ଜନ୍ମମାଟିକୁ। ମୋତେ ଜନ୍ମ ଦେଇଥିବା ପିତା ମାତାଙ୍କୁ। ଏତିକି କ'ଣ ଯଥେଷ୍ଟ ନୁହେଁ ଜଣେ ଝିଅପାଇଁ? ମୁଁ ଆପଣଙ୍କ ଘରେ ହେବି କୁଳବଧୂ। କ୍ରୀତଦାସୀ ନୁହେଁ। ମୁଁ ବି ଅପଙ୍ଗ, ଅକ୍ଷମ ନୁହେଁ। ବର୍ଷକ ଭିତରେ ଚାକିରି କରି ମୋ' ଉପାର୍ଜନ ଟେକିଦେବି ମାସକୁ ମାସ ଆପଣଙ୍କୁ। ସେଥିରେ ରହିବ ନାଇଁ ଭାଗ ମୋ' ବାପାଙ୍କର। କ'ଣ ପାଇଁ ତେବେ ଏ ଜୁଲମ? ଜାଣନ୍ତି, ଅବଗତ ଅଛନ୍ତି ଯୌତୁକ ନିରୋଧ ଆଇନ ସମ୍ପର୍କରେ? ଅଧିକ କହିବାକୁ ଚାହୁଁନି। ମୋତେ ଆପଣ ଯାହାବି ଭାବିପାରନ୍ତି। ବାଧ ହେଇ ବାପାଙ୍କ କାକୁସ୍ଥପଣରେ ମୁହଁ ଖୋଲିଲି ମୁଁ। ବିଚାର ଆପଣଙ୍କର।



ଯେମିତି ଆସିଥିଲା, ଝଡ଼ ପରି ପ୍ରସ୍ଥାନ କଲା ଆଭା ସେଠୁ। ଉପସ୍ଥିତ ଭଦ୍ରଲୋକ ଉଭୟ ପକ୍ଷର ଚୁପ୍‌ଚାପ୍। କିଂକର୍ତ୍ତବ୍ୟବିମୂଢ଼। ମୌନତା ଭାଙ୍ଗି ବର ପକ୍ଷର ବୟସ୍କ ଜଣେ କହିଲେ, ମୁଁ ଖୁସି ଝିଅର ସାହସିକତାରେ। ତାଙ୍କ କହିବା କଥା ଅକ୍ଷରେ ଅକ୍ଷରେ ସତ। ଏଥିରେ ଦ୍ୱିଧା ନାହିଁ। ଦୋହରେଇବାକୁ ଚାହୁଁନି ମୁଁ। ଆଶା, ସମସ୍ତେ ବିନା ଦ୍ୱିଧାରେ ସ୍ୱୀକାର କରିବେ। ନାରୀ ଆଜି ଆଉ ନାଇଁ ଘରକୋଣରେ ଦ୍ରବ୍ୟ ହେଇ। ସମାଜରେ ସିଏ ବି ଏକ ବଳିଷ୍ଠ ଅଙ୍ଗ। ତାଙ୍କର ବି ସ୍ୱାଧୀନତା ଅଛି- କଥାରେ, କାମରେ, ସବୁଥିରେ। ପୁଅର ବାପାଙ୍କୁ ଇଙ୍ଗିତ କରି କହିଲେ, ଏହାଠୁ ଆଉ ଉପଯୁକ୍ତ ବୋହୂ ପାଇବନି। ଖୁସିରେ ନେଇଯାଅ ବୋହୂକରି। ତମ ପରିବାର ପାଇଁ ଆଉ ଚିନ୍ତା କରିବାକୁ ପଡ଼ିବନି ତମକୁ। ମୋ ମନ କହୁଛି, ବୋହୂ ତମର ସମ୍ଭାଳି ନେବ ଘର।

ମୋ: ୯୨୩୮୯୨୦୪୦୫

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୨୧/୨୦୨୫ Bhubaneswar, Saturday, June 21/ 2025

# ଶୁବମନଙ୍କ ଯୁଗର ଶୁଭାରମ୍ଭ

## ଜୟସ୍ୱାଲ, ଗିଲ୍‌ଙ୍କ ଶତକ: ଭାରତ-୩୫୯/୩







ଶତକ ହାସଲ ପରେ ଯଶସ୍ୱୀ ଜୟସ୍ୱାଲ ଓ ଶୁବମନ ଗିଲ୍।

**ଲିଡ୍ସ, ୨୦।୬**

ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତର ଆରମ୍ଭ ଭଲ ହୋଇଛି। ଯଶସ୍ୱୀ ଜୟସ୍ୱାଲ ଓ ଗିଲ୍‌ଙ୍କ ଶତକ ବଳରେ ଭାରତ ପ୍ରଥମ ଦିବସ ଖେଳ ଶେଷ ବେଳକୁ ୩ ଉଇକେଟ ହରାଇ ୩୫୯ ରନ ସଂଗ୍ରହ କରିଛି। ଇଂଲଣ୍ଡରେ ପଦାର୍ପଣ ଟେଷ୍ଟରେ ଜୟସ୍ୱାଲ ଶତକ ହାସଲ କରିଥିବାବେଳେ ଅଧିନାୟକ ଭାବେ ପଦାର୍ପଣରେ ଶତକ ଅର୍ଜନ କରି କ୍ୟାରିୟରକୁ ସ୍ମରଣୀୟ କରିଛନ୍ତି ଗିଲ୍। ବିଜୟ ହଜାରେ, ସୁନୀଲ ଗାଭାସ୍କର, ଦିଲୀପ ଭେଙ୍ଗସରକାର ଓ ବିରାଟ କୋହଲିଙ୍କ ପରେ ଭାରତର ପଞ୍ଚମ ଖେଳାଳିଭାବେ ସେ ଅଧିନାୟକ ଡେବ୍ୟୁରେ ଶତକ ହାସଲ କରିଛନ୍ତି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଇଂଲଣ୍ଡ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସ। ଯୁବ ବ୍ୟାଟର ଜୟସ୍ୱାଲଙ୍କ ସହ ଅଭିଜ୍ଞ ଲୋକେଶ ରାହୁଲ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଭାରତକୁ ଦୃଢ଼ ଭିତ୍ତି ଦେଇଥିଲେ। ଦୁହେଁ ଓପନିଂ ଯୋଡ଼ିରେ ୧୫୧ ବଲ୍‌ରୁ ୯୧ ରନର ପାର୍ଟନରିଶିପ୍ ଗଢ଼ିଥିଲେ। ୨୫ତମ ଓଭରର ୫ମ ବଲ୍‌ରେ ରାହୁଲଙ୍କୁ ଜୋ ରୁଟ୍‌ଙ୍କ ହାତରେ କ୍ୟାଚ କରାଇ ଇଂଲଣ୍ଡକୁ ବହୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ବ୍ରେଡନ କାର୍ସ। ମାତ୍ର ୧ ରନ ବ୍ୟବଧାନରେ ଭାରତ ୨ଟି ଉଇକେଟ ହରାଇବାରୁ ମୋମେଣ୍ଟମ ଇଂଲଣ୍ଡ ଆଡ଼କୁ ଢଳିଥିଲା। କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳିଥିବା ସାଇ ସୁଦର୍ଶନ ଡକ୍(୦)ରେ ଆଉଟ ହୋଇଥିଲେ। ଅର୍ଥାତ୍ ୯୧ ରନରେ ପ୍ରଥମ ଏବଂ ୯୨ ରନରେ ଦ୍ୱିତୀୟ ଉଇକେଟ ହରାଇଥିଲା ଭାରତ। ତେବେ ଗିଲ୍ କ୍ରିଜରେ ଯୋଗଦେଇ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ସେ ଇଂଲଣ୍ଡର ବାଜ୍‌ବଲ ଷ୍ଟାଇଲ୍‌ରେ ମାତ୍ର ୫୬ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିଲେ। ଜୟସ୍ୱାଲ ଖେଳିଥିଲେ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ। ସେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୯୬ ବଲ୍‌ରୁ ୮ ଚୌକା ସହାୟତାରେ ଅର୍ଦ୍ଧଶତକ ପୂରଣ କରିଥିଲେ। ୧୪୪ ବଲ୍‌ର ସମ୍ମୁଖୀନ ହୋଇ ଶତକ ପୂରଣ କରିଥିଲେ ଏହି ଯୁବ ବ୍ୟାଟର। ନିଜ ଇନିଂସ ମଧ୍ୟରେ ସେ ୧୬ ଚୌକା ଓ ୧ ଛକା ମାରିଥିଲେ। ଇଂଲଣ୍ଡରେ ନିଜର ପ୍ରଥମ ଇନିଂସରେ ସେ ଶତକ ହାସଲ କରିଥିଲେ। ଟେଷ୍ଟ କ୍ରିକେଟରେ ଏହାଥିଲା ତାଙ୍କର ୫ମ ଶତକ। ୫୧ତମ ଓଭରରେ ଷ୍ଟୋକ୍ସଙ୍କ ଏକ ବଲ୍‌କୁ ଜୟସ୍ୱାଲ ଖେଳିଥିବାବେଳେ ବଲ୍‌ଟି ଉଇକେଟ କିପରଙ୍କ ପଛପଟେଥିବା ହେଲମେଟରେ ବାଜିଥିଲା। ଫଳରେ ଇଂଲଣ୍ଡକୁ ପେନାଲ୍ଟି ସ୍ୱରୂପ ଭାରତକୁ ୫ ରନ ଦିଆ ଯାଇଥିଲା। ପ୍ରଥମ ଦିବସର ଲଞ୍ଚ୍ ବେଳକୁ ଭାରତ ୨ ଉଇକେଟରେ ୯୨ ଏବଂ ଟୀ’ ବିରତି ବେଳକୁ ଆଉ କୌଣସି ଉଇକେଟ ନ ହରାଇ ୨୧୫ ରନରେ ପହଞ୍ଚିଥିଲା। ତୃତୀୟ ଉଇକେଟରେ ୧୬୪ ବଲ୍‌ରୁ ୧୨୯ ରନର ଭାଗୀଦାରି ପରେ ଜୟସ୍ୱାଲଙ୍କ ଇନିଂସର ପରିସମାପ୍ତି ଘଟିଥିଲା। ୧୫୯ ବଲ୍‌ରୁ ସେ ୧୦୧ ରନକରି ପ୍ୟାଭିଲିୟନ ଫେରିଥିଲେ। ଜୟସ୍ୱାଲଙ୍କ ଆଉଟ ପରେ ଗିଲ୍ ଓ ରିଷଭ ପନ୍ତ ଇନିଂସକୁ ଆଗେଇ ନେଇଥିଲେ। ୧୪୦ ବଲ୍‌ରୁ ୧୪ ଚୌକା ସହାୟତାରେ ଗିଲ୍ ତିନିଅଙ୍କ ସ୍ପର୍ଶ କରିଥିଲେ। ଟେଷ୍ଟରେ ଏହାଥିଲା ତାଙ୍କର ୬ଷ୍ଠ ଶତକ। ପନ୍ତ ମଧ୍ୟ ଚମତ୍କାର ଖେଳି ଅର୍ଦ୍ଧଶତକ ହାସଲ କରିଥିଲେ। ଦୁହେଁ ଅସମାପ୍ତ ୪ର୍ଥ ଉଇକେଟରେ ୧୩୮ ରନର ଭାଗୀଦାରି ଗଢ଼ି ଭାରତକୁ ଏକ ବୃହତ ସ୍କୋର ଆଡ଼କୁ ଅଗ୍ରସର କରାଇଛନ୍ତି। ଗିଲ୍ ୧୨୭ ଓ ପନ୍ତ ୬୫ ରନରେ ଅପରାଜିତ ରହିଛନ୍ତି। ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ୍ ଷ୍ଟୋକ୍ସ ୨ଟି ଏବଂ ବ୍ରେଡନ କାର୍ସ ଗୋଟିଏ ଉଇକେଟ ନେଇଥିଲେ। ଖେଳ ଆରମ୍ଭ ପୂର୍ବରୁ ଉଭୟ ଦଳର ଖେଳାଳିମାନେ ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

## ଭାରତ ତୀର୍ଥ ସାଥୀ ପ୍ୟାକେଜ୍ ଟୁର୍

**ପରିଚାଳକ: ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ.୯୪୩୭୭୫୩୫୮୮/୯୬୯୨୫୭୪୯୬୨**

୧ମ ଯାତ୍ରା (ଉତ୍ତର ଭାରତ): ତା.୩୦.୦୮.୨୦୨୫ ରେ ପୁରୀ, ଭୁବନେଶ୍ୱରରୁ ବାହାରି ଦିବା ୧୨ ଘଟିକାରେ ଏହ୍ଲାବାଦ, ତ୍ରିବେଣୀ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ, ମଥୁରା, ଗୋପ, ବୃନ୍ଦାବନ, ଆଗ୍ରା, ଦିଲ୍ଲୀ, ଜାମୁ-ବୈଷ୍ଣୋଦେବୀ, ଅମୃତସର, ହରିଦ୍ୱାର, ଋଷିକେଶ, ବଦ୍ରିନାଥ, କେଦାରନାଥ, ଅଯୋଧ୍ୟା (ନୂତନ ମନ୍ଦିରରେ ରାମଲାଲାଙ୍କ ଦର୍ଶନ), ବାରାଣସି, କାଶୀବିଶ୍ୱନାଥ (ଜ୍ୟୋତିର୍ଲିଙ୍ଗ), ଗୟାରେ ପିଣ୍ଡଦାନ କରି ତା.୧୫.୦୯.୨୦୨୫ରେ ପୁରୀ ପହଞ୍ଚିବେ ଓ ଯାତ୍ରା ଶେଷ। ୨ୟ ଯାତ୍ରା (ଉତ୍ତର ଭାରତ): ତା.୧୮.୦୯.୨୦୨୫ରେ ଭୁବନେଶ୍ୱର ରେଳ ଷ୍ଟେସନରୁ ବାହାରି ଏହ୍ଲାବାଦ୍, ପ୍ରୟାଗରାଜରେ ପିଣ୍ଡଦାନ ଓ ଅସ୍ଥି ବିସର୍ଜନ, ଅଯୋଧ୍ୟା ରାମଲାଲାଙ୍କ ଦର୍ଶନ, ପିତୃପକ୍ଷ ମହାଳୟା ଅମାବାସ୍ୟାଦିନ ଗୟା ପିଣ୍ଡ, ବାରାଣସି, କାଶୀ-ବିଶ୍ୱନାଥ ଜ୍ୟୋତିର୍ଲିଙ୍ଗ, ହରିଶ୍ଚନ୍ଦ୍ର ଘାଟ, ତୁଳସୀମାନସ ମନ୍ଦିର ଇତ୍ୟାଦି ଏଠାରୁ ଯାତ୍ରା ଶେଷକରି ତା.୨୩.୦୯.୨୦୨୫ରେ ପୁରୀ ପହଞ୍ଚିବେ। ୩ୟ ଯାତ୍ରା (ଦକ୍ଷିଣ ଭାରତ): ତା.୧୧.୧୦.୨୦୨୫ରେ ଭୁବନେଶ୍ୱର ଷ୍ଟେସନରୁ ଯାତ୍ରା ଆରମ୍ଭ କରି ତିରୁପତି, ମାନ୍ଦ୍ରାଜ୍, ମଦୁରାଇ, ମିନାକ୍ଷୀ, ରାମେଶ୍ୱର ଧାମ, (ଜ୍ୟୋତିର୍ଲିଙ୍ଗ), ତ୍ରିଭେନ୍ଦ୍ରମ୍-ପଦ୍ମନାଭ ସ୍ୱାମୀ, କନ୍ୟାକୁମାରୀ, ବାଙ୍ଗାଲୋର-ମହୀଶୂର, ଶ୍ରୀଶୈଳମ୍-ମଲ୍ଲିକାର୍ଜୁନ (ଜ୍ୟୋତିର୍ଲିଙ୍ଗ) ହୋଇ ତା.୨୪.୧୦.୨୦୨୫ରେ ଭୁବନେଶ୍ୱର ପହଞ୍ଚିବେ। ୪ର୍ଥ ଯାତ୍ରା: (ପଶ୍ଚିମ ଭାରତ) ତା.୦୨.୧୧.୨୦୨୫ରେ ଭୁବନେଶ୍ୱରରୁ ବାହାରି ଢେଙ୍କାନାଳ, ସମ୍ବଲପୁର ହୋଇ ଉଜ୍ଜୟିନୀ, ମହାକାଳେଶ୍ୱର, ଇନ୍ଦୋର-ଓଁକାରେଶ୍ୱର ଉଭୟ ଜ୍ୟୋତିର୍ଲିଙ୍ଗ, ଆଜମିର୍ ପୁଷ୍କର ତୀର୍ଥ, ମାଉଣ୍ଟଆବୁ, ଅହମ୍ମଦାବାଦ, ଏଠାରୁ ୧୮୪ ମିଟର ଉଚ୍ଚତା ବିଶିଷ୍ଟ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଷ୍ଟାଚୁ ଦେଖି ଆସିବେ (ନିଜ ଖର୍ଚ୍ଚରେ), ସୋମନାଥ (ଜ୍ୟୋତିର୍ଲିଙ୍ଗ), ପ୍ରଭାସ ତୀର୍ଥ, ବାଲୁକା ତୀର୍ଥ, ଦ୍ୱାରକା, ଜଳଦ୍ୱାରକା, ନାଗେଶ୍ୱର, ଜ୍ୟୋତିର୍ଲିଙ୍ଗ, ନାସିକ୍, ପଞ୍ଚବଟୀ, ତ୍ର୍ୟମ୍ବକେଶ୍ୱର (ଜ୍ୟୋତିର୍ଲିଙ୍ଗ) ଘୃଷ୍ଣେଶ୍ୱର (ଜ୍ୟୋତିର୍ଲିଙ୍ଗ) ଶନିସିଗ୍ନାପୁର, ଶିରିଡି ସାଇ, ଭୀମାଶଙ୍କର (ଜ୍ୟୋତିର୍ଲିଙ୍ଗ) ହୋଇ ଭୁବନେଶ୍ୱରରେ ତା.୧୬.୧୧.୨୦୨୫ରେ ପହଞ୍ଚିବେ ଓ ଯାତ୍ରା ଶେଷ। ଭଲ ଗାଇଡ୍, ରୁଚିକର ଖାଦ୍ୟ, ବୃଦ୍ଧବୃଦ୍ଧାଙ୍କ ଦାୟିତ୍ୱ ଓ ଉତ୍ତମ ବ୍ୟବହାର। ଟିକେଟର ମୂଲ୍ୟ : ତ୍ରିତଳ ଶୟନ ଯାନ ରେଳ ଭଡ଼ା+ଦୁଇବେଳା ଖାଦ୍ୟ+ଧର୍ମଶାଳା ରହଣି+ଦର୍ଶନୀୟ ସ୍ଥାନ ଭ୍ରମଣ ସହ ଜଣ ପ୍ରତି ୧ମ ଯାତ୍ରା/୩ୟ ଓ ୪ର୍ଥ ପ୍ରତ୍ୟେକ-୧୮,୫୦୦ ଲେଖାଏଁ ୨ୟ ଯାତ୍ରା-୮,୫୦୦/-

**ଯୋଗାଯୋଗ:** ଭୁବନେଶ୍ୱର-୯୭୭୮୮୯୬୫୪୦, କଟକ-୭୦୦୮୬୯୩୦୪୪, ଚଣ୍ଡିଖୋଲ-୯୬୬୮୫୮୦୧୪୪, ବାଲେଶ୍ୱର-୯୮୬୧୦୭୫୩୨୮, ସମ୍ବଲପୁର-୯୭୭୭୪୭୨୪୪୧, ଖୋର୍ଦ୍ଧା-୯୯୩୭୨୭୫୨୫୮, ଢେଙ୍କାନାଳ-୯୩୩୭୧୬୩୫୫୧, ଚୌଦ୍ୱାର-୬୩୭୦୨୫୨୮୧୧, ରାଉରକେଲା-୮୬୩୭୨୩୯୯୪୯, ଅନୁଗୁଳ-୭୦୦୮୫୮୭୪୧୭

ତା.୨୦.୦୮.୨୦୨୫ ନଦୀୟା ନବଦ୍ୱୀପ ଧାମ, ମାୟାପୁରୀ, ବାବା ବୈଦ୍ୟନାଥ ଧାମ (ଜ୍ୟୋତିର୍ଲିଙ୍ଗ) କଲିକତା ହୋଇ ତା.୨୫.୦୮.୨୦୨୫ରେ ଫେରିବେ। ଟିକଟର ମୂଲ୍ୟ - ଟ.୮,୫୦୦/-

**ସବିଶେଷ ବିବରଣୀ ପାଇଁ ପରିଚାଳକଙ୍କ ସହିତ ଯୋଗାଯୋଗ କରନ୍ତୁ।**

## ଭାରତ-ଇଂଲଣ୍ଡ ଟେଷ୍ଟ ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୩୫୯/୩ (ଶୁବମନ ଗିଲ୍-୧୨୭*, ଯଶସ୍ୱୀ ଜୟସ୍ୱାଲ-୧୦୧, ରିଷଭ ପନ୍ତ-୬୫*, ଲୋକେଶ ରାହୁଲ-୪୨, ବେନ୍ ଷ୍ଟୋକ୍ସ-୨/୪୩, ବ୍ରେଡନ କାର୍ସ-୧/୭୦)।

# ଦିଲ୍ଲୀଠୁ ହାରିଲା ବ୍ଲାକ୍ ଟାଇଗର୍ସ

**ରଗ୍‌ବୀ ପ୍ରିମିୟର ଲିଗ୍**

**ମୁମ୍ବାଇ, ୨୦।୬:** ଦିଲ୍ଲୀ ରେଡ୍‌ଜ ସ୍ଥାନୀୟ ଶାହାଜୀ ରାଜେ ଭୋସ୍‌ଲେ ସ୍ପୋର୍ଟ୍ସକମ୍ପ୍ଲେକ୍ସଠାରେ ଶୁକ୍ରବାର ଖେଳାଯାଇଥିବା ଏକ ଜିଏମ୍ଆର ରଗ୍‌ବୀ ପ୍ରିମିୟର ଲିଗ୍ (ଆରପିଏଲ୍) ମ୍ୟାଚରେ କଳିଙ୍ଗ ବ୍ଲାକ୍ ଟାଇଗର୍ସଙ୍କୁ ୨୧-୭ରେ ହରାଇ ଦେଇଛି। ଚଳିତ ସିଜନରେ ଦଳର ଏହାର ହେଉଛି ଦଳର ଦ୍ୱିତୀୟ କ୍ରମାଗତ ବିଜୟ। ମ୍ୟାଚ୍‌ରେ କଳିଙ୍ଗ ଟାଇଗର୍ସର ଆରମ୍ଭ ଉତ୍ସାହଜନକ ଥିଲା। ଦ୍ରୁତ ଖେଳ ଆରମ୍ଭ କରି ଦଳ ଦିଲ୍ଲୀ ରେଡ୍‌ଜର ଡିଫେନ୍ସକୁ ଭେଦ କରି କ୍ରମାଗତ ଚାପ ସୃଷ୍ଟି କରିଥିଲା। ଏହି ସୁଯୋଗରେ କାଇଲ ଟ୍ରେମ୍ବଲେ ଲୁଜ୍ ବଲ୍‌କୁ ନେଇ ସ୍କୋର କରିବାକୁ ଉଦ୍ୟମ କରିଥିଲେ। ମୌରିସ ଲଙ୍ଗବଟମ ଏହାକୁ ପୋଷ୍ଟ ମଧ୍ୟକୁ ପଠାଇବାରେ ସମର୍ଥ ହୋଇଥିଲେ। ତେବେ ପ୍ରଥମାର୍ଦ୍ଧ ପୂର୍ବରୁ ରେଡ୍‌ଜ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ରହିଥିଲା।

# ସୁବ୍ରତଙ୍କୁ ହରାଇଲେ ରାକେଶ

**ଭୁବନେଶ୍ୱର, ୨୦।୬ (ତପନ ସ୍ୱାଇଁ)**

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଫାଲକନ ଅଲ୍ ଓଡ଼ିଶା ଓପନ ୬ ରେଡ୍ ସ୍ନୁକର ଟୁର୍ନାମେଣ୍ଟରେ ଶୁକ୍ରବାର କେତେକ ଲିଗ୍ ମ୍ୟାଚ ଏବଂ ପ୍ରି-କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଛି। ଲିଗ୍ ମ୍ୟାଚଗୁଡ଼ିକ ମଧ୍ୟରେ ଆଜଲାନ ଅଲୀଙ୍କୁ ୩-୦ରେ ତରୁଣ ପାଠକ, ନିଶି ଦାସଙ୍କୁ ୩-୦ରେ ଅଲତାଫ ଅଲୀ, ସମୀର ଅଲୀଙ୍କୁ ୩-୨ରେ ରଞ୍ଜିତ ପତି, ଗୋବିନ୍ଦ ଶର୍ମାଙ୍କୁ ୩-୦ରେ ସୁଦୀପ୍ତ ଦାଶ, ତରୁଣ ପାଠକଙ୍କୁ ୩-୦ରେ ଆଶୁତୋଷ ପାଢ଼ୀ, ଜୀତେଶ ଷଡ଼ଙ୍ଗୀଙ୍କୁ ୩-୦ରେ ରାକେଶ ମହାନ୍ତି, ରଞ୍ଜିତ ପତିଙ୍କୁ ୩-୧ରେ ଚିରାଗ ଆରୋରା ଏବଂ ଓଡ଼ିଶାର ୨ୟ ସିଡ୍ ଖେଳାଳି ସୁବ୍ରତ ଦାସଙ୍କୁ ୩-୨ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ରାକେଶ ମହାନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ